# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ' ୨୭/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 27/2023 Page 16 ₹ 7.00

୪୯ଶ ଭାଗ ୧୮୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 181 ମୂଲ୍ୟ₹୭/-




## ଆକ୍ସନ ସିନ୍‌ରେ ନଜର ଆସିବେ ଦେଶୀଗର୍ଲ

ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା ପ୍ରାଇମ ରିଲିଜ ୱେବ୍ ସିରିଜ 'ସିଟାଡେଲ'ର ଦ୍ୱିତୀୟ ସିଜନରେ ଆକ୍ସନ ସିନ୍‌ରେ ନଜରକୁ ଆସିବେ।

୧୩

୧୪

## ସନ୍ତରଣରେ ସ୍ୱର୍ଣ୍ଣ ଜିତିଲେ ପ୍ରତ୍ୟାଶା

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ମହିଳା ସନ୍ତରଣରେ ସ୍ୱର୍ଣ୍ଣ ଜିତିଛନ୍ତି ଉତ୍କଳ ୟୁନିଭର୍ସିଟିର ପ୍ରତ୍ୟାଶା ରୟ ।





ଅହମଦାବାଦଠାରେ ଶୁକ୍ରବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ କ୍ୱାଲିଫାୟର-୨ ମ୍ୟାଚରେ ଶତକ ହାସଲ କରିବାପରେ ଗୁଜରାଟ ଟାଇଟନ୍ସର ଶୁବମନ ଗିଲ୍। (ରିପୋର୍ଟ ଖେଳପୃଷ୍ଠା)

# ରହସ୍ୟ ଖୋଲିଲେନି

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଶୁକ୍ରବାର ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ହତ୍ୟାର ୧୧୮ଦିନ ପରେ ଅର୍ଥାତ୍ ଧାର୍ଯ୍ୟ ସମୟର ୨ଦିନ ପୂର୍ବରୁ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରାଯାଇଛି। କାର୍ଯ୍ୟରତ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ବ୍ୟକ୍ତିଗତ ଆକ୍ରୋଶରୁ ନବଙ୍କୁ ହତ୍ୟା କରିଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜରେ ଉଲ୍ଲେଖ ରହିଛି। ହେଲେ ଗୋପାଳଙ୍କ ବ୍ୟକ୍ତିଗତ ଆକ୍ରୋଶର କାରଣ କ'ଣ ତାହା ଦର୍ଶାଯାଇନାହିଁ କି ଶତ୍ରୁତା ରହିଥିଲା ଯେ, ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଗୋପାଳ ନିଜ ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କଲେ, ତାହାର ରହସ୍ୟ କ୍ରାଇମ୍‌ବ୍ରାଞ୍ଚ ଖୋଲିଲା ନାହିଁ।



ନବ ଦାସ



ଗୋପାଳ ଦାସ

**ସମ୍ବଲପୁର,୨୬।୫(ବ୍ୟୁରୋ)**

କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ, ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଗୋପାଳ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ହତ୍ୟା ଘଟଣା ପରେ ଗୋପାଳ ପାଗଳ ବୋଲି ତାଙ୍କ ପରିବାର ଲୋକେ କହିଥିଲେ। ତାଙ୍କର ବାଇପୋଲାର ଡିଜ୍‌ଅର୍ଡର ଅଛି ଏବଂ ସେ ଔଷଧ ଖାଉଥିବା କଥା କହିଥିଲେ। ତେଣୁ ମାନସିକ ରୋଗ ପରୀକ୍ଷା ପାଇଁ ମେଡିକାଲ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ପରୀକ୍ଷା କରି ଗୋପାଳଙ୍କ ମାନସିକ ☞ପୃଷ୍ଠା-୪

### ନବ ଦାସ ହତ୍ୟା ଘଟଣାରେ ଚାର୍ଜଶିଟ ଦାଖଲ

- ବ୍ୟକ୍ତିଗତ ଆକ୍ରୋଶରୁ ହତ୍ୟା: କ୍ରାଇମ୍‌ବ୍ରାଞ୍ଚ
- ଗୋପାଳ ପାଗଳ ନୁହେଁ ବୋଲି ଦର୍ଶାଇଲା

## ଷଡ଼ଯନ୍ତ୍ର ପାର୍ଟକୁ ତଦନ୍ତ କରାଯାଇ ନାହିଁ : କଂଗ୍ରେସ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଶୁକ୍ରବାର କ୍ରାଇମ୍‌ବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ ପରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାର୍ଜଶିଟ୍‌ରେ ମିଛକଥା ଲେଖାଯାଇଥିବା ଏବଂ ଘଟଣାକୁ ଘଣ୍ଟ ଘୋଡ଼ାଇବାରେ କ୍ରାଇମ୍‌ବ୍ରାଞ୍ଚ ସଫଳ ହୋଇଥିବା ଭାଜପା କହିଛନ୍ତି। ସେହିପରି କଂଗ୍ରେସ ଏହାକୁ ପ୍ରହସନ ବୋଲି କହିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ୧୧୮ ଦିନ ବିତିଗଲା, ମାତ୍ର ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ପାର୍ଟକୁ ତଦନ୍ତ କରାଗଲା ନାହିଁ। ବିଧାନସଭାରେ ମନ୍ତ୍ରୀ କହିଥିଲେ, ଷଡ଼ଯନ୍ତ୍ର ବିଷୟକୁ ତଦନ୍ତ କରାଯାଉଛି। ଏହି ହତ୍ୟାକାଣ୍ଡ ରାଜନୈତିକ, ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ହୋଇପାରେ ବୋଲି ଗୃହରେ ଆମେ କହିଥିଲୁ। ଏହି ୩ ଦିଗକୁ ଆଦୌ ତଦନ୍ତ କରାଗଲା ନାହିଁ। ଯେଉଁ ଗୁଳିରେ ନବଙ୍କୁ ହତ୍ୟା କରାଗଲା ତାହା ଏ ପର୍ଯ୍ୟନ୍ତ ମିଳିନାହିଁ। ମୁଦାଲାକୁ ପାଗଳ ପ୍ରମାଣିତ କରିବାକୁ ସରକାର ☞ପୃଷ୍ଠା-୪


ତହସିଲଦାରଙ୍କୁ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ

ମାସ ଶେଷ ସୁଦ୍ଧା ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

୩


**ଆଜିର ସମ୍ପାଦକୀୟ**

ନିଯୁକ୍ତି ବିବାଦ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଉଦ୍‌ଘାଟନକୁ ବିରୋଧ କରି ଉକ୍ତ ଉତ୍ସବକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଦଳ ନିଜ ନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଲିଗାସିକୁ ଅପମାନିତ କରିଛନ୍ତି।

-ହର୍‌ଦୀପ୍ ସିଂ ପୁରୀ, କେନ୍ଦ୍ରମନ୍ତ୍ରୀ






## ଜୁନ୍‌ରେ ମେଟ୍ରୋ ଟ୍ରେନ୍ ଶୁଭ ଦେଇପାରନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

୨୦୨୩ ଶେଷ ପୂର୍ବରୁ ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ କାମ ଆରମ୍ଭ ହେବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ଶୁକ୍ରବାର ବିଭାଗର ସମୀକ୍ଷା ପରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦିଲ୍ଲୀ ମେଟ୍ରୋ ରେଳ ନିଗମ ପରାମର୍ଶରେ ଡିପିଆର୍ ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷରେ ଗଣମାଧ୍ୟମକୁ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ କହିଛନ୍ତି ଯେ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀ ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଶୁଭାରମ୍ଭ କରିପାରନ୍ତି। ମେଟ୍ରୋ ଟ୍ରେନ୍ ପାଇଁ ସର୍ଭେ ଶେଷ ହୋଇଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହାର ଡିପିଆର ପ୍ରସ୍ତୁତ କରୁଛି। ଏହା ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କେଉଁ ରୁଟ୍‌ରେ ମେଟ୍ରୋ ଟ୍ରେନ୍ ଯିବ ତାହା ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରୁ କଟକ ମେଟ୍ରୋ ଟ୍ରେନ୍ ଚାଲିବ। ପରବର୍ତ୍ତୀ ସମୟରେ ଜଟଣୀ ଓ ପୁରୀକୁ ଚାଲିବା ପାଇଁ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଜାଗା ମିଶନ, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ, ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଛି। ☞ପୃଷ୍ଠା-୪

## ଜାରି ହେବ ୭୫ ଟଙ୍କିଆ ମୁଦ୍ରା

**ନୂଆଦିଲ୍ଲୀ,୨୬।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ରେ ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ଉଦ୍‌ଘାଟନ କରିବେ। ଏହି ଅବସରରେ କେନ୍ଦ୍ର ସରକାର ଏକ ୭୫ ଟଙ୍କିଆ ମୁଦ୍ରା ଜାରି କରିବାକୁ ଯାଉଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ବ୍ୟାପାର ବିଭାଗର ଗ୍ୟାଜେଟ୍ ବିଜ୍ଞପ୍ତି ଅନୁସାରେ ଏହି ନୂଆ ମୁଦ୍ରାର ଓଜନ ୩୪.୬୫ରୁ ୩୫.୩୫ ଗ୍ରାମ୍ ରହିବ। ମୁଦ୍ରାର ଗୋଟିଏ ପାର୍ଶ୍ୱରେ ଅଶୋକ ସ୍ତମ୍ଭର ସିଂହ ରହିବ। ମଝିରେ ଦେବନାଗରୀ ଭାଷାରେ 'ଭାରତ' ଏବଂ ଇଂଲିଶ୍‌ରେ 'ଇଣ୍ଡିଆ' ଉଲ୍ଲେଖ କରାଯିବ। ଏହା ତଳକୁ ଭାରତୀୟ ମୁଦ୍ରାର ପ୍ରତୀକ '₹' ସହ ବିନିମୟ ମୂଲ୍ୟ '୭୫' ଉଲ୍ଲେଖ ରହିବ। ଅନ୍ୟ ପାର୍ଶ୍ୱରେ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ଏବଂ ବର୍ଷ '୨୦୨୩' ରହିବ।



## ସୁପ୍ରିମକୋର୍ଟରେ ପାର୍ଲାମେଣ୍ଟ ବିଲ୍ଡିଂ ଲୋକାର୍ପଣ ଆବେଦନ ଖାରଜ

**ନୂଆଦିଲ୍ଲୀ,୨୬।୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ଲୋକାର୍ପଣ କରାଇବା ପାଇଁ ଲୋକ ସଭା ସେକ୍ରେଟାରିଏଟ୍‌କୁ ନିର୍ଦ୍ଦେଶ ଦେବା ନିମନ୍ତେ ଦାଖଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ☞ପୃଷ୍ଠା-୪






## ଫୋନ୍ ପାଇଁ ଜଳଭଣ୍ଡାର ଶୁଖାଇଦେଲେ

**ମୋବାଇଲ ଲାଗି ଜଳଭଣ୍ଡାର ଶୁଖାଇଦେଲେ ସରକାରୀ ବାବୁ। ଛତିଶଗଡ଼ର ଖାଦ୍ୟ ନିରୀକ୍ଷକ ରାଜେଶ ବିଶ୍ୱାସଙ୍କ ମୋବାଇଲରେ ଏଭଳି କି ତଥ୍ୟ ରହିଥିଲା ଯେ ୧,୫୦୦ ଏକର ଜମି ଜଳସେଚିତ ହେବା ଲାଗି ଉଦ୍ଦିଷ୍ଟ ଥିବା ଜଳକୁ ଅପଚୟ କରିଦିଆଗଲା ବୋଲି ଚର୍ଚ୍ଚା ହେଉଛି।**

**ରାୟପୁର, ୨୬।୫**

ଛତିଶଗଡ଼ର ଜଣେ ସରକାରୀ ବାବୁଙ୍କ ମୋବାଇଲ୍ ଫୋନ୍ ଜଳଭଣ୍ଡାରରେ ଖସିପଡ଼ିବାରୁ ଚାଷଜମିକୁ ଜଳସେଚନ ପାଇଁ ଉଦ୍ଦିଷ୍ଟ ଲକ୍ଷାଧିକ ଗ୍ୟାଲୋନ୍ ପାଣିକୁ ଶୁଖାଇ ଦିଆଯାଇଛି। ପମ୍ପ ଲଗାଇ ଜଳ ନିଷ୍କାସନ କରିବାକୁ ୩ ଦିନ ଲାଗିଯାଇଛି। ଉକ୍ତ ପାଣିରେ ୧,୫୦୦ ଏକର ଜମି ଜଳସେଚିତ




### ସରକାରୀ ବାବୁ ନିଲମ୍ବିତ

ହୋଇପାରିଥାନ୍ତା। ସରକାରୀ ବାବୁଙ୍କ ଏଭଳି ବେପରୁଆ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। କୋୟାଲିବେଡ଼ା ବ୍ଲକ୍‌ରେ ଖାଦ୍ୟ ନିରୀକ୍ଷକ ଥିବା ରାଜେଶ ବିଶ୍ୱାସ ଗତ ରବିବାର ଛୁଟି କଟାଇବା ପାଇଁ ଖେରକଟ୍ଟା ପାରାଲକୋଟ୍ ଜଳଭଣ୍ଡାରକୁ ବୁଲିଯାଇଥିଲେ। ଏହି ସମୟରେ ତାଙ୍କର ୯୬ ହଜାର ଟଙ୍କା ମୂଲ୍ୟର ସାମ୍‌ସଙ୍ଗ ଏସ୍‌୨୩ ମୋବାଇଲ୍ ଫୋନ୍ ୧୫ ଫୁଟ୍ ଗଭୀର ଜଳଭଣ୍ଡାରରେ ☞ପୃଷ୍ଠା-୪


GUPTA'S
SUMMER FEST SALE
0 DOWN PAYMENT
0% INTEREST
LOWEST EMI
UPTO 40% OFF
INSTANT CASHBACK OFFER
CASHBACK UPTO 15%
PRICE START
1.5 Ton 3 star Inverter
₹30,990/-
Haier
EMI ₹1994 only
LG
EMI ₹1999 only
BLUE STAR
SBI CREDIT CARD
UPTO 3000/- INSTANT CASHBACK
Kelvinator
BAJAJ FINSERV
CASHBACK
upto ₹6000
for AC & REFRIGERATOR
MEGA LUCKY DRAW
Valid till 30th June 2023
ପ୍ରତି 10,000/- ଜିନିଷ କ୍ରୟ ଉପରେ
1 ଲକି ଡ୍ର କୁପନ ସମ୍ପୂର୍ଣ୍ଣ ମାଗଣା
WagonR Car 01 Nos | Electric Scooter 02 Nos | AC 03 Nos
Washing Machine 04 Nos | LED TV 05 Nos | Bag 15 Nos
Refrigerator Price Start ₹11190/-
Washing Machine Price Start ₹7990/-
LED TV Price Start ₹10990/-
Cooler Price Start ₹6500/-
MICRO OVEN Price Start ₹8990/-
HOME APPLIANCE UPTO 40% OFF
GIFT YOUR FAMILY THE BEST QUALITY FURNITURE
BEDS
MIX COMBO PRICE ₹92290/-
BED, WARDROBE, DRESSING TABLE, DINING SET, LED TV & REFRIGERATOR
MANAGER DESKS
SOFA SETS
MULTY UTILITYS
BEDROOMS SETS
STUDY TABLES
DINING SETS
MANAGER DESK
MARBLE CENTER TABLE
Furniture Available at
PATRAPADA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA
NAYAGARH, BALUGAON, JAJPUR TOWN, ANGUL, ATHAGARH & CHANDIKHOLE
FINANCE PARTNER:
BAJAJ FINSERV
IDFC FIRST Bank
HDFC BANK We understand your world
HDB FINANCIAL SERVICES
ALL CREDIT & DEBIT CARDS ACCEPTABLE
5% INSTANT DISCOUNT* SBI card
*Min. Trxn.: ₹20,000; Max. Discount: Upto ₹3,500 per card. Also valid on EMI Trxns. Validity: 12 May - 25 Jun 2023. T&C Apply.
WIDECARE
SECURE YOUR PRODUCT WITH EXTENDED WARRANTY
ELECTRONICS, HOME APPLIANCES, DIGITAL & FURNITURE
GD Symbol of Trust
GUPTA DISTRIBUTORS
Odisha's most trusted Electronics, Home Appliances & Digital Products Dealer Since 1972
No.1 Retail Chain Stores
LG SONY SAMSUNG Panasonic Kelvinator Godrej Whirlpool HITACHI Inspire the Next VOLTAS BLUE STAR DAIKIN BAJAJ Carrier LLOYD IFB
ONEPLUS oppo vivo SAMSUNG mi realme hp DELL ASUS acer EPSON TCL Nikon Canon
KUTCHINA LUMINOUS BPL HAVELLS Haier BOSCH AO Smith MITSUBISHI ELECTRIC Butterfly EUREKA FORBES USHA STANDARD V-GUARD GLEN KENT
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, SAMANTARAPUR - Near Sanjeevani Medicare Hospital, Mob: 9692316302, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDHA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP- Dochaaki, Udaybata, Mob: 7008989316, BARIPADA - Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE - Jena Premium, National Highway, Near RLY Overbridge, Mob: 9692316301, GUPTA WHOLESALE OUTLET, HANSPAL, Puri Canal Road, Near Hanuman Mandir, Mob: 7735455009, ATHAGARH - Birakishorpur, Athagarh, Mob: 9692316303
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value




# ତହସିଲଦାରଙ୍କୁ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ

- ଚଢ଼ାଉ ବେଳେ ମାଫିଆଙ୍କ ଆତଙ୍କରାଜ
- ଗୋଡ଼ାଇ ପିଟିଲେ, ବର୍ତ୍ତିଲେନି ଆର୍‌ଆଇ
- ୭ ଅଭିଯୁକ୍ତ ଗିରଫ, ପୋଲିସର ତନାଘନା

ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ୍.ଏ.), ୨୬।୫


ସରକାରୀ ଜମିରୁ ବେଆଇନ ଭାବେ ମାଟି ଖନନ କରାଯାଉଛି।


ଆକ୍ରମଣର ଶିକାର ତହସିଲଦାର।

ଲଘୁ ଖଣିଜ ସମ୍ପଦର ଚୋରା କାରବାରରେ ଅଙ୍କୁଶ ଲଗାଇବା ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ କରାଯାଉଥିବା ସମସ୍ତ ଯୋଜନାକୁ ପଣ୍ଡ କରିଦେଉଛନ୍ତି ମାଫିଆ। ଏଭଳି ବେଆଇନ କାର୍ଯ୍ୟରେ ଯିଏ ବାଧକ ସାଜୁଛି, ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରୁଛନ୍ତି ଅଭିଯୁକ୍ତ। ଜିଲା ପ୍ରଶାସନ, ତହସିଲ ପ୍ରଶାସନ, ରାଜସ୍ୱ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ ଏବଂ ବନ ବିଭାଗର ପଦସ୍ଥ ଅଧିକାରୀମାନେ ମଧ୍ୟ ଏଥିରୁ ବର୍ତ୍ତୁନାହାନ୍ତି। ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମରେ ଶୁକ୍ରବାର ଏହାର ପୁନରାବୃତ୍ତି ଘଟିଛି। ଏକ ସରକାରୀ ଜମିରୁ ଆଇନ ଉଲ୍ଲଂଘନ କରି ମାଟି ଖନନ କରୁଥିବା ଦୁର୍ବୃତ୍ତଙ୍କୁ ପ୍ରତିରୋଧ କରିବାକୁ ଯାଇଥିବା ତହସିଲଦାର ଏସ୍. ଶୁଭ୍ର ପଟେଲ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଆର୍‌ଆଇ ଆଲୋକ କୁମାର ଲେଙ୍କା, ତହସିଲ କର୍ମଚାରୀ ପ୍ରେମାନନ୍ଦ ବେହେରା ମଧ୍ୟ ଅଭିଯୁକ୍ତଙ୍କ ଆକ୍ରୋଶରୁ ବର୍ତ୍ତିନାହାନ୍ତି। ତହସିଲ ପ୍ରଶାସନର ମୁଖିଆଙ୍କୁ ସ୍ପଷ୍ଟ ଦିବାଲୋକରେ ଏଭଳି ଆକ୍ରମଣ ସାରା ଜିଲାରେ ଆଲୋଡ଼ନ ଖେଳାଇଦେଇଛି। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୨୨୬/୨୩ରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ମୁକ୍ତାପଶି ଗ୍ରାମର ୭ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଟ୍ରାକ୍ଟର, ଜେସିବି ଓ ବାଇକ୍ ଜବତ କରାଯାଇଥିବା ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପରଜଙ୍ଗ ତହସିଲ ଅଧୀନ ପଥରଖମ୍ବ ଗ୍ରାମର ଏକ ସରକାରୀ ଜମିକୁ ବେଆଇନ ଭାବେ ସମତୁଲ କରାଯିବା ସହ ମାଟି ଖନନ ହେଉଥିବା ସୂଚନା ପାଇ ମଧ୍ୟାହ୍ନରେ ତହସିଲଦାର ପଟେଲ, ଆର୍‌ଆଇ ଲେଙ୍କା, କର୍ମଚାରୀ ବେହେରା, ମୁକ୍ତାପଶି ଆର୍‌ଆଇ ସୁଫଳା ନାଏକ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ସମୟରେ ଜେସିବି ସହାୟତାରେ ମାଟି ଖୋଳାଯାଉଥିଲା। ମାଟି ବୋହିବା ଲାଗି ଦୁଇଟି ଟ୍ରାକ୍ଟର (ଓଆର୍ ୦୬ ଜେ ୧୨୨୨ ଏବଂ ଓଆର୍ ୦୬ ବି ୮୧୬୬) ନିୟୋଜିତ କରାଯାଇଥିଲା। ତହସିଲଦାର ଗାଡ଼ିରୁ ଓହ୍ଲାଇ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଏଥିସହ କାର୍ଯ୍ୟାନୁଷ୍ଠାନ ପାଇଁ ନିଜ ମୋବାଇଲରେ ଫଟୋ ଉଠାଇଥିଲେ। ଏଥିର ଉତ୍‌କ୍ଷିପ୍ତ ହୋଇ ମାଟି ଖନନ କରୁଥିବା ୮ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଙ୍କୁ ଠେଙ୍ଗାରେ ଗୋଡ଼ାଇ ଗୋଡ଼ାଇ ନିସ୍ତୁକ ପିଟିବା ସହ ଜେସିବି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଏଥିରୁ ତହସିଲଦାର କୌଣସି ପ୍ରକାରେ ବର୍ତ୍ତି ଯାଇଥିବାବେଳେ ତାଙ୍କ ମୁଣ୍ଡ, ହାତ, ପାଟି ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ସୁରକ୍ଷା ଦେବାକୁ ଆସିଥିବା ଆର୍‌ଆଇ ଲେଙ୍କା ଏବଂ କର୍ମଚାରୀ ବେହେରାଙ୍କ ସହ ଅଭିଯୁକ୍ତଙ୍କ ଧସ୍ତାଧସ୍ତି ହୋଇଥିଲା। ତେବେ ମାଫିଆମାନେ କୌଶଳକ୍ରମେ ଫେରାର ହୋଇଯିବାରେ ସମର୍ଥ ହୋଇଥିଲେ। କ୍ଷତାକ୍ତ ତହସିଲଦାରଙ୍କୁ ତୁରନ୍ତ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଥାନାରେ ଏତଲା ଦେଇଛନ୍ତି। ବିଧାୟକ ଡା. ନୃସିଂହ ଚରଣ ସାହୁ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ମେଡିକାଲରେ ପହଞ୍ଚି ତହସିଲଦାରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପଟେ ଥାନାଧିକାରୀ ଶରତ ଚନ୍ଦ୍ର ମହାଲିକଙ୍କ ନେତୃତ୍ୱରେ ପୋଲିସ ଘଟଣାର ତନାଘନା ଆରମ୍ଭ କରିଛି। ମୁକ୍ତାପଶିର ବିକାଶ ସାହୁ, ଚନ୍ଦନ ସାହୁଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ନିଜ ପ୍ରତିକ୍ରିୟାରେ କୁହନ୍ତି, ପରଜଙ୍ଗ ତହସିଲଦାରଙ୍କ ଉପରେ ହୋଇଥିବା ଆକ୍ରମଣକୁ ଆଦୌ ବରଦାସ୍ତ କରାଯିବନାହିଁ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସାଙ୍ଗରେ ନ ଥିଲେ ପୋଲିସ

ଲଘୁ ଖଣିଜ ଚୋରାଚାଲାଣ ରୋକିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ନିୟମିତ ଚଢ଼ାଉ କରାଯାଉଛି। ତେବେ ପଥରଖମ୍ବ ଘଟଣାରେ ସାମାନ୍ୟ ବ୍ୟତିକ୍ରମ ହୋଇଥିବା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତହସିଲଦାର ସାଙ୍ଗରେ ପୋଲିସ କର୍ମଚାରୀ ନେଇ ନ ଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଏଭଳି ନିନ୍ଦନୀୟ ଘଟଣା ଘଟାଇଛନ୍ତି। ଦୋଷୀ ନିଶ୍ଚିତ ଭାବେ ଦଣ୍ଡ ପାଇବେ। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ। ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ ବ୍ୟବସ୍ଥା କରାଯିବ।

# ଜୁନ୍ ୬ ତାରିଖ ଯାଏ ଚାଲିବ ପଛୁଆବର୍ଗ ସର୍ଭେ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ପଛୁଆ ବର୍ଗ ଲୋକମାନଙ୍କ ସର୍ଭେକୁ ଆସନ୍ତା ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସର୍ଭେରେ ପ୍ରତିଦିନ (ଛୁଟି ଦିନ ସହିତ) ଏନୁମରେଟରମାନେ ଘରକୁ ଘର ବୁଲି ପଛୁଆ ବର୍ଗ ଲୋକମାନଙ୍କର ତଥ୍ୟ ସଂଗ୍ରହ କରିବେ। ଯେଉଁ ପଛୁଆ ବର୍ଗ ବ୍ୟକ୍ତିମାନେ ବର୍ତ୍ତମାନ ସୁଦ୍ଧା ନିଜ ତଥ୍ୟ ପ୍ରଦାନ କରିନାହାନ୍ତି ସେମାନେ ନିଜର ତଥା ନିଜ ପରିବାର ସଦସ୍ୟଙ୍କ ତଥ୍ୟକୁ ପ୍ରଦାନ କରିବା ନିମନ୍ତେ ପଛୁଆ ବର୍ଗ ଆୟୋଗ ଅନୁରୋଧ କରିଛନ୍ତି।

# ଜମି କିଣାବିକା ଜାଲିଆତି ଉପରେ ଅଙ୍କୁଶ ଲଗାଇବ ସ୍ଲଟ୍ ବୁକିଂ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

**ବିଦେଶରେ ଥିଲେ ବି ଜମି କିଣାବିକା ହୋଇପାରିବ**

ରାଜ୍ୟରେ ଚାଲିଥିବା ଜମିଜମା ଇ-ରେଜିଷ୍ଟ୍ରେଶନ ବା ପଞ୍ଜୀକରଣ ବ୍ୟବସ୍ଥାରେ ଭିଡ଼ ସମସ୍ୟା ଦୂର କରିବା ଲାଗି ଏଣିକି ଅନ୍‌ଲାଇନ୍ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ। ବ୍ୟକ୍ତି ବିଶ୍ୱର ଯେକୌଣସି ସ୍ଥାନରେ ଥିଲେ ବି ତାଙ୍କର ଜମିଜମା କିଣାବିକା ପଞ୍ଜୀକରଣ ପାଇଁ ଅନ୍‌ଲାଇନରେ ଆବେଦନ କରିହେବ। ନାମ ପଞ୍ଜୀକରଣ କରି ସ୍ଲଟ୍ ନେଇପାରିବେ। ମିଳିଥିବା ସ୍ଲଟ୍ ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସବ୍‌ରେଜିଷ୍ଟ୍ରାର ଅଫିସ ଆସି ସେମାନଙ୍କ ପଞ୍ଜୀକରଣ କରାଇପାରିବେ। ଅନ୍‌ଲାଇନ ବ୍ୟବସ୍ଥାରେ ପଞ୍ଜୀକରଣ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରିବାକୁ ପର୍ଯ୍ୟାପ୍ତ ସମୟ ପାଇବେ। ଫଳରେ ଜାଲିଆତି କରି ଜମି କିଣାବିକା ଉପରେ ମଧ୍ୟ ଏହାଦ୍ୱାରା ଅଙ୍କୁଶ ଲାଗି ପାରିବ। ଜନସାଧାରଣଙ୍କୁ ନିର୍ବିଘ୍ନରେ ଜମି କିଣାବିକା ସେବା ପ୍ରଦାନ କରିବା ଓ ପଞ୍ଜୀକରଣ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ଏଭଳି ପ୍ରୟାସ କରାଯାଇଛି। ଏଣିକି ଜମି କିଣାବିକା ବା ଯେକୌଣସି ସେଲ୍‌ଡିଡ୍ ବା ପଞ୍ଜୀକରଣ ପାଇଁ ସବ୍‌ରେଜିଷ୍ଟ୍ରାର ଅଫିସରେ ଭିଡ଼ ଲଗାଇବାର ଆବଶ୍ୟକତା ରହିବ ନାହିଁ। ଜମି କିଣାବିକା ପାଇଁ ଅନ୍‌ଲାଇନରେ ଆଗୁଆ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ। ସ୍ଲଟ୍ ମିଳିଥିବା ସମୟ ଅନୁସାରେ ଜମି ପଞ୍ଜୀକରଣ ହେବ। ଅନ୍‌ଲାଇନରେ ପୂର୍ବରୁ ପଞ୍ଜୀକରଣ କରି ସ୍ଲଟ୍ ନେଇ ନ ଥିଲେ ଜମି କିଣାବିକା ପାଇଁ ଅନୁମତି ମିଳିବ ନାହିଁ। ବିଶେଷ କ୍ଷେତ୍ରରେ ଅନ୍‌ଲାଇନରେ ପଞ୍ଜୀକରଣ କରାଇ ତତ୍କାଳ ସୁବିଧା ବା ସ୍ଲଟ୍ ଦିଆଯିବାର ବ୍ୟବସ୍ଥା ବି ରହିବ ବୋଲି ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ(ଆଇଜିଆର)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ନିୟମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବାକୁ ଯାଉଛି।

ଏବେ ରାଜ୍ୟର ୨୦୫ଟି ରେଜିଷ୍ଟ୍ରେଶନ କେନ୍ଦ୍ରରେ ଅନ୍‌ଲାଇନ ସ୍ଲଟ୍ ବୁକିଂ କରାଯାଉଛି। ଏହାକୁ ନେଇ ବିଧିବଦ୍ଧ ଗେଜେଟ୍ ମଧ୍ୟ ପ୍ରକାଶ କରାଯାଇଛି। ମେ' ୨୩ ତାରିଖରେ ଏ ନେଇ ଓଡ଼ିଶା ଗେଜେଟରେ ଏ ସମ୍ପର୍କିତ ନିୟମ ଓ ସୂଚନା ଜାରି କରାଯାଇଛି।

# ମାସ ଶେଷ ସୁଦ୍ଧା ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ନିକଟରେ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଦଶମ ପରୀକ୍ଷାଫଳ ସହ ସିବିଏସ୍‌ଇ ଓ ସିଆଇଏସ୍‌ସିଇ ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ ପାଇଛି। ଏବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ଚଳିତ ମାସ ଶେଷସୁଦ୍ଧା ଅର୍ଥାତ୍ ୩୦ କିମ୍ବା ୩୧ ତାରିଖରେ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇପାରେ ବୋଲି ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଆସନ୍ତା ୨୮ ତାରିଖରେ ଫଳ ପ୍ରକାଶ ପାଇବା ନେଇ ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ତାରିଖ ଘୋଷଣା ହେବ। ଏହାପରେ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇବ। ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ଫଳ ମେ' ୩୦ କିମ୍ବା ୩୧ରେ ଏବଂ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଜୁନ୍ ୮ ସୁଦ୍ଧା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ପରୀକ୍ଷାଫଳ ପ୍ରକାଶ ପାଇବା ପାଇଁ ଖାତା ଦେଖାଠାରୁ ଆରମ୍ଭ କରି ଟାବୁଲେଶନ ଆଦି ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏପ୍ରିଲ ୧୦ରୁ ୨୨ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଖାତାଦେଖା ପ୍ରକ୍ରିୟା ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଏପ୍ରିଲ ୨୩ରୁ ଆରମ୍ଭ ହୋଇ ମେ' ୭ରେ ସରିଥିଲା। ଚଳିତଥର ୬୫ଟି ଅଫ୍‌ଲାଇନ ଓ ୩୯ ଅନ୍‌ଲାଇନ ସେଣ୍ଟରରେ ଖାତାଦେଖା ହୋଇଛି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋରୁ ଲାଙ୍ଗୁଡ଼;
ଗୋରୀ ଆସିଲେଣି କାଳୀକି ତଡ଼ା।**

ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା' ପ୍ରତି ସମସ୍ତଙ୍କ ମନରେ ଆଦର ଭାବ ରହିଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତାଠାରୁ ମନ ଛାଡିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି। ନୂଆକୁ ଆଦର କରି ପୁରୁଣା କୁ ହତାଦର କରାଯିବା ଭଳି ଗୌରବର୍ଣ୍ଣା ଯୁବତୀକୁ ପାଇ ଶ୍ୟାମଳବର୍ଣ୍ଣା ଯୁବତୀ ପାଖରୁ ମୁହଁ ବୁଲାଇ ନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଛ ମହାମେରୁ, ପତର ସରୁ,
ତା'ପୁଅ ନାଁ, ବାଙ୍କିଆ ମେରୁ।**

ତେନ୍ତୁଳି ଗଛ ଦେଖିବାକୁ ମୋଟା ହୋଇଥିବବେଳେ ତା'ର ପତ୍ର କିନ୍ତୁ ଅପେକ୍ଷାକୃତ ସରୁ ହୋଇଥାଏ। ସେହିପରି ତେନ୍ତୁଳି କୋଳି ର ଆକାର ବଙ୍କା ହୋଇଥିବା ନେଇ ଏଭଳି ପ୍ରହେଳିକା ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗଞ୍ଜେଇ ଚୋରାଚାଲାଣ: ତେଲଙ୍ଗାନା ପୋଲିସ କନ୍‌ଷ୍ଟେବଲ ଗିରଫ

ମାଲକାନଗିରି,୨୬।୫(ଡି.ଏନ୍.ଏ.)

ଗଞ୍ଜେଇ ଚୋରା ଚାଲାଣ ବେଳେ କାଲିମେଳା ପୋଲିସ ତେଲଙ୍ଗାନା ପୋଲିସ କନ୍‌ଷ୍ଟେବଲ ଆର୍. ଶ୍ରୀନୁ ନାୟକଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ ପରେ ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ୭ ଜଣ ହେଲେ ତେଲଙ୍ଗାନା ରଙ୍ଗାରେଡି ଜିଲା ଅନ୍ତର୍ଗତ ଲାଲବାହାଦୁର ନଗରର ଆର୍. ଶ୍ରୀନୁ ନାୟକ(କନ୍‌ଷ୍ଟେବଲ), ରଙ୍ଗାରେଡି ଜିଲା ଅନ୍ତର୍ଗତ ମିରପେଟ ଅଞ୍ଚଳର କେ. ବିଜୟ ନାୟକ, ମହାରାଷ୍ଟ୍ର ଉସ୍ମାନବାଦ ଅଞ୍ଚଳର ବାଲୁ ଯାଦବ, କାଲିମେଳା ଦୁଲାଗୁଣ୍ଡି ଗ୍ରାମର କେ. ଲକ୍ଷ୍ମଣ, ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର ଆର୍. କାର୍ତ୍ତିକ, ଆର୍. ରାଜୀବ ଓ ଏନ୍. ବେଣୁଗୋପାଳ ବୋଲି କାଲିମେଳା ପୋଲିସ ସୂତ୍ରରୁ ଜଣାପଡ଼ିଛି । ତେବେ ଏହି ଗଞ୍ଜେଇ କାଲିମେଳା ଅଞ୍ଚଳରୁ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଚୋରା ଚାଲାଣ ହେଉଥିବା ତଦନ୍ତରୁ ଜଣାପଡ଼ିଛି।




ପ୍ରକାଶ ଯେ, କାଲିମେଳା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଗୁରୁବାର ରାତିରେ କମଳାପଦର ଘାଟି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇଟି କାର୍ ଦ୍ରୁତଗତିରେ ଆସୁଥିବା ଦେଖି ସନ୍ଦେହ କରି ଅଟକାଇଥିଲେ। ଯାଞ୍ଚ ବେଳେ କାରରୁ ୧୦୩ କେଜି ଗଞ୍ଜେଇ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଥିଲେ। ଏଥିସହ ଅଭିଯୁକ୍ତମାନଙ୍କଠାରୁ ତିନୋଟି ଆଇ ଫୋନ୍, ତିନୋଟି ସ୍ମାର୍ଟ କାର୍ଡ ମଧ୍ୟ ଜବତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମାଜକଲ୍ୟାଣ କାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନିତ ହେବେ। ଅ-ନାମାକ୍ଷର ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଭିତରେ ଚଳିବାକୁ ବାଧ୍ୟ ହେବେ। ଯାହା ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ।

**ବୃଷ** କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବି-ନାମାକ୍ଷର ବ୍ୟକ୍ତିମାନେ କୌଣସି ଘରୋଇ କଥା ଭିତରେ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ପରିବହନ, ପ୍ରଶାସନ, ଯୋଗାଯୋଗ କାମ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ। ଆର୍ଥିକ ସଂକଟ ମଧ୍ୟ ଦେଇ ଗତି କରିବାକୁ ବାଧ୍ୟ ହେବେ।

**ମିଥୁନ** ଶାନ୍ତ ପରିବେଶରେ ସୁନ୍ଦର ଓ ସୁଖଦ ଅନୁଭୂତିର ପରଶରେ ମନ ଉଲ୍ଲସିତ ହୋଇଉଠିବ। ଶୁକ୍ରଙ୍କ ସୁପ୍ରଭାବରୁ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। କିନ୍ତୁ ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ରାଜନୈତିକ ତତ୍ପରତା ପରିବେଶକୁ ସରଗରମ କରିପାରେ।

**କର୍କଟ** ବଳହୀନ ମଙ୍ଗଳ କେନ୍ଦ୍ରରେ ଅବସ୍ଥାନ କରି ଉଦାର ଭାବନାଯୁକ୍ତ ସୁଚିନ୍ତିତ କାର୍ଯ୍ୟାବଳୀ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିବ। ପରିବାର ଭିତରେ ସୌହାର୍ଦ୍ଦ୍ୟତା ମଧ୍ୟରେ ଶୁଭକାର୍ଯ୍ୟ ସମ୍ପନ୍ନ କରିବେ। ଦେବଦର୍ଶନ ଓ ଭ୍ରମଣ ଲାଗି ମନ ବଳାଇପାରନ୍ତି। ପାରିବାରିକ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ।

**ସିଂହ** ବ୍ୟୟାଧିପ ଚନ୍ଦ୍ରଙ୍କୁ ଅଷ୍ଟମାଧିପ ଗୁରୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିବାରୁ ମାନସିକ ସ୍ଥିତିକୁ ଅସନ୍ତୁଳିତ କରିବ। ଅଭାବନୀୟ ପରିସ୍ଥିତି ସାଙ୍ଗକୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିପାରନ୍ତି। ଭାଇ, ଭଉଣୀ କିମ୍ବା ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି। ପାରିବାରିକ ସମସ୍ୟା ଦୂର ହେବ।

**କନ୍ୟା** ଅଷ୍ଟମରେ ତିନୋଟିଗ୍ରହ ଥିବାରୁ ଆଜି ଅସ୍ଥିରତା ମଧ୍ୟରେ ଦିନଚର୍ଯ୍ୟା କରିବାକୁ ବାଧ୍ୟ ହେବେ। ବ୍ୟୟବୃଦ୍ଧି, ସନ୍ତାନଙ୍କ ସମସ୍ୟା, ଶତ୍ରୁତା, ବିରୋଧର ସାମ୍ନା କରିବା ଦିଗରେ ଚିନ୍ତିତ ରହିବେ। ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବନି। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** ଆଜି ପ୍ରାପ୍ତିସ୍ୱୀକାରରେ ମନ ଏକବାର ଖୁସି ହୋଇଯିବ। ଅତୀତରେ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ,ଏଣୁ ସତର୍କତାର ସହ କିଛି ମତମନ୍ତବ୍ୟ ଦେବା ଭଲ ହେବ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ଦୁଃସ୍ଥାନସ୍ଥ କେତୁ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ଧୋକା ଖାଇ ପରିସ୍ଥିତି ଆପଣଙ୍କୁ ନୀରବଦ୍ରଷ୍ଟା ସଜାଇଦେବ। ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ। ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ପରିବହନ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବ।

**ଧନୁ** ଶନିଙ୍କ ସ୍ଥିତିଜନିତ ଆତ୍ମୀୟଙ୍କ ତରଫରୁ କୌଣସି ସମସ୍ୟା କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। ନୂତନ ସ୍ଥାନ ପରିଦର୍ଶନ, ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନରେ ନିଜକୁ ମଜ୍ଜାଇ ରଖିବେ। ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ ଅତିବାହିତ ହେବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମକର** ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଆପଣଙ୍କ ମୁହଁକୁ ବନ୍ଦ କରିଦେଇପାରେ। ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧାଭାସର ଆଭାସ ଅଶାନ୍ତିର କାରଣ ହେବ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଚତୁର୍ଥ କେନ୍ଦ୍ରରେ ଏକାଧିକଗ୍ରହ ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜିର ଯାତ୍ରା ଯଦିଓ ପ୍ରୀତିପ୍ରଦ ରହି ଲକ୍ଷ୍ୟ ହାସଲରେ ସାହାଯ୍ୟ କରିବ ତଥାପି ସମସ୍ୟା ଲାଗି ରହିବ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପର୍ଯ୍ୟଟନ, ପରିଭ୍ରମଣ, ଲୋକ ସମ୍ପର୍କ, ସଙ୍ଗୀତ ଓ ସାହିତ୍ୟରେ ସମସ୍ୟା ସମାଧାନ ହେବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହେବେ।

**ମୀନ** ଦ୍ୱିତୀୟଭାବସ୍ଥ ଗ୍ରହ ପ୍ରଭାବରେ ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ଶନିବାର, ମେ ୨୭ ତାରିଖ, ରାଶିନକ୍ଷତ୍ର-ମଘା/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୫ ଗତେ ଘ.୧୨।୧୦ ମଧ୍ୟେ, ଘ.୦୨।୫୯ ଗତେ ଘ.୦୩।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୭ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ ॥



ତେଲଙ୍ଗାନାର ପ୍ରତିଷ୍ଠା ଦିବସ ସମେତ ୧୦ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ସାରା ରାଜ୍ୟରେ ମାସାଧିକକାଳ ମହାଆଡମ୍ବର ସହକାରରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକ୍ଟର ବି.ଆର୍.ଆମ୍ବେଦକର ସଚିବାଳୟ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ପୋଲିସ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବୃଦ୍ଧ ଦମ୍ପତିଙ୍କଠାରୁ ସାଢ଼େ ୪ ଲକ୍ଷ ଝାମ୍ପିନେଲେ

ବ୍ରହ୍ମପୁର ଅଫିସ,୨୬।୫

ବ୍ରହ୍ମପୁର ସହରରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ଆଙ୍କୁଲି ଓଭରବ୍ରିଜ ନିକଟରେ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରା ସାଢ଼େ ୪ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ବୈଦ୍ୟନାଥପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୋପାଳପୁର ଥାନା ଅନ୍ତର୍ଗତ ଆରୁଆପଲି ଗ୍ରାମର ପ୍ରଭାକର ପଟ୍ଟନାୟକ ଜଣେ ଅବସରପ୍ରାପ୍ତ କର୍ମଚାରୀ। ଅବସର ପରେ କମ୍ପାନୀ ପକ୍ଷରୁ ତାଙ୍କୁ ୫ଲକ୍ଷ ଟଙ୍କା ମିଳିଥିଲା। ଶୁକ୍ରବାର ପ୍ରଭାକର ଓ ତାଙ୍କ ସ୍ତ୍ରୀ ଖୋଡ଼ାସିଂରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ୫ଲକ୍ଷ ୨୦ ହଜାର ଟଙ୍କା ଉଠାଣ କରିଥିଲେ। ଦମ୍ପତି ଗୋଟିଏ ବ୍ୟାଗରେ ସାଢ଼େ ୪ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ ଓ ଅନ୍ୟ ଏକ ବ୍ୟାଗରେ ୭୦ ହଜାର ଟଙ୍କା ରଖିଥିଲେ। ଅପରାହ୍ନରେ ସେମାନେ ଟଙ୍କା ବ୍ୟାଗ ଧରି ବାଇକ୍‌ରେ ଇଞ୍ଜିନିୟରିଂ ସ୍କୁଲ ଛକରୁ ଆଙ୍କୁଲି ଓଭରବ୍ରିଜ ଦେଇ ଘରକୁ ଫେରୁଥିଲେ। ଓଭରବ୍ରିଜରେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ପ୍ରଭାକରଙ୍କ ସ୍ତ୍ରୀ ଧରିଥିବା ଟଙ୍କା ଭର୍ତ୍ତି ବ୍ୟାଗଟି ଝାମ୍ପି ନେଇଥିଲେ। ପ୍ରଭାକର ସେମାନଙ୍କ ପିଛା କରିଥିଲେ ମଧ୍ୟ ଆଉ ଟେର ପାଇପାରି ନ ଥିଲେ। ପରେ ସେମାନେ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ପ୍ରଭାକରଙ୍କ ଅଭିଯୋଗ କ୍ରମେ ସେ ଟଙ୍କା ଉଠାଣ କରିଥିବା ବ୍ୟାଙ୍କକୁ ପୋଲିସ ଯାଇ ସିସି ଟିଭି ଫୁଟେଜ ମଧ୍ୟ ଯାଞ୍ଚ କରିଛି। ଲୁଟେରାଙ୍କୁ ଧରାଯାଇ ପାରିନାହିଁ।

# ବିଶିଷ୍ଟ ସାମାଜିକ କର୍ମୀଙ୍କ ପରଲୋକ

ନିମାପଡ଼ା,୨୬।୫(ଡି.ଏନ୍.ଏ.)



ବାମନ ଚରଣ ମହାନ୍ତି

ନିମାପଡ଼ା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ, ସୁସଂଗଠକ ବାମନ ଚରଣ ମହାନ୍ତି(୭୩)ଙ୍କ ଶୁକ୍ରବାର ତାଙ୍କ ଭାଟବନ୍ଧ ବଣିଆସାହିସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନିମାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାନ୍ତି ଜଣେ ସରଳ, ମେଳାପି, ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାଶ, ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ସିପିଆଇ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ଶହୀଦ ସ୍ମୃତିସଂସଦର ସମ୍ପାଦକ ଡ. ବେଣୁଧର ସେନାପତି, ଶିକ୍ଷାବିତ୍ ଜଗତ୍‌ପ୍ରସାଦ ସାବୁତ, ମହେନ୍ଦ୍ର ସିଂ ଭାଟିଆ, ପ୍ରଧାନ ଶିକ୍ଷକ ବ୍ରଜକିଶୋର ସାହୁ, ସରପଞ୍ଚ ତପନ ମଲ୍ଲିକ, ସମିତିସଭ୍ୟା ଶକୁନ୍ତଳା ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଅମୂଲ୍ୟ, ପୁଅ ଉମାକାନ୍ତ, ବଡ଼ଝିଅ ତଥା ଧରିତ୍ରୀ ସାମ୍ବାଦିକ (ଛୁଟିଦିନ ମୁଖ୍ୟ)ରୋଜାଲିନ, ଜ୍ୱାଇଁ ପ୍ରଣବ, ଝିଅ ତପସ୍ୱିନୀ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟ, ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ମହାନ୍ତି ଭାରତୀୟ ଜୀବନ ବୀମା ନିଗମର ଡିଓ, ସତ୍ୟସାଇ ସେବା ସମିତିର କର୍ମକର୍ତ୍ତା, ଭାଟବନ୍ଧ ହାଇସ୍କୁଲର ସମ୍ପାଦକ ଥିବା ସହ ବହୁ ଧାର୍ମିକ ତଥା ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ବଡ଼ପୁଅ ଉମାକାନ୍ତ ମୁଖାଗ୍ନି ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ରହସ୍ୟ ଖୋଲିଲେନି...

ରୋଗ ନ ଥିବା କହିଥିଲେ। ସେହିପରି ସ୍ଥାନୀୟ ଲୋକ ଓ ଗୋପାଳଙ୍କ ସହକର୍ମୀମାନେ ମଧ୍ୟ ଗୋପାଳ ମାନସିକ ଭାବେ ସୁସ୍ଥ ଥିବା କହିଥିଲେ। ତଦନ୍ତ କାଳରେ ଗୋପାଳ ସହଯୋଗ କରୁଥିଲେ ଓ ପ୍ରଶ୍ନର ଉତ୍ତର ଦେଉଥିଲେ। ତଦନ୍ତ ବେଳେ ସ୍ପଷ୍ଟ ହୋଇଥିଲା ଯେ, ଗୋପାଳ ସୁସ୍ଥ ମନରେ ଓ ଯୋଜନାବଦ୍ଧ ଭାବେ ଏହି ଅପରାଧ ଘଟାଇଥିଲେ। ଗୋପାଳ ପାଗଳ ନୁହେଁ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବ୍ୟକ୍ତିଗତ କାରଣରୁ ଘଟଣା ଘଟିଥିବା ସୂଚନା ଦିଆଯାଇଛି। ଯଦି ବ୍ୟକ୍ତିଗତ କାରଣ ତେବେ ଏହା ପାରିବାରିକ ନା ଚାକିରି କ୍ଷେତ୍ରକୁ ନେଇ ତାହା କ୍ରାଇମ୍‌ବ୍ରାଞ୍ଚ ଦର୍ଶାଇନାହିଁ। ସେହିପରି ନବ ଦାସ କିମ୍ବା ତାଙ୍କ ସମର୍ଥକଙ୍କ ପକ୍ଷରୁ ଗୋପାଳଙ୍କ ଜୀବନ ପ୍ରତି ବିପଦ ଥିଲା କିମ୍ବା ତାଙ୍କ ସମ୍ମାନ ପ୍ରତି ଆଞ୍ଚ ଅଣାଯାଇଥିଲା ସେନେଇ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ନୀରବ ରହିଛି।

ମାମଲାରେ ୮୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ କହିଛି। ଏହାସତ୍ତ୍ୱେ ହତ୍ୟାର କାରଣ ଉପରୁ ପରଦା ଉଠିପାରିନାହିଁ। ତେଣୁ କ୍ରାଇମ୍‌ବ୍ରାଞ୍ଚ ପୁଣି ସନ୍ଦେହଘେରରେ ରହିଛି। ପୂର୍ବରୁ ତଦନ୍ତ ପ୍ରକ୍ରିୟା, ପାଇଖାନା ଟାଙ୍କି ଖୋଳିବା, ଭାଜପା ଶାସିତ ରାଜ୍ୟ ଗୁଜରାଟରେ ଲାଏ ଡିଟେକ୍ସନ ଟେଷ୍ଟ କରିବା, ମାନସିକ ରୋଗ ପରୀକ୍ଷା ପାଇଁ ବାରମ୍ବାର କୋର୍ଟଙ୍କ ଦ୍ୱାରସ୍ଥ ହେବା, ବିଭିନ୍ନ ସମୟରେ ବିଭ୍ରାନ୍ତିକର ତଥ୍ୟ ଦେବା, ଏପରି କି ପୋଲିସ ଡିଜି ମହାପ୍ରଭୁ ଜଗନ୍ନାଥଙ୍କ ନାମ ନେଇ ବୟାନ ଦେଇଥିଲେ। ଏସବୁ ଘଟଣା ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ସନ୍ଦେହ ଘେରକୁ ଟାଣି ଆଣିଥିଲା। ଚାର୍ଜଶିଟ ଦାଖଲକୁ ନେଇ ଅଭିଯୁକ୍ତ ଗୋପାଳ ଦାସଙ୍କ ସରକାରୀ ଓକିଲ ଦୟାନିଧି ଚାନ୍ଦ କହିଛନ୍ତି, ଚୂଡାନ୍ତ ଚାର୍ଜଶିଟ ଦାଖଲ ହୋଇଛି। କେସ୍ ରେକର୍ଡ ପଢ଼ିବା ପରେ କାରଣ କହିହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀ ଛକରେ ଜାନୁୟାରୀ ୨୯ରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଯୋଗଦେବାକୁ ଆସିଥିବା ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଗୋପାଳ ଗୁଳିକରି ହତ୍ୟା କରିଥିଲେ। ଘଟଣାସ୍ଥଳରୁ ଗୋପାଳଙ୍କୁ ଗିରଫ କରାଯିବା ପରେ ପ୍ରଥମେ ତାଙ୍କୁ ଝାରସୁଗୁଡ଼ା ଜେଲରେ ରଖାଯାଇଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ନବ ଦାସ ହତ୍ୟାକାଣ୍ଡକୁ ନେଇ ରାଜ୍ୟ ରାଜନୀତି ବେଶ୍ ସରଗରମ ହୋଇଥିଲା। ବିରୋଧୀଙ୍କଠାରୁ ଆରମ୍ଭ କରି ଜନସାଧାରଣ ସମାଲୋଚନା କରିଥିଲେ। ବିରୋଧୀମାନେ ସିବିଆଇ ତଦନ୍ତ ଦାବି କରିଥିଲେ। ଇତିମଧ୍ୟରେ ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ଶେଷ ହୋଇଥିବାବେଳେ ନବଙ୍କ ଝିଅ ଦୀପାଳି ଦାସ ବିଜେଡି ଟିକେଟରେ ନିର୍ବାଚିତ ହୋଇଛନ୍ତି।

### ଷଡ଼ଯନ୍ତ୍ର ପାର୍ଟକୁ ତଦନ୍ତ ...

ପାଗଳ ହୋଇଛନ୍ତି। ଅଭିଯୁକ୍ତର ମୋଟିଭ୍‌କୁ ଅନୁସନ୍ଧାନ କରାଗଲାନାହିଁ। ଯେଉଁଭଳି ଭାବେ ଅନୁସନ୍ଧାନ ହୋଇଛି, ମୁଦାଲ ଖଲାସ ହୋଇଯିବା ସମ୍ଭାବନା ରହିଛି। ଆଗରୁ କ୍ରାଇମ୍‌ବ୍ରାଞ୍ଚର ଖ୍ୟାତି ଭଲ ଥିଲା। ଏବେ ଏହାର ନାମ ବଦଳାଇଦେଇ କ୍ରିମିନାଲ ପ୍ରୋଟେକ୍ସନ ବ୍ରାଞ୍ଚ କହିବା କଥା। ମମିତା ମେହେର ହତ୍ୟା ଘଟଣା ହେଉ କିମ୍ବା ବଲାଙ୍ଗୀର ଜାଲ ସାର୍ଟିଫିକେଟ, ଯେଉଁଥିରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ହୋଇଛି ସେ ଘଟଣା ସବୁ ଚପିଯାଇଛି ବୋଲି ମିଶ୍ର କହିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚାର୍ଜଶିଟ୍‌ରେ ହତ୍ୟାର କାରଣ ସ୍ପଷ୍ଟ କରାଯାଇନାହିଁ । ନବ ଦାସ ଏବଂ ତାଙ୍କ ଲୋକମାନଙ୍କ ପାଖରୁ ଗୋପାଳ ଦାସଙ୍କୁ ଯଦି ଭୟ ଥିଲା, ତା'ହେଲେ କ'ଣ ପାଇଁ ଭୟ ଥିଲା । ଚାର୍ଜଶିଟ୍‌ରେ ଏନେଇ କ୍ରାଇମ୍‌ବ୍ରାଞ୍ଚ ଉଲ୍ଲେଖ କରିନାହିଁ। ଚାର୍ଜଶିଟ୍‌ରେ ମିଛ କଥା ସବୁ ଲେଖିଛି। କ'ଣ ଓ କାହିଁକି ଭୟ ଥିଲା ତାହାର ଉତ୍ତର ନାହିଁ। ଗୋପାଳଙ୍କର ମାନସିକ ଭାରସାମ୍ୟ ସ୍ଥିର ଥିଲା ଏବଂ ସେ ଜଣେ କାର୍ଯ୍ୟରତ ପୋଲିସ ଥିଲେ। ଯଦି ପ୍ରି ପ୍ଲାନ୍ କରିଥିଲେ ତା'ହେଲେ କେବେ ଓ କ'ଣ ପାଇଁ କରିଥିଲେ। ନିଜ କ୍ୟାରିୟର ଓ ପରିବାରକୁ ଜଳାଞ୍ଜଳି ଦେଇ ଗୋପାଳ କାହିଁକି ଏଭଳି କାମ କଲେ ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ହରିଚନ୍ଦନ କହିଛନ୍ତି।ଅନ୍ୟପକ୍ଷରେ ବିଜେଡି ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିରୋଧୀ ଅନେକ କଥା କହିବେ। ସରକାର ଯେତେ ଭଲ କାମ କଲେ ବି ବିରୋଧୀ କହିବା ବନ୍ଦ କରିବେ ନାହିଁ। ବିରୋଧୀ ତାଙ୍କ କାମ କରନ୍ତୁ, ସରକାର ଲୋକଙ୍କ ପାଖରେ ଉତ୍ତରଦାୟୀ। ସାଧାରଣ ଲୋକଙ୍କ ପାଇଁ ଯାହା କରିବା କଥା ସରକାର କରିବେ। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭଲ ଅଛି। ନ୍ୟାୟ ସମସ୍ତଙ୍କୁ ମିଳିବ। ଯେଉଁମାନେ ଦୋଷୀ ସେମାନଙ୍କୁ ଦଣ୍ଡ ମିଳିବ ମଲ୍ଲିକ କହିଛନ୍ତି।

### ଜୁନ୍‌ରେ ମେଟ୍ରୋ ଟ୍ରେନ୍ ...

ଏସ୍‌ଏଚ୍‌ଜି ଓ ବସ୍ତି ବାସିନ୍ଦାଙ୍କ ଉନ୍ନତି ଦିଗରେ କାର୍ଯ୍ୟ ଚାଲିଛି। ୧ ଲକ୍ଷ ୬୨ ହଜାର ୩୨୭ ଘର ନିର୍ମାଣ କରାଯାଇଛି। ସମସ୍ତ ୧୧୫ ପୌରାଞ୍ଚଳର ୨୦୫୫ ୱାର୍ଡରେ ଘରକୁ ଘର ଯାଇ ଅଳିଆ ସଂଗ୍ରହ କରାଯାଉଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଭୁବନେଶ୍ୱରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ ଯୋଜନା କାର୍ଯ୍ୟ ଶେଷ ହେବ। ରାଉରକେଲା, କଟକ ଓ ବ୍ରହ୍ମପୁରରେ ୨୦୨୩ ଶେଷ ସୁଦ୍ଧା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ ଯୋଜନା କାର୍ଯ୍ୟ ସରିବ। ଜାଗା ମିଶନ ଜରିଆରେ ଲୋକଙ୍କୁ ଜମି ଅଧିକାର ପ୍ରଦାନ କରି ବର୍ତ୍ତମାନ ସୁଦ୍ଧା ୭୭୨ଟି ବସ୍ତିକୁ ବିଜୁ ଆଦର୍ଶ କଲୋନିରେ ପରିବର୍ତ୍ତିତ କରାଯାଇଛି। ଗଞ୍ଜାମର ୪ଟି ସହର ହିଞ୍ଜିଳିକାଟୁ, ଦିଗପହଣ୍ଡି, ରମ୍ଭା ଓ ପୁରୁଷୋତ୍ତମପୁରକୁ ବସ୍ତି ମୁକ୍ତ ମାନ୍ୟତା ମିଳିଛି ବୋଲି ମନ୍ତ୍ରୀ କହିଛନ୍ତି।

### ଫୋନ୍ ପାଇଁ ଜଳଭଣ୍ଡାର ...

ଖସିପଡ଼ିଥିଲା। ସଙ୍ଗେ ସଙ୍ଗେ ବିଶ୍ୱାସ ଜଳସେଚନ ବିଭାଗ ନିକଟରେ ପହଞ୍ଚି ଫୋନ୍‌କୁ କିପରି ଉଦ୍ଧାର କରାଯିବ ସେ ନେଇ ଆଲୋଚନା କରିଥିଲେ। ଶେଷରେ ଜଳଭଣ୍ଡାର ଶୁଖାଇବା ପାଇଁ ୩୦ ହର୍ସପାୱାରର ଏକ ପମ୍ପକୁ ନିୟୋଜିତ କରାଯାଇଥିଲା। ଏହି ପମ୍ପରେ ଦିନକୁ ୨୧ ଲକ୍ଷ ଜଳ ନିଷ୍କାସିତ ହେଉଥିବାବେଳେ ଜଳଭଣ୍ଡାର ଶୁଖାଇବାକୁ ସମ୍ପୂର୍ଣ୍ଣ ୩ ଦିନ ଲାଗିଯାଇଥିଲା। ମୋଟ ୪୧,୧୦୪ ଘନମିଟର ଜଳ ନିଷ୍କାସନ ହେବା ପରେ ଫୋନ୍ ମିଳିଲା ହେଲେ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ବିଭିନ୍ନ ମହଲରେ ସମାଲୋଚନା ହେବା ପରେ ଜଳସେଚନ ପାଇଁ ଉକ୍ତ ପାଣି ଉପଯୁକ୍ତ ନ ଥିଲା ବୋଲି ବିଶ୍ୱାସ କହିଛନ୍ତି। ତାଙ୍କ ବ୍ୟକ୍ତିଗତ ମୋବାଇଲ ଫୋନ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ନମ୍ବର ଥିବାରୁ ଉଦ୍ଧାର କରିବା ପାଇଁ ସେ ଚାହିଁଥିଲେ ବୋଲି ସଫେଇ ଦେଇଛନ୍ତି।

### ସୁପ୍ରିମକୋର୍ଟରେ ପାର୍ଲାମେଣ୍ଟ...

ଖଣ୍ଡପୀଠ ଆବେଦନକାରୀ ଆଇନଜୀବୀ ଜୟ ସୁକିନଙ୍କୁ କହିଛନ୍ତି, ଏହି ପିଟିଶନ କାହିଁକି ଓ କିପରି ଦାଖଲ କରାଯାଇଛି ତାହା ସୁପ୍ରିମକୋର୍ଟ ବୁଝିପାରୁଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଏହି ପିଟିଶନ ଶୁଣାଣିଯୋଗ୍ୟ ନୁହେଁ। ଜୟ କହିଛନ୍ତି, ଅନୁଚ୍ଛେଦ ୮୭ ଅନୁସାରେ ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରମୁଖ୍ୟ ଓ ଦେଶର ବ୍ୟବସ୍ଥାପିକା ମୁଖ୍ୟ। ସଂସଦର ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଉଭୟ ଗୃହକୁ ସମ୍ବୋଧନ କରିଥାଆନ୍ତି। ତେଣୁ ତାଙ୍କୁ ଉଦ୍‌ଘାଟନୀ ସମାରୋହକୁ ନିମନ୍ତ୍ରଣ କରାଯିବା ଉଚିତ। ତେବେ କୋର୍ଟ ଉକ୍ତ ଆବେଦନର ଶୁଣାଣି କରିବାକୁ ଚାହୁଁ ନ ଥିଲେ ତାଙ୍କୁ ପ୍ରତ୍ୟାହାର କରିବାକୁ ଅନୁମତି ଦିଆଯାଉ। କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଉକ୍ତ ଆବେଦନ ପ୍ରତ୍ୟାହାର ପାଇଁ ଅନୁମତି ଦିଆଗଲେ ହାଇକୋର୍ଟରେ ପୁଣି ଦାଖଲ କରାଯାଇପାରେ। ଏହାକୁ ନେଇ ଖଣ୍ଡପୀଠ ଆବେଦନକୁ ଖାରଜ କରିଦେଇଛନ୍ତି।

ପ୍ରକାଶ ଯେ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦି ନୂଆ ସଂସଦ ଭବନକୁ ଆସନ୍ତା ୨୮ରେ ଉଦ୍‌ଘାଟନ କରିବେ। ଭାରତର ରାଷ୍ଟ୍ରପତି ଏବଂ ବ୍ୟବସ୍ଥାପିକାର ଦୁଇ ସର୍ବୋଚ୍ଚ ସଦନ ରାଜ୍ୟ ସଭା ଓ ଲୋକ ସଭା ପାର୍ଲାମେଣ୍ଟର ୩ ପ୍ରମୁଖ ଅଙ୍ଗ ହୋଇଥିବାରୁ ସେ ନୂଆ କୋଠାକୁ ଉଦ୍‌ଘାଟନ କରିବା ଉଚିତ। କିନ୍ତୁ ଉଭୟ ଲୋକ ସଭା ସେକ୍ରେଟାରିଏଟ୍ ଓ ଭାରତ ସରକାର ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନ କରି ଅପମାନିତ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ଆଇନଜୀବୀ ଜୟ ଉକ୍ତ ପିଟିଶନରେ ଉଲ୍ଲେଖ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ସମେତ ୩ ଗିରଫ

- ଫରେଷ୍ଟଗାର୍ଡଙ୍କୁ ଗୁଳିକରି ହତ୍ୟା ଘଟଣା
- ଧରାପଡ଼ିଲେଣି ୧୦ ଶିକାରୀ

ବାରିପଦା ଅଫିସ,୨୬।୫

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଫରେଷ୍ଟଗାର୍ଡଙ୍କୁ ଗୁଳିକରି ହତ୍ୟା ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିବା ସହ ଗୋଟିଏ ଦେଶୀବନ୍ଧୁକ ଜବତ କରିଛି। ସେମାନଙ୍କଠାରୁ ଅଫୁଟା ଗୁଳି ସହ ଶିକାର ସରଞ୍ଜାମ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷି ରେଞ୍ଜ୍ ଅଞ୍ଚଳ ସୁନାପୋଷୀ ଗ୍ରାମର ପୂର୍ବତନ ସରପଞ୍ଚ ବୁଦ୍ଧଦେବ ସିଂ, କୁଆଁଳି ଗ୍ରାମର ସୁକୁଲାଲ ମାରାଣ୍ଡି ଓ ସୁନାପୋଷୀ ଜରଗାଡେହି ଗ୍ରାମର ଜୁଗୁଲୁ ସିଂ(ସୁକୁରା)। ଏହାସହ ପୋଲିସ ଓ ବନ ବିଭାଗର କୋମ୍ବିଂ ଅପରେଶନରେ ବଡ଼ସାହି ପୋଲିସ ୩ ଶିକାରୀଙ୍କୁ ଗିରଫ କରିବା ସହ ୨ଟି ଦେଶୀବନ୍ଧୁକ ଜବତ କରିଛି। ସେମାନେ ହେଲେ ବଡ଼ସାହି ଥାନା ଅଧୀନ ଯଦୁନାଥପୁର ପଞ୍ଚାୟତ ଚମ୍ପାଗଡ଼ର ଶଙ୍କର ମଲ୍ଲିକ, ବାବୁ ଭାଂଟା ଓ ମଣ୍ଟୁ ନାଏକ। ସେମାନଙ୍କଠାରୁ ଗୋଟିଏ ଜିଆଇ ପାଇପ୍, ୨୦ଗ୍ରାମ୍ ବାରୁଦ, ୨୦ଗ୍ରାମ୍ ସଲ୍‌ଫର, ୧୫୦ଟି ସାଇକେଲ ବଲ୍ ଓ ୨୫୦ଟି ଲୁହା ବଲ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୩୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଏପର୍ଯ୍ୟନ୍ତ ଏମାନଙ୍କୁ ମିଶାଇ ମୋଟ ୧୦ ଶିକାରୀଙ୍କୁ ଗିରଫ ସହ ୬ଟି ଦେଶୀ ବନ୍ଧୁକ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୨ ତାରିଖ ସନ୍ଧ୍ୟାରେ ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବନ ବିଭାଗ ଓ ପୋଲିସ କୋମ୍ବିଂ ଅପରେଶନ ଚଳାଇ ଶିକାରୀଙ୍କୁ ଧରିବାରେ ଲାଗିପଡ଼ିଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ଥାନାଗୁଡ଼ିକର ଅଧିକାରୀ ଓ ବନ କର୍ମଚାରୀଙ୍କୁ ନେଇ ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ତେବେ ଅଭୟାରଣ୍ୟର ଚତୁଃପାର୍ଶ୍ୱରେ ତାରବାଡ଼ ସହ ୱାଚ୍‌ଟାୱାର ପାଇଁ ବ୍ୟବସ୍ଥା କରାଗଲେ ଶିକାରୀମାନଙ୍କୁ ରୋକିବାରେ ସହାୟକ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମାମୁଘର ଗାଁ ପୋଖରୀରେ ବୁଡ଼ିଗଲେ ଛାତ୍ର

**ଖରାଛୁଟି ପାଇଁ ବୁଲି ଆସିଥିଲେ**

କ.ନୂଆଗାଁ,୨୬।୫

ଖରାଛୁଟିରେ ମାମୁ ଘରକୁ ଆସିଥିବା ଜଣେ ନାବାଳକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ସିଭିଗୁଡା ଗ୍ରାମର ବିନୋଦ ପ୍ରଧାନଙ୍କ ପୁଅ ଶୁଭଜିତ(୮)। ଶୁଭଜିତ ସିଭିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଖରାଛୁଟି ଚାଲିଥିବାରୁ ସେ ଗୁଞ୍ଜିଗାଁସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ସକାଳେ ସେ ଗାଁ ପିଲାଙ୍କ ସହ ମିଶି ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ଶୁଭଜିତ ପୋଖରୀରେ ବୁଡ଼ି ଯାଇଥିଲେ। ସାଙ୍ଗରେ ଯାଉଥିବା ପିଲାମାନଙ୍କଠାରୁ ଖବରପାଇ ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶୁଭଜିତଙ୍କୁ ପାଣିରୁ ଉଦ୍ଧାର କରି କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅକୁ ହରାଇଥିବା ମା'ବାପା ଓ ସମ୍ପର୍କିୟଙ୍କ କାନ୍ଦରେ ହସ୍ପିଟାଲ ପରିସର ଫାଟି ପଡ଼ିଥିଲା। ଏ ନେଇ ପୋଲିସ ୧/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

SMILE HEALTH CARE
Sahid Nagar, Bhubaneswar
Required
Salesman for Medicine Store :
- 2 Post (Min 2 yrs experience) in Medicine Sales ( Salary Negotiable)
Contact: 9438019696, 9438029797

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
MANAGER - 1 no.
Fooding & Accommodation Free.
DRIVER -1 no.
Fooding & Accommodation Free.
CARETAKER - 2 nos.
Contact :
9114299462, 8384895977

REQUIREMENTS
MARKETING STAFF: 10 Nos.
TELE CALLER: 5 Nos.
PEON: 1 No. (10th Pass)
9937069014

ଆବଶ୍ୟକ
ଗ୍ରୋସରି ଦୋକାନ ପାଇଁ ପିଲା ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି। ଶହୀଦନଗର, ଭୁବନେଶ୍ୱର।
9861078181, 7978618134

ଆବଶ୍ୟକ
ନିଜ ଏରିଆରେ କାମ କରିବା ପାଇଁ ପାର୍ଥୀ / ପାର୍ଥୀନି ଆବଶ୍ୟକ। ଯୋଗ୍ୟତା- 7th to +3,ITI, Diploma
salary - 8000 to 28000
ଯୋଗାଯୋଗ ମୋବାଇଲ ନମ୍ବର
9556974947

WANTED
ଧରିତ୍ରୀ DHARITRI Oriya daily
is looking for
ADVERTISEMENT MANAGERS :
- Will be responsible for driving advertising sales and revenue growth through effective marketing strategies and client management.
- This role requires a strong background in print media marketing, a good client base, excellent communication and negotiation skills, and a proven track record of achieving sales targets.
- Minimum of 3 years of experience in print media will be preferred.
ADVERTISEMENT SCHEDULING EXECUTIVES :
- Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements.
- Candidates should be well equipped with Back office work, MS Office & should have basic knowledge of Tally.
- Minimum of 3 years of experience in print media will be preferred.
Apply immediately to : recruitment@dharitri.com
Attractive salary commensurate with experience

# ମାଓବାଦୀଙ୍କ ୬ଲକ୍ଷର ୨ହଜାର ଟଙ୍କିଆ ନୋଟ୍ ଜବତ, ୨ ଗିରଫ



ମାଲକାନଗିରି,୨୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ମାଓବାଦୀଙ୍କ ନିକଟରେ ଥିବା ୬ଲକ୍ଷ ୨ହଜାର ଟଙ୍କିଆ ନୋଟ ବ୍ୟାଙ୍କରେ ଜମା କରିବାକୁ ନିଆଯାଉଥିବା ବେଳେ ପୋଲିସ ଶୁକ୍ରବାର ଜବତ କରିଛି। ଏହା ସହ ବିଭିନ୍ନ ବ୍ୟାଙ୍କର ୧୧ଟି ପାସ୍‌ବୁକକୁ ମଧ୍ୟ ଜବତ କରିଛି। ଏହାକୁ ବ୍ୟାଙ୍କକୁ ଜମା କରିବାକୁ ନେଉଥିବା ଗଜେନ୍ଦ୍ର ମାଡଭି ଓ ଲକ୍ଷ୍ମଣ କୁଞ୍ଜାମଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଛତିଶଗଡର ଡିଆରଜି ଯବାନ ଓ ହାମରା ପୋଲିସ ପକ୍ଷରୁ ମିଳିତ ଭାବେ ମହାଦେବଘାଟରେ ଗାଡି ଯାଞ୍ଚ କରାଯାଉଥିଲା। ଏହି ସମୟରେ ବିଜାପୁର ପାର୍ଶ୍ୱରୁ ଏକ ବାଇକ୍ ଯୋଗେ ଗଜେନ୍ଦ୍ର ଓ ଲକ୍ଷ୍ମଣ ଆସୁଥିଲେ। ସେମାନେ ପୋଲିସ୍ ଟିମ୍‌କୁ ଦେଖି ବାଇକ୍ ଛାଡି ପଳାଇ ଯିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ପୋଲିସ ଫୋର୍ସ ତାଙ୍କୁ କାବୁକରି ପଚରାଉଚରା ବେଳେ ସେମାନଙ୍କ ପାଖରେ ଥିବା ଏକ କଳା ରଙ୍ଗର ବ୍ୟାଗରୁ ୩ଟି ବଣ୍ଡଲ ୨ହଜାର ଟଙ୍କିଆ ନୋଟ୍ ଯାହାକି ମୋଟ ୬ ଲକ୍ଷ ଟଙ୍କା, ୧୧ଟି ବିଭିନ୍ନ ବ୍ୟାଙ୍କ ପାସ୍‌ବୁକ୍ ଏବଂ ମାଓବାଦୀ ସଂଗଠନର ଲିଫ୍‌ଲେଟ୍ ଜବତ କରାଯାଇଥିଲା। ତେବେ ଜବତ ହୋଇଥିବା ଟଙ୍କା ପ୍ଲାଟୁନ୍ ନମ୍ବର ୧୦ କମାଣ୍ଡର ମଲଲେଶଙ୍କରଙ୍କର। ଉକ୍ତ ୬ଲକ୍ଷ ଟଙ୍କା ତାଙ୍କ ପରିଚିତ ବ୍ୟକ୍ତିଙ୍କ ବିଭିନ୍ନ ଆକାଉଣ୍ଟରେ ଜମା ପାଇଁ ନିଆଯାଉଥିବା ଏହି ଦୁଇ ବ୍ୟକ୍ତି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ମୋଟ ୮ ଲକ୍ଷ ଟଙ୍କା ଜମା କରିବାକୁ ଏହି ଦୁଇଜଣଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିଲେ।

# ପୋଲିସ ଭ୍ୟାନ୍ ଓଲଟି ୩ କର୍ମଚାରୀ ଆହତ

ଯୋଡ଼ା,୨୬।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ନମ୍ବିରାଠାରେ ଏକ ପୋଲିସ ଭ୍ୟାନ ଓଲଟି ୩ କର୍ମଚାରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ବାମେବାରି ଥାନା ଅଞ୍ଚଳରେ ଏକ ଖଣି କମ୍ପାନୀର ଗ୍ରାମସଭାକୁ କେନ୍ଦୁଝରରୁ ପୋଲିସ କର୍ମଚାରୀ ଆସିଥିଲେ। ଅପରାହ୍ଣରେ କାର୍ଯ୍ୟସାରି ସେମାନେ ଫେରୁଥିବା ବେଳେ ନମ୍ବିରାଠାରେ ଭ୍ୟାନ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଦୁର୍ଘଟଣାରେ ଭ୍ୟାନ୍‌ରେ ବସିଥିବା ୧୮ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୩ ଆହତ ହୋଇଥିଲେ।

# ଝିଅକୁ ବଞ୍ଚାଇବାକୁ ଯାଇ ବାପାଙ୍କ ଜୀବନ ଗଲା

ପାଟଣା,୨୬।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଗଣ୍ଡବେଡ଼ା ପଞ୍ଚାୟତ ଦାନୁଆଟାଙ୍ଗରପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଝିଅକୁ ବଞ୍ଚାଇବାକୁ ଯାଇ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୌରହରୀ ନାୟକ(୭୦)। ସୂଚନା ଅନୁଯାୟୀ, ଗୌରହରୀଙ୍କ ବିବାହିତା ଝିଅ ସବିତା ନାୟକ(୨୮) ଫ୍ୟାନ ସ୍ୱିଚ୍ ଅନ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଚିତ୍କାର କରିବାରୁ ଝିଅକୁ ବଞ୍ଚାଇବା ଯାଇ ଗୌରହରୀ ବିଦ୍ୟୁତ୍ ତାର ଧରିନେଇଥିଲେ।

ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଉଭୟଙ୍କୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗୌରହରୀଙ୍କୁ ମୃତ ଘୋଷଣା କରିଥିଲେ। ସାହାରପଡ଼ା ଫାଣ୍ଡିଅଧିକାରୀ ଶିବ ଶଙ୍କର ଆଲଦା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସବିତା କରଞ୍ଜିଆ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୩) ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# କୋଭିଡ୍ ପାଇଁ ମାନବସମ୍ବଳ ପ୍ରୋତ୍ସାହନ ରାଶି ବନ୍ଦ କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ସମଗ୍ର ବିଶ୍ୱରେ ପୂର୍ବାପେକ୍ଷା କରୋନା ସଂକ୍ରମଣ ହ୍ରାସ ପାଇଛି। ସ୍ଥିତିକୁ ଦେଖି ୩ବର୍ଷ ପରେ ଅର୍ଥାତ୍ ମେ ୫ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୋଭିଡ୍-୧୯କୁ ମହାମାରୀ ତାଲିକାରୁ ବାଦ୍ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ନିୟୋଜିତ ହୋଇଥିବା ବିଭିନ୍ନ ବର୍ଗର ମାନବସମ୍ବଳ ବାବଦ ପ୍ରୋତ୍ସାହନ ରାଶି ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏନେଇ ସୂଚନା ଦିଆଯାଇଛି। କରୋନା ସଂକ୍ରମଣ ସମୟରେ ଏହାର ମୁକାବିଲା କରିବା ପାଇଁ ଡାକ୍ତରଙ୍କଠାରୁ ପାରାମେଡିକାଲ ଷ୍ଟାଫ୍ ଏବଂ ଅନ୍ୟ ମାନବସମ୍ବଳ ନିୟୋଜିତ କରାଯାଇଥିଲା। ତେବେ ବର୍ତ୍ତମାନ ସେହି ସ୍ଥିତିରେ ସୁଧାର ଆସିବା ପରେ ଅତ୍ୟଧିକ ମାନବସମ୍ବଳ ପ୍ରୋତ୍ସାହନର ଆବଶ୍ୟକତା ନାହିଁ ବୋଲି ରାଜ୍ୟ ସରକାର ଅନୁଭବ କରିବା ପରେ ଏହି ରାଶି ବନ୍ଦ କରିବାକୁ ଯାଉଥିବା ସୂଚନା ଦିଆଯାଇଛି।

# ଶ୍ରୀମନ୍ଦିର ଗର୍ଭଗୃହ, ରତ୍ନସିଂହାସନ ଯାଞ୍ଚ ହେବ

**ଶ୍ରୀମନ୍ଦିର ପ୍ରଶାସନ-ଏଏସ୍ଆଇ ମଧ୍ୟରେ ବୈଠକ**



ପୁରୀ ଅଫିସ, ୨୬।୫

ଆସନ୍ତା ଜୁନ ୨୦ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଜୁନ ୨୦ରେ ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ବିଜେ କରିବେ। ଏହି ସମୟରେ ଶ୍ରୀମନ୍ଦିର ଖାଲି ରହୁଥିବାରୁ ଗର୍ଭଗୃହ ସ୍ଥିତି ଓ ରତ୍ନସିଂହାସନର ଯାଞ୍ଚ ସହ ମରାମତି କରାଯିବ। ସେହିପରି ନାଟମଣ୍ଡପ, ଜଗମୋହନରେ ଚାଲିଥିବା ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଏଏସ୍ଆଇ ଟିମ୍ ଶ୍ରୀମନ୍ଦିର ଯାଇ ସ୍ଥିତି ଅନୁଧ୍ୟାନ କରିଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ ବୈଠକ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟିର କେତେଜଣ ସଦସ୍ୟଙ୍କ ଉପସ୍ଥିତିରେ ଏଏସ୍ଆଇର ବୈଷୟିକ ଟିମ୍ ସହ ଆଲୋଚନା କରାଯାଇଥିଲା। ରଥଯାତ୍ରା ସମୟରେ ପ୍ରାଥମିକତାକୁ ଦୃଷ୍ଟିରେ ରଖି ଯେଉଁ ସବୁ କାର୍ଯ୍ୟ କରାଯାଏ, ତାହାକୁ ଗୁରୁତ୍ୱ ଦିଆଯାଇ ଏଏସ୍ଆଇକୁ ତାହାର ତାଲିକା ଦିଆଯାଇଛି। ମୁଖ୍ୟତଃ ଦୁଇ ପ୍ରକାରର କାମ ହେବ। ମୁଖ୍ୟ ମନ୍ଦିରର କାର୍ଯ୍ୟଗୁଡ଼ିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ କାମ କରାଯିବ। ପାର୍ଶ୍ୱ ମନ୍ଦିର ଏବଂ ପ୍ରଦକ୍ଷିଣ ମାର୍ଗର କାର୍ଯ୍ୟ କରାଯିବ। ସେହିପରି ଆଉ କିଛି ଦୀର୍ଘକାଳୀନ ପ୍ରକଳ୍ପ କାର୍ଯ୍ୟ ରହିଛି ଓ ସେ ସମ୍ପର୍କରେ ଟିମ୍‌କୁ ଅବଗତ କରାଯାଇଛି। ସେମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସମସ୍ତ ପ୍ରସ୍ତାବିତ କାର୍ଯ୍ୟସ୍ଥଳ ଟେକ୍ନିକାଲ ଟିମ୍ ବୁଲି ଦେଖିଛନ୍ତି। ସେହିପରି ଗର୍ଭଗୃହରେ ମୂଷାଙ୍କ ଉପଦ୍ରବକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ମୂଷାମାନେ ଯେଉଁ ସବୁ ରାସ୍ତାଦେଇ ଗର୍ଭଗୃହକୁ ପ୍ରବେଶ କରୁଛନ୍ତି, ସେଗୁଡ଼ିକୁ ପୂର୍ବରୁ ଚିହ୍ନଟ କରାଯାଇ ବନ୍ଦ କରାଯାଇଛି। ତଥାପି ମୂଷାମାନେ କେଉଁଠି କେମିତି ପ୍ରବେଶ କରୁଛନ୍ତି। ତେଣୁ ସେହି ରାସ୍ତାକୁ ଚିହ୍ନଟ ସହ ଅନୁଧ୍ୟାନ କରାଯିବ ଓ ମୂଷା ନ ଆସିବା ପାଇଁ ପଦକ୍ଷେପ ନିଆଯିବ। ଅସରପା ନିରାକରଣ ନେଇ ମଧ୍ୟ ବ୍ୟବସ୍ଥା ହେବ। ଜଗମୋହନରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ। ନାଟମଣ୍ଡପ ମୂଳସ୍ତମ୍ଭଗୁଡ଼ିକରେ ହୋଇଥିବା ମରାମତି କାର୍ଯ୍ୟର ପୁନଃ ଅନୁଧ୍ୟାନ କରାଯିବ। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗର କାର୍ଯ୍ୟ ଚଳିତ ମାସ ୩୦ ତାରିଖ ସୁଦ୍ଧା ସରିବ ବୋଲି ପ୍ରତିଶ୍ରୁତି ମିଳିଛି। ଯେଉଁ କାର୍ଯ୍ୟଗୁଡ଼ିକର ପ୍ରାଥମିକତା ରହିଛି, ସେଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଉଛି। ବାକିଥିବା ଦୀର୍ଘକାଳୀନ କାର୍ଯ୍ୟଗୁଡ଼ିକର କାମ ପରବର୍ତ୍ତୀ ସମୟରେ ହେବ। ଆସନ୍ତା ଜୁନ୍ ୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଥିବାରୁ ଏଏସ୍ଆଇ ପକ୍ଷରୁ ସ୍ନାନମଣ୍ଡପର ଯାଞ୍ଚ କରାଯାଇ ମରାମତି କରାଯାଇଛି। ସେହିଭଳି ଗୁଣ୍ଡିଚା ମନ୍ଦିରରେ ଚାଲିଥିବା ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ଘୋଷଯାତ୍ରା ସମୟରେ ଶ୍ରୀମନ୍ଦିର ଗର୍ଭଗୃହ, ଜଗମୋହନରେ କାର୍ଯ୍ୟ ବା କୌଣସି ନୀତି ନ ଥାଏ। ତେଣୁ ସେହି ସମୟରେ ରୁଟିନ୍ ୱାର୍କ ହୋଇଥାଏ। ସେହି ରୁଟିନ୍ ୱାର୍କ କରାଯିବ। ଏଥିସହ କ'ଣ ସବୁ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ କାର୍ଯ୍ୟ ରହିଛି ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଯେଉଁଗୁଡ଼ିକ ମହାପ୍ରଭୁଙ୍କ ନୀତି ସହିତ ସଂଶ୍ଲିଷ୍ଟ, ସେଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ କରାଯିବ। ନୀଳାଦ୍ରି ବିଜେ ପୂର୍ବରୁ କାର୍ଯ୍ୟ ସାରିବା ନେଇ ଆଲୋଚନା ହୋଇଛି। ସେହିପରି ଯେଉଁଗୁଡ଼ିକ ଦୀର୍ଘକାଳୀନ କାର୍ଯ୍ୟ ବା ବିଳମ୍ବ ହେଲେ ଚଳିବ ତାହାକୁ ପରବର୍ତ୍ତୀ ସମୟରେ କରାଯିବା ନେଇ ମତ ପ୍ରକାଶ ପାଇଛି। ଶ୍ରୀମନ୍ଦିରରେ ମୂଷା ଉପଦ୍ରବ ନେଇ ମଧ୍ୟ ଆଲୋଚନା କରାଯାଇଛି। ରୁଟିନ୍ ୱାର୍କ ଅନୁଯାୟୀ ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବା ପରେ ଟିମ୍ ସଦସ୍ୟମାନେ ଗର୍ଭଗୃହକୁ ଯାଇ ପ୍ରଥମ ମହଲା, ଦ୍ୱିତୀୟ ମହଲା ଆଦିର ଚେକିଂ କରିବେ। ରାସାୟନିକ ପ୍ରଲେପ ଲଗାଇବେ। ଶ୍ରୀମନ୍ଦିର ଚାରିଦ୍ୱାର ପିତ୍ତଳକୁ ସଫା କରିବା ସହ ବିଭିନ୍ନ କାର୍ଯ୍ୟର ତଦାରଖ କରିବେ ବୋଲି ପୂଜାପଣ୍ଡା କହିଛନ୍ତି।

# ବିଶ୍ୱ ପାଇଁ ବୈଜ୍ଞାନିକଙ୍କ ଐତିହାସିକ ଅବଦାନ ରହିଛି

**ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପକ୍ଷରୁ କର୍ମଶାଳା**

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ବିଶ୍ୱ ପାଇଁ ବୈଜ୍ଞାନିକମାନଙ୍କର ଐତିହାସିକ ଅବଦାନ ରହିଛି ବୋଲି ଥିରୁଭାନନ୍ତପୁରମ୍ ସିଏସ୍ଆଇଆର୍-ଏନ୍ଆଇଆଇଏସ୍‌ଟିର ନିର୍ଦ୍ଦେଶକ ଡ. ଆନନ୍ଦରାମକ୍ରିଷ୍ଣନ୍ କହିଛନ୍ତି। ଶୁକ୍ରବାର ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର ପକ୍ଷରୁ 'ପ୍ରଭାବଶାଳୀ ପ୍ରୋଜେକ୍ଟ ମନିଟରିଂ ଓ ମୂଲ୍ୟାଙ୍କନ ମାଧ୍ୟମରେ ଗବେଷଣା ଏବଂ ବିକାଶରେ ପରିବର୍ତ୍ତନ ପରିଚାଳନା' ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଡ. ଆନନ୍ଦରାମକ୍ରିଷ୍ଣନ୍ ଯୋଗଦେଇ ଏହା କହିଛନ୍ତି। କର୍ମଶାଳାରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ପ୍ରକଳ୍ପ ପରିଚାଳନା ଓ ମୂଲ୍ୟାଙ୍କନ (ପିଏମ୍ଇ) ବିଭାଗର ମୁଖ୍ୟ ଡ. ବି.ଏସ୍. ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପିଏମ୍ଇ କ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ ଡ. ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ଏନ୍ଆଇଟିଆର୍‌ର ସହକାରୀ ପ୍ରଫେସର ଡ. ଓ୍ୱିନି ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ପିଏମ୍ଇ ଏବଂ ପରିବେଶ ଓ ସ୍ଥାୟୀତା ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଏମ୍‌ପିଟି ଏବଂ ବିଡି ମୁଖ୍ୟ ଡ. ଅଶୋକ ସାହୁ, ଡ. ନବୀନ କୁମାର ଧଳ, ପିଏମ୍ଇର ବରିଷ୍ଠ ବୈଜ୍ଞାନିକ ଡ. ଟି. ପବନ କୁମାର ଓ ଡ. ମନୀଷ କୁମାର ପ୍ରମୁଖ ସହଯୋଗ କରିଥିଲେ।

ସୂଚନାଥାଉ କି ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ବିକାଶ ପ୍ରତିଷ୍ଠାନ ହୋଇଥିବାରୁ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ପାଣ୍ଠିପ୍ରାପ୍ତ ପ୍ରକଳ୍ପ ମାଧ୍ୟମରେ ଅନେକ ବୈଜ୍ଞାନିକ କାର୍ଯ୍ୟ ସମ୍ପାଦନ କରିଥାଏ। ପିଏମ୍ଇ କୌଣସି ଅନୁଷ୍ଠାନରେ ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

TEAM INFRACON Empowering Communication
NEST LEISURE
PRESENTS
SOUND OF SOUL with
PADMASHREE KUMAR SANU



LIVE IN CONCERT
3rd June | Utkal Mandap BHUBANESWAR
6:30 PM Onwards
Tickets Available On bookmyshow
9777794891
6371461928
SPONSORS
Haier
EMPEREAN
PARTNERS
ଧରିତ୍ରୀ
OrissaPOST
SAMBAD digital
TEAM

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ମେ, ୨୦୨୩

“ ନୀରବତା ଭିତରେ ହିଁ ରହିଛି ସର୍ବଶ୍ରେଷ୍ଠ ଶକ୍ତି। ... ତୁମେ ଯଦି ନୀରବ ରହି ଶୁଣ– ତେବେ ତୁମେ ଠିକ୍ ଶୁଣି ପାରିବ ଓ ଠିକ୍ ଭାବେ ବୁଝି ପାରିବ। .. ଲୋକେ ଯଦି ନୀରବ ରହିବା ପାଇଁ ଶିଖନ୍ତେ– ତେବେ ପୃଥିବୀର କେତେ ଗୋଳମାଳିଆ ପରିସ୍ଥିତି ସୁଧୁରି ଯାନ୍ତା ! –ଶ୍ରୀମା



# ନିଯୁକ୍ତି ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୋମେଶ କୁମାରଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଏହାକୁ ନେଇ ବିବାଦ ଦେଖାଯିବା ସହ ବାବୁ ଓ ରାଜନୈତିକ ପରିସରରେ ଚିନ୍ତା ପ୍ରକଟ କରାଯାଇଛି। ଆନ୍ଧ୍ରପ୍ରଦେଶର ୧୯୮୯ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ଫେବୃୟାରୀରେ ଅବସର ନେଇଥିଲେ ବି ତାଙ୍କୁ କ୍ୟାବିନେଟ ର୍‍ୟାଙ୍କ୍‌ରେ ୩ ବର୍ଷ ପାଇଁ ନିଯୁକ୍ତ କରାଯାଇଛି। ଏହାକୁ ନେଇ ଅନେକ ପ୍ରଶ୍ନ ଉଙ୍କିମାରିଛି ଓ କୁହାଯାଉଛି ଯେ, ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ରହିଛି। ଏହି କାରଣରୁ କାର୍ଯ୍ୟରତ ବରିଷ୍ଠ ବାବୁମାନଙ୍କ ମହତ୍ତ୍ୱ କମିଥିବା ଅନୁମାନ କରାଯାଉଛି ଏବଂ ମୁଖ୍ୟମନ୍ତ୍ରୀ କୁମାରଙ୍କ ଆଡ଼କୁ ଢ଼ଳିଥିବା ବିଷୟ ସାଧାରଣରେ ଦୃଷ୍ଟି ଆକର୍ଷଣ କରିଛି। ସୂତ୍ରରୁ ଜଣାପଡ଼ିଛି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ଅଧିକ ସଂଖ୍ୟକ ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍ ଏବଂ ଅଲ୍‌ଇଣ୍ଡିଆ ସର୍ଭିସେସ୍ ଅଧିକାରୀଙ୍କୁ ସାମିଲ କରିସାରିଲାଣି। ସିଏମ୍‌ଓର ସରକାରୀ ୱେବ୍‌ସାଇଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କର ଏକ ଡଜନ ପରାମର୍ଶଦାତା ରହିଛନ୍ତି, ଯେଉଁମାନଙ୍କ ମଧ୍ୟରେ ୮ ଜଣ ହେଉଛନ୍ତି ପୂର୍ବତନ ଅମଲାତନ୍ତ୍ରୀ। ଏହି ପରାମର୍ଶଦାତାମାନେ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ କାର୍ଯ୍ୟ ବଳରେ ପ୍ରଭାବିତ କରିବେ ବୋଲି ଅଧିକ ବିଶ୍ୱାସ କରାଯାଉଛି। ଏବେ ମୁଖ୍ୟ ପରାମର୍ଶଦାତା ଭାବେ ସୋମେଶ କୁମାରଙ୍କ ନିଯୁକ୍ତିକୁ ରାଜନୈତିକ ଓ ବାବୁ ପର୍ଯ୍ୟବେକ୍ଷକମାନେ ନିରୀକ୍ଷଣ କରୁଛନ୍ତି। ସିଏମ୍‌ଓରେ କୁମାର ସାମିଲ ହେବା ସରକାର ଏବଂ ବରିଷ୍ଠ ବାବୁମାନଙ୍କ ଭୂମିକାକୁ କିଭଳି ପ୍ରଭାବିତ କରିବ ତାହା ଦେଖିବାକୁ ପର୍ଯ୍ୟବେକ୍ଷକମାନେ ଅପେକ୍ଷାରେ ରହିଛନ୍ତି।

### ସିସିଆଇର ନୂଆ ମୁଖ୍ୟ

କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ)ର ନୂଆ ଅଧ୍ୟକ୍ଷ ଭାବେ ରଭନିତ କୌରଙ୍କ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହୋଇଛି। ଅନେକ ମାସ ବିଳମ୍ବ ପରେ କୌରଙ୍କ ନିଯୁକ୍ତି ଏହି ନିୟାମକ ସଂସ୍ଥାର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର କରିଛି। କୌରଙ୍କ ଅବସରର ୧୦ ମାସ ପୂର୍ବରୁ କେନ୍ଦ୍ର ଏହି ପଦକ୍ଷେପ ନେଇଛି। ବରିଷ୍ଠ ପଞ୍ଜାବ ଆଇଏଏସ୍ ଅଧିକାରୀ ଭାବେ କୌରଙ୍କର ବ୍ୟାପକ ଅଭିଜ୍ଞତା ଅଛି, ତାଙ୍କ କ୍ୟାରିୟର ରେକର୍ଡ ମଧ୍ୟ ଖୁବ୍ ଭଲ ଏବଂ ଏସବୁ ହିଁ ତାଙ୍କୁ ସିସିଆଇର ଜଣେ ଆଶାବାଦୀ ତଥା ସକାରାତ୍ମକ ନେତୃତ୍ୱ ଭାବେ ପଦାସୀନ କରିଛି। କୌତୂହଳର ବିଷୟ, କର୍ନାଟକ ନିର୍ବାଚନ ପରେ ଉଚ୍ଚ ପଦବୀରେ ନିଯୁକ୍ତି ଘୋଷଣା କରିବାରେ ଏହା ହେଉଛି ତୃତୀୟ ଘଟଣା। ଏହା ପୂର୍ବରୁ ସରକାର ପ୍ରବୀଣ ସୁଦ୍‌ଙ୍କୁ ସିବିଆଇ ନିର୍ଦ୍ଦେଶକ ଏବଂ ଆଇଆର୍‌ଏସ୍ ଅଧିକାରୀ ସୁମନ ଶର୍ମାଙ୍କୁ ୟୁପିଏସ୍‌ସି ସଦସ୍ୟ ଭାବେ ନିଯୁକ୍ତ କରିଥିଲେ। ତେବେ ୨୫ ଅକ୍ଟୋବର ୨୦୨୨ରେ ଅଶୋକ କୁମାର ଗୁପ୍ତା ୪ ବର୍ଷ କାର୍ଯ୍ୟକାଳ ଶେଷ କରି ସିସିଆଇର ଶୀର୍ଷ ପଦବୀ ଛାଡ଼ିବା ପରେ ସେବେଠାରୁ ଏହା ଖାଲି ରହିଥିଲା। ପରେ ସରକାର ସିସିଆଇ ସଦସ୍ୟ ସଙ୍ଗୀତା ବର୍ମାଙ୍କୁ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ। କୌର ଗତ ଦୁଇ ଦଶନ୍ଧି ମଧ୍ୟରେ ସରକାରରେ ବିଭିନ୍ନ ପଦବୀରେ ରହିଛନ୍ତି। ସରକାରରେ ତାଙ୍କର ଅଭିଜ୍ଞତା ଏବଂ ସଫଳ କ୍ୟାରିୟର ରେକର୍ଡ ଥିବାରୁ କୌରଙ୍କ ନେତୃତ୍ୱ ସିସିଆଇର କାର୍ଯ୍ୟଧାରାକୁ ପୁନର୍ଗଠନ କରିବ ବୋଲି ଆଶା କରାଯାଏ। ଏହା ସହ ନିଷ୍ପକ୍ଷ କମ୍ପିଟିଶନ ନିଶ୍ଚିତ କରିବାରେ ଏହାର ଭୂମିକାକୁ ପୁନଃ ଶକ୍ତିଶାଳୀ କରିବ।

### ପରିବର୍ତ୍ତନୀୟ ରୁଲ୍‌ବୁକ୍

ଦେଶ ଏକ ସରଳ ନୀତିରେ ଚାଲୁଛି ବୋଲି ସମସ୍ତେ ଜାଣନ୍ତି। ଏହି ନୀତିଟି ହେଉଛି – ମୋତେ ଲୋକ ଦେଖାଅ, ମୁଁ ତୁମକୁ ନିୟମ ଦେଖାଇବି ; ଅର୍ଥାତ୍ ବ୍ୟକ୍ତି କେତେ ପ୍ରଭାବଶାଳୀ କିମ୍ବା ନିୟମ ଦ୍ୱାରା କେତେ ପ୍ରଭାବିତ ହେବାର ସମ୍ଭାବନା ରହିଛି, ତାହା ଉପରେ ନିୟମ ପରିବର୍ତ୍ତନ ନିର୍ଭର କରେ। ନିକଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ନିର୍ଦ୍ଦେଶକ ଭାବେ କର୍ନାଟକ ଆଇପିଏସ୍ ଅଧିକାରୀ ପ୍ରବୀଣ ସୁଦ୍‌ଙ୍କ ନିଯୁକ୍ତିକୁ ନେଇ ପୁନର୍ବାର ଆଲୋଚନା ହେଉଛି। କେତେଜଣ ପର୍ଯ୍ୟବେକ୍ଷକ ଦର୍ଶାଇଛନ୍ତି ଯେ, ବରିଷ୍ଠ ହରିୟାଣା ଆଇଏଏସ୍ ଅଧିକାରୀ ତଥା ହ୍ୱିସିଲ୍‌ବ୍ଲୋୟର ଅଶୋକ ଖେମ୍‌କାଙ୍କୁ କେନ୍ଦ୍ରରେ କାର୍ଯ୍ୟକରିବା ଅଭିଜ୍ଞତା ନ ଥିବାରୁ ସେଣ୍ଟ୍ରାଲ ଡେପୁଟେଶନ ପାଇଁ ବିଚାରକୁ ନିଆଯାଇ ନ ଥିବାବେଳେ ସୁଦ୍‌ଙ୍କ ଘଟଣାରେ କାର୍ମିକ ମନ୍ତ୍ରଣାଳୟ ଏହି ସର୍ତ୍ତକୁ ଲାଗୁକଲା ନାହିଁ। ଏହା ସ୍ପଷ୍ଟ ଯେ, ସୁଦ୍‌ଙ୍କର ସେଣ୍ଟ୍ରାଲ ଡେପୁଟେଶନରେ କାର୍ଯ୍ୟକରିବାର କୌଣସି ଅଭିଜ୍ଞତା ନ ଥାଇ କିମ୍ବା ଏଥିପାଇଁ କେବେ ବି ତାଲିକାଭୁକ୍ତ କରାଯାଇ ନ ଥିଲେ ବି ତାଙ୍କୁ ସିବିଆଇ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏହାବାଦ୍ ସିବିଆଇ ମୁଖ୍ୟମାନଙ୍କ ନିଯୁକ୍ତିରେ ଏକ କୌତୂହଳପ୍ରଦ ଧାରା ରହିଛି। କେତେଜଣ ପର୍ଯ୍ୟବେକ୍ଷକ ସ୍ପଷ୍ଟ କରିଛନ୍ତି ଯେ, ଦୁଇଟି ଘଟଣାରେ ଭାଜପା ହାରିଥିବା ରାଜ୍ୟଗୁଡ଼ିକରୁ ପୋଲିସ ମୁଖ୍ୟଙ୍କୁ କେନ୍ଦ୍ରକୁ ଆଣି ସିବିଆଇ ମୁଖ୍ୟ ଭାବେ ନିଯୁକ୍ତି ଦେଇଛି। ମଧ୍ୟପ୍ରଦେଶରୁ ଆଇପିଏସ୍ ଅଧିକାରୀ ରଷି ଶୁକ୍ଲା ଏବଂ ମହାରାଷ୍ଟ୍ରରୁ ସୁବୋଧ ଜୟସ୍ୱାଲଙ୍କୁ ଏଭଳି ନିଯୁକ୍ତି ପ୍ରଦାନ କରାଯାଇଥିବା ଦୃଷ୍ଟାନ୍ତ ଅଛି। ଏଣୁ ଏକ ସମାନ ପ୍ରକାର ଯୁକ୍ତି ବି ଦେଖିବାକୁ ମିଳେ ଯେତେବେଳେ ଜେନେରାଲ ବି.ଏସ୍.ରାୱତଙ୍କୁ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ମୁଖ୍ୟ କରାଯାଇଥିଲା। ସେତେବେଳେ ଦୁଇ ବରିଷ୍ଠ ଜେନେରାଲଙ୍କର ଯୁଦ୍ଧ ଲଢ଼ିବା ଅଭିଜ୍ଞତା ନ ଥିବା କାରଣରୁ ରାୱତଙ୍କୁ ଏଭଳି ନିଯୁକ୍ତି ମିଳିଥିଲା। ଏଥିରୁ ବୁଝାପଡ଼େ ଯେ,, ଅମଲାତନ୍ତ୍ରୀ ରୁଲ୍‌ବୁକ୍ ଏକ କଳ୍ପିତ ସାଧନ, ସର୍ବଦା ମାୟାବୀ ଓ ସଦା ପରିବର୍ତ୍ତନୀୟ ।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| 7 | 2 | 8 | | | | 4 | | |
| | 5 | | 4 | 6 | | | | |
| | 8 | 7 | | 9 | | | | 6 |
| | | 1 | | 7 | | | | 3 |
| 9 | | | 8 | 5 | | | | |
| | 7 | | | | | 8 | 5 | 2 |
| 2 | | | | | | | | |
| | | | | | 3 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 4 | 1 | 9 | 6 | 5 | 7 | 3 |
| 5 | 9 | 3 | 8 | 7 | 2 | 4 | 1 | 6 |
| 6 | 7 | 1 | 5 | 3 | 4 | 8 | 9 | 2 |
| 2 | 3 | 7 | 6 | 5 | 9 | 1 | 4 | 8 |
| 4 | 5 | 8 | 2 | 1 | 3 | 7 | 6 | 9 |
| 1 | 6 | 9 | 4 | 8 | 7 | 2 | 3 | 5 |
| 3 | 1 | 6 | 7 | 2 | 5 | 9 | 8 | 4 |
| 9 | 8 | 5 | 3 | 4 | 1 | 6 | 2 | 7 |
| 7 | 4 | 2 | 9 | 6 | 8 | 3 | 5 | 1 |

ଗତକାଲିର ଉତ୍ତର

# ସାମ୍ବାଦିକତା ଓ କଳ୍ପନା ବିଳାସ



ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ଗଣମାଧ୍ୟମ ଜନଜୀବନରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଛି। ୧୭୮୦ରେ ଭାରତରେ ‘ବେଙ୍ଗଲ ଗେଜେଟ’ ନାମରେ ପ୍ରଥମ ମୁଦ୍ରିତ ଖବରକାଗଜ ପ୍ରକାଶ ପାଇଥିଲା। ତା’ ପୂର୍ବରୁ ୧୭୬୮ରେ ଓଡ଼ିଶାରେ ସାଧୁସୁନ୍ଦର ଦାସ ପ୍ରଥମ ଖବରକାଗଜ ‘କୁଜିବର ପତ୍ର’ ତାଳପତ୍ର ଉପରେ ହାତରେ ଲେଖି ପ୍ରସାର କରିଥିଲେ। ସମ୍ପ୍ରତି କେତେ ସୁନ୍ଦର ଭାବରେ କାଗଜ ଉପରେ ମୁଦ୍ରିତ ହୋଇ ରଙ୍ଗିନ ଫଟୋ ସହ ଅସଂଖ୍ୟ ଖବରକାଗଜ ପ୍ରକାଶ ପାଉଛି। ତା’ ସାଙ୍ଗକୁ ଟେଲିଭିଜନ ଆସିବା ପରେ ଗଣମାଧ୍ୟମ ଆହୁରି ଚିତ୍ତାକର୍ଷକ ଓ ପ୍ରଭାବଶାଳୀ ହୋଇଛି। ସାଧୁସୁନ୍ଦର ଦାସଙ୍କ ହାତଲେଖା ଖବରକାଗଜରୁ ଆରମ୍ଭ ହୋଇ ବୈଦ୍ୟୁତିକ ଗଣମାଧ୍ୟମ ପର୍ଯ୍ୟନ୍ତ ହୋଇଥିବା ବିକାଶକୁ ବିବର୍ତ୍ତନ କୁହାଯିବ କି ନା ଏହା ଆଲୋଚନା ସାପେକ୍ଷ। ବିବର୍ତ୍ତନ କହିଲେ, ଆମେ ଗୁଣାତ୍ମକ ବିକାଶ ବୁଝୁ। ଆମ ଚିନ୍ତା ଓ ଜୀବନଧାରାକୁ ଯାହା ମହତ୍ତର ସୋପାନକୁ ଉନ୍ନୀତ କରେ ତାକୁ ବିବର୍ତ୍ତନ କୁହାଯାଏ। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଗଣମାଧ୍ୟମର ବିକାଶ ଘଟିଛି। ରୂପ, ପ୍ରସାରଧାରା ଓ ହଟଚମକରେ ଯନ୍ତ୍ରବିଜ୍ଞାନ ଏକ ବିରାଟ ପରିବର୍ତ୍ତନ ଆଣିଛି। ଏହାକୁ ସ୍ଥୂଳ ବିବର୍ତ୍ତନ କୁହାଯାଇପାରେ। ଏବେ ଗଣମାଧ୍ୟମ ହୋଇଛି ତୀବ୍ର ଅନୁସନ୍ଧାନଧର୍ମୀ। ପୁନଶ୍ଚ ଇଲେକ୍ଟ୍ରୋନିକ୍ସର ଆଶୀର୍ବାଦ ଏହାକୁ ଯେଭଳି ଚିତ୍ତାକର୍ଷକ, ବହୁମୁଖୀ, କ୍ଷିପ୍ର ଓ ରସାଳ କରିଛି, ତାହା ଯୋଗୁ ଏହା ପ୍ରଭାବଶାଳୀ ହୋଇଛି। ମାତ୍ର ସଚ୍ଚା ଅର୍ଥରେ ଏହାର ଗୁଣଗତ ବିକାଶ ବିଶେଷ ହୋଇନାହିଁ। ବେଳେବେଳେ ମୁଦ୍ରିତ ବା ଉଚ୍ଚାରିତ ଶବ୍ଦର ଦୁରୁପଯୋଗ ହେଉଛି। ସାମ୍ବାଦିକତାର ବିବର୍ତ୍ତନ କେବଳ ସ୍ଥୂଳସ୍ତରରେ ଅଟକି ଯାଇଛି।

ନିରପେକ୍ଷ ତଥ୍ୟ ପରିବେଷଣ କରିବା ଖବରକାଗଜର ଧର୍ମ। କୌଣସି ଘଟଣାକୁ ସ୍ୱଚକ୍ଷୁରେ ଦେଖି ନ ଥିଲେ କେବଳ ଜନରବକୁ ଭିତ୍ତିକରି ଖବର ପରିବେଷଣ କରିବା ସାମ୍ବାଦିକତାର ଧର୍ମ ନୁହେଁ। ମାତ୍ର ସମ୍ପ୍ରତି ଖବରକାଗଜ ବାସ୍ତବବାଦୀ ନ ହୋଇ କଳ୍ପନାପ୍ରବଣତା ଦ୍ୱାରା ଆକ୍ରାନ୍ତ। ରାଜ୍ୟ ସଭାରେ ସ୍ଥାନଟିଏ ଖାଲି ହୋଇଗଲେ ସାମ୍ବାଦିକମାନଙ୍କ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଉଛି କିଏ ଆଶାୟୀ, ଦଳର ନେତା କାହାକୁ ପସନ୍ଦ କରିପାରନ୍ତି ଇତ୍ୟାଦି। କଳ୍ପନା କରିବା ଗାଳ୍ପିକ ବା ଔପନ୍ୟାସିକମାନଙ୍କ ଧର୍ମ, ମାତ୍ର ଏବେ ସାମ୍ବାଦିକମାନେ ଔପନ୍ୟାସିକ ବା ଗାଳ୍ପିକମାନଙ୍କ ଭଳି କଳ୍ପନାଭିଳାଷୀ ହୋଇପଡୁଛନ୍ତି। ଜଣେ ବିରୋଧୀ ଦଳର ନେତା କୌଣସି ବ୍ୟକ୍ତିଗତ କାମରେ ବା ବ୍ୟକ୍ତିଗତ ସମ୍ପର୍କ ହେତୁ ଯଦି ସରକାରୀ ଦଳର ନେତାଙ୍କୁ ଭେଟନ୍ତି ଅନେକ ଖବରକାଗଜରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଏ ସେ ଦଳ



ପରିବର୍ତ୍ତନ କରିପାରନ୍ତି। ମନ୍ତ୍ରିମଣ୍ଡଳ ପୁନର୍ଗଠନ ହେବାକୁ ଥିଲେ ଖବର କାଗଜଗୁଡ଼ିକର କଳ୍ପନା ଆରମ୍ଭ ହୋଇଯାଏ କିଏ ମନ୍ତ୍ରୀ ହେବେ ଓ କେଉଁ ମନ୍ତ୍ରୀ ଅପସାରିତ ହେବେ। ହୁଏତ ତାହା ପରବର୍ତ୍ତୀ ସମୟରେ ସତ୍ୟ ହୋଇପାରେ, କିନ୍ତୁ ଘଟଣା ଘଟିବା ପୂର୍ବରୁ ଏପ୍ରକାର କଳ୍ପନା କରିବା ସାମ୍ବାଦିକତାର ଧର୍ମ ନୁହେଁ। ସାମ୍ବାଦିକତା କଳ୍ପନାବିଳାସ ଦ୍ୱାରା ଆକ୍ରାନ୍ତ ହେଲେ ଜନମାନସ କିଭଳି ବିଭ୍ରାନ୍ତ ହୁଏ ତା’ର ସୂଚନା ଦେଇଛନ୍ତି ବିଶିଷ୍ଟ ଲେଖକ ମନୋଜ ଦାସ ତାଙ୍କ ‘ମଧୁବନର ମେୟର’ ଗଳ୍ପରେ।

ମେୟର ପଦ ପାଇଁ ଛିଡ଼ା ହୋଇ ପରାଜିତ ହୋଇଥିବା ମଧୁବନ ପୌର ପରିଷଦର ସଦସ୍ୟ ସୁଦର୍ଶନବାବୁ ବୈଠକରେ ଏକ ଅଭିଯୋଗ ଆଣିଲେ। ମଧୁବନ ସହରରେ ଏକ ଅରଣା ଗାଈ ସର୍ବତ୍ର ସନ୍ତ୍ରାସ ସୃଷ୍ଟି କରୁଥାଏ। ଦିନେ ଗାଈଟି ସୁଦର୍ଶନ ବାବୁଙ୍କ ବିଏ ପଢୁଥିବା ନାତୁଣୀର ବାରଣ୍ଡାରେ ରଖାଯାଇଥିବା ଏକ ମୂଲ୍ୟବାନ ନୋଟ୍ ଖାତାକୁ ଖାଇଦେଲା। ଏହାକୁ ଉଦାହରଣ ଦେଇ ସେ ସହରର ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥା ପ୍ରତି ମେୟର ଦିବ୍ୟସିଂହଙ୍କ ଦୃଷ୍ଟି ଆକର୍ଷଣ କଲେ ଓ ଲୋକଙ୍କ ଅସହାୟତା ପ୍ରକାଶ କରି କାନ୍ଦି ପକାଇଲେ। ପରଦିନ ଗୋଧୂଳି ସମୟରେ ମେୟର ଦିବ୍ୟସିଂହ ନିର୍ଜନ ନଈକୂଳରେ ବୁଲୁବୁଲୁ ନଦୀସ୍ନାନ ଉପଭୋଗ କରିବା ପାଇଁ ନିଜ ଶରୀରରୁ ସମସ୍ତ ପୋଷାକ କାଢ଼ି ପକାଇ ନଦୀ ଭିତରକୁ ଲମ୍ଫ ଦେଲେ। କ୍ରମେ ଅନ୍ଧକାର ଘନେଇ ଆସିଲା। କୂଳକୁ ଉଠିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଦେଖିଲେ ସେହି ଗାଈଟି ତାଙ୍କ ପୋଷାକ ସବୁକୁ ଚୋବାଇ ଚାଲିଛି। ମେୟର ଦିବ୍ୟସିଂହ ଉପରକୁ ଉଠିଆସି ପାଟି କରନ୍ତେ ଗାଈଟି ଅପସରିଗଲା, ମାତ୍ର ପରମୁହୂର୍ତ୍ତରେ ଏକ ଜିପ୍ ଲାଇଟ୍ ପକାଇ ଆଗେଇ ଆସୁଥିବାର ଦେଖି ଉଲଗ୍ନ ମେୟର ପୁଣି ଲଜ୍ଜାବଶତଃ ନଦୀ ଭିତରକୁ ଡେଇଁ ପଡ଼ିଲେ। ଜିପ୍‌ରେ ଆସିଥିଲେ ତାଙ୍କ ଅଫିସ କର୍ମଚାରୀ। ମେୟରଙ୍କ କାରଟି ନଈକୂଳରେ ଦେଖି ତାଙ୍କୁ ଖୋଜାଖୋଜି କରି ନ ପାଇ ଚାଲିଗଲେ, କାରଣ ମେୟର ନିଜକୁ ଲଜ୍ଜାରୁ ରକ୍ଷା କରିବା ପାଇଁ ଜଳ ସ୍ରୋତରେ ଜାଣିଜାଣି ଆଗକୁ ଭାସିଗଲେ। ପାଇଲେ ଗୋଟିଏ ଡଙ୍ଗା। ତା’ଭିତରେ ପଶିଯାଇ ଆଗକୁ ବଢ଼ିଲେ ଓ ଭୋର ସମୟରେ ଲାଗିଲେ ଗୋଟିଏ ବୁଦା ପାଖରେ। ଡଙ୍ଗା ଭିତରେ ଲୁଚି ସେଠି ଠିଆ ହୋଇଥିବା ଏକ ଟିକି ଧୀବର ଝିଅକୁ ମାଗିଲେ ଏକ ଲୁଗା। ଝିଅଟି ନିକଟସ୍ଥ ଘରୁ ଗାମୁଛାଟିଏ ଆଣି ତାଙ୍କୁ ଦେଲା ଓ ପରେ ଧୀବର ଜଣକ ଦେଲେ ଏକ ଧୋତି। ସେ ତାକୁ ପିନ୍ଧି ସନ୍ତର୍ପଣରେ ଫେରିଲେ ନିଜ ଘରକୁ। ତା’ ପରଦିନ ଖବରକାଗଜରେ ବଡ଼ ବଡ଼ ଅକ୍ଷରରେ ବାହାରିଲା, ‘ମେୟରଙ୍କ ରହସ୍ୟଜନକ ଅନ୍ତର୍ଦ୍ଧାନ’। ପ୍ରଥମ ପୃଷ୍ଠା ବ୍ୟାପୀ ପରିବେଷିତ ହୋଇଥିଲା ନାନାଦି ସମ୍ଭାବନାର ଖବର– ହରଣଚାଳ, ହତ୍ୟା, ଆତ୍ମହତ୍ୟା, ନାନାଦି ଷଡ଼ଯନ୍ତ୍ର ସମ୍ପର୍କିତ କଳ୍ପନାଜଳ୍ପନା। ପୁନଶ୍ଚ ଗାଈଦ୍ୱାରା ମେୟରଙ୍କ ଅର୍ଦ୍ଧଚର୍ବିତ ଟ୍ରାଉଜର ଉଦ୍ଧାର ଘଟଣାକୁ ଆହୁରି ଜଟିଳ କରିଦେଲା। ସୁଦର୍ଶନବାବୁ ବିବୃତି ଦେଲେ ସେହି ଗାଈଟି ମେୟରଙ୍କୁ ଚୋବାଇ ଖାଇ ଦେଇଥାଇପାରେ। ଏଣୁ ଗାଈକୁ ଗିରଫ କରିବା ପାଇଁ ଦାବି କରାଗଲା। ପୋଲିସ ତାକୁ ଖୋଜିବା ଆରମ୍ଭ କଲା। ଏହା ହେଉଛି କଳ୍ପନାପ୍ରବଣ ଖବରଦାତାର ପରିଣତି। ମନୋଜ ଦାସଙ୍କ ଏହି କାହାଣୀଟି ପ୍ରକାଶ ପାଇଥିଲା ୧୯୭୪ରେ।

ଆଜି ବି ସାମ୍ବାଦିକତାରେ କଳ୍ପନାବିଳାସର ଅନ୍ତ ଘଟିନାହିଁ। ଅନେକ କ୍ଷେତ୍ରରେ ସେହି କଳ୍ପିତ ତଥ୍ୟ ମିଥ୍ୟା ହୋଇଥିବାର ଉଦାହରଣ ଅଛି। ଆଜିକାଲି ଲୋକେ ଯେତିକି ଅଧିକ ମାତ୍ରାରେ ରାଜନୀତି ସଚେତନ ହେଉଛନ୍ତି ସେତିକି ଖବରକ୍ଷୁଧା ଅନୁଭବ କରୁଛନ୍ତି। ତା’ର ସୁଯୋଗ ନେଉଛନ୍ତି ଖବରକାଗଜ। ପାଠକମାନଙ୍କୁ ଚମକାଇଦେବା ଭଳି ଖବର ପରିବେଷଣ କରି ସେମାନଙ୍କୁ ତତ୍‌କ୍ଷଣିକ ଆନନ୍ଦ ଦେଉଛନ୍ତି। ମାତ୍ର ସତ୍ୟ ରହିଯାଉଛି ବହୁ ପଛରେ। ଏବେ ଖବରକାଗଜ ଯେଉଁ ତଥାକଥିତ ସତ୍ୟ ପରିବେଷଣ କରୁଛନ୍ତି ତାହା ହେଉଛି ଉତ୍ତର–ସତ୍ୟ। ଯେତେବେଳେ ବସ୍ତୁନିଷ୍ଠ ସତ୍ୟ ଜନମାନସକୁ ପ୍ରଭାବିତ କରିପାରେ ନାହିଁ, ବରଂ ଆବେଗିକ ବା ଭାବପ୍ରବଣଗତ ବିଷୟ ଜନମାନସକୁ ବେଶି ପ୍ରଭାବିତ କରେ ତାକୁ ଉତ୍ତର ସତ୍ୟ କୁହାଯାଏ। ବିଶ୍ୱାସକୁ ସତ୍ୟର ରୂପଦେଇ ତାକୁ ପ୍ରସାର କରିବା ହେଉଛି ଉତ୍ତର ସତ୍ୟ। ମାତ୍ର ବିଶ୍ୱାସ ବିଜ୍ଞାନ ଆଧାରିତ ନୁହେଁ। ଏଣୁ ଉତ୍ତର ସତ୍ୟର ଆଧାର ତଥ୍ୟଭିତ୍ତିକ ନୁହେଁ। ଆଜିର ଗଣମାଧ୍ୟମ ଉତ୍ତର ସତ୍ୟର ବିକାଶ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ସମାଜ ବିଜ୍ଞାନୀମାନେ ମତପୋଷଣ କଲେଣି।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ଅସୁରକ୍ଷିତ ଡାକ୍ତର, ଉନ୍ମତ୍ତ ନିଶା



ଡ. ବାସନ୍ତୀ ମହାନ୍ତି

ଅଭାବନୀୟ ଘଟଣାଟିଏ ଦେଖିବାକୁ ମିଳିଛି କେରଳରେ, ଯାହା ପୁଣି ସାବ୍ୟସ୍ତ କରିଦେଲା ଯେ ଡାକ୍ତରମାନଙ୍କ ଜୀବନ ଓ ଜୀବିକା ଉଭୟ ଅସୁରକ୍ଷିତ ଅବସ୍ଥାରେ ଅଛି। ରୋଗୀମାନଙ୍କ ପ୍ରତି ଚିକିତ୍ସାରେ ହେଉ କି ବ୍ୟବହାରରେ ହେଉ ଏତେ ଟିକିଏ ବ୍ୟତିକ୍ରମ ହେଲେ ଡାକ୍ତରମାନଙ୍କୁ ଆକ୍ରମଣ ଦୃଷ୍ଟାନ୍ତ ଅନେକ ରହିଛି। ରୋଗୀଟିଏ ଯଦି ମୃତ୍ୟୁବରଣ କରେ ଓ ଏଥିରେ ଡାକ୍ତରମାନଙ୍କ ଅବହେଳା ଯୋଗୁ ଘଟିଥିବା ସନ୍ଦେହ କରାଯାଏ ତେବେ ବିଚରା ଡାକ୍ତରଙ୍କୁ ତ ଯାହା ଶାରୀରିକ ନିର୍ଯାତନା ଦିଆଯାଇ ଥାଏ ତାଙ୍କୁ କୋର୍ଟ କଚେରି ପର୍ଯ୍ୟନ୍ତ ମଧ୍ୟ ଲୋକେ ଟାଣିନେଇ ଥାଆନ୍ତି। ବିପଦ ବେଳେ ଦ୍ୱିତୀୟ ଈଶ୍ୱର ବୋଲି ମାନୁଥିବା ଡାକ୍ତରମାନଙ୍କ ଉପରେ ସମସ୍ତେ ଦାଉ ସାଧୁଛନ୍ତି। ଅନେକ ଦିନ ହେଲା ଡାକ୍ତରଖାନା ପରିସରରେ ସୁରକ୍ଷା ପାଇଁ ପୋଲିସ ମୁତୟନ ନିମନ୍ତେ ଡାକ୍ତରମାନଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉ ନାହିଁ।

କେବଳ ଜନସାଧାରଣ ନୁହନ୍ତି, ରୋଗୀମାନେ ମଧ୍ୟ ଡାକ୍ତରମାନଙ୍କ ପ୍ରତି ଅଶାଳୀନ ବ୍ୟବହାର କରିବାର ଦୃଷ୍ଟାନ୍ତ ରହିଛି। କରୋନା ବିପତ୍ତି କାଳରେ କ୍ୱାରାଣ୍ଟାଇନ ସେଣ୍ଟରରେ କର୍ତ୍ତବ୍ୟରତ ସେବିକା ଓ ମହିଳା କର୍ମଚାରୀମାନଙ୍କ ଆଗରେ ରୋଗୀମାନେ ଉଲଗ୍ନ ହୋଇ ନୃତ୍ୟ କରିବା ପରି ଅଶୋଭନୀୟ ଆଚରଣମାନ ପ୍ରଦର୍ଶନ କରିବା ଖବର ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। କିନ୍ତୁ ରୋଗୀଟିଏ ହାତରେ ଡାକ୍ତରଙ୍କ ଜୀବନ ଗଲା ପରି ଘଟଣା କେବେ ଘଟି ନ ଥିଲା। ମାନସିକ ରୋଗୀଟିର ସେବା କରୁଥିବା ଡାକ୍ତରଙ୍କ ପ୍ରେମରେ ରୋଗୀଟି ପଡ଼ିଯିବା ଦୃଷ୍ଟାନ୍ତ ରହିଛି। ଏହାକୁ ନେଇ ଗଳ୍ପ, ଉପନ୍ୟାସ, କବିତା ଆଦି ଲେଖାଯାଇଛି। ହିନ୍ଦୀ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ଏହି ପ୍ରସଙ୍ଗ ଆଧାରିତ ଚଳଚ୍ଚିତ୍ର ମଧ୍ୟ ରହିଛି। କିନ୍ତୁ ରୋଗୀଟିଏ ହାତରେ ଏମିତି ଅମାନୁଷିକ ଭାବରେ ଡାକ୍ତରଙ୍କ ଜୀବନ ଯିବାର ଦୃଷ୍ଟାନ୍ତ ନ ଥିଲା। ରୋଗୀଟି ପାଗଳ ଥିଲା ସତ, କିନ୍ତୁ ଏମିତି ପାଗଳ ନ ଥିଲା ଯାହା ପ୍ରତି ଅନ୍ୟମାନଙ୍କ ମନରେ ସମବେଦନା ସୃଷ୍ଟି ହେବ। ଅତିଶୟ ଡ୍ରଗ୍ସ ସେବନଜନିତ ଉଦ୍‌ଭ୍ରାନ୍ତ ଯୁବକଟିଏ ସେ ଥିଲା। ଘର ପରିବାରର ସଦସ୍ୟମାନେ ତା’ ଦୌରାତ୍ମ୍ୟରେ ଅତିଷ୍ଠ ହୋଇଯାଇଥିଲେ। ଶେଷରେ ନିରୁପାୟ ହୋଇ ସେମାନେ ତାକୁ କାବୁକରି ଥାନାରେ ଦେଇଥିଲେ। ସେହି ଧସ୍ତାଧସ୍ତି ଭିତରେ ଯୁବକଟିର ଗୋଡ଼ରେ ଗଭୀର ଆଘାତ ହୋଇଥିଲା। କ୍ଷତର ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଥିବା ବେଳେ ଜୁନିୟର ଡାକ୍ତର ବନ୍ଦନା ଦାସ ତା’ର ଅପରେଶନ କରୁଥିଲେ। ପାଗଳ ଜଣକ ହଠାତ୍ ତାଙ୍କ ହାତରୁ କଇଞ୍ଚି ଛଡ଼ାଇନେଇ ତାଙ୍କୁ ଆକ୍ରମଣ କରିଥିଲା। ସେହି ଆକ୍ରମଣରେ ପ୍ରାଣ ହରାଇଥିଲେ ପଚିଶ ବର୍ଷର ଯୁବ ଡାକ୍ତର ବନ୍ଦନା। ଏଥିସହ ଆଉ କେତେଜଣ ଡାକ୍ତରଖାନାର କର୍ମଚାରୀ ମଧ୍ୟ ଗୁରୁତର ହେବା ଅତ୍ୟନ୍ତ ମର୍ମଦାହି ଖବର। ସବୁଠାରୁ କ୍ଷୋଭର ବିଷୟ ଚିକିତ୍ସା ପାଇଁ ଅଣାଯାଇଥିବା ଏପରି ଉନ୍ମତ୍ତ ରୋଗୀଟି ହାତରେ ହାତକଡ଼ି ନ ଥିଲା କି ପାଖରେ ପୋଲିସ ମଧ୍ୟ ନ ଥିଲା।



ଏହି ଘଟଣା ଆମକୁ ସାମ୍ପ୍ରତିକ ସମାଜର ଦୁଇଟି ସମସ୍ୟା ଉପରେ ଗଭୀର ଭାବରେ ଚିନ୍ତା କରିବାର ଅବସର ଦେଇଛି। ଡାକ୍ତରଖାନା ପରିସରରେ ଡାକ୍ତରମାନଙ୍କ ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା। ଡାକ୍ତରଙ୍କ ଜୀବନ ଏବେ ଅସୁରକ୍ଷିତ। ଅପରପକ୍ଷେ ଯୁବପିଢ଼ିକୁ କ୍ରମେ କବଳିତ କରୁଥିବା ନିଶା ରାକ୍ଷସ। କେବଳ ଅଫିମ, ଗଞ୍ଜେଇ, ମଦ ଭିତରେ ନିଶା ସୀମିତ ହୋଇ ରହିନାହିଁ। ବ୍ୟାପିଗଲାଣି ହେରୋଇନ, ଚରସ, ମାରିଜୁଆନା ପରି ବିଭିନ୍ନ ପ୍ରାଣଘାତକ ବିଷ। ସେହି ବିଷ ବଳୟ ଏବେ ଆମ ବର୍ତ୍ତମାନ ଓ ଭବିଷ୍ୟତକୁ ସନ୍ତ୍ରସ୍ତ କରି ରଖିଛି। ଆମ ଅର୍ଦ୍ଧାଧିକ ଯୁବଶକ୍ତି ଆତ୍ମପ୍ରତ୍ୟୟ ହୀନ ହୋଇ ଅବସାଦ ଜୀବନ ବଞ୍ଚୁଥିବା ବେଳେ ଆଉ କେହି ନିଶାଗ୍ରସ୍ତ ହୋଇ ରହୁଛନ୍ତି। କେହି କେହି ଆତ୍ମହତ୍ୟା ପଥ ବାଛିନେଉଛନ୍ତି। ଯେଉଁମାନେ ନିଶାଗ୍ରସ୍ତ ହୋଇ ରହୁଛନ୍ତି ସେମାନେ କେବଳ ନିଜ ପାଇଁ ଦୁର୍ଭୋଗ ଆହ୍ୱାନ କରୁନାହାନ୍ତି ସମାଜ ପାଇଁ ଅଭିଶାପ ପାଲଟିଯାଉଛନ୍ତି। ଲୋକଲଜ୍ଜା ଭୟରେ ନାନାଦି ମନସ୍ତାପ ଭିତରେ କାଳାତିପାତ କରୁଥାନ୍ତି। ପରିବାରର ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡୁଛି। ସ୍କୁଲ କଲେଜ କାର୍ଯ୍ୟାଳୟଗୁଡ଼ିକରେ ଯେତେସବୁ ଯୌନ ନିର୍ଯାତନା ଅଭିଯୋଗ ଆସେ ତାହା ପ୍ରାୟତଃ ନିଶାଗ୍ରସ୍ତମାନଙ୍କ ଦ୍ୱାରା ହୋଇଥାଏ। ରାସ୍ତା ଦୁର୍ଘଟଣା ତନବେ ପ୍ରତିଶତ ନିଶାଗ୍ରସ୍ତମାନଙ୍କ ଦ୍ୱାରା ହୋଇଥାଏ।

ଏବେ ଆମ ଆଗରେ ସବୁଠାରୁ ବଡ଼ ସମସ୍ୟା ହୋଇଛି ନିଶାପାନଜନିତ ମାନସିକ ବିକୃତି। ଏହି ଅବସ୍ଥାରେ ସେମାନେ ଯେକୌଣସି ଅପରାଧ କରିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି। ଏବେ ସହରଠାରୁ ଆରମ୍ଭକରି ମଫସଲ ପଲ୍ଲୀ ପର୍ଯ୍ୟନ୍ତ ସବୁଠାରେ ଡ୍ରଗ୍ସ ନିଶା ବ୍ୟାପିଗଲାଣି। ଏହି ବିଷ ଶାରୀରିକ ଓ ମାନସିକ ଉଭୟ ସ୍ତରରେ ସେମାନଙ୍କୁ ନିର୍ବେଦ ନିଷ୍କ୍ରିୟ କରିଦିଏ। ଅନ୍ତିମ ପରିଣତି ମାନସିକ ଭାରସାମ୍ୟ ନଷ୍ଟ। ମାନସିକ ଚିକିତ୍ସାଳୟକୁ ଯେତେ ରୋଗୀ ଆସୁଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶ ଡ୍ରଗ୍ସଗ୍ରସ୍ତ ଯୁବକ। ଅସହାୟ ଅଭିଭାବକମାନଙ୍କର ଶେଷ ଆଶା ଭରସାର ସ୍ଥଳ ଏବେ ପାଗଳଖାନା।

ତେବେ ଏଇଠି ପ୍ରଶ୍ନ ଉଠେ ଏଥିପାଇଁ ଆମେ କାହାକୁ ଦାୟୀ କରିବା ? ଆମେ ଅଭିଭାବକମାନେ ପିଲାମାନଙ୍କଠାରୁ ଏତେ ବେଶି ପ୍ରତ୍ୟାଶା ରଖୁଛୁ ଯେ ତାହା ସେମାନଙ୍କୁ ଚାପଗ୍ରସ୍ତକରି ରଖୁଛି। ତା’ର ପ୍ରତିକାର ସ୍ୱରୂପ ସେମାନେ ଡ୍ରଗ୍ସର ଆଶ୍ରୟ ନେଉଛନ୍ତି। ପିଲାଙ୍କୁ ଗଢ଼ିବା ବେଳେ ସ୍ନେହ,ପ୍ରେମ, ଆଦର ପରିବର୍ତ୍ତେ ଟଙ୍କା ପଇସାରେ ଗଢୁଛୁ। ସେମାନେ ଯେତେବେଳେ ଆମ ସାନ୍ନିଧ୍ୟ ଚାହୁଁଥିଲେ ଆମେ ତାଙ୍କୁ ଆୟା ପାଖରେ ଛାଡ଼ି ଅର୍ଥ ରୋଜଗାର କରିବା ପାଇଁ ଧାଇଁଲୁ। ସେମାନଙ୍କ ନିଃସଙ୍ଗ ଜୀବନ ଯେତେବେଳେ କୁସଙ୍ଗରେ ପଡ଼ି ନଷ୍ଟ ହେଉଥିଲା ଆମେ ଅଣଦେଖା କରୁଥିଲୁ। ଏବେ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ ସୋରିଷ ପରି ସମସ୍ୟା ଆମ ଆଗରେ ପର୍ବତ ଆକୃତିରେ ଆଗୋଳି ବସିଛି। ଏଥିରୁ ନିସ୍ତାର ହେବା ପାଇଁ ସର୍ବସ୍ତରୀୟ ପ୍ରଚେଷ୍ଟା ଆବଶ୍ୟକ।

ମୋ –୯୪୩୭୦୩୩୦୭୪

## ଏଇ ଭାରତରେ

ଆଦିବାସୀ ଗ୍ରାମ୍ୟଜୀବନର ଉତ୍କୃଷ୍ଟ କଳା ଧୀରେ ଧୀରେ ଲୋପ ପାଇଯାଉଛି। ଏହାର ସଂରକ୍ଷଣ ପାଇଁ ସରକାରୀ ସ୍ତରରେ ଚେଷ୍ଟା କରାଯାଉଥିବା ବେଳେ ଏ କ୍ଷେତ୍ରରେ ଜଣେ ଆଦିବାସୀ ମହିଳାଙ୍କ ଅବଦାନ ପ୍ରଶଂସନୀୟ। ମଧ୍ୟପ୍ରଦେଶର ଭିଲାଲ ଆଦିବାସୀ ସମୁଦାୟର ମହିଳା ସାକ୍ଷୀ ଭୟଡିଆ ଗ୍ରାମ୍ୟ କଳାକୁ ଉଜ୍ଜୀବିତ କରିଛନ୍ତି। ଆଲିରାଜପୁର ଜିଲା ଜୋବଟ ତହସିଲର ସାକ୍ଷୀ ଏକ ଟ୍ରାଇବାଲ ଆର୍ଟ ଗ୍ୟାଲେରି ପ୍ରତିଷ୍ଠା କରି ତା’ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଇନ୍ଦୋରରେ ଏହି ଆର୍ଟ ଗ୍ୟାଲେରି ଚଳାଉଛନ୍ତି। ନିଜ ସମ୍ପର୍କୀୟ ଓ ବନ୍ଧୁମାନଙ୍କଠାରୁ ପାଣ୍ଠି ଯୋଗାଡ଼ କରି ପ୍ରଥମେ ଏହି ଆର୍ଟ ଗ୍ୟାଲେରି ଗଠନ କରିଥିଲେ ଏବଂ ଏବେ ଏହା କଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିପାରିଛି। ସାକ୍ଷୀ ବିଭିନ୍ନ ଆଦିବାସୀ କଳା ପରମ୍ପରାକୁ ଆର୍ଟ ମାଧ୍ୟମରେ ସାରା ଦେଶରେ ନୂଆ ପରିଚୟ ଦେବାରେ ଲାଗିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ହସ୍ତକଳା ବେଶ୍ ପ୍ରଶଂସିତ ହେଉଛି। ତାଙ୍କ ପ୍ରଚେଷ୍ଟାରେ ଗାଁର ପିଥୋରୀ କଳାକୁ ନୂଆ ପରିଚୟ ବି ମିଳିପାରିଛି। ଦେଶର ସବୁଆଡେ ଆୟୋଜିତ ପ୍ରଦର୍ଶନୀରେ ଭାଗ ନେଇ ତାଙ୍କ ଦ୍ୱାରା ପ୍ରସ୍ତୁତ ଆଦିବାସୀ ଚିତ୍ରକଳା ଓ ହସ୍ତକଳାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରୁଛନ୍ତି। ଏହି କାର୍ଯ୍ୟରେ ସେ ୧୦ ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତ।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୯୮

- ପରମାଣୁ ପରୀକ୍ଷା କରିବା ପରେ ପ୍ରତିକ୍ରିୟା ସ୍ୱରୂପ ବିଶ୍ୱବ୍ୟାଙ୍କ ପକ୍ଷରୁ ଭାରତକୁ ପ୍ରଦାନ କରାଯିବାକୁ ଥିବା ୮୬୫ ନିୟୁତ ଡଲାର ଋଣ ସ୍ଥଗିତ।
- ଫେରା ଉଲ୍ଲଂଘନ ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କିଷ୍ଟକୁମାର ଗିରଫ।
- ସଚିବାଳୟ ଅମଲାସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ପୋଲିସ ଦ୍ୱାରା ଗିରଫ ୮ ଜଣ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରିବା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଘରୋଇ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଅର୍ଥର ସୁବିନିଯୋଗ ହେଉ

ମହାଶୟ,

୨୦୧୪ ପରଠାରୁ ରାଜ୍ୟର ପ୍ରତିଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ବିଭିନ୍ନ ସ୍କିମ୍‌ରେ ପ୍ରଚୁର ଅର୍ଥ ଆସୁଛି। ଏହି ଅର୍ଥ ଖର୍ଚ୍ଚ କରିବା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ପ୍ରଧାନଶିକ୍ଷକଙ୍କ ଉପରେ ଛାଡ଼ି ଦିଆଯାଉଛି ; ଯାହାକି କେତେକ ଅସାଧୁ ପ୍ରଧାନଶିକ୍ଷକ ନିଜର କିରାଣି ସହିତ ଫଲ୍‌ସ୍ ଭାଉଚର କରି କ୍ଲିଅରାନ୍ସ ଡିଇଓ ଅଫିସରେ ଦାଖଲ କରାଯାଉଛି। ବିଦ୍ୟାଳୟ ଅଡିଟ୍ ହେଲେ, ପ୍ରଧାନଶିକ୍ଷକ ଫଲସ୍ ଭାଉଚର ଦେଖାଇ ଖସି ଯାଉଛନ୍ତି। କେତେକ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସୁଥିବା ମଧ୍ୟାହ୍ନଭୋଜନର ଅର୍ଥ ଓ ଚାଉଳ ଚୋରାରେ ବିକ୍ରି କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା କିରାଣିମାନେ ମାଲାମାଲ ହେଉଥିବା ବେଳେ ସ୍କୁଲଗୁଡ଼ିକର ଅବସ୍ଥା ସୁଧୁରୁନାହିଁ। ଏବେ ପ୍ରଧାନଶିକ୍ଷକମାନଙ୍କୁ ସରକାର ମୋଟା ଦରମା ଦେଉଥିଲେ ସେମାନେ ଅନେକ ଦୁର୍ନୀତି କରି ବି ସରକାରଙ୍କ କୋହଳ ନୀତି ପାଇଁ ବର୍ତ୍ତି ଯାଉଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସୁଥିବା ଅର୍ଥ ଓ ମଧ୍ୟାହ୍ନଭୋଜନର ତଦାରଖ ପାଇଁ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ଏହାର ତଦାରଖ କରି ଅର୍ଥ ତୋସରପାତ କରୁଥିବା ପ୍ରଧାନଶିକ୍ଷକମାନଙ୍କୁ ଦଣ୍ଡିତ କଲେ କେତେକ ମାତ୍ରାରେ ବିଦ୍ୟାଳୟଗୁଡ଼ିକରେ ହେଉଥିବା ଦୁର୍ନୀତି ରୋକାଯାଇ ପାରନ୍ତା।

–କମଳାକାନ୍ତ ଓଝା, ବସନ୍ତପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଷ୍ଣୁ ଦ୍ୟୁତି



@ ଅମରଜିତ୍



@ କାହ୍ନା



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଫିସରଙ୍କୁ ସୁରକ୍ଷା, ଜିଲା ପରିଷଦ ସଭ୍ୟ ଅସୁରକ୍ଷିତ

- ନୟାଗଡ଼ ଜିଲା ପରିଷଦର ୪ର୍ଥ ସାଧାରଣ ଅଧିବେଶନ
- ବୈଠକରେ ଉଦ୍‌ବେଗ, ପ୍ରତିବାଦ, ଅସନ୍ତୋଷ

ନୟାଗଡ଼ ଅଫିସ,୨୬।୫

ନୟାଗଡ଼ ଜିଲା ପରିଷଦର ୪ର୍ଥ ସାଧାରଣ ଅଧିବେଶନ ସୃଜନୀ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଯୋଗ ଦେଇଥିଲେ। ତେବେ ବୈଠକରେ ଜିଲା ପରିଷଦ ସଭ୍ୟମାନେ ଉଦ୍‌ବେଗ ଓ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଅଫିସରଙ୍କୁ ସୁରକ୍ଷା ଦିଆଯାଉଛି। ଅଫିସରଙ୍କୁ ସୁରକ୍ଷା ଦେଉ ଦେଉ ଜିଲା ପରିଷଦ ସଭ୍ୟମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ସେମାନଙ୍କର ସମ୍ମାନ ରହୁନି। ନିଜ ଭୋଟରଙ୍କ ପାଇଁ କାମ କରି ପାରୁ ନାହାନ୍ତି। ବନ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ପରି ଅନେକ ବିଭାଗ ତଥ୍ୟ ଦେଉନାହାନ୍ତି। ବିଡିଓମାନେ ସହଯୋଗ କରୁନାହାନ୍ତି। ରାଜ୍ୟ ୫ମ ଅର୍ଥ କମିଶନ ଅନ୍ତର୍ଗତ ସହାୟକ ଅନୁଦାନ ବଣ୍ଟନରେ ଜିଲା ପରିଷଦ ସଭ୍ୟ ଜାଣୁନାହାନ୍ତି। ବୈଠକକୁ ଜିଲାସ୍ତରୀୟ ଅଧିକାରୀ ଆସୁନାହାନ୍ତି। ବନ ବିଭାଗର ଦୁର୍ନୀତି ତଦନ୍ତ ପରେ ବି ଲୁଚିଗଲା। କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସବୁକ୍ଷେତ୍ରରେ ଜିଲା ପରିଷଦ ସଭ୍ୟ ଅବହେଳିତ ଓ ଉପେକ୍ଷିତ ହୋଇ ପଡୁଛନ୍ତି। ପରିସ୍ଥିତି ଏଭଳି ହୋଇଥିଲା ସଭ୍ୟମାନଙ୍କର ପ୍ରଶ୍ନ ବାଣରେ ଜିଲାପାଳ, ପିଡି ଡିଆରଡିଏ ଓ ଜିଲାପାଳ ନୀରବ ହୋଇଯାଇଥିଲେ। ଆଲୋଚନାରେ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ବସନ୍ତ ପ୍ରଧାନ, ସଞ୍ଜୁକ୍ତା ପଡ଼ିଆରୀ, ସୁଶାନ୍ତ ସାହୁ, ବିଜୟ ସାମନ୍ତରାୟ, ଧର୍ମେନ୍ଦ୍ର ଧଳ, ଲୋକନାଥ ସାହୁ ଭାଗ ନେଇଥିଲେ।




ସାଧାରଣ ଅଧିବେଶନରେ ବିଧାୟକ ଅରୁଣ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅନ୍ୟମାନେ।

### ବିଧାୟକ ଉତ୍ତର ରଖିଲେ

ଗୃହରେ ଜିଲା ପରିଷଦ ସଭ୍ୟମାନେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରୁଥିବାବେଳେ ବିଭାଗଗୁଡ଼ିକ ଅବ୍ୟବସ୍ଥାର ଗୁମର ଖୋଲୁଥିଲେ। ତେବେ ଜିଲା ପରିଷଦଙ୍କର ପ୍ରଶ୍ନର ଉତ୍ତର ଜିଲାପାଳ କି ଜିଲା ପରିଷଦର ନିର୍ବାହୀ ଅଧିକାରୀ ଦେବା ପୂର୍ବରୁ ସବୁ କ୍ଷେତ୍ରରେ ନୟାଗଡ଼ ବିଧାୟକ ହସ୍ତକ୍ଷେପ କରି ବୁଝାଉଥିବା ଦେଖିବାକୁ ମିଳୁଥିଲା। ଜିଲା ପରିଷଦ ସଭ୍ୟମାନଙ୍କୁ ଗୃହରେ କିପରି ପ୍ରଶ୍ନ ପଚରାଯିବ, କିପରି ଗୃହ ଶୃଙ୍ଖଳାର ସହ ଚାଲିବ ଏପରି ଅନେକ କିଛି ପାଠ ପଢ଼ାଇଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ସଭ୍ୟମାନଙ୍କର ଅଧିକାର, କର୍ତ୍ତବ୍ୟ ବିଷୟରେ କହୁ କହୁ ସଭ୍ୟମାନେ କିଭଳି ଅପଦସ୍ତ ଓ ଅସୁରକ୍ଷିତ ହୋଇପଡିଛନ୍ତି କହିବା ପରେ ଗୃହର ସ୍ଥିତି ବଦଳି ଯାଇଥିଲା। ବିଧାୟକ ନୀରବ ରହି ଚାଲି ଯାଇଥିଲେ। ତେବେ ଜିଲା ପରିଷଦ ବୈଠକର ଆଭ୍ୟନ୍ତରୀଣ ପ୍ରସଙ୍ଗ ନ ଛାପିବାକୁ ଗଣମାଧ୍ୟମ ପ୍ରତିନିଧି କୁହାଯାଇଥିଲା।

### ରୁଦ୍ଧଦ୍ୱାର ବୈଠକ

ଜିଲା ପରିଷଦ ବୈଠକରେ ସଭ୍ୟମାନେ ଗୁହାଳ ଯୋଜନା, ବନ ବିଭାଗର ଦୁର୍ନୀତିପରି ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାର ବିଭାଗୀୟ ଅଧିକାରୀମାନଙ୍କୁ ଅପଦସ୍ତ କରୁଥିଲେ। ଜିଲା ପରିଷଦ ସଭ୍ୟ ରାମେଶ୍ୱର, ବିଧାୟକ ସାହୁ, ଜିଲାପାଳ ଶୌଚାଳୟକୁ ଯାଇ ଉଦ୍ଭ୍ରାନ ହୋଇଯାଇଥିଲେ। ପ୍ରାୟ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ରାମେଶ୍ୱର ଓ ଜିଲାପାଳ ଫେରି ଥିଲେ। ବିଧାୟକ ଆଉ ଫେରି ନ ଥିଲେ। ଗୃହରେ ଚାଲିଥିବା ଶୀତଳ ଯୁଦ୍ଧର ପରିସମାପ୍ତି ନେଇ ରୁଦ୍ଧଦ୍ୱାର ବୈଠକ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ବୈଠକକୁ ଫେରିବା ପରେ ସଭ୍ୟ ରାମେଶ୍ୱରଙ୍କ ପ୍ରଶ୍ନ ବାଣ ଶିଥିଳ ହୋଇ ଯାଇଥିବାରୁ ରୁଦ୍ଧଦ୍ୱାର ବୈଠକ କିଛିକାଂଶରେ କାମ ଦେଇଛି ବୋଲି ଚର୍ଚ୍ଚା ହୋଇଥିଲା।

### ଧାରଣା ଧମକ ଦେଲେ ଚେୟାରମ୍ୟାନ

ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରାଙ୍କୁ ଅଣଦେଖା କରାଯାଉଥିବାବେଳେ ତାଙ୍କ କ୍ଷମତାଙ୍କୁ ସଙ୍କୁଚିତ କରି ଦିଆଯାଉଛି ବୋଲି ସେ ଉଦ୍‌ବେଗ ପ୍ରକାଶ କରି ଧାରଣା ଦେବାକୁ ଧମକ ଦେଇଥିଲେ। ରଣପୁର ବିଡିଓ, ଉପାଧ୍ୟକ୍ଷଙ୍କୁ ଗୁରୁତ୍ୱ ଦେଇ ଅଯଥାରେ ବିଶୃଙ୍ଖଳା ସୃଷ୍ଟି କରାଯାଉଛି। ଅଧ୍ୟକ୍ଷାଙ୍କ ଅଜ୍ଞାତରେ ବିଲ୍ ପାସ୍ ହୋଇଯାଉଛି। ଏଣୁ ବ୍ଲକରେ ବିକାଶମୂଳକ କାର୍ଯ୍ୟ କରିବା କାଠିକର ପାଠ ହୋଇପଡୁଛି। ଜିଲା ପରିଷଦ ଅଧ୍ୟକ୍ଷ ଓ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଭିଯୋଗ ଶୁଣି ଏହାର ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ଆଶ୍ୱସନା ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଆଲୋଚନାରେ ଭାଗ ନେଇ ଅଡୁଆରେ

ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଜିଲା ପରିଷଦ ବୈଠକ ଚର୍ଚ୍ଚାରେ ଭାଗ ନେବାରୁ ଅଡୁଆରେ ପଡ଼ିଥିଲେ। ତାଙ୍କୁ ଅନେକ ସଭ୍ୟ ବିରୋଧ କରି କହିଥିଲେ ଗୃହରେ କ'ଣ ଭାଇସ ଚେୟାରମ୍ୟାନ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ପାରିବେ। ନିୟମ ରହିଛି ବ୍ଲକ ଚେୟାରମ୍ୟାନ ଜିଲା ପରିଷଦ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇ ପାରିବେ। ଗୃହର ନୀତିନିୟମ ଠିକ୍‌ରେ ଚାଲୁ ନ ଥିବାରୁ ଏ ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ଏ ଦିଗରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଜିଲା ପରିଷଦ ସଭାପତି ବକ୍ତବ୍ୟ ରଖିଥିଲେ।

# ରାସ୍ତା ନ ଦେବାରୁ ପ୍ରତିବାଦ

## ଗୋଚର ଜମିରେ ଆରଆଇ ଅଫିସ ନିର୍ମାଣ

**ନୟାଗଡ଼ ଅଫିସ,୨୬।୫:** ନୟାଗଡ଼ ବ୍ଲକ ଲେଙ୍କୁଡ଼ପଡ଼ାର ୪୯୪ ପ୍ଲଟ ଗୋଚର ଜମିରେ ଆରଆଇ ଅଫିସ ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ନିକଟରେ ରହୁଥିବା ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପରିବାରକୁ ଯାତାୟାତ ପାଇଁ ସ୍ଥାନ ଛଡ଼ା ଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ରାସ୍ତା ଛାଡ଼ି କାର୍ଯ୍ୟ କରିବାକୁ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକ ଜିଲାପାଳ, ତହସିଲଦାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଆର୍‌ଆଇ ଅଫିସ ନିର୍ମାଣକୁ ବିରୋଧ କରାଯାଉ ନ ଥିଲେ ହେଁ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ହଇରାଣ ନ କରିବାକୁ ଅନୁରୋଧ କରାଯାଇଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ଦଶପଲ୍ଲା ୨୬।୫(ଡି.ଏନ.ଏ.)

ଦଶପଲ୍ଲା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଝଡ଼ ତୋଫାନ ସହ ପ୍ରବଳ ବର୍ଷା ମଧ୍ୟ ହୋଇଥିଲା। ଝଡ଼ ତୋଫାନ ଯୋଗୁ ବିଭିନ୍ନ ଅଞ୍ଚଳରେ ବହୁ ଗଛ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଟାକେରା ଅଞ୍ଚଳରେ ଏହାର ପ୍ରଭାବ ଅଧିକ ପରିମାଣରେ ରହିଥିଲା। ଟାକେରା ହାଇସ୍କୁଲ ପରିସରରେ ଏକ ବିରାଟ ଗଛ ଉପୁଡ଼ି ପଡ଼ି ସ୍କୁଲ ବାଟରେ ପଡ଼ିଥିଲା। ସ୍କୁଲ ପ୍ରଧାନ ଶିକ୍ଷକ ଲୋକ ଲଗାଇ ରାସ୍ତାରୁ ଗଛକୁ ହଟାଇ ଦେଇଥିଲେ।



ସ୍କୁଲ ପରିସରରେ ଭାଙ୍ଗିପଡ଼ିଥିବା ଗଛ।

# ଠାକୁରଙ୍କ ଆଜ୍ଞାମାଳ କଳାକାର ଆଣିଲେ

**ଖଣ୍ଡପଡ଼ା,୨୬।୫(ସ୍ୱ.ପ୍ର):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ ବାପୁଜୀନଗର କଂସାରିସାହି ପାଟଣା ରଘୁନାଥଜୀଉ ନାଟ୍ୟ ସମିତି ପକ୍ଷରୁ ଶୁକ୍ରବାରଠାରୁ ରାମଲୀଳା ଆରମ୍ଭ ହେଉଛି। ଉକ୍ତ କାର୍ଯ୍ୟକ୍ରମ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ତେବେ ରାମଲୀଳା କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିପାଇଁ କଳାକାରମାନଙ୍କ ସମେତ ନାଟ୍ୟ ସମିତିର କର୍ମକର୍ତ୍ତାମାନେ ଶୁକ୍ରବାର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବଙ୍କ ନିକଟକୁ ଆଶୀର୍ବାଦ ଭିକ୍ଷା କରିବା ସହ ପୂଜାର୍ଚ୍ଚନା ପରେ ଠାକୁରଙ୍କ ଆଜ୍ଞାମାଳ ଗ୍ରହଣକରି ସମସ୍ତ କର୍ମକର୍ତ୍ତା, କଳାକାର ଫେରିଥିଲେ। ଅନୁଷ୍ଠାନର ନାଟ୍ୟ ପରିଚାଳନା ସଭାପତି ହୃଷୀକେଶ ମିଶ୍ର, ସମ୍ପାଦକ ଭିକାରୀ ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରାମଲୀଳା କାର୍ଯ୍ୟକ୍ରମକୁ ନିର୍ବିଘ୍ନରେ ସମ୍ପାଦନ କରିବାକୁ ଗ୍ରାମବାସୀ ତଥା ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି। ୨୬ତାରିଖ ପ୍ରଥମ ରାତ୍ରିର କାର୍ଯ୍ୟକ୍ରମ ତାଡ଼କା ବଧ, ଅହଲ୍ୟା ଉଦ୍ଧାର ଓ ମିଥିଳା ଗମନ, ୨୭ ତାରିଖରେ ଶିବଧନୁ ଭଗ୍ନ ଓ ସୀତା ବିବାହ, ୨୮ ତାରିଖରେ ପର୍ଶୁରାମ ଭେଟ ଓ ଶ୍ରୀରାମଙ୍କ ବନବାସ, ୨୯ ତାରିଖରେ ସୂପର୍ଣଖା ନାସା କର୍ଣ୍ଣ ଛେଦନ ଓ ସୀତା ଚୋରି, ୩୦ ତାରିଖ ଉଦ୍‌ଯାପନୀ ରାତ୍ରରେ କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଓ ରାବଣ ବଧ ଏବଂ ଶ୍ରୀରାମଙ୍କ ଅଭିଷକେ ଉତ୍ସବ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସାହୁ ସୂଚନା ଦେଇଛନ୍ତି।

### ବାପୁଜୀନଗର ରାମଲୀଳା



କଳାକାରମାନେ ରାମ ଲୀଳା ପାଇଁ ଆଜ୍ଞାମାଳ ଆଣି ଆସୁଛନ୍ତି।

**Tender Notice**

**BAIF Institute for Sustainable Livelihoods and Development**
Invites sealed quotations from reputed vendors for solar based lift irrigation systems at Angul, Jharsuguda, Sambalpur and Sundargarh.
Refer **www.baif.org.in** for details.
L4, Saraswati Enclave, Dhankuada Sambalpur-768006, Ph. 7894418530

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: (i) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୧୨ ଏବଂ (ii) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୧୩, ତା: ୨୪।୦୫।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛି, ଯାହାକୁ ସେହିଦିନ ୧୨.୩୦ ଘଟିକାରେ ଖୋଲାଯିବ । କ୍ର.ସଂ. (i) କାର୍ଯ୍ୟର ବର୍ଣ୍ଣନା: ବେତନଟୀ-ଭଞ୍ଜପୁର-ବାଙ୍ଗିରିପୋଷୀ ମଧ୍ୟରେ ମ୍ୟାନ୍ଡ ଏଲ୍‌ସି ନଂ.ଆର୍‌ବି-୩୭, ଆର୍‌ବି-୪୦ ଏବଂ ଆର୍‌ବି-୪୪ ବଦଳରେ ଏଲ୍‌ଏଚ୍‌ଏସ୍‌ର ନିର୍ମାଣ ନିମନ୍ତେ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୩୮,୦୮,୨୧୬.୨୪ । ଇ.ଏମ୍.ଡି.: ₹୭୬,୨୦୦ । ଖୋଲାଯିବା ତାରିଖ: ୨୧।୦୬।୨୦୨୩ । ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ । କ୍ର.ସଂ.- (ii) । କାର୍ଯ୍ୟର ବର୍ଣ୍ଣନା: ଭଞ୍ଜପୁର-ବାଙ୍ଗିରିପୋଷୀ ମଧ୍ୟରେ ମ୍ୟାନ୍ଡ ଏଲ୍‌ସି ନଂ. ଆର୍‌ବି-୪୭, ଆର୍‌ବି-୪୮ ଓ ଆର୍‌ବି-୫୯ ବଦଳରେ ଏଲ୍‌ଏଚ୍‌ଏସ୍‌ର ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୩୯,୧୧,୧୦୫.୭୪ । ଇ.ଏମ୍.ଡି.: ₹୭୮,୨୦୦ । ଖୋଲାଯିବା ତାରିଖ: ୨୧।୦୬।୨୦୨୩ । ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ । ସମାପ୍ତି ଅବଧି: ଉଭୟ କ୍ର. ସଂ. (i) ଓ (ii) ପାଇଁ ୦୬ (ଛଅ) ମାସ, ସ୍ୱୀକୃତି ପତ୍ର ଜାରି ହେବା ତାରିଖଠାରୁ । ଦାଖଲ ତାରିଖ: କ୍ର.ସଂ. (i) ଓ କ୍ର.ସଂ. (ii) ପାଇଁ ତା୨୧।୦୬।୨୦୨୩ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-210)

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-749 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2813/RE/OSIC Dt.25.05.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Construction of Smart Crematorium of Malkangiri at-Malkangiri"**. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.
Sd/-
GENERAL MANAGER(O)
OIPR-14073/11/0024/2324

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/PPP/ISBTJsr/538 Date: 26th May, 2022
Tender ID: - 2023_UDD_70371_1 PR No.: 296107

**Corrigendum- 1**

All bidders are hereby announced that Corrigendum- 1 is released for tender having details as mentioned above for **"Development of Inter-State Bus Terminal at Jamshedpur in Jharkhand on PPP Basis"**. The bidders are advised to consider the same before submission of their bids against the tender.

Note: Corrigendum- 01 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

PR 298442 Urban Development and Housing(23-24)D
Sd/-
Project Director (Technical)
JUIDCO Ltd., Ranchi

GOVT. OF ODISHA No.O-162:
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**
Ph:06670-235504, E-mail: serwbpt@yahoo.com
Bid Identification No.BPT/Online-03/2023-24, Date:24.05.2023
NOTICE INVITING TENDERS FOR BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-PROCUREMENT

1. Name of the Work: Construction of Bridge Works under Biju Setu Yojana in the District of Kalahandi and Nuapada.
2. No. of Works: 02 Nos.
3. Location details: Kalahandi and Nuapada District.
4. Estimated Cost: As per NIT.
5. Period of Completion: As per NIT.
6. Cost of tender paper : Rs.10,000/- per set.
7. Other details:

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 05.06.2023 11.00 A.M. | 19.06.2023 5.00 P.M. | 17.06.2023 | 21.06.2023 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0005/2324

**OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL**
No.1543 Dt.23.05.2023
**ADVERTISEMENT FOR RE-ENGAGEMENT OF RETIRED MINISTERIAL EMPLOYEES**

**No.B-256:** Applications are hereby invited by the undersigned from the interested retired Class-III & Class-IV employees having good service records for recruitment into various similar posts. The applicants must be Physically & Mentally fit with adequate knowledge and experience. They must not be above the age of 64 years as on the date of issue of this advertisement for re-engagement against the vacant posts on consolidated remuneration basis as OSD under Dhenkanal (R&B) Circle for a period of 02 (Two) years or till the vacancies are filled up by regular process whichever is earlier. Such re-engagement shall be governed by the procedure and rules laid down vide Government of Odisha, G.A. Department Resolution No. 23750/Gen dt. 27.08.2014. The monthly consolidated remuneration of re-engagement Ministerial Employees will be fixed as per Para-2 of Finance Department office memorandum No. 24533/F dt. 29.09.2022. The application form and related Government Orders are available in Odisha Works Department Website.
The interested candidates shall apply to the Chief Construction Engineer, Dhenkanal (R&B) Circle, Dhenkanal, in the prescribed format duly filled in and signed through Registered Post / Speed Post so as to reach office of the Chief Construction Engineer, Dhenkanal (R&B) Circle, Dhenkanal on or before 12.06.2023.
Incomplete applications shall be rejected without any notice, the undersigned reserves the right to cancel or reject any or all the applications without assigning any reason thereof.
**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
OIPR-34132/11/0006/2324

**OFFICE OF THE SUPERINTENDING ENGINEER RWS&S DIVISION, BALASORE**
Tel: 06782-262249, Fax: 262931,
email: eerwss_bls@nic.in, eerwssbls@gmail.com.
NATIONAL COMPETITIVE BIDDING THROUGH e-Tendering
Identification No. 07 / 2022-23 Dt. 25.05.2023

**No.O-166:** The Superintending Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.
1. Nos. of Work :7 Nos Clubbed up RPWS Schemes in Balasore district.
2. Estimated cost : Rs. 21.66 lakhs to Rs. 433.76 lakhs
3. Period of completion: 330 days
4. Availability of bid document in Portal: Dt. 01.06.2023 at 10.00 hours to 16.06.2023 up to 17.00 hours through online.
5. Seeking of Clarification : Dt.03.06.2023 at 10.00 hours to Dt.12.06.2023 upto 15.00 hours
6. Date of opening of Bid : Dt. 17.06.2023 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender : Superintending Engineer, RWS&S Division, Balasore

Bid Cost will be receipt through electronic payment by NEFT / RTGS. Further details can be seen from the e-Procurement Portal: http://tendersodisha.gov.in.
Sd./- SUPERINTENDING ENGINEER,
RWS&S DIVISION, BALASORE
OIPR-25013/11/0003/2324

GOVT. OF ODISHA No.B-254:
**OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR**
Phone:0680-2281582, e-mail:ccescbam@gmail.com
INVITATIONS FOR BIDS (IFB) [e-Procurement]
Bid Identification No. CCE, S.C. (R&B)-BAM-01/2023-24
No.1968// Dated: 24.05.2023

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building Work as detailed in the table below.
2) Nature of work : Building Works
3) No. of work : 02 Nos.
4) Tender Cost : Rs.10,000/- (Online)
5) Class of Contractor : "A" Class
6) Availability of Bid document in the website: From 09.06.2023 10.00 AM to 23.06.2023 5.30 PM.
7) Date of Opening of Bid : 26.06.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov. in.
9) Any addendum / corrigendum / cancellation of tender can also be seen in the said website only.

Sd./- (D.C. Behera)
Chief Construction Engineer
OIPR-34103/11/0002/2324 Southern (R&B) Circle, Berhampur

**ଜିଲ୍ଲା ପରିଷଦ, ମାଲକାନଗିରି**
Dist.: Malkangiri- 764048, Phone No.: 06861-230409,
Fax No.: 06861-230279, Email: ori-dmalkangiri@nic.in
ପତ୍ର ସଂଖ୍ୟା ୨୭୦୦/୨୦୨୩ ତାରିଖ: ୨୫।୦୫।୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ୧୫ତମ ଅର୍ଥ କମିଶନ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୩-୨୪ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ଶିବିର ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି । ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି, ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାରବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକାଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | ପଡ଼ିଆ | ୨୧।୦୬।୨୦୨୩ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୨ | କୋରୁକୋଣ୍ଡା | ୨୩।୦୬।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୩ | ଖଇରପୁଟ | ୨୭।୦୬।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Gen) | ପଞ୍ଚାୟତ ସମିତି, ଖଇରପୁଟ |
| ୪ | ଚିତ୍ରକୋଣ୍ଡା | ୨୮।୦୬।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Rev) | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୫ | ମାଲକାନଗିରି | ୨୯।୦୬।୨୦୨୩ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |
| ୬ | କାଲିମେଳା | ୦୫।୦୭।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Gen) | ପଞ୍ଚାୟତ ସମିତି, କାଲିମେଳା |
| ୭ | ମାଥିଲି | ୦୭।୦୭।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Rev) | ପଞ୍ଚାୟତ ସମିତି, ମାଥିଲି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ମାଲକାନଗିରି

## ସଂକ୍ଷେପରେ

### ଜୀବିତଙ୍କୁ ମୃତ ଦର୍ଶାଇ ଟଙ୍କା ହଡ଼ପ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୨୬।୫:** କେନ୍ଦ୍ରାପଡ଼ା ଶ୍ରମ ବିଭାଗରେ ଅନିୟମିତତା ହୋଇଛି। ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଏ ବାବଦ ସରକାରୀ ଅନୁଦାନ ହଡ଼ପ କରାଯାଇଛି। ଏପରି ଅଭିଯୋଗ ପୂର୍ବ ଓଡ଼ଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶୁକ୍ରବାର ଅଣାଯାଇଛି। ସଂଘ ପକ୍ଷରୁ ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସମ୍ପାଦକ ସୌମ୍ୟରଞ୍ଜନ ଧଳ କହିଛନ୍ତି, ଜୀବିତ ଥିବା ଶ୍ରମିକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ ଗଣ୍ଡାକିଆ ଗ୍ରାମର ଚିତ୍ତରଞ୍ଜନ ସ୍ୱାଇଁ। ୨୦୧୭ରେ ଶ୍ରମ ବିଭାଗରେ ଶ୍ରମିକ ଭାବେ ନାମ ପଞ୍ଜୀକରଣ କରି ନିର୍ମାଣ କାର୍ଯ୍ୟରେ ଅଛନ୍ତି। ତେବେ କିଛିଦିନ ପୂର୍ବେ ତାଙ୍କ ପଞ୍ଜୀକରଣ ନମ୍ବରରେ ସୁରେନ୍ଦ୍ର କୁମାର ପରିଡା ନାମ ରହିଥିବା ଦେଖିବାକୁ ମିଳିଥିଲା। ଏଥିସହ ସୁରେନ୍ଦ୍ର ମୃତ ଦର୍ଶାଇ ସରକାରୀ ଅନୁଦାନ ବାବଦ ଅର୍ଥ ୪.୫ ଲକ୍ଷ ଟଙ୍କା ବାଲେଶ୍ୱର ବ୍ୟାଙ୍କରୁ ଉଠା ଯାଇଥିବା ତଥ୍ୟ ମିଳିଥିଲା। ତେବେ ଜଣେ ଶ୍ରମିକ ମଲେ ସେ ବାବଦ ଅର୍ଥ ତଦନ୍ତ ପରେ ଜିଲାପାଳ ଓ ଶ୍ରମ ବିଭାଗ ଅଧିକାରୀଙ୍କ ଦସ୍ତଖତ ପରେ ମିଳିବା କଥା। ଏହି ଅର୍ଥ ନୋମିନୀକୁ ଦିଆଯିବ ବୋଲି ଶ୍ରମ ବିଭାଗ ଯୋଜନା ନିୟମରେ ଅଛି। ଚିତ୍ତରଞ୍ଜନ ବଞ୍ଚିଥିବା ଓ ମୃତକ ସୁରେନ୍ଦ୍ରଙ୍କ ନାମରେ ଟଙ୍କା ଉଠାଯିବା ଏବେ ଶ୍ରମ ବିଭାଗ କର୍ମଚାରୀଙ୍କୁ ପ୍ରଶ୍ନ ଘେରରେ ଠିଆ କରିଛି। ଏ ସମ୍ପର୍କରେ ୭ ଦିନ ମଧ୍ୟରେ ପ୍ରଶାସନିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ ହେବ ବୋଲି ସମ୍ପାଦକ ଧଳ ମତ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ନିରଞ୍ଜନ ପରିଡା, କର୍ମକର୍ତ୍ତା ପ୍ରକାଶ ମହାନ୍ତି, କାଞ୍ଚନବାଳା ସ୍ୱାଇଁ, ଶିବ ନାଥ, ଧନେଶ୍ୱର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

### 'ଛାତ୍ରୀଛାତ୍ର ମେଧାବୀ, ଚରିତ୍ରବାନ୍ ହୁଅନ୍ତୁ'

**ରଘୁନାଥପୁର, ୨୬।୫(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ମାସିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସୁଷମା ମଲ୍ଲିକ ପଞ୍ଚାୟତର ବିଭିନ୍ନ ସ୍କୁଲରେ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ୩ ଜଣ ଛାତ୍ରୀଛାତ୍ରଙ୍କୁ ଡାକି ସମ୍ବର୍ଦ୍ଧିତ କରିବା ସହ ମେଧାବୀ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ସମାଜରେ ପରସ୍ପର ସହଯୋଗୀ ମନୋଭାବ ପୋଷଣ କରିବା ସହ ଅନ୍ୟକୁ ପ୍ରେରଣା ବାଣ୍ଟିବା ପାଇଁ ଉତ୍ସାହିତ କରିଥିଲେ। ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ଗୋକୁଳପୁର ସାରଦା ହାଇସ୍କୁଲର ଆଲୁମନି ସଭାପତି ବିନୋଦ ବିହାରୀ ମହାନ୍ତି ଓ ତାରପୁର ହାଇସ୍କୁଲର ଆଲୁମନି ସଭାପତି ଅନ୍ତର୍ଯାମୀ ରାଉତ ଓ ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ସମ୍ବନ୍ଧୀୟ ମୂଲ୍ୟଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ପଞ୍ଚାୟତରେ ଏ-୧ ଗ୍ରେଡ୍ ହାସଲ କରିଥିବା ଏଚ୍‌ଏମଟି ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ ଦାଶ, ସାରଦା ହାଇସ୍କୁଲର କାଜଲ ମହାରଣା ଓ ତାରପୁର ହାଇସ୍କୁଲର ଛାତ୍ର ସୁନୀଲ ଓଝା ପ୍ରମୁଖ ଯୋଗଦେଇ ନିଜର ସଫଳତା ପଛର ଅନୁଭୂତି ବଖାଣିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାପାତ୍ର ସଭା ସଞ୍ଚାଳନ ଓ ଜିଆର୍‌ଏସ୍ ବିବେକ ଜେନା ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର

## ଜିଲାପାଳଙ୍କ ନିକଟରେ ଅଭିଯୋଗ

**ଯାଜପୁର ଟାଉନ୨୬।୫(ଡି.ଏନ.ଏ.)**

ଯାଜପୁର ସହର ରାଣୀରାମଚନ୍ଦ୍ରପୁର ଅଞ୍ଚଳର ଜଣେ ଡାକ୍ତର ନିଜ କ୍ଲିନିକ୍‌ରେ ଲଳିତେଶ୍ୱର ନଗର ଅଞ୍ଚଳର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏନେଇ ମହିଳା ଜଣକ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଲଳିତେଶ୍ୱର ନଗର ଅଞ୍ଚଳ ଅମ୍ବିକା ମଣ୍ଡପ ନିକଟ ସ୍ମିତା ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖରେ ସେ ତାଙ୍କର ଅସୁସ୍ଥ କଲେଜ ପଢୁଆ ଝିଅ ଓ ପୁଅଙ୍କୁ ନେଇ ରାଣୀରାମଚନ୍ଦ୍ରପୁରଠାରେ ଥିବା ଡା. ପ୍ରଦୀପ ଖୁଣ୍ଟିଆଙ୍କ କ୍ଲିନିକ୍‌କୁ ଯାଇଥିଲେ। ଡାକ୍ତର ଖୁଣ୍ଟିଆ ତାଙ୍କ ଝିଅଙ୍କୁ ପରୀକ୍ଷା କରିବା ପୂର୍ବରୁ ମେଡିସିନ୍ ଲେଖିଦେବା ସହ ବିଭିନ୍ନ ପ୍ରକାର ପାଥୋ ଟେଷ୍ଟ କରି ଆଣିବା ପାଇଁ ପରାମର୍ଶ ଦେଇଥିଲେ। ତଦାନୁଯାୟୀ ମହିଳା ଜଣକ ଲଳିତେଶ୍ୱର ଛକ ନିକଟରେ ଥିବା ଏକ ପାଥୋଲ୍ୟାବ୍‌ରେ ପରୀକ୍ଷା କରାଇ ରିପୋର୍ଟ ନେଇ ଡାକ୍ତର ଖୁଣ୍ଟିଆଙ୍କୁ ଯାଇ ଦେଖାଇଥିଲେ। ମାତ୍ର କୌଣସି କାରଣ ନ ଥାଇ ଡାକ୍ତର ପାଟିକରି ପ୍ରେସ୍‌କ୍ରିପଶନ ଓ ଟେଷ୍ଟ ରିପୋର୍ଟ ଫୋପାଡି ଦେଇ ସେଠାରେ କାହିଁକି ପରୀକ୍ଷା କଲ, ସେ ରିପୋର୍ଟ ଚଳିବ ନାହିଁ। ମୋ କ୍ଲିନିକ୍ ପାଖରେ ଥିବା ଲ୍ୟାବ୍‌ରେ କାହିଁକି ଟେଷ୍ଟ କଲ ନାହିଁ ବୋଲି କହିବା ସହ ରୋଗୀ ଓ ରିପୋର୍ଟକୁ ଦେଖି ନ ଥିଲେ। ଏଥିସହ ଜଣେ ଅପରାଧୀଙ୍କ ଭଳି ମହିଳା ଓ ତାଙ୍କ ଝିଅଙ୍କୁ ଅପମାନ କରି ଫେରାଇ ଦେଇଥିଲେ। ମହିଳା ଜଣକ ଯେତେବେଳେ ଡାକ୍ତର ଖୁଣ୍ଟିଆଙ୍କୁ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ସ୍ମିତା ପଟ୍ଟନାୟକ।

ପଚାରିଲେ ଯଦି ନିର୍ଦ୍ଦିଷ୍ଟ ଲ୍ୟାବ୍‌ରେ ପରୀକ୍ଷା କରାଇବାର ଥିଲା ତେବେ ଆପଣ ସେଥିପାଇଁ ପରାମର୍ଶ ଦେଲେ ନାହିଁ କାହିଁକି। ଡାକ୍ତର ଏକଥା ଶୁଣି ଆହୁରି ଉତ୍ତେଜିତ ହୋଇ କ୍ଲିନିକ୍‌ରୁ ବାହାରି ଯାଅ ବୋଲି ଧମକ ମଧ୍ୟ ଦେଇଥିଲେ। ଜଣେ ଚିକିତ୍ସକ ଯେଉଁ ପ୍ରକାର ବ୍ୟବହାର କରିବା କଥା ତା'ର କାଣିଚାଏ ମଧ୍ୟ ଡାକ୍ତର ଖୁଣ୍ଟିଆଙ୍କଠାରୁ ଦେଖିବାକୁ ମିଳିଲା ନାହିଁ ବୋଲି ମହିଳା ଅଭିଯୋଗ କରିଛନ୍ତି। ଏପରି ଅପମାନଜନକ ବ୍ୟବହାର ଯୋଗୁ ତାଙ୍କ ଅସୁସ୍ଥ ଝିଅ ସେବେଠାରୁ ଅଧିକ ଅସୁସ୍ଥ ହେବା ସହ ମାନସିକ ଚାପରେ ରହିଛନ୍ତି। ତେଣୁ ସେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ସମ୍ପର୍କରେ ଡାକ୍ତର ଖୁଣ୍ଟିଆଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ରୋଗୀଙ୍କ ରକ୍ତ ପରୀକ୍ଷା କରିବା ପାଇଁ ୪ /୫ଟି ଭଲ ଲାବୋରାଟୋରି ନାଁ କହିଥିଲି। ମାତ୍ର ସେ ଏକ ଅନାମଧେୟ ଲାବୋରାଟୋରିରେ ଟେଷ୍ଟ କରିଆଣିଲେ, ଯାହାକି ରୋଗ ଚିହ୍ନଟ ଠିକ୍ ଭାବେ ହୋଇପାରିବ ନାହିଁ। ରୋଗୀଙ୍କୁ ସବୁଠାରୁ ଭଲ ଚିକିତ୍ସା ଯୋଗାଇବା ପାଇଁ ଚେଷ୍ଟା କରେ ବୋଲି ସେ ମତ ଦେଇଛନ୍ତି।

# ଓଜନ, ମାପରେ ବ୍ୟାପକ ଠକେଇ

**ଯାଜପୁର ଟାଉନ, ୨୬।୫ (ଡି.ଏନ.ଏ.)**

- ଶିକାର ହେଉଛନ୍ତି ଖାଉଟି
- ଜାଣି ଅଜଣା ଜିଲା ମାପ ଏବଂ ଓଜନ ବିଭାଗ

ଯାଜପୁର ଜିଲା ସଦର ଅଞ୍ଚଳରେ ମାପ ଓ ଓଜନରେ ବ୍ୟାପକ ଠକେଇ ଚାଲିଥିବା ଅଭିଯୋଗ ହେଉଛି। ଏହାର ଶିକାର ହେଉଛନ୍ତି ସାଧାରଣ ଜନତା। ହେଲେ ଜିଲା ମାପ ଏବଂ ଓଜନ ବିଭାଗ ଏକଥା ଜାଣି ଅଜଣା ଭଳି ହେଉଛି। ସଦର ଅଞ୍ଚଳରେ ସଉଦା ଦୋକାନରେ ଥିବା ଦଣ୍ଡି ବହୁ ପୁରୁଣା କାଳର। ବଟକରା ସବୁ ଘୋରି ହୋଇଗଲାଣି। ଫଳରେ ଗ୍ରାହକ ପ୍ରକୃତ ଓଜନଠାରୁ ଯଥେଷ୍ଟ କମ୍ ପରିମାଣର ଜିନିଷ ପାଉଛନ୍ତି। କିଛି ଜାଗାରେ ବଟକରା ବଦଳରେ ଭଙ୍ଗା ଇଟା, ପଥର ମାଧ୍ୟମରେ ଓଜନ କରାଯାଉଥିବା ଦେଖିବାକୁ ମିଳୁଛି। ମାଛ, ମାଂସ ଓ ପନିପରିବା ଓଜନରେ ମଧ୍ୟ ସମାନ ଧରଣର ଓଜନ ବ୍ୟବସ୍ଥା। ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ ନିକିତି ଓ ବଟକରା ତନଖି କରାଯାଇ ରିନ୍ୟୁ କରିବାର ନିୟମ ଥିବାବେଳେ ଜିଲାରେ ପ୍ରାୟ ୧୦ବର୍ଷ ମଧ୍ୟରେ ଏହା ହୋଇ ନ ଥିବା ଅଭିଯୋଗ ହୋଇଛି। ପେଟ୍ରୋଲ ପମ୍ପରେ ମଧ୍ୟ ବ୍ୟାପକ ଠକେଇ ହେଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ପେଟ୍ରୋଲ, ଡିଜେଲ କିଣୁଥିବା ଗ୍ରାହକ ଠକାମିର ଶିକାର ହେଉଛନ୍ତି। ସେହିପରି ସୁନା, ରୁପା ଗହଣା ଦୋକାନରେ ଅତି ଚତୁରତାର ସହ କମ୍ପ୍ୟୁଟର ଓଜନ ଯନ୍ତ୍ରରେ ଠକେଇ ଚାଲିଛି। ସାଧାରଣ ଜନତା ପ୍ରତ୍ୟେକ କ୍ଷେତ୍ରରେ ସ୍ପଷ୍ଟ ଦିବାଲୋକରେ ଠକାମିର ଶିକାର ହେଉଛନ୍ତି। ଜିଲାରେ ମାପ ଓ ଓଜନ ଭଳି ଏକ ବିଭାଗ ଅଛି କି ନାହିଁ ତାହା ଲୋକେ ଜାଣି ପାରୁନାହାନ୍ତି। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ବିଭିନ୍ନ କ୍ଷେତ୍ରରେ ଠକୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ମାପ ଓ ଓଜନ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଶିବପାର୍ବତୀଙ୍କ ନଗର ପରିକ୍ରମା


ଶିବପାର୍ବତୀଙ୍କୁ ନଗର ପରିକ୍ରମା କରାଯାଉଛି।

**ଧର୍ମଶାଳା, ୨୬।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଦେଉଳିପାଳସ୍ଥିତ ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ ହେବା ପରେ ଗୁରୁବାର ପୂର୍ବାହ୍ନରେ ଶିବପାର୍ବତୀଙ୍କ ନଗର ପରିକ୍ରମା କରାଯାଇଛି। ମନ୍ଦିରରୁ ଏକ ସୁସଜ୍ଜିତ ରଥରେ ଶିବ ପୂଜକଙ୍କ ସହ ବର ଯାତ୍ରୀମାନେ ଶୋଭାଯାତ୍ରାରେ କନ୍ୟାପିତା ଲଳେନ୍ଦ୍ର ବେହେରାଙ୍କ ଗୋପାଳପୁରସ୍ଥିତ ଘରକୁ ଯାଇ ଅପର୍ଣ୍ଣାଙ୍କୁ ସାଙ୍ଗରେ ଆଣିଥିଲେ। ସେମାନେ ବାରବାଟୀ, ଚହଟା, ଭାଲୁଖାଇ, ଧର୍ମଶାଳା ବଜାର, ଜାରକା ବଜାର, ନାକପୋଲ, କଣିପାଟିଆ, ଦେଉଳିପାଳ, କୁମାରୀ ପ୍ରଭୃତି ନଗର ପରିକ୍ରମା କରି ମନ୍ଦିରକୁ ଫେରିଥିଲେ। ଶୋଭାଯାତ୍ରାରେ ବହୁ ଭକ୍ତ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟି ବେଣୁଧର ନାୟକ, ପୂର୍ବତନ ଟ୍ରଷ୍ଟି ରମାକାନ୍ତ ଜେନା, ବୋର୍ଡ ସଦସ୍ୟ ଯୁଧିଷ୍ଠିର ସ୍ୱାଇଁ, ଶ୍ୟାମସୁନ୍ଦର ରାୟ, ବିଜୟ ପ୍ରସାଦ ରାୟ, ନନ୍ଦକିଶୋର ସ୍ୱାଇଁ, ଉଲ୍ଲାସ ସାମଲ, ଦୁଃଶାସନ ସ୍ୱାଇଁ, ଯଚୀନ୍ଦ୍ର କୁମାର ସ୍ୱାଇଁ, ବର ପିତା ଶିଶିର ସ୍ୱାଇଁ, ପୂଜକ ସୋମନାଥ ପାଢ଼ୀ ପ୍ରମୁଖଙ୍କ ସମେତ ଦେଉଳିପାଳ ଗ୍ରାମର ଶତାଧିକ ଯୁବକ ଓ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରଭୁକୃପା ଲାଭ କରିଥିଲେ।

## ଡାମରପୁର କରତକଳ ଉପରେ ଚଢ଼ାଉ

**ରାଜନଗର, ୨୬।୫(ଡି.ଏନ.ଏ.)**

ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁରଠାରେ ଚାଲୁଥିବା ବେଆଇନ କରତକଳକୁ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଟିମ୍ ଶୁକ୍ରବାର ଭୋରରୁ ଚଢାଉ କରିଛି। ଏଥିସହ ୩ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ସହ କିଛି କାଠ ଜବତ କରିଛି। କରତକଳରେ ବ୍ୟବହାର ହେଉଥିବା ଷ୍ଟାଣ୍ଡ, ଟେବୁଲ, ୩ ଫେଜ ମୋଟର, ବ୍ଲେଡ ଓ ଚକା ଜବତ କରାଯାଇଛି। ଏସିଏଫ୍ ପୁନିମ ହୀରା ହାଁସଦାଙ୍କ ନେତୃତ୍ୱରେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ବିଚିତ୍ରାନନ୍ଦ ବେହୁରା, କାର୍ତ୍ତିକେଶ୍ୱର ଖଣ୍ଡେଇ, ଫରେଷ୍ଟର ବିଜୟ କୁମାର ପାତ୍ର, ପଦ୍ମନାଭ ରାଉତ, ମହନ୍ତ କୁମାର ମଲ୍ଲିକ, ନବୀନ କୁମାର ମଲ୍ଲିକ, ଜ୍ଞାନ ପ୍ରକାଶ ମହାନ୍ତି, ରୋଜାଲିନ ଦାସ, ଫରେଷ୍ଟଗାର୍ଡ ବିଶ୍ୱ ରଞ୍ଜନ ତରାଇ, ତ୍ରିଦୀପ ପ୍ରଧାନ, ଗୀତାଞ୍ଜଳି ସାହୁ, ଦୋଳଗୋବିନ୍ଦ ନାୟକଙ୍କ ସମେତ ୫୦ରୁ ଅଧିକ ବନ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ଯାଜପୁରରେ କସ୍‌ମୋ ବଜାର ଶପିଂ ମଲ୍



**ଯାଜପୁର ଟାଉନ, ୨୬।୫(ଡି.ଏନ.ଏ.)**

ଯାଜପୁର ସହର ମାର୍କେଟ୍ ଛକଠାରେ କସ୍‌ମୋ ବଜାର ଶପିଂ ମଲ୍ ଖୋଲିଛି। ବରିଷ୍ଠ ବିଜେଡି ନେତା ତଥା ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କସ୍‌ମୋ ବଜାର ଭାରତର ୩୩ତମ ମଲ୍ ହୋଇଥିବାବେଳେ ଯାଜପୁରରେ ଏହା ୪ର୍ଥ ମଲ୍ ଭାବେ ଉଦ୍‌ଘାଟିତ ହୋଇଛି। ଏହି ମଲ୍ ଅତ୍ୟାଧୁନିକ ଶୈଳୀରେ ହୋଇଥିବାବେଳେ ଏଠାରେ ସବୁବର୍ଗଙ୍କ ପାଇଁ ସୁଲଭ ମୂଲ୍ୟରେ ଜିନିଷ ମିଳିପାରିବ ବୋଲି ମଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

ମେ'୨୬ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ସମସ୍ତ କ୍ରେତାଙ୍କ ପାଇଁ ଲକି ଡ୍ର କୁପନ୍ ବ୍ୟବସ୍ଥା କରାଯାଇଛି। ଏଥିରେ ବିଭିନ୍ନ ଗ୍ରହକମାନଙ୍କୁ ଲକି କୁପନ୍ ମାଧ୍ୟମରେ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଯାଜପୁର ସହରରେ ପ୍ରଥମକରି ଏକ ଅତ୍ୟାଧୁନିକ ମଲ୍ ହେବା ଫଳରେ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଉଦ୍‌ଘାଟନୀ ଉତ୍ସବରେ କସ୍‌ମୋ ବଜାରର ପରିଚାଳନା ନିର୍ଦ୍ଦେଶକ ଗଣେଶ ପଦାର, ଅନିଲ ଅଗ୍ରୱାଲ, ଅନୁଜ ଅଗ୍ରୱାଲ, ସଂଜୟ ଅଗ୍ରୱାଲ ଓ ଷ୍ଟୋର ମ୍ୟାନେଜର ତାପସ କୁମାର ଦାସ ଉପସ୍ଥିତ ଥିଲେ।

# ବିତନାରେ ଡିଜିଟାଲ ସର୍ଭେ କାର୍ଯ୍ୟର ଶୁଭାରମ୍ଭ

**ପ୍ରୀତିପୁର, ୨୬।୫(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନ ବିତନା ପଞ୍ଚାୟତରେ ଶୁକ୍ରବାର ଜମିର ଡିଜିଟାଲ ସର୍ଭେ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ସରପଞ୍ଚ ରମେଶ ମଲ୍ଲିକ ଓ ଉତ୍ତଙ୍ଗରା ରାଜସ୍ୱ ସର୍କଲର ରାଜସ୍ୱ ଅଧିକାରୀ ଅରବିନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏହି ସର୍ଭେ କାର୍ଯ୍ୟ କରାଯାଇଛି। ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଧଳ, ସାମାଜିକ କର୍ମୀ ଧୀରେନ୍ଦ୍ର ନାଥ, ସୁବଳ ରାଉତ, ଲକ୍ଷ୍ମୀଧର ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ।


ରାଜସ୍ୱ କର୍ମଚାରୀମାନେ ସର୍ଭେ କରୁଛନ୍ତି।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା, ୨୬।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ୧୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ବିଜେଡି କାର୍ଯ୍ୟାଳୟଠାରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରାଇଛନ୍ଦା ପଞ୍ଚାୟତର ଭାଜପା ପଞ୍ଚାୟତ ସଭାପତି ଅରୁଣ ଲେଙ୍କା, ୧୧ନଂ.ଜୋନ୍ ମିଡିଆସେଲ୍ ସଦସ୍ୟ ଆଲୋକ ବେହେରା ଓ ପଞ୍ଚାୟତ ଉପସଭାପତି ଅଭିନାଶ ସାହୁଙ୍କ ତତ୍ତ୍ୱାବଧାନରେ ଶୁକଦେବ ଲେଙ୍କା, ମନମୋହନ ଲେଙ୍କା, ସନ୍ତୋଷ ଲେଙ୍କା, ବାବୁଲି ମଳିକ, ଗଗନ ସ୍ୱାଇଁ, ରୁଦ୍ର ମଳିକ, ଶରତ ମହ୍ଲ, ପ୍ରଭାତ ପ୍ରଧାନ, ମଣିନାଥ ବାରିକ, ପବିତ୍ର ରାଉତ, ସୁଶାନ୍ତ ମଳିକ, ଅଶୋକ ସାମଲ, ଦୀପକ ସାହୁ, ଦିଲୀପ ମଳିକ୍, ବୁଲୁ ରାଉତ, ସୁମନ ସାହୁ, ଚିଣ୍ଟୁ ମହ୍ଲ, ଭରତ ସାହୁ ଓ ଚନ୍ଦନ ବେହେରା ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ବିଧାୟକ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ବିଜେଡି ନେତା ଉତ୍କଳ ଦାସ, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ବିକାଶ ଦାସ ଓ ରାଇଛନ୍ଦା ପଞ୍ଚାୟତ ସଭାପତି ରବୀନ୍ଦ୍ର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପ ସମୀକ୍ଷା କଲେ ବିଧାୟକ

**ଚଣ୍ଡିଖୋଲ, ୨୬।୫(ଡି.ଏନ.ଏ.)**

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶୁକ୍ରବାର ସନ୍ଧ୍ୟାରେ ଏହି ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ସେ ପ୍ରଥମେ ଜଗନ୍ନାଥ କଲ୍ୟାଣ ମଣ୍ଡପ ମଣ୍ଡପ ପରିଦର୍ଶନ କରି ସେଠାରେ ରୋଷ ଘର, ପାଇଖାନା ଓ ପାର୍କିଂ ଅବ୍ୟବସ୍ଥା ନେଇ ଅବଗତ ହୋଇଥିଲେ। ଏହାପରେ ବାଲିଚନ୍ଦ୍ରପୁର ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳ ଦେଖିଥିଲେ। ସେଠାରେ ଥିବା ପୁରୁଣା ପ୍ରତିମୂର୍ତ୍ତିକୁ ହଟାଇ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ମୂର୍ତ୍ତି କାରିଗରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ଶ୍ୟାମସୁନ୍ଦର ବଜାରଠାରେ ନିର୍ମାଣ ହେବାକୁ ଥିବା ଲକ୍ଷ୍ମୀ ମଣ୍ଡପସ୍ଥଳ ପରିଦର୍ଶନ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ହେବାକୁ ଥିବା ଏହି ମଣ୍ଡପକୁ ଏକ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଏହି ସମୀକ୍ଷାରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର କୁମାର ନାୟକ, ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ଫନୀନ୍ଦ୍ର ପଣ୍ଡା, ମନୋଜ କୁମାର ପରିଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଶାରଦା ମହାନ୍ତି, ଅନନ୍ତ ମହାରଣା, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ଅକ୍ଷୟ ଷେଣ୍ଡ, ପିନାକୀ ପ୍ରସାଦ ଜେନା ଓ ରତିକାନ୍ତ ସେଠୀ ପ୍ରମୁଖ ବହୁ ବ୍ୟକ୍ତି ସାମିଲ ହୋଇଥିଲେ।


ବିଧାୟକ କର୍ମୀମାନଙ୍କ ସହ ବୁଲି ପ୍ରକଳ୍ପ ସମୀକ୍ଷା କରୁଛନ୍ତି।

## ବନ୍ଧୁକ ଦେଖାଇ ଫାଇନାନ୍ସ କମ୍ପାନୀ ଅଧିକାରୀଙ୍କଠାରୁ ଲୁଟ୍

**ବୈଶିଙ୍ଗା, ୨୬।୫ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଓ ବାଲେଶ୍ୱର ଜିଲାର ରୁପ୍‌ସା ଥାନା ସୀମାବର୍ତ୍ତୀ ଅଞ୍ଚଳ ମଧୁପୁରା, ଟିକାୟତପୁର ମଧ୍ୟରେ ଶୁକ୍ରବାର ଲୁଟେରା ବନ୍ଧୁକ ଦେଖାଇ ଫାଇନାନ୍ସ କମ୍ପାନୀ ଅଧିକାରୀଙ୍କଠାରୁ ଲୁଟ୍ କରିଛନ୍ତି। ବୈଶିଙ୍ଗା ବଜାରରେ ଥିବା ଭାରତ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଅଧିକାରୀ ଭକ୍ତହରି ବେହେରା ଓ ବସନ୍ତ ପଣ୍ଡା ବାଇକ୍‌ରେ ଋଣ ଅର୍ଥ ଆଦାୟ କରି ଫେରୁଥିଲେ। ଟିକାୟତପୁରଠାରୁ ଅଳ୍ପ ଦୂରରେ ନମ୍ବର ବିହୀନ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇଥିଲେ। ଜଣେ ବନ୍ଧୁକ ବାହାର କରି ସେମାନଙ୍କୁ ଚୁପ୍‌ଚାପ୍ ଟଙ୍କା ଦେବାକୁ ଧମକ ଦେଇଥିଲେ। ପଛରେ ଅନ୍ୟ ଏକ ବାଇକ୍‌ରେ ଆସୁଥିବା କମ୍ପାନୀର ମ୍ୟାନେଜର ଇନ୍ଦ୍ରଜିତ ଦାସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଲୁଟେରା ଫାଇନାନ୍ସ ଅଧିକାରୀଙ୍କ ପାଖରେ ଥିବା ୧,୯୩,୩୫୦ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେଇ ବାଲେଶ୍ୱର ରାସ୍ତାରେ ଦ୍ରୁତଗତିରେ ପଳାଇ ଯାଇଥିଲେ।

# ବରୁଆଁ ପୋଲରେ ଗର୍ତ୍ତ



**ଯାଜପୁର ଟାଉନ, ୨୬।୫(ଡି.ଏନ.ଏ.)**

### ବଢୁଛି ଦୁର୍ଘଟଣା, ତୁରନ୍ତ ମରାମତି ଦାବି

ଯାଜପୁର ୨୦ ନମ୍ବର ଜାତୀୟ ରାଜପଥର ବରୁଆଁ ଛକ ନିକଟରେ ଦୁଧେଇ ନାଳ ଉପରେ ନିର୍ମିତ ପୋଲର ଏକ ପାର୍ଶ୍ୱରେ ୧ ଫୁଟ୍‌ରୁ ଊର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏଠାରେ ଦୈନିକ ଦୁର୍ଘଟଣା ଘଟି ବହୁ ଯାନବାହନ ଭାଙ୍ଗିବା ସହ ଧନଜୀବନ କ୍ଷତି ହେଉଛି। ଏନେଇ ଅଭିଯୋଗ ହେବାପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାତି ଅଧିଆ ଉକ୍ତ ଗର୍ତ୍ତ ମରାମତି କରାଯାଇଥିଲା। ସମ୍ପୃକ୍ତ ଠିକାଦାର ଏଠାରେ ପଟି ଓ ପ୍ଲାଇ ପକାଇ ପିଚୁ ଦ୍ୱାରା ଢାଙ୍କି ଦେଇ କାମ ସାରି ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ୨୪ ଘଣ୍ଟା ନ ପୁରୁଣୁ ଉକ୍ତ ସ୍ଥାନରୁ ପିଚୁ ଉଠିଯାଇ ଖାଲି ପଟି ଓ ପ୍ଲାଇ ପଡିରହିଛି। ଯଦ୍ୱାରା ଯାତାୟାତ ପ୍ରଭାବିତ ହେଉଛି। ତୁରନ୍ତ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ଯାଞ୍ଚ କରି ସ୍ଥାୟୀ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଜୀବିତଙ୍କୁ ମୃତ ଦର୍ଶାଇ ଟଙ୍କା ହଡ଼ପ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୨୬।୫:** କେନ୍ଦ୍ରାପଡ଼ା ଶ୍ରମ ବିଭାଗରେ ଅନିୟମିତତା ହୋଇଛି। ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଏ ବାବଦ ସରକାରୀ ଅନୁଦାନ ହଡ଼ପ କରାଯାଇଛି। ଏପରି ଅଭିଯୋଗ ପୂର୍ବ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶୁକ୍ରବାର ଅଣାଯାଇଛି। ସଂଘ ପକ୍ଷରୁ ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସମ୍ପାଦକ ସୌମ୍ୟରଞ୍ଜନ ଧଳ କହିଛନ୍ତି, ଜୀବିତ ଥିବା ଶ୍ରମିକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ ଗଣ୍ଡାକିଆ ଗ୍ରାମର ଚିତ୍ତରଞ୍ଜନ ସ୍ୱାଇଁ। ୨୦୧୭ରେ ଶ୍ରମ ବିଭାଗରେ ଶ୍ରମିକ ଭାବେ ନାମ ପଞ୍ଜୀକରଣ କରି ନିର୍ମାଣ କାର୍ଯ୍ୟରେ ଅଛନ୍ତି। ତେବେ କିଛିଦିନ ପୂର୍ବେ ତାଙ୍କ ପଞ୍ଜୀକରଣ ନମ୍ବରରେ ସୁରେନ୍ଦ୍ର କୁମାର ପରିଡା ନାମ ରହିଥିବା ଦେଖିବାକୁ ମିଳିଥିଲା। ଏଥିସହ ସୁରେନ୍ଦ୍ର ମୃତ ଦର୍ଶାଇ ସରକାରୀ ଅନୁଦାନ ବାବଦ ଅର୍ଥ ୪.୫ ଲକ୍ଷ ଟଙ୍କା ବାଲେଶ୍ୱର ବ୍ୟାଙ୍କରୁ ଉଠା ଯାଇଥିବା ତଥ୍ୟ ମିଳିଥିଲା। ତେବେ ଜଣେ ଶ୍ରମିକ ମଲେ ସେ ବାବଦ ଅର୍ଥ ତଦନ୍ତ ପରେ ଜିଲାପାଳ ଓ ଶ୍ରମ ବିଭାଗ ଅଧିକାରୀଙ୍କ ଦସ୍ତଖତ ପରେ ମିଳିବା କଥା। ଏହି ଅର୍ଥ ନୋମିନୀକୁ ଦିଆଯିବ ବୋଲି ଶ୍ରମ ବିଭାଗ ଯୋଜନା ନିୟମରେ ଅଛି। ଚିତ୍ତରଞ୍ଜନ ବଞ୍ଚିଥିବା ଓ ମୃତକ ସୁରେନ୍ଦ୍ରଙ୍କ ନାମରେ ଟଙ୍କା ଉଠାଯିବା ଏବେ ଶ୍ରମ ବିଭାଗ କର୍ମଚାରୀଙ୍କୁ ପ୍ରଶ୍ନ ଘେରରେ ଠିଆ କରିଛି। ଏ ସମ୍ପର୍କରେ ୭ ଦିନ ମଧ୍ୟରେ ପ୍ରଶାସନିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ ହେବ ବୋଲି ସମ୍ପାଦକ ଧଳ ମତ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ନିରଞ୍ଜନ ପରିଡା, କର୍ମକର୍ତ୍ତା ପ୍ରକାଶ ମହାନ୍ତି, କାଞ୍ଚନବାଳା ସ୍ୱାଇଁ, ଶିବ ନାଥ, ଧନେଶ୍ୱର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ‘ଛାତ୍ରୀଛାତ୍ର ମେଧାବୀ, ଚରିତ୍ରବାନ୍ ହୁଅନ୍ତୁ’

**ରଘୁନାଥପୁର, ୨୬।୫(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ମାସିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସୁଷମା ମଲ୍ଲିକ ପଞ୍ଚାୟତର ବିଭିନ୍ନ ସ୍କୁଲରେ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ୩ ଜଣ ଛାତ୍ରୀଛାତ୍ରଙ୍କୁ ଡାକି ସମ୍ବର୍ଦ୍ଧିତ କରିବା ସହ ମେଧାବୀ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ସମାଜରେ ପରସ୍ପର ସହଯୋଗୀ ମନୋଭାବ ପୋଷଣ କରିବା ସହ ଅନ୍ୟକୁ ପ୍ରେରଣା ବାଣ୍ଟିବା ପାଇଁ ଉତ୍ସାହିତ କରିଥିଲେ। ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ଗୋକୁଳପୁର ସାରଦା ହାଇସ୍କୁଲର ଆଲୁମନି ସଭାପତି ବିନୋଦ ବିହାରୀ ମହାନ୍ତି ଓ ତାରପୁର ହାଇସ୍କୁଲର ଆଲୁମନି ସଭାପତି ଅନ୍ତର୍ଯାମୀ ରାଉତ ଓ ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ସମ୍ବନ୍ଧୀୟ ମୂଲ୍ୟଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ପଞ୍ଚାୟତରେ ଏ-୧ ଗ୍ରେଡ୍ ହାସଲ କରିଥିବା ଏଚ୍‌ଏମଟି ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ ଦାଶ, ସାରଦା ହାଇସ୍କୁଲର କାଜଲ ମହାରଣା ଓ ତାରପୁର ହାଇସ୍କୁଲର ଛାତ୍ର ସୁନୀଲ ଓଝା ପ୍ରମୁଖ ଯୋଗଦେଇ ନିଜର ସଫଳତା ପଛର ଅନୁଭୂତି ବଖାଣିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାପାତ୍ର ସଭା ସଞ୍ଚାଳନ ଓ ଜିଆର୍‌ଏସ୍ ବିବେକ ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରକଳ୍ପ ପ୍ରତିଶ୍ରୁତିରେ ଜିଲାବାସୀ ଅଣନିଃଶ୍ୱାସୀ

■ ୨ ଭୁଲିଲେଣି, ଆସୁଛି ଶିଳ୍ପ, ବନ୍ଦର, ରାଜପଥ
■ ଆଶଙ୍କାରେ ଜୀବନଜୀବିକା ଓ ଜାତୀୟ ଉଦ୍ୟାନ

**କେନ୍ଦ୍ରାପଡ଼ା ଅଫିସ, ୨୬।୫**

ଅର୍ଥନୈତିକ ଅଭିବୃଦ୍ଧିରେ ରାଜ୍ୟର ୨୬ତମ ସ୍ଥାନରେ କେନ୍ଦ୍ରାପଡ଼ା ଜିଲା ଅଛି। ଅର୍ଥକରୀ ଫସଲ ଯୋଜନା ନ ଥିଲେ ମଧ୍ୟ କୃଷିଭିତ୍ତିକ ଅର୍ଥନୀତିରେ ଏହି ଜିଲା ପରିଚାଳିତ ହେଉଛି। ରାଜନେତାମାନେ ଗତ ଦଶନ୍ଧି ଧରି ଏହାର ସୁଯୋଗ ନେଉଛନ୍ତି। ନିର୍ବାଚନ ସମୟରେ ଶିଳ୍ପ, ବନ୍ଦର ନିର୍ମାଣ ପ୍ରତିଶ୍ରୁତି ଅଜାଡ଼ି ଦେଉଛନ୍ତି। ଶିଳ୍ପ ଦ୍ୱାରା ପ୍ରଗତି ହେବ ବୋଲି ସବୁଠି ପ୍ରଚାର ପ୍ରସାର ହେଉଛି। ବରୁଣେଇ ବନ୍ଦର ଓ ଅଳାଇଲୋଠାରେ ପାୱାର ଥର୍ମାଲ ପ୍ଲାଣ୍ଟ ପ୍ରତିଷ୍ଠା ନିର୍ବାଚନ ପ୍ରତିଶ୍ରୁତିକୁ ସ୍ଥାନୀୟ ଲୋକେ ଭୁଲିଛନ୍ତି। ଏବେ ପେଲେଟ କାରଖାନା, ସିମେଣ୍ଟ କାରଖାନା, ପେଟ୍ରୋ କେମିକାଲ ପ୍ଲାଣ୍ଟ, ଉପକୂଳ ରାଜପଥ, ଜାତୀୟ ଜଳପଥ ୫, ଆଖଡ଼ାଶାଳୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଆଦି ପ୍ରତିଷ୍ଠାକୁ ଜିଲାବାସୀ ଅନାଇ ରହିଛନ୍ତି। ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରତିଷ୍ଠା ପରେ ଜୀବନଜୀବିକା ଓ ଜାତୀୟ ଉଦ୍ୟାନର ପରିବେଶ ଉପରେ ପ୍ରଭାବ ସମ୍ପର୍କରେ କୌଣସି ସୂଚନା ସର୍ବସାଧାରଣରେ ପ୍ରକାଶିତ ହେଉନାହିଁ। ଏହା ସ୍ଥାନୀୟ ଅଞ୍ଚଳରେ ଏକ ଆଶଙ୍କାରେ ପରିଣତ ହୋଇଛି। ସେହିପରି ପେଟ୍ରୋ କେମିକାଲ ପ୍ଲାଣ୍ଟ ପାଇଁ ଜନଶୁଣାଣି ଶେଷ ହୋଇଛି। ଏହାକୁ ଦେଖି ପ୍ରକଳ୍ପ ପ୍ରତିଶ୍ରୁତିରେ ଜିଲାବାସୀ ଅଣନିଃଶ୍ୱାସୀ ହୋଇଛନ୍ତି ବୋଲି ଆଲୋଚନା ଚାଲିଛି।

#### “ ଶିଳ୍ପ ଘୋଷଣା ପରେ ଜମିର ମୂଲ୍ୟ ବଢ଼ୁଛି



୨୦୦୯ ସାଧାରଣ ନିର୍ବାଚନରେ ବରୁଣେଇ ବନ୍ଦର ହେବ ବୋଲି ପ୍ରଚାରପ୍ରସାର ହୋଇଥିଲା। ସେହିପରି ୨୦୧୪ରେ ଅଳାଇଲୋଠାରେ ଥର୍ମାଲ ପ୍ଲାଣ୍ଟ ନିର୍ମାଣ ପାଇଁ ଏମ୍‌ଓୟୁ ସହ ଜମି ଅଧିଗ୍ରହଣ ହୋଇଥିଲା। ଏହି ଜମି ଏବେ ପଡ଼ିଆ ପଡ଼ିଛି। ତେବେ ୨୦୧୯ ନିର୍ବାଚନ ପୂର୍ବ, ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଖଡ଼ାଶାଳୀ ବନ୍ଦର, ପେଲେଟ ଉତ୍ପାଦନ ଶିଳ୍ପ, ସିମେଣ୍ଟ ପ୍ଲାଣ୍ଟ, ପେଟ୍ରୋ କେମିକାଲ ପ୍ଲାଣ୍ଟ, ଜାତୀୟ ଜଳପଥ ୫, ଉପକୂଳ ରାଜପଥ ଆଦି ପ୍ରକଳ୍ପ ନିର୍ମାଣପୂର୍ଣ୍ଣ ହୋଇ ଜିଲା ଅର୍ଥନୀତିକୁ ଚଳଚଞ୍ଚଳ କରିବ ବୋଲି ପ୍ରତିଶ୍ରୁତି ମିଳିଛି। ଜାତୀୟ ଜଳପଥ ୫ ନିର୍ମାଣ ପାଇଁ ଜିଲାର ବହୁ ନଦୀନାଳରେ ଏବେ ସେତୁଟିଏ ହୋଇପାରୁନାହିଁ। ଶିଳ୍ପ ପ୍ରତିଷ୍ଠା ହେବ ଘୋଷଣା ପରେ ସାଧାରଣ ଜମିର ମୂଲ୍ୟ ଅହେତୁକ ବଢ଼ିଯାଇଛି। ପ୍ରତିଶ୍ରୁତିର ପାହାଡ଼ରେ ଜିଲାବାସୀ ଚାପିହୋଇ କେବଳ ଅଣନିଃଶ୍ୱାସୀ ହୋଇଛନ୍ତି।

- ପ୍ରତାପ କୁମାର ପାଢ଼ୀ, ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ

#### “ ପ୍ରଦୂଷଣ ଯୋଗୁ ହେନ୍ତାଳବଣ ଧ୍ୱଂସହେବ



ଶିଳ୍ପ ପ୍ରଗତିର ମାଧ୍ୟମ। ଏହାକୁ ଜିଲାବାସୀ ବିରୋଧ କରନ୍ତି ନାହିଁ। ତେବେ ପରିବେଶ ପ୍ରତି ଧ୍ୟାନ ରଖି ଏହି ପ୍ରକଳ୍ପ କରିବା ଆବଶ୍ୟକ। ଏହି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଏଠାରେ କେବଳ ଚିଙ୍ଗୁଡ଼ି, କୁମ୍ଭୀର ଓ ଦେଶୀ ବିଦେଶୀ ପକ୍ଷୀ ଠୁଳ ହେଉନାହାନ୍ତି। ବିଭିନ୍ନ ପ୍ରକାର ଔଷଧୀୟ ଗୁଳ୍ମ ସହ ବିସ୍ତୀର୍ଣ୍ଣ ହେନ୍ତାଳବଣ ଅଛି। ଶିଳ୍ପର ପ୍ରଦୂଷିତ ପରିବେଶ ଓ ଉଦ୍‌ବୃତ୍ତ ଜଳ ହେନ୍ତାଳବଣକୁ ଧ୍ୱଂସ କରିବା ଶକ୍ତି ରଖିଛି। ଚିଙ୍ଗୁଡ଼ି ଘେରିରୁ ନିର୍ଗତ ରାସାୟନିକ ଦ୍ରବ୍ୟ, ଜଳ ସ୍ଥାନୀୟ ବନ୍ୟ ଓ ସାମୁଦ୍ରିକ ପରିବେଶକୁ ନଷ୍ଟ କରୁଛି। ଖରସ୍ରୋତାରୁ ମଧୁରପାଣି ଭଦ୍ରକକୁ ଦେବା, ବୈତରଣୀ ଜଳକୁ ଯାଜପୁରଠାରେ ଆନିକଟ ମାଧ୍ୟମରେ ଅଟକାଇବା, ମହାନଦୀରେ ସନ୍ତରାଠାରୁ ୱାଟର ରିଜର୍ଭର ପ୍ରତିଷ୍ଠା ପାଇଁ ଯୋଜନା ପରେ ଏବେ ଶିଳ୍ପ ପାଇଁ ମହାନଦୀରୁ ମଧୁର ଜଳ ନିଆଯିବ, ଯାହା ସମୁଦ୍ରର ପ୍ରାଚୀର କୁହାଯାଉଥିବା ହେନ୍ତାଳବଣକୁ ନଷ୍ଟକରି।

- କ୍ଷୀତିଶ କୁମାର ସିଂହ, ପରିବେଶବିତ, ରାଜନଗର

#### “ ମହାନଦୀରୁ ପାଣି ଶୁଖିଯିବା ସମ୍ଭାବନା



ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍‌ର ଅଏଲ ରିଫାଇନେରି ପକ୍ଷରୁ ୨୮୪.୧୫ ବର୍ଗ କି.ମି.(୨୮,୪୧୫ ହେକ୍ଟର) ପରିଧି ମଧ୍ୟରେ ପେଟ୍ରୋଲିୟମ, କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ ଇନ୍‌ଭେଷ୍ଟମେଣ୍ଟ ରେଜିୟନ (ପିସିପିଆଇଆର୍) ପ୍ଲାଣ୍ଟ ନିର୍ମାଣ ଯୋଜନା ଅଛି। ୩,୫୧,୦୫୮ କୋଟି ଟଙ୍କା ଏଥିରେ ନିବେଶ ହେବାକୁ ଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୨୯,୭୭୭ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଏହି ପ୍ଲାଣ୍ଟ ନିର୍ମାଣ ପରେ ଦୈନିକ ୬୨୦ ମିଲିୟନ ଲିଟର ମଧୁରଜଳ ଆବଶ୍ୟକ ଥିବା ବେଳେ ମହାନଦୀରୁ ୩୨୯ ମିଲିୟନ ଲିଟର ଦୈନିକ ଉଠାଯିବାକୁ ଯୋଜନା ରହିଛି। ଫଳରେ ପାଣି ଶୁଖି ଯିବା ସମ୍ଭାବନା ରହିଛି। ସେହିପରି ଶିଳ୍ପ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ମିଳୁଛି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜାପାନ ଗସ୍ତ ପରେ ଏହାକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ଦୋହରାଇଛନ୍ତି। ତେବେ ଘରୋଇ ନିର୍ଗତ ବର୍ଜ୍ୟବସ୍ତୁ, ବାୟୁ ପ୍ରଦୂଷଣ ଆଦି ସ୍ଥାନୀୟ ପରିବେଶକୁ ନଷ୍ଟ କରିବା ସମ୍ଭାବନା ଅଛି।

- ନିହାର ରଞ୍ଜନ ପ୍ରଧାନ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

### ମୁକ୍ତ ମଞ୍ଚ ନାଟକ ଉତ୍ସବ ଉଦ୍‌ଘାଟିତ

**କୁଜଙ୍ଗ, ୨୬।୫(ଡି.ଏନ୍.ଏ.)**

ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତର ଢିଙ୍କିଆ ରାଜସ୍ୱ ଗ୍ରାମରୁ ବର୍ଷେ ପୂର୍ବେ ମାହାଳ ଅଲଗା ହୋଇ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିଲା। ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ନାଟ ମହୋତ୍ସବ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମାହାଳ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ୨ୟ ବାର୍ଷିକ ମା’ ରାମଚଣ୍ଡୀ ଜିଲାସ୍ତରୀୟ ନାଟକ ମହୋତ୍ସବ ଗୁରୁବାର ରାତ୍ରିରେ ଉଦ୍‌ଘାଟିତ ହୋଇଯାଇଛି। ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର ଏହାକୁ ଉଦ୍‌ଘାଟନ କରିଥିଲେ। ମାହାଳ ଗ୍ରାମ କମିଟି ସଭାପତି ଅନିରୁଦ୍ଧ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେଏସ୍‌ଡବ୍ଲ୍ୟୁ ଜେନେରାଲ ମ୍ୟାନେଜର ସରୋଜ ପଣ୍ଡା, ସମ୍ମାନିତ ଅତିଥିଭାବେ ପାରାଦୀପର ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠି, ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା, ଢିଙ୍କିଆ ସରପଞ୍ଚ କିଶୋର ପରିଡ଼ା, ଭ୍ରମରବର ସେଠି, ଢିଙ୍କିଆ ଗ୍ରାମ କମିଟି ସଭାପତି ନୃସିଂହ ରାଉତ, ସମବାୟ ସମିତି ସଭାପତି ଅକ୍ଷୟ ବେହେରା, ପାଟଣା କମିଟି ସଭାପତି କୈଳାସ ମହାନ୍ତି, ଇତିଶ୍ରୀ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟ ମହୋତ୍ସବର ପ୍ରଥମ ଦିବସରେ ଓମ୍ ଶ୍ରୀ ଶ୍ରୀ ବାବା ରାଜା ରାଜେଶ୍ୱର ନାଟ୍ୟ ସଂସଦ ବାଣପୁର ପକ୍ଷରୁ ନାଟକ ‘ଏତେ ଦୁଃଖ କାହିଁ ଦେଲୁ ଦଇବ’ ମଞ୍ଚସ୍ଥ ହୋଇଥିଲା। ଉକ୍ତ ଉତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ପୁଣି ଅଳଭା ବ୍ରାହ୍ମଣୀ ପଠାରୁ ବାଲିମାଟି ଚାଲାଣ



ନଦୀରୁ ବାଲିମାଟି ଉଠାଣ କରାଯାଇ ଗଚ୍ଛିତ ରଖାଯାଇଛି।

**ପଟ୍ଟାମୁଣ୍ଡାଇ, ୨୬।୫(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଅଳଭା ବ୍ରାହ୍ମଣୀ ନଦୀ ଅଳଭାପାଳରେ ବଡ଼ ବଡ଼ ଗାତ କରାଯାଇ ପୁଣି ମାଟି ଚାଲାଣ କରାଯାଇଛି। ମାଟି ବ୍ୟବସାୟୀମାନେ ଏଥିରେ ଲାଭବାନ୍ ହେଉଥିବା ବେଳେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ସରକାରଙ୍କ ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରାଯାଇ ଜେସିବି ଓ ଟ୍ରାକ୍ଟର ଦ୍ୱାରା ପ୍ରତିଦିନ ଶତାଧିକ ଟ୍ରିପ୍ ମାଟି ଉଠାଯାଉଛି। ଉପରୋକ୍ତ ସ୍ଥାନରୁ ମାଟି ଉଠାଣକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବନ୍ଦ କରିବା ସହ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ କଡ଼ା ସମାଲୋଚନା କରିଥିଲେ। ମାଟି ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏତେସବୁ କଟକଣା ଥାଇ ବି କେତେଜଣ ସରକାରୀ କର୍ମଚାରୀଙ୍କ ସହଯୋଗରେ ମାଟି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ସର୍ବେଶ୍ୱର ସେଠୀ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ଅଳଭାପାଳରେ ଥିବା ସରକାରୀ ଜମିରୁ ବେଧଡ଼କ ଭାବେ ମାଟି ବାଲି ଉଠାଣ ଚାଲିଛି। ଏ ସମ୍ପର୍କରେ ନିମପୁର ଶାସନ ଓ ଅଳଭା ଗ୍ରାମବାସୀ ଅଭିଯୋଗ କରିବା ସହ ଏହା ବନ୍ୟା ନିରୋଧକ ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି କହିଛନ୍ତି। ସ୍ଥାନୀୟ ତହସିଲଦାର ବେଆଇନ ମାଟି ଉଠାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବିକରି ଆସୁଛନ୍ତି। ଅଳଭା ବ୍ରାହ୍ମଣୀ ନଦୀପଠାରୁ ବାଲିମାଟି ଉଠାଣକୁ ନେଇ ଏନ୍‌ଜିଟି ପକ୍ଷରୁ ମାମଲା ରୁଜୁ କରାଯାଇ ସମ୍ପୂର୍ଣ୍ଣ ମାଟି ଉଠାଣକୁ ବନ୍ଦ କରାଯାଇଥିଲା। ମାତ୍ର ଏହାର ୧ କି.ମି. ଦୂରରେ ମାଟି ବ୍ୟବସାୟୀମାନେ ଜେସିବି ଲଗାଇ ହାଇୱାରେ ମାଟି ଉଠାଇଛନ୍ତି। ଏହାକୁ ନେଇ ପ୍ରଶାସନ କାହିଁକି ନୀରବଦ୍ରଷ୍ଟା ସାଜିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାଜିକ କର୍ମୀ ମିଟୁ ଦାଶ କହିଛନ୍ତି, ଅଳଭାଠାରେ ବ୍ରାହ୍ମଣୀ ନଦୀ ପଠାରୁ ବେଆଇନ ବାଲିମାଟି ଉଠାଣ ନେଇ ଏନ୍‌ଜିଟି ରହିତାଦେଶ ଦେଇଥିଲେ। କିନ୍ତୁ ସେଠାରୁ ବାଲି ମାଟି ଉଠାଣ ବନ୍ଦ ଥିବା ବେଳେ ପୁଣି କିପରି ବେଆଇନ ଭାବେ ଏହା ହେଉଛି ସେ ନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନାକରି ଏନ୍‌ଜିଟିର ଦ୍ୱାରସ୍ଥ ହେବି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ସରକାରୀ ରାସ୍ତା କାମ ପାଇଁ ବାଲି ମାଟି ଉଠାଣ ହେଉଛି। ମାତ୍ର ଏନ୍‌ଜିଟି ବନ୍ଦ କରିଥିବା ଅଳଭାପାଳରୁ ବାଲି ଉଠାଇବା ଘଟଣା ବାବଦରେ ଅଭିଯୋଗ ପାଇଛି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଯେଉଁ ଠିକାଦାରମାନେ ସରକାରୀ କାମ କରୁଛନ୍ତି ସେମାନେ ଦୂରରୁ ମାଟି କିଣି ଆଣି କାମ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନକୁ ହାତକରି ବେଆଇନ ଭାବେ ସରକାରୀ ଜମିରୁ ବିନା ମୂଲ୍ୟରେ ମାଟି ଉଠାଇବା ଘଟଣା ସମଗ୍ର ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

#### ଏନ୍‌ଜିଟି ନିୟମକୁ ଉଲ୍ଲଂଘନ

### ପୀଡିତା ଯୁବତୀଙ୍କୁ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା ଅଫିସ, ୨୬।୫**

ମହାକାଳପଡ଼ା ଥାନା ଅଧୀନ ଏକ ଗ୍ରାମରେ ଭୋଜିକୁ ଡାକି ଯୁବତୀଙ୍କୁ ବଳାତ୍କାର ୨୦୨୧ ନଭେମ୍ବରରେ ଘଟିଥିଲା। ଏହି ଘଟଣା ୨୦୨୨ ଜାନୁୟାରୀରେ ଥାନାରେ ନଂ.୫/୨୨ରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୀଡିତାଙ୍କୁ ଅଦ୍ୟାବଧି କ୍ଷତିପୂରଣ ଅର୍ଥ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ନେଇ କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଏଣ୍ଡର ଗ୍ରାମର ସମୀର ଜେନା ଜାତୀୟ ମାନବାଧିକାର କମିଶନରଙ୍କ ଦୃଷ୍ଟି ଆକର୍ଷଣ (କେସ୍ ନଂ.୧୬୪/୨୨) କରିଥିଲେ। କମିଶନର ମାମଲାକୁ ଶୁଣାଣି କରି ଆସନ୍ତା ୬ ସପ୍ତାହ ମଧ୍ୟରେ ପୀଡ଼ିତାଙ୍କ କ୍ଷତିପୂରଣ ଅର୍ଥ ପ୍ରଦାନ ସମ୍ପର୍କରେ ରିପୋର୍ଟ ଦେବାକୁ ଜିଲା ଏସ୍‌ପିଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପିଟିସନ୍‌କାରୀ ଜେନା କହିଛନ୍ତି, ଘଟଣା ଦିନ ୨ଜଣ ବ୍ୟକ୍ତି ପୀଡ଼ିତାଙ୍କ ଘର ନିକଟରେ ଭୋଜି କରି ଖାଦ୍ୟ ପଦାର୍ଥ ଦେଇଥିଲେ। ସେହି ଖାଦ୍ୟ ଖାଇବା ପରେ ପୀଡ଼ିତା ବେହୋସ ହୋଇ ଯାଇଥିଲେ। ଏହି ସମୟରେ ତନ୍ତଆପାଳ ଥାନା ଅନ୍ତର୍ଗତ ବଚନ ମଣ୍ଡଳ ବଳାତ୍କାର କରିବା ସହ ଏହାର ଫଟୋ ଉଠାଇ ଥିଲେ। ପରେ ଏହି ଫଟୋ ଓ ଭିଡିଓ ଦେଖାଇ ପୀଡିତାଙ୍କୁ ବ୍ଲାକ ମେଲିଂ କରିଥିଲେ। ଏ ବାବଦରେ ୩ ଲକ୍ଷ ଟଙ୍କା ଦାବି କରିଥିଲେ ମଧ୍ୟ ଇଜ୍ଜତ ବଞ୍ଚାଇବାକୁ ଦେଢ଼ ଲକ୍ଷ ଟଙ୍କା ପୀଡିତା ଦେଇଥିଲେ। ଏହାସତ୍ତ୍ୱେ ବ୍ଲାକ ମେଲିଂ କରିବାରୁ ଥାନାରେ ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ବଚନ ଗିରଫ ହୋଇଥିଲେ ମଧ୍ୟ ଏହି ମାମଲାରେ କେତେଜଣ ବ୍ୟକ୍ତି ଆଇନ ପରିସରରୁ ବାହାରେ ଅଛନ୍ତି। ଏହାବ୍ୟତିତ ପୀଡ଼ିତାଙ୍କୁ କ୍ଷତିପୂରଣ ଅର୍ଥ ପାଇଁ କମିଶନରେ ମାମଲା ଦାଏର ହୋଇଥିବା ସେ ପ୍ରକାଶ କରିଛନ୍ତି।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ଏରସମା, ୨୬।୫(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ଆର୍‌ଏସ୍‌ଏସ୍ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା କରାଯାଇଛି। ଏହି ବ୍ଲକ ମୁଖ୍ୟାଳୟସ୍ଥିତ ରୟତସାହି ଗ୍ରାମର ବଟକୃଷ୍ଣ ମୁଦୁଲିଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଶୁକ୍ରବାର ଆର୍‌ଏସ୍‌ଏସ୍ ପକ୍ଷରୁ ସମ୍ପୃକ୍ତ ପରିବାରକୁ ଚୁଡ଼ା, ଚିନି, ବିସ୍କୁଟ ଓ ବସ୍ତ୍ର ଆଦି ଯୋଗାଇ ଦିଆଯାଇଛି। ଏଥିରେ କ୍ଷୀରୋଦ କୁମାର ପରିଡ଼ା, ରବୀନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ଘଡ଼ାଇ, ନିର୍ଲିପ୍ତ ଜେନା, ଜଟାଧାରୀ ସ୍ୱାଇଁ ଓ ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ସାମିଲ ଥିଲେ।

### ଡାମରପୁର କରତକଳ ଉପରେ ଚଢ଼ାଉ



କରତକଳରୁ ଜବତ ଯନ୍ତ୍ରାଂଶ।

**ରାଜନଗର, ୨୬।୫(ଡି.ଏନ.ଏ.)**

ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁରଠାରେ ଚାଲୁଥିବା ବେଆଇନ କରତକଳକୁ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଟିମ୍ ଶୁକ୍ରବାର ଭୋରରୁ ଚଡାଉ କରିଛି। ଏଥିସହ ୩ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ସହ କିଛି କାଠ ଜବତ କରିଛି। କରତକଳରେ ବ୍ୟବହାର ହେଉଥିବା ଷ୍ଟାଣ୍ଡ, ଟେବୁଲ, ୩ ଫେଜ ମୋଟର, ବ୍ଲେଡ ଓ ଚକା ଜବତ କରାଯାଇଛି। ଏସିଏଫ୍ ପୁନିମ ହୀରା ହାଁସଦାଙ୍କ ନେତୃତ୍ୱରେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ବିଚିତ୍ରାନନ୍ଦ ବେହୁରା, କାର୍ତ୍ତିକେଶ୍ୱର ଖଣ୍ଡେଇ, ଫରେଷ୍ଟର ବିଜୟ କୁମାର ପାତ୍ର, ପଦ୍ମନାଭ ରାଉତ, ମହନ୍ତ କୁମାର ମଲ୍ଲିକ, ନବୀନ କୁମାର ମଲ୍ଲିକ, ଜ୍ଞାନ ପ୍ରକାଶ ମହାନ୍ତି, ରୋଜାଲିନ ଦାସ, ଫରେଷ୍ଟଗାର୍ଡ ବିଶ୍ୱ ରଞ୍ଜନ ତରାଇ, ତ୍ରିଦୀପ ପ୍ରଧାନ, ଗୀତାଞ୍ଜଳି ସାହୁ, ଦୋଳଗୋବିନ୍ଦ ନାୟକଙ୍କ ସମେତ ୫୦ରୁ ଅଧିକ ବନ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

#### ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ

### ଗୋଟିଏ ଦିନରେ ୨ ଭଉଣୀଙ୍କ ମୃତ୍ୟୁ

**ରାଜନଗର, ୨୬।୫(ଡି.ଏନ.ଏ.)**

ଜୀବନର ଚଲାପଥରେ ସବୁ ଘଟଣା କି ଦୁର୍ଘଟଣା ମଣିଷ ମନେ ରଖି ପାରେନା। କିନ୍ତୁ ଏମିତି ଏକ ଘଟଣା ଘଟେ ଯାହା ମଣିଷର ସ୍ମୃତିରେ ସବୁଦିନ ପାଇଁ ରହିଯାଇଥାଏ। ସେଭଳି ଏକ ଦୁଃଖଦ ଘଟଣା ରାଜନଗର ଅଞ୍ଚଳରେ ସାମ୍ନାକୁ ଆସିଛି। ଜଣେ ଭଉଣୀ ଚିକିତ୍ସାଳୟରେ ଆଖି ବୁଜିବାର କିଛି ସମୟ ପରେ ଆଉ ଜଣେ ଭଉଣୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।

ରାଜନଗର ଥାନା ଅନ୍ତର୍ଗତ ନୁରୁଗାଁର ଦୁର୍ଯ୍ୟୋଧନ ପ୍ରଧାନଙ୍କ ସ୍ତ୍ରୀ ପାର୍ବତୀ (୭୦) ଗୁରୁବାର ନିଜର ପୁଅ ସହ ବାଇକ୍‌ରେ ଗୁପ୍ତି ପଞ୍ଚାୟତର ତୁଳସୀପୁର ଗାଁକୁ ଯାଉଥିଲେ। ତୁଳସୀପୁର ଗାଁରେ ଥିବା ତାଙ୍କର ପାହି ଜମି ଚାଷ ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିଲେ। ରାଜନଗର-ଗୁପ୍ତି ରାସ୍ତାର ମହିଁଷାସୁର ନିକଟରେ ତାଙ୍କ ବାଇକ୍‌କୁ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ଅଟୋ ଧକ୍କା ଦେବା ଫଳରେ ମା’ ପୁଅ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମା’ ପୁଅଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୁଅଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମା’ଙ୍କ ଅବସ୍ଥା ଗୁରୁତର ଥିଲା। ଡାକ୍ତର ପାର୍ବତୀଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡା. ପାର୍ବତୀଙ୍କୁ ମୃତ ଘୋଷଣା କରିଥିଲେ। ପାର୍ବତୀ ମୃତ୍ୟୁବରଣ କରିବାର ଅଳ୍ପ ସମୟ ପୂର୍ବରୁ ତାଙ୍କର ଭଉଣୀ ଡେରା ଗାଁର ଘୁଙ୍ଗୁରୀ ସ୍ୱାଇଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ମାତ୍ର ଅଳ୍ପ କେତେ ସମୟ ମଧ୍ୟରେ ୨ଭଉଣୀ ଆରପାରିକୁ ଚାଲିଯିବା ଘଟଣା ବନ୍ଧୁ, ପରିଜନ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ୨ ଭଉଣୀଙ୍କ ଶେଷକୃତ୍ୟ ଅଲଗା ଅଲଗା ଭାବେ ସେମାନଙ୍କ ଶାଶୁଘର ଗାଁ ଶ୍ମଶାନରେ ଶେଷ ହୋଇଛି।

# ୬ ବର୍ଷ ବିତିଲା ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେଲାନି

■ ଦଶିପୁର, ଏକମାଣିଆ ପଞ୍ଚାୟତ
■ ବ୍ଲକ କାର୍ଯ୍ୟାଳୟରୁ ଚିଠି ଗାଏବ

**ଆଳି, ୨୬।୫(ଡି.ଏନ.ଏ.)**







୨ ପଞ୍ଚାୟତର ୨ ଅସ୍ଥାୟୀ କାର୍ଯ୍ୟାଳୟ।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଦଶିପୁର ଓ ଏକମାଣିଆ ପଞ୍ଚାୟତ ଗଠନ ହେବାର ୬ ବର୍ଷ ବିତିଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନି। ଏହି ୨ଟି ପଞ୍ଚାୟତ ଗଠନ ହେବାର କିଛିଦିନ ମଧ୍ୟରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ୧୫ ଲକ୍ଷ ଲେଖାଏ ଟଙ୍କା ଆସିଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଆଜି ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ମାଟି ମୁଠେ ମଧ୍ୟ ପଡିନାହିଁ। ବହୁ ବିଡିଓ ଏବଂ ତହସିଲଦାରଙ୍କ ବଦଳି ହେଉଥିବା ବେଳେ ୨ଟି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାଗଜକଲମରେ ଅଟକି ରହିଛି। ତହସିଲ ଜାଗା ନିରୂପଣ କଲେ କାର୍ଯ୍ୟାଳୟ ହେବ ବୋଲି ବିଡିଓ କହୁଥିବା ବେଳେ ତହସିଲ ପକ୍ଷରୁ ସ୍ଥାନ ନିରୂପଣ ହେବାରେ ତହସିଲଦାରଙ୍କ ଟାଳଟୁଳ ନୀତି ଯୋଗୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ୩୨ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ପୁନଃଗଠନ ଯୋଜନାରେ ଦଶିପୁର ଓ ଏକମାଣିଆକୁ ୨ଟି ନୂତନ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା। ଏହି ୨ଟି ପଞ୍ଚାୟତ ଗଠନ ହେବା ପୂର୍ବରୁ ଅନ୍ୟ ୨ଟି ପଞ୍ଚାୟତରେ ସଂଯୋଗ ଥିଲା। ନୂତନ ପଞ୍ଚାୟତ ହୋଇଥିବା ଦଶିପୁର ପଞ୍ଚାୟତର ଦଶିପୁର ଓ ଖରିଅଣ୍ଡା ଗ୍ରାମ ପୂର୍ବରୁ ଦେମାଳ ପଞ୍ଚାୟତରେ ସାମିଲ ଥିଲା। ଏହି ୨ଟି ଗ୍ରାମ ବିଭିନ୍ନ କାର୍ଯ୍ୟ ନିମନ୍ତେ ଦେମାଳ ପଞ୍ଚାୟତକୁ ଆସିବାକୁ ହେଲେ ଖରସ୍ରୋତା ନଦୀ ପାର ହୋଇ ଆସିବାକୁ ପଡୁଥିଲା। ଯାହାକୁ ଲକ୍ଷ୍ୟ କରି ଏହାକୁ ନୂତନ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା। ସେହିପରି ଏକମାଣିଆ, ଦକ୍ଷିଣଡ଼ିହା ଓ ନଳପାହି ଗ୍ରାମ କୋଳିଡ଼ିହ ପଞ୍ଚାୟତରେ ସଂଯୋଗ ଥିବାବେଳେ ଏହି ଗ୍ରାମକୁ ଚତୁଃପାର୍ଶ୍ୱରୁ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଘେରି ରହିଛି। ଫଳରେ ଗ୍ରାମବାସୀ ନଦୀ ପାର ହୋଇ ଭତ୍ତା ନେବାଠୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ନିମନ୍ତେ ହଇରାଣ ହେବାକୁ ପଡୁଥିଲା। ଫଳରେ ଏକମାଣିଆ, ଦକ୍ଷିଣଡ଼ିହା ଓ ନଳପାହି ଗ୍ରାମକୁ ଏକମାଣିଆ ପଞ୍ଚାୟତ ଭାବେ ଘୋଷଣା କରାଗଲା। ଦଶିପୁର ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ପ୍ରଥମେ ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ା ନେଇ କାମ କରୁଥିବା ବେଳେ କିଛିଦିନ ହେବ ଦଶିପୁର ହାଇସ୍କୁଲ ନିକଟରେ ଏକ ଅସ୍ଥାୟୀ ଗୃହକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟାଳୟ ଚାଲୁ ରହିଛି। ଏକମାଣିଆ ପଞ୍ଚାୟତ କାର୍ଯ୍ୟାଳୟ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଚାଲିଛି। ଏ ନେଇ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଅର୍ଥ ଆସିଛି। କିନ୍ତୁ ତହସିଲ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ବିଳମ୍ବ ହେବାରୁ କାର୍ଯ୍ୟାଳୟ ନିର୍ମାଣରେ ବିଳମ୍ବ ଘଟୁଛି ବୋଲି ସେ କହିଛନ୍ତି। ଏ ନେଇ ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କୁ ପଚାରିବାରେ ଉଭୟ ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଥିବା ସ୍ଥାନର ଫାଇଲ ପ୍ରୋସେସିଂ ହୋଇ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଯାହା କିଛି କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜାଗିଲିପଦର ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିଲା

ବେଗୁନିଆପଡା,୨୬।୫-ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କାଳିମେଘି ପଞ୍ଚାୟତ ଜାଗିଲିପଦର ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିବା ଏଣିକି ଏଠାରେ ଯୁକ୍ତ ୨ କଳାରେ ଛାତ୍ରୀଛାତ୍ର ପାଠ ପଢିପାରିବେ। ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥରିଟି ଏ ନେଇ ଅନୁମତି ଦେବା ପରେ କାଳିମେଘି ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଖୁସି ପ୍ରକାଶ କରିଛନ୍ତି । ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ ସ୍ଥାନୀୟ ବିଧାୟିକା ଓ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ସମିତି ସଭ୍ୟା ନୟନୀ ଗୌଡ଼ ମଧ ବିଧାୟିକା ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଯୁକ୍ତ ୨ ଶ୍ରେଣୀ ଖୋଲୁଥିବାରୁ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଖୁସି ବ୍ୟକ୍ତ କରିଛନ୍ତି।

### ଆର୍‌ଟି ବିଦ୍ୟାପୀଠରେ ଖୋଲିବ ଯୁକ୍ତ ୨ ଶ୍ରେଣୀ

ପୁରୁଷୋତ୍ତମପୁର,୨୬।୫(ଡି.ଏନ.ଏ.) ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପୁର ଠାରେ ୧୯୭୩ରେ ସ୍ଥାପିତ ରାଙ୍ଗାଭାଟଲା ତୁମ୍ବନାଥଂ ସରକାରୀ ଉଚ୍ଚ ବିଦ୍ୟାଳୟ (ଆର୍‌ଟି ବିଦ୍ୟାପୀଠ) ରେ ଯୁକ୍ତ୨ କଳା ଶ୍ରେଣୀ ଖୋଲିବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ୨୦୨୩-୨୪ ଶିକ୍ଷା ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ। ଏହି ଅଞ୍ଚଳରେ ଯୁକ୍ତ ଦୁଇ ଶ୍ରେଣୀ ନଥିବା ହେତୁ ଗରିବ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏହାକୁ ନେଇ ଜନସାଧାରଣ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବାକୁ ଦାବି କରିଆସୁଥିଲେ। ଏହି ଦାବିକୁ ନେଇ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ। ବିଧାୟିକାଙ୍କ ଉଦ୍ୟମରେ ଏହି ବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିଥିବା ହେତୁ ଅଞ୍ଚଳବାସୀ ସରକାର ଓ ବିଧାୟିକାଙ୍କୁ ସାଧୁବାଦ ଜଣାଇଛନ୍ତି।

### ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ନ ଥିବାରୁ ଚାଷୀ ହନ୍ତସନ୍ତ

ଚିକିଟି,୨୬।୫(ଡି.ଏନ୍.ଏ.): ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ଅବସ୍ଥା ସୁଦୃଢ କରିବାକୁ ଉଦ୍ୟାନ ଚାଷ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ ଚାଷୀଙ୍କୁ ରିହାତିରେ ବିଭିନ୍ନ ଚାରା ଯୋଗାଇ ଦେଉଛନ୍ତି । ଏହାର ସଫଳ ରୂପାୟନ ପାଇଁ ଗଞ୍ଜାମ ଜିଲା ଚିକିଟି ବ୍ଲକରେ ଜଣେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଓ ଜଣେ କ୍ଷେତ୍ର କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ଉଦ୍ୟାନ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ କର୍ମଚାରୀମାନେ ବେଳେ ବେଳେ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଛନ୍ତି । ତେଣୁ ଚିକିଟି ବ୍ଲକ୍‌ରେ ଉଦ୍ୟାନ ବିଭାଗର ଗୋଟିଏ କାର୍ଯ୍ୟାଳୟ ଖୋଲିଲେ କର୍ମଚାରୀ ନିୟମିତ ଆସିଥାନ୍ତେ ଏବଂ ଚାଷୀ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜାଣିପାରିଥାନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ ବେଳେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପାଇଁ ୨୦୧୨ରୁ ୧୫ ଲକ୍ଷ ଟଙ୍କା ଟେଣ୍ଡର ହୋଇଛି । ସରକାରୀ ଜାଗା ଚିହ୍ନଟ ନ ହେବା ଫଳରେ ବିଳମ୍ବ ହୋଇଛି । ବର୍ତ୍ତମାନ ପୁଣି ଆଉଥରେ ଟେଣ୍ଡର ହୋଇ କାମ ଆରମ୍ଭ ହେବ ବୋଲି କହିଛନ୍ତି ।

# ବନ୍ଧାହେବେ ଦୁର୍ନୀତିଗ୍ରସ୍ତ ଅଧିକାରୀ




ଭାପୁର ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣ ନ କରି ଅର୍ଥ ହଡ଼ପ କରାଯାଇଛି ।

## ଭାପୁର ବ୍ଲକରେ କାମ ନ କରି ଅର୍ଥ ହଡ଼ପ ହୋଇଛି

ଭାପୁର, ୨୬।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଦୁର୍ନୀତିକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚିତ। କେତେବେଳେ ଗୋଟିଏ ଶହେ ମିଟର ରାସ୍ତାକୁ ୨୧ ଥର ବିଲ କରି ତ କେତେବେଳେ ନାଳ ଭିତରେ ପୋଖରୀ ଖୋଳି। ପୁଣି କେତେବେଳେ କୂଅ, ପୋଖରୀ, ଆବାସ ଗୃହ ନିର୍ମାଣ ନ କରି ଫଲସ୍ ବିଲ୍ କରି ଅର୍ଥ ହଡ଼ପ କରିବାକୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏପରି କି ଭାପୁର ବ୍ଲକରୁ ୮୦କୋଟି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲେ ମଧ ପ୍ରାୟ ୭୭ ଲକ୍ଷ ଟଙ୍କା ଅସୁଲ ହୋଇଥିବା ଜଣାପଡ଼ିଛି। ଭାପୁର ବ୍ଲକରେ ଦୀର୍ଘବର୍ଷ ଧରି ରାଜନୈତିକ ମହଲରେ ସରଗରମ ରହିଛି। କରିତକମା ଅଧିକାରୀ ଜନତାଙ୍କ ଟିକସ ଅର୍ଥରେ କିଛି କାମ ନ କରି ବାଟମାରଣା କରି ଅର୍ଥକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଛକାପଞ୍ଝା ପରେ ନିକଟରେ ଲୋକାୟୁକ୍ତ ଓ ରାଜ୍ୟ ସରକାରଙ୍କ ଚାପରେ ଜିଲା ପ୍ରଶାସନ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଏହିକ୍ରମରେ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ରଣଜିତ କୁମାର ମଲ୍ଲିକ ଫତେଗଡ ଥାନାରେ ଏତଲା ଦେଇଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ଗୁରୁତର ଭାବେ ନେବା ସହ ଏକ ନଂ. ୧୩୦/୨୩ରେ ମାମଲା ରୁଜୁ କରି ତଦନ୍ତରେ ତତ୍ପରତା ଦେଖାଇଛି। ଫତେଗଡ ପୋଲିସ ପକ୍ଷରୁ ଖୁବ୍‌ଶୀଘ୍ର ଦୁର୍ନୀତିଗ୍ରସ୍ତ ଅଧିକାରୀ, ଯନ୍ତ୍ରୀ ଗିରଫ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳୁଛି। ପୋଲିସ ପକ୍ଷରୁ ବିଭିନ୍ନ ରେକର୍ଡ ଫାଇଲ ଜବତ କରିବା ସହ ୨ଦିନ ଧରି ବ୍ଲକ ପରିସରରେ ଜୋରଦାର ତଦନ୍ତ ଚାଲୁ ରହିଛି। ସୂଚନା ଅନୁଯାୟୀ ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ପରିସରରେ ମିଶନ ଶକ୍ତି ଗୃହ ନିର୍ମାଣ ନ କରି ୪ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିଲା। ନୟାଗଡ଼ ଜିଲା ପ୍ରଶାସନର ତଦନ୍ତ ପରେ ୩ଜଣ ସରକାରୀ କର୍ମଚାରୀଙ୍କଠାରୁ ଟଙ୍କା ଅସୁଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ଭାପୁର ବ୍ଲକର ତତ୍କାଳୀନ ବିଡିଓ ସତ୍ୟ ସୁନ୍ଦର ରାଉତ, ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହା ଓ ତତ୍କାଳୀନ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କଠାରୁ ଆଦାୟ ପାଇଁ ପିଡି ସୁବାସ ରାୟ ନିର୍ଦ୍ଦେଶ ଦେଇଥିଲେ। ଘଟଣାରୁ ପ୍ରକାଶ, ନୟାଗଡ ଜିଲା ଭାପୁର ବ୍ଲକରେ ମିଶନ ଶକ୍ତି ପକ୍ଷରୁ ଆସିଥିବା ଅର୍ଥରେ ଗୃହ ନିର୍ମାଣ ନ ହୋଇ ଅର୍ଥ ଆତ୍ମସାତ ହୋଇଥିବା ମିଶନ ଶକ୍ତି କମିଶନଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ରାତିଅଧିଆ ଭିଏଲ୍‌ଡବ୍ଲ୍ୟୁ ଘରକୁ ରଙ୍ଗ ବୋଳି ମିଶନ ଶକ୍ତି ଗୃହ ଲେଖା ହୋଇଥିଲା। ପୁଣି ତାହାକୁ ପରବର୍ତ୍ତୀ ସମୟରେ ଲିଭା ହୋଇଥିବା ଅଭିଯୋଗ ହୋଇଥିଲା। ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ମା' ଭଗବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସାଇ ଦୁର୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' କାଳିକା ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟ ମିଶନ ଶକ୍ତି କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗୃହ ନିର୍ମାଣ ପାଇଁ ମିଶନ ଶକ୍ତି ବିଭାଗରୁ ଆସିଥିବା ୪ ଲକ୍ଷ ୫୦ହଜାର ଟଙ୍କା ଆସିଥିଲା। ଏଥିରେ ଗୃହ ନିର୍ମାଣ ନ ହୋଇ ଟଙ୍କା ହଡପ କରାଯାଇଛି। ଏହି ଅର୍ଥକୁ କର୍ମଚାରୀମାନେ ମିଥ୍ୟା ବିଲ୍ କରି ହରିଲୁଟ କରିଛନ୍ତି। ଏହି ଅଭିଯୋଗ ପାଇଲା ପରେ ରାଜ୍ୟ ମିଶନ ଶକ୍ତିର କମିଶନର ସୁଜାତା ଆର୍ କାର୍ତ୍ତିକେୟନଙ୍କ ନିକଟରେ ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ମିଶନ ଶକ୍ତି ଗୃହ ନିର୍ମାଣ ନ କରି ଫଲସ୍ ବିଲ୍ କରାଯାଇଥିବା ଜଣାପଡ଼ିଥିଲା। ବ୍ଲକର ଭାପୁର ପଞ୍ଚାୟତ ଖରିଗିଗାଡ଼ିଆ ଗାଁରେ ରାସ୍ତା ଓ ପୋଖରୀ ନ ଖୋଳି ୨୪ଲକ୍ଷ ଟଙ୍କା ରିକଭରି ହୋଇଥିଲା। ବିଜିପୁର ଠାକୁର ଘର ଫଲସ୍ ବିଲ୍ ଘଟଣାରେ ୨ଲକ୍ଷ, ଶାସନ ପଞ୍ଚାୟତରେ ନାଳ ଭିତରେ ପୋଖରୀ ଖୋଳାରେ ୪ଲକ୍ଷ, ବାଉଁଶବାଟୀ ଓ ପଦ୍ମାବତୀ ପଞ୍ଚାୟତରେ ଫଲସ୍ ବିଲ୍ ଘଟଣାରେ ଅର୍ଥ ଅସୁଲ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।

# ଦାମୋଦରପୁରରେ ହେବ କଲ୍ୟାଣ ମଣ୍ଡପ

## ଚିହ୍ନଟ ସ୍ଥାନ ପରିଦର୍ଶନ କଲେ ବିଧାୟକ



କଲ୍ୟାଣ ମଣ୍ଡପ ସ୍ଥାନ ପରିଦର୍ଶନ କରୁଛନ୍ତି ବିଧାୟକ ।

ଗଞ୍ଜାମ,୨୬।୫(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଦାମୋଦରପୁରଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହେବ । ଏଥିପାଇଁ ଗ୍ରାମବାସୀ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଗ୍ରାମରେ ପହଞ୍ଚି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଚିହ୍ନଟ ସ୍ଥାନ ପରିଦର୍ଶନ କରିଛନ୍ତି। ଗ୍ରାମର ବହୁ ପୁରାତନ ସ୍କୁଲ ଗୃହଟି ଭଗ୍ନ ଅବସ୍ଥାରେ ରହିଛି। ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନଙ୍କ ସହ ଆଲୋଚନା ହୋଇଛି। ବିଧାୟକ ଏହି ଅବସରରେ ଋଷିକୁଲ୍ୟା ନଦୀରେ ନିର୍ମାଣ ହେଉଥିବା ପ୍ରକଳ୍ପ ପରିଦର୍ଶନ କରିବା ସହ ଗ୍ରାମରେ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟକ୍ରମ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏନଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, କାଉନସିଲର ପି. ଚନ୍ଦ୍ରଶେଖର, ପି. ମୋହନ ରେଡି, ଯୁବ ବିଜେଡି ନେତା ସୁଧିର କୁମାର ପାଢ଼ୀ, ଗୋପାଳ ବେହେରା, ଶ୍ରୀଚରଣ ବେହେରା, ବଂଶୀଧର ବେହେରା, ଉମାକାନ୍ତ ବେହେରା, ଇପସିତ ବେହେରା, ମହେନ୍ଦ୍ର ବେହେରା, ଗୋବିନ୍ଦ ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ରାହ୍ମଣ ସୀତାପୁର ଗ୍ରାମର ଠାକୁରାଣୀ ପର୍ବ



ପାରଳାଖେମୁଣ୍ଡି, ୨୬।୫ (ଡି.ଏନ୍.ଏ)

ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ କେରାଣ୍ଡି ପଞ୍ଚାୟତର ବ୍ରାହ୍ମଣ ସୀତାପୁର ଗ୍ରାମରେ ୯ଦିନ ଧରି ଅନୁଷ୍ଠିତ ହେଉଥିବା ଠାକୁରାଣୀ ଯାତ୍ରା ଶୁକ୍ରବାର ପଞ୍ଚମ ଦିନରେ ବିରାଟ ଜନଗହଳି ହୋଇଥିଲା। ମାନସିକଧାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ। ପ୍ରାୟ ୧୦/୧୧ଟି ବେଶ ବାହାରିଥିଲେ ମଧ ନଦିଆ ନବଦୀପ, ଜଗନ୍ନାଥ ପ୍ରେମୀ ଭକ୍ତ ଓ ହବିଷାଳି ବୁଢୀ ଏବଂ ପୋଲିସ ଚୋର ବେଶ ଆକର୍ଷିତ କରିଥିଲା। ସନ୍ଧ୍ୟାରେ ତିନି ଠାକୁରାଣୀ ଗ୍ରାମ ପରିକ୍ରମା କରିବା ସମୟରେ ପ୍ରବଳ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା । ଯାତ୍ରା ପରିଚାଳନା କମିଟି ଓ ଗାଁର ଯୁବକ ଗୋଷ୍ଠୀ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ।

# ଶ୍ମଶାନରୁ ମହିଳାଙ୍କ ମୃତଦେହ ଜବତ

## ହତ୍ୟା କରାଯାଇଥିବା ଗ୍ରାମବାସୀଙ୍କ ଅଭିଯୋଗ

ବ୍ରହ୍ମପୁର ଅଫିସ,୨୬।୫

ନିମଖଣ୍ଡି ଥାନା ପୋଲିସ ଜଗଦଳପୁର ଗ୍ରାମର ଜଣେ ମହିଳାଙ୍କ ମୃତଦେହ ଶ୍ମଶାନରୁ ଜବତ କରିଛି। ମୃତ ମହିଳା ଜଣଙ୍କ ହେଲେ ଜି.ସୀମାଞ୍ଚଳ ପାତ୍ରଙ୍କ ସ୍ତ୍ରୀ ଜି.ଲକ୍ଷ୍ମୀ ପାତ୍ର (୩୮)। ସନ୍ଦେହଜନକ ମୃତ୍ୟୁ ଖବର ପାଇ ପୋଲିସ ଉକ୍ତ ଗ୍ରାମ ଶ୍ମଶାନକୁ ଯାଇ ମୁଖାଗ୍ନି ଦିଆଯିବା ପୂର୍ବରୁ ମୃତଦେହ ଜବତ କରି ଆଣି ସଂରକ୍ଷଣ ଗୃହରେ ରଖିଛି। ଶନିବାର ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ମୃତ ମହିଳାଙ୍କ ଭାଇ ତ୍ରିଲୋଚନ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏ ସଂକ୍ରାନ୍ତରେ ୧୫/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଦାହ କରିବାକୁ ଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ପ୍ରକାଶ ଯେ, ସୀମାଞ୍ଚଳ ୧୯ ବର୍ଷ ପୂର୍ବେ ଶ୍ରୀରଙ୍ଗରାଜ ଗ୍ରାମର ରଙ୍କ ପାତ୍ରଙ୍କ ଝିଅ ଲକ୍ଷ୍ମୀ ପାତ୍ରଙ୍କୁ ବିବାହ କରିଥିଲେ। ଇତିମଧ୍ୟରେ ତାଙ୍କର ୧୭ବର୍ଷର ପୁଅ ଓ ୧୪ ବର୍ଷର ଏକ ଝିଅ ଅଛି। ଶୁକ୍ରବାର ଲକ୍ଷ୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା କହି ସୀମାଞ୍ଚଳ ଗ୍ରାମର କିଛି ବ୍ୟକ୍ତିଙ୍କ ଜରିଆରେ ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଥିଲେ। ଅନ୍ୟପଟେ ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରି ଅତି ତରବରିଆ ଭାବେ ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଛନ୍ତି ବୋଲି ଗ୍ରାମର କିଛି ଲୋକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଜଗଦଳପୁର ଗ୍ରାମର ଶ୍ମଶାନକୁ ଯାଇ ମହିଳାଙ୍କ ମୃତଦେହ ଜବତ କରିଥିଲା ବୋଲି କହିଛି।

# କୃଷି ଉଦ୍ୟୋଗୀ ପ୍ରଶିକ୍ଷଣ ଶିବିର

ଆସିକା,୨୬।୫(ଡି.ଏନ.ଏ.)

ଆସିକା ବ୍ଲକ ବାବନପୁରସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଗୁରୁବାର କୃଷି ଉଦ୍ୟୋଗୀଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ସୂଚନା ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ସହକାରୀ କୃଷି ଯନ୍ତ୍ରୀ ଶିଶିର କୁମାର ସାହୁ, ଅପିକଲ ଜିଲା ସଂଯୋଜକ ଚିନ୍ମୟ ବେହେରା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୪୦ଜଣ ଅଗ୍ରଣୀ ଚାଷୀ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଚାଷୀଙ୍କ ଲାଗି ରହିଥିବା ବିଭିନ୍ନ ପୁଞ୍ଜି ସହାୟତା ଓ ବୈଷୟିକ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଷୀମାନେ ଏହାର ସୁଯୋଗ ନେଇ ନିଜ ଆୟକୁ ଦ୍ୱିଗୁଣିତ କରିବା ସହ ଆର୍ଥିକ ବିକାଶ ଉପରେ ସଂକଳ୍ପବଦ୍ଧ ହେବା ଲାଗି ପରାମର୍ଶ ଦିଆଯାଇଥିଲା ।

# ମିଶନ ଶକ୍ତି ସଦସ୍ୟା ବିଜେଡି ପ୍ରାର୍ଥୀ ହେବା ଚର୍ଚ୍ଚା

ବ୍ରହ୍ମପୁର ଅଫିସ,୨୬।୫

ଗଞ୍ଜାମ ଜିଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଜେଡିରୁ ଲଗାତର ୩ ଥର ଜିତି ବିଧାୟକ ହୋଇଥିବା ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଦୁଇ ବର୍ଷ ତଳୁ ଦଳରୁ ବହିଷ୍କାର କରାଯାଇଛି। ସେଠାର ଶଙ୍ଖ ଦଳ ସାଙ୍ଗଠନିକ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କୁ ନ୍ୟସ୍ତ କରାଯାଇଛି। ସେ ଗତ କିଛିଦିନ ହେବ ବିଦେଶ ଗସ୍ତରେ ଅଛନ୍ତି। ତାଙ୍କ ଅନୁପସ୍ଥିତିରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଦୀପ ଅମାତ ତଦାରଖ କରୁଛନ୍ତି। ନିର୍ବାଚନ ମଣ୍ଡଳୀର ବକ୍ସିପଲ୍ଲୀ ଓ ବ୍ରହ୍ମପୁର ମହାନଗରର ଲାଞ୍ଜିପଲ୍ଲୀରେ ଚାଲିଛି ଠାକୁରାଣୀ ଯାତ୍ରା। ଉଭୟ ସ୍ଥାନକୁ ଗୁରୁବାର ଯାଇ ମା'ଙ୍କୁ ଦର୍ଶନ କରି ଫେରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ହେଉଛି ଠାକୁରାଣୀ ଯାତ୍ରା। ଭୋଟ ରାଜନୀତି ପାଇଁ ସବୁଠି ନେତାଙ୍କ ଭିଡ଼ ଜମୁଛି। ପ୍ରଦୀପ ପାଣିଗ୍ରାହିଙ୍କୁ ଦଳରୁ ବିତାଡ଼ିତ କରିବା ପରେ ସେଠାର ବିଜେଡି ରାଜନୀତି ଉଷ୍ମ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ପୂର୍ବ ସ୍ଥିତି ବଜାୟ ରଖିବା ପାଇଁ ଶାସକ ଦଳ କସରତ ଚଳାଇଛି। ଏହା ଇଜ୍ଜତ କା ପ୍ରଶ୍ନ ହୋଇଥିବାରୁ ଗୋପାଳପୁରକୁ ବିଜେଡି ଅଧିକ ଗୁରୁତ୍ୱ ଦେଇଛି। ବିଧାୟକଙ୍କ ନିଜସ୍ୱ ସଂଗଠନ ଥିବା ଏବଂ ତାଙ୍କ ସମର୍ଥକମାନେ ପ୍ରଦୀପ ସେନା ଗଠନ କରିଥିବାରୁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ବର୍ତ୍ତମାନର ସ୍ୱାଧୀନ ବିଧାୟକ ପାଣିଗ୍ରାହି ୨୦୨୪ ନିର୍ବାଚନ ଲଢ଼ିବା ସୁନିଶ୍ଚିତ ବୋଲି ସମର୍ଥକମାନେ କହୁଥିବା ବେଳେ ସେ କେଉଁ ଦଳରୁ ନା ସ୍ୱାଧୀନ ପ୍ରାର୍ଥୀ ହେବେ ଅସ୍ପଷ୍ଟ ରହିଛି। ସେହିପରି ବିଜେଡି ମଧ କାହାକୁ ଏଯାବତ୍ ପ୍ରୋଜେକ୍ଟ କରିନଥିବାରୁ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଇତିମଧ୍ୟରେ ପୂର୍ବତନ ଏମପି ସିଦ୍ଧାନ୍ତ ମହାପାତ୍ର ଏକାଧିକ ଥର ଗୋପାଳପୁର ବିଧାନସଭା କ୍ଷେତ୍ରକୁ ଆସୁଥିବାରୁ ଆଉ ଏକ ଚର୍ଚ୍ଚା ଚାଲିଛି। ଅପରପକ୍ଷରେ ବିଜେଡି ଓ ସରକାର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଉଥିବାରୁ ଆଗାମୀ ନିର୍ବାଚନରେ ଜଣେ ମହିଳାଙ୍କୁ ଶାସକ ଦଳ ପ୍ରାର୍ଥୀ କରିପାରେ ବୋଲି ରାଜନୀତି ସମୀକ୍ଷକ ଚର୍ଚ୍ଚା କରୁଛନ୍ତି। ତେବେ ୨୦୧୯ ନିର୍ବାଚନ ବେଳେ ଆସିକା ସଂସଦୀୟ କ୍ଷେତ୍ରରୁ ମିଶନ ଶକ୍ତିର ମହିଳା ପ୍ରମିଳା ବିଶୋୟୀଙ୍କୁ ପ୍ରାର୍ଥୀ କରି ବିଜେଡି ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲା। ଆଗାମୀ ନିର୍ବାଚନରେ ଗୋପାଳପୁରରୁ ମିଶନ ଶକ୍ତି ସଦସ୍ୟାଙ୍କୁ ବିଜେଡି ଟିକେଟ ଦେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସଚେତନ ମହଲ ମତ ରଖିଛନ୍ତି।

# ପଦ୍ମନାଭ ପୋଖରୀ ପାଲଟିଛି ଆବର୍ଜନା କୁଣ୍ଡ



ପଦ୍ମନାଭ ପୋଖରୀ ।

କବିସୂର୍ଯ୍ୟନଗର,୨୬।୫(ଡି.ଏନ.ଏ.)

ରକ୍ଷଣାବେକ୍ଷଣ ଅଭାବରୁ କବିସୂର୍ଯ୍ୟନଗର ଏନ୍‌ଏସି ୧୮ ନଂ. ୱାର୍ଡସ୍ଥିତ ପଦ୍ମନାଭ ପୋଖରୀ ଏବେ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ଏହା ସହର ବାହାରେ ନାରାୟଣପୁର ଶାସନ ନିକଟରେ ଅବସ୍ଥିତ। କିଛିବର୍ଷ ତଳେ ୫ ଲକ୍ଷ ଟଙ୍କା ବ୍ୟୟରେ ଏହାର ପୁନରୁଦ୍ଧାର ଲୋକ ଦେଖାଣିଆ ଭାବେ କାର୍ଯ୍ୟକରି ଦିଆଯାଇଥିଲା। ଏହି ପୋଖରୀରେ ମୁଖ୍ୟତଃ ଖରାଦିନେ ଗାଧୋଇବା ପାଇଁ ଲୋକେ ଭିଡ଼ ଜମାଇଥାନ୍ତି। ନାରାୟଣପୁର ଶାସନବାସୀ ଏହାର ଯତ୍ନ ନେଇଥାନ୍ତି। କିନ୍ତୁ ଆଜି କୌଣସି ଅନୁଷ୍ଠାନ, ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନର ଚରମ ଅବହେଳା ହେତୁ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ଏହି ଐତିହାସିକ ପୋଖରୀର ପାଣି ବ୍ୟବହାର ଅନୁପଯୁକ୍ତ ହୋଇଛି। ପୋଖରୀ ହିଡ଼ ପାଲଟିଛି ଅବାଧ ମୁକ୍ତାକାଶ ଶୌଚାଳୟ। ସେହିପରି ଯଟେଶ୍ୱର ପୋଖରୀ, ନେଳିଆବନ୍ଧ, ସ୍ୱପ୍ନେଶ୍ୱର ପୋଖରୀ ପ୍ରମୁଖ ସହରର ପୋଖରୀ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏନଏସି କର୍ତ୍ତୃପକ୍ଷ ସମସ୍ତ ପୋଖରୀକୁ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ସମୀକ୍ଷା କଲେ ଜାଗା ମିଶନ ଉପଦେଷ୍ଟା



ଜାଗା ମିଶନ ଉପଦେଷ୍ଟାଙ୍କ ସମୀକ୍ଷା ।

ଗଞ୍ଜାମ,୨୬।୫(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜାଗା ମିଶନ ଉପଦେଷ୍ଟା ଶାଶ୍ୱତି ମିଶ୍ର ଗୁରୁବାର ଗଞ୍ଜାମ ଏନ୍‌ଏସି ଗସ୍ତରେ ଆସି ବଜାର ଗୋରଡା ହରିଜନସାହି ବସ୍ତି ବାସିନ୍ଦାଙ୍କ ବିଭିନ୍ନ ଉନ୍ନୟନ ବିଷୟରେ ଆଲୋଚନା କରିବା ସହ ଜାଗା ମିଶନର ସମୀକ୍ଷା କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ଏନ୍‌ଏସି ଇଓ ଅବିନାଶ ମିଶ୍ର, ସାନିଟେସନ ଏକ୍ସପର୍ଟ ସୁମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତାଘାଟ, ପାନୀୟ ଜଳ, ଡ୍ରେନେଜ, ଘରପଟ୍ଟା, ଖୋଲା ପାର୍କ, ଆବାସ ଯୋଜନାରେ ଗୃହ ଏବଂ ରାଶନ କାର୍ଡ ଆଦି ସମସ୍ତଙ୍କୁ ମିଳିଛି ନା ନାହିଁ ପଚାରି ବୁଝିଥିଲେ ଜାଗା ମିଶନ ଉପଦେଷ୍ଟା। ପ୍ରଥମେ ଏହି ଜିଲାରୁ ୨୦୧୮ ଜାଗା ମିଶନ ଜରିଆରେ ଗରିବ ଜନସାଧାରଣ ତଥା ବାସହୀନଙ୍କୁ ଆବାସ ଯୋଜନାରେ ଗୃହ ଏବଂ ଘରପଟ୍ଟା ପ୍ରଦାନ କରି ଐତିହାସିକ ପଦକ୍ଷେପ ନେଇଥିଲେ ରାଜ୍ୟ ସରକାର। ବସ୍ତିରେ ରହୁଥିବା କୌଣସି ଲୋକଙ୍କ ଚାଳଛପର ରହିବ ନାହିଁ ବୋଲି ଜାଗା ମିଶନ ଉପଦେଷ୍ଟା ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ନୀଳାଞ୍ଚଳ ବାରିକି, ଯୁବନେତା ବିଭୂତି ପଲାଇ, କାଉନସିଲର ସୁଜାତା ମହାନ୍ତି, ପୁରସ୍ତମ ସାହୁ, ଚନ୍ଦ୍ରଶେଖର ରେଡ଼ିଙ୍କ ସମେତ ଏନ୍‌ଏସି ସିଏମ୍‌ଏମ୍ ଭାଗ୍ୟଶ୍ରୀ ନାୟକ, ଗୋଷ୍ଠୀ ସାଙ୍ଗଠିକା ସ୍ୱପ୍ନାରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରଙ୍କ ସମେତ ୩ ସାକ୍ଷୀଙ୍କ ବୟାନ ରେକର୍ଡ

## କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ଜେନା ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୨୬।୫

ଆସିକା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ୨୦୧୯ ନିର୍ବାଚନରେ ବିଧାନସଭା ପ୍ରାର୍ଥୀ ହୋଇଥିବା ମନୋଜ ଜେନା ହତ୍ୟା ମାମଲା ବ୍ରହ୍ମପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ଡ. ଇନ୍ଦୁଶର୍ମାଙ୍କ କୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ହୃଷୀକେଶ ପାତ୍ର, କାର୍ତ୍ତିକ ନାହାକ ଓ ବୁଲୁ ନାହାକ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ସେମାନଙ୍କୁ ଶୁକ୍ରବାର କଡା ସୁରକ୍ଷା ବଳୟରେ କୋର୍ଟରେ ହାଜର କରାଯାଇଥିଲା। ସେହିପରି ମନୋଜ ହତ୍ୟା ମାମଲାରେ ଗିରଫ ପରେ ଜାମିନରେ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଶୁକ୍ରବାର ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ଏହି ମାମଲାରେ ମୋଟ ୪୫ ଜଣ ସାକ୍ଷୀ ରହିଛନ୍ତି। ୧୬ ତମ ସାକ୍ଷୀ ଭାବେ ଖଣ୍ଡଗିରି ଥାନାର ତତ୍କାଳୀନ ସବଇନ୍ସପେକ୍ଟର ଗଙ୍ଗାଧର ପାଣିଗ୍ରାହୀ ଗୁରୁବାର କୋର୍ଟରେ ହାଜର ହୋଇ ତାଙ୍କ ବୟାନ ଦେଇଥିଲେ। ସେହିପରି ୧୭ ତମ ସାକ୍ଷୀ ଭାବେ କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀକାନ୍ତ ବେହେରା ଓ ୧୮ ତମ ସାକ୍ଷୀ ଭାବେ ଗୋଳନ୍ଥରା ଥାନାର ତତ୍କାଳୀନ ଏଏସଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ ଶୁକ୍ରବାର କୋର୍ଟରେ ହାଜର ହୋଇ ତାଙ୍କର ବୟାନ ଦେଇଥିଲେ। ମାମଲାର ପରବର୍ତ୍ତୀ ବିଚାର ଆସନ୍ତା ୨୨ ଓ ୨୩ ତାରିଖରେ ଦୁଇଦିନ ଧରି ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛି। ୧୯ ତମ ସାକ୍ଷୀ ଭାବେ ବୈଦ୍ୟନାଥପୁର ଥାନାର ତତ୍କାଳୀନ ଇନ୍ସପେକ୍ଟର ସାରଦା ପ୍ରସନ୍ନ ଦାସ ଓ ୨୦ ତମ ସାକ୍ଷୀ ଭାବେ ଗୋଳନ୍ଥରାଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ବସନ୍ତ ସେଠୀ କୋର୍ଟରେ ନିଜ ନିଜର ବୟାନ ଦେବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ଆସିକା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ କଂଗ୍ରେସ ମନୋଜ ଜେନା ନିର୍ବାଚନ ଲଢ଼ିଥିଲେ। ହେଲେ ୨୦୧୯ ମଇ ୨୨ ତାରିଖରେ ସେ ତାଙ୍କର କିଛି ସହଯୋଗୀଙ୍କ ସହ ଭୁବନେଶ୍ୱରରୁ କାର ଯୋଗେ ଫେରୁଥିଲେ। ତାଙ୍କୁ ଲାଞ୍ଜିପାଲି ଜାତୀୟ ରାଜପଥରେ ହତ୍ୟା କରାଯାଇଥିଲା। ସେ କାରରୁ ଓହ୍ଲାଇ ପରିଶ୍ରା କରୁଥିବା ବେଳେ ଅପରାଧୀମାନେ ତାଙ୍କୁ ଗୁଳି ମାଡ଼ କରିବା ସହ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଜଧାନୀର ଖଣ୍ଡଗିରି ଥାନା ଅନ୍ତର୍ଗତ ଆମ୍ରି ହସ୍ପିଟାଲକୁ ନିଆଯାଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମେ ଖଣ୍ଡଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଅନ୍ୟପଟେ ଅଭିଯୋଗ ପରେ ଏ ନେଇ ବୈଦ୍ୟନାଥପୁର ଥାନାରେ ୧୦୧/୨୦୧୯ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ହୃଷିକେଷ ପାତ୍ର, ସହଯୋଗୀ ବୁଲୁ ନାହାକ, କାର୍ତ୍ତିକ ନାହାକଙ୍କ ସମେତ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତ୍ରିଲୋଚନ ପରିଡ଼ା, ଅଭିଯୁକ୍ତଙ୍କ ପକ୍ଷରୁ କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ କୈଳାଶ ପଣ୍ଡା ମାମଲା ଲଢୁଛନ୍ତି। ଉଭୟ ଓକିଲଙ୍କ ମଧ୍ୟରେ ଶୁକ୍ରବାର ଜବାବସୁଆଲ ହୋଇଥିଲା।

**ସଂକ୍ଷେପରେ**

## ଗୋଟିଏ ଦିନରେ ୨ ଭଉଣୀଙ୍କ ମୃତ୍ୟୁ

**ରାଜନଗର,୨୬।୫(ଡି.ଏନ.ଏ.):** ଜୀବନର ଚଲାପଥରେ ଅନେକ କିଛି ଘଟଣା ଓ ଦୁର୍ଘଟଣା ମଣିଷକୁ ସାମ୍ନା କରିବାକୁ ପଡ଼ିଥାଏ। ସବୁ ଘଟଣା କି ଦୁର୍ଘଟଣା ମଣିଷ ମନେ ରଖି ପାରେନା। କିନ୍ତୁ ଏମିତି ଏକ ଘଟଣା ଘଟେ ଯାହା ମଣିଷର ସ୍ମୃତିରେ ସବୁଦିନ ପାଇଁ ଅଲିଭା ଗାର ହୋଇ ରହିଯାଏ। ତାହା ଦୁଃଖ ହେଉ ବା ସୁଖ ଘଟଣା ହେଉ। ଏମିତି ଏକ ଦୁଃଖଦ ଘଟଣା ରାଜନଗର ଅଞ୍ଚଳରେ ସାମ୍ନାକୁ ଆସିଛି। ଜଣେ ଭଉଣୀ ଚିକିତ୍ସାଳୟରେ ଆଖି ବୁଜିବାର କିଛି ସମୟ ପରେ ଆଉ ଜଣେ ଭଉଣୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ ନୁରୁଗାଁର ଦୁର୍ଯ୍ୟୋଧନ ପ୍ରଧାନଙ୍କ ସ୍ତ୍ରୀ ପାର୍ବତୀ (୭୦) ଗୁରୁବାର ନିଜର ପୁଅ ସହ ବାଇକ୍‌ରେ ଗୁପ୍ତି ପଞ୍ଚାୟତର ତୁଳସୀପୁର ଗାଁକୁ ଯାଉଥିଲେ। ତୁଳସୀପୁର ଗାଁରେ ଥିବା ତାଙ୍କର ପାହି ଜମି ଚାଷ ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିଲେ। ରାଜନଗର-ଗୁପ୍ତି ରାସ୍ତାର ମହିଁଷାସୁର ନିକଟରେ ତାଙ୍କ ବାଇକ୍‌କୁ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ଅଟୋ ଧକ୍କା ଦେବା ଫଳରେ ମା' ପୁଅ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମା' ପୁଅଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୁଅଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମା'ଙ୍କ ଅବସ୍ଥା ଗୁରୁତର ଥିଲା। ଡାକ୍ତର ପାର୍ବତୀଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡା. ପାର୍ବତୀଙ୍କୁ ମୃତ ଘୋଷଣା କରିଥିଲେ। ପାର୍ବତୀ ମୃତ୍ୟୁବରଣ କରିବାର ଅଳ୍ପ ସମୟ ପୂର୍ବରୁ ତାଙ୍କର ଭଉଣୀ ଡେରା ଗାଁର ଘୁଙ୍ଗୁରୀ ସ୍ୱାଇଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମଧ ମୃତ୍ୟୁ ହୋଇଥିଲା। ମାତ୍ର ଅଳ୍ପ କେତେ ସମୟ ମଧରେ ୨ଭଉଣୀ ଆରପାରିକୁ ଚାଲିଯିବା ଘଟଣା ବନ୍ଧୁ, ପରିଜନ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ୨ ଭଉଣୀଙ୍କ ଶେଷକୃତ୍ୟ ଅଲଗା ଅଲଗା ଭାବେ ସେମାନଙ୍କ ଶାଶୁଘର ଗାଁ ଶ୍ମଶାନରେ ଶେଷ ହୋଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଝୁମ୍ପୁରା,୨୬।୫(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବାଲିବନ୍ଧ ଫରେଷ୍ଟ ଲକ୍ଷ୍ମୀପଶି ବିଟ୍ ମହାଦେବପୁର ଜଙ୍ଗଲରେ ଶୁକ୍ରବାର ଏକ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ମହାଦେବପୁରର ବଙ୍ଗଲ ମୁଣ୍ଡା (୫୫)। ତାଙ୍କୁ ଚିକିତ୍ସା ନିମନ୍ତେ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ବଙ୍ଗଲ ୫ ଗ୍ରାମବାସୀଙ୍କ ସହ ଶୁଖିଲା ଜାଳ କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରୁ ଜାଳ ସଂଗ୍ରହ ସମୟରେ ଏକ ଭାଲୁ ବଙ୍ଗଲଙ୍କୁ ଆକ୍ରମଣ କରିଥିଲା। ଅନ୍ୟମାନେ ବାଡ଼ି ସହାୟତାରେ ଭାଲୁକୁ ଘଉଡ଼ାଇଥିଲେ। ପରେ ବଙ୍ଗଲଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବାଲିବନ୍ଧ ଫରେଷ୍ଟର ବୁଲୁ ନାହକ ପହଞ୍ଚି ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ସୂଚନା ଦେଇଛନ୍ତି।

# ବାଟ ହୁଡ଼ିଛି ଶ୍ରମ ଆଇନ

- ଇସି ଆକ୍ଟର ଲାଭ ପାଉନାହାନ୍ତି ମୃତ ଶ୍ରମିକଙ୍କ ପରିବାର
- ବେସାହାରା ଅଣସଙ୍ଗଠିତ ଶ୍ରମିକ
- ପଥର ଖାଦାନରେ ବଢ଼ୁଛି ଅକାଳ ମୃତ୍ୟୁ

**ଯାଜପୁର ଅଫିସ,୨୬।୫**


କଳାପଥର ଖାଦାନରେ ଶ୍ରମିକମାନେ ବିପଦପୂର୍ଣ୍ଣ ଭାବେ କାମ କରୁଛନ୍ତି।

ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ନିଯୁକ୍ତି ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା, ସେମାନଙ୍କ ସାମାଜିକ ନିରାପତ୍ତା ଓ କଲ୍ୟାଣ ନିମନ୍ତେ ପ୍ରଚଳିତ ଅଣସଙ୍ଗଠିତ ଶ୍ରମିକ ଆଇନ ବାଟ ହୁଡିଛି। ଏହାସହ ଏମ୍ପ୍ଲୋଇ କମ୍ପାନସେଶନ( ଇସି)–୧୯୨୩ ଆକ୍ଟ ସମ୍ପର୍କରେ ଅଧିକାଂଶ ସଚେତନ ନ ଥିବାରୁ ତା'ର ଲାଭ କେହି ଉଠାଇ ପାରୁନାହାନ୍ତି। ଏବେବି ପଥର କ୍ରଶର, ପଥର ଖାଦାନ, ବାଲି ଖାଦାନ, ଖଣି ଖାଦାନ, ଭୂମିହୀନ କୃଷି ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ବିଡ଼ି ଶ୍ରମିକ ପ୍ରମୁଖ ଏହି ଯୋଜନାର ତାଲିକାରେ ସାମିଲ ହେବାରୁ ବଞ୍ଚିତ ରହିଛନ୍ତି। ଏଭଳି ସ୍ଥିତିରେ ବେସାହାରା ଶ୍ରମିକଙ୍କ ପଥର ଖାଦାନ, ଖଣି ଖାଦାନ କିମ୍ବା ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣା ଘଟି ମୃତ୍ୟୁ ହେଲେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ରହୁଛନ୍ତି। ବିଡ଼ମ୍ବନା ଯେ, ଏହି ଆଇନ ଯାଜପୁର ଜିଲାରେ ଦିଗହରା ଓ ମୂଲ୍ୟହୀନ ହୋଇଥିବାରୁ ଖାଦାନ ମାଲିକମାନେ ଶ୍ରମିକଙ୍କ ମୃତ୍ୟୁ ହେଲେ ପୋଲିସ କିମ୍ବା ତାଙ୍କ ପରିବାରବର୍ଗଙ୍କୁ ନ ଜଣାଇ ପୋଡ଼ି ଦେଉଥିବା ନଜିର ରହିଛି। ଏପରି କି ନିର୍ଯାତିତ ଶ୍ରମିକମାନଙ୍କ ପଛରେ କେହି ନ ଥିବାରୁ ମୃତ୍ୟୁ ଘଟଣାର ବାସ୍ତବତାକୁ ଲୁଚାଇ ଅନ୍ୟ ରୂପ ଦିଆଯାଉଥିବା ଅଭିଯୋଗ ହେଉଛି।

ଖଣି ମନ୍ତ୍ରଣାଳୟ ପକ୍ଷରୁ ଅଣସଙ୍ଗଠିତ ଶ୍ରମିକମାନଙ୍କୁ ୪ଟି ଭାଗରେ ବିଭକ୍ତ କରାଯାଇଛି। ଏଥିରେ ଭୋଗଦଖଲ(ଆକ୍ୟୁପେଶନ), ନିଯୁକ୍ତିର ପ୍ରକାର(ନେଚର ଅଫ୍ ଏମ୍ପ୍ଲୋୟମେଣ୍ଟ), ବିଶେଷ ଭାବେ ଗରିବ ଶ୍ରେଣୀ(ସ୍ପେଶିଆଲି ଡିସେଟ୍ରେସ କେଟେଗୋରି) ଓ ଚାକିରିଆ ଶ୍ରେଣୀ(ସର୍ଭିସ କେଟେଗୋରି) ରହିଛି। ଭୋଗଦଖଲରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଜମିହୀନ କୃଷି ଶ୍ରମିକ, ଭାଗଚାଷୀ, ମତ୍ସ୍ୟଜୀବୀ, ବିଡ଼ି ଶ୍ରମିକ, ବୁଣାକାର, ଚିତ୍ରକାର, ଲୁଣ ଶ୍ରମିକ, ପଥର ଖାଦାନ, କରତକଳ, ତେଲ କଳ ପ୍ରଭୃତି ବର୍ଗର ଶ୍ରମିକ ରହିଛନ୍ତି। ଏହି ଗରିବ ଶ୍ରମିକମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି ସତ, ହେଲେ ଯାଜପୁର ଜିଲାରେ କୌଣସି ଯୋଜନା ଏଯାଏ ସଫଳ ହୋଇ ପାରିନାହିଁ। କେତେଜଣ ଧନୀଲୋକ ଏଥିରେ ପରୋକ୍ଷ ଭାବେ ଲାଭବାନ ହେଉଥିବାବେଳେ ବିଭିନ୍ନ ଖାଦାନରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ଉକ୍ତ ଯୋଜନା ବହୁ ଦୂରରେ। ଜିଲାରେ ଏହି ଶ୍ରମିକମାନଙ୍କ ପାଇଁ କୌଣସି ସଙ୍ଗଠନ ଆନ୍ତରିକତାର ସହ କାର୍ଯ୍ୟ କରୁ ନ ଥିବାରୁ ବିଶେଷକରି ପଥର ଓ ବାଲି ଖାଦାନରେ ନିୟୋଜିତ ଶ୍ରମିକମାନଙ୍କ ମୃତ୍ୟୁ ପରେ ତାଙ୍କ ପରିବାରବର୍ଗ କୌଣସି ସୁବିଧା ପାଇ ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଜିଲାର ଧର୍ମଶାଳା ତହସିଲ ଅଧୀନ ବିଭିନ୍ନ ପଥର ଖାଦାନରେ ଦୁର୍ଘଟଣା ଘଟି ଗତ ପ୍ରାୟ ୭ ବର୍ଷରେ ବେସରକାରୀ ଭାବେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଅକାଳରେ ଜୀବନ ଯାଇଛି । ଫଳରେ ସେମାନଙ୍କ ପରିବାର ବର୍ଗ ଏବେ ବି ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଜଙ୍ଗଲ ଜମିରେ ଥିବା ଡଙ୍କାରୀ ବେଆଇନ ପଥର ଖାଦାନରେ ନିକଟରେ ୧ ଜଣ ଶ୍ରମିକଙ୍କ ଅକାଳ ବିୟୋଗ ଘଟିଛି। ଏହାପୂର୍ବରୁ ୨୦୨୦ ଅକ୍ଟୋବରରେ ଅନ୍ୟ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ପଥର ଖାଦାନ ଓ କ୍ରସରର ମାଲିକ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରି ଗମ୍ଭାରିଆ ଗ୍ରାମର ମୃତ ଶ୍ରମିକ ମଦନ ବାର୍ଲାଙ୍କ ଶବକୁ ବିଛାଖଣ୍ଡି ନିକଟ ଏକ କାଜୁ ବଗିଚାରେ ପୋଡ଼ି ଦେଇଥିଲେ। ଏଥିରେ ବେଆଇନ ପଥର ଖାଦାନର ମାଲିକ ଅଞ୍ଚଳ ପ୍ରଧାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୂର୍ବରୁ ବାଘୁଆ, ବିଛାଖଣ୍ଡି, କସୁନପୁର, ଅଞ୍ଜିରା, ରାହାଡପୁର ଆଦି ପଥରଖାଦାନରେ ଅନେକ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏବେ ବି ଶତାଧିକ ଶ୍ରମିକ ବିଭିନ୍ନ ବେଆଇନ ଓ ଆଇନଗତ ପଥରଖାଦାନରେ କାମ କରୁଛନ୍ତି। କିନ୍ତୁ ସେମାନଙ୍କୁ ଅଣସଙ୍ଗଠିତ ଶ୍ରମିକ ଆଇନରେ ସାମିଲ କରାଯାଇ ପାରିନାହିଁ। ସମ୍ପ୍ରତି ଅସଙ୍ଗଠିତ ସେକ୍ଟରଗୁଡ଼ିକର ସାମାଜିକ ସୁରକ୍ଷା ଅଧିନିୟମ (୨୦୦୮) କୁ ଦେଖିଲେ କିଛି ନିର୍ଦ୍ଦେଶାବଳୀ ବ୍ୟତୀତ ଏହି ଆଇନରେ ଜଣେ ଅସଙ୍ଗଠିତ ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯଦି ଏହାକୁ ଆଇନଗତ ବାଧ୍ୟତାମୂଳକ ଏବଂ ଏହାର ଅଧୀନରେ କାର୍ଯ୍ୟ କରିବାର ଅଧିକାର ନାହିଁ, ତେବେ ଏହାକୁ କିପରି ଏକ ଆଇନ କୁହାଯାଇପାରିବ ବୋଲି ସାମାଜିକ କର୍ମୀମାନେ ମତପୋଷଣ କରିଛନ୍ତି। ଏଠାରେ ଅଧିନିୟମ ଅନୁଯାୟୀ ଅସଙ୍ଗଠିତ ଶ୍ରମିକ ତଥା ସେମାନଙ୍କ ନିର୍ଭରଶୀଳଙ୍କ ପାଇଁ ଉପଯୁକ୍ତ ତଥା ପର୍ଯ୍ୟାପ୍ତ ସାମାଜିକ ନିରାପତ୍ତା ବ୍ୟବସ୍ଥା ନାହିଁ। ୨୦୧୮–୧୯ର ଇକୋନୋମି ସର୍ଭେ ଅନୁସାରେ ଦେଶର ସମୁଦାୟ ଶ୍ରମିକମାନଙ୍କ ମଧ୍ୟରୁ ୯୩ ପ୍ରତିଶତ ଶ୍ରମିକ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶ୍ରମ ଅଧିକାରୀ ଏସ.କେ. ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ଶ୍ରମିକମାନେ ଇଏସ୍‌ଆଇରେ ପଞ୍ଜିକୃତ ହୋଇଛନ୍ତି, ତେବେ ସେମାନେ ସେହି ଆଇନ ଅନୁସାରେ ଉପକୃତ ହୋଇ ପାରିବେ। ମୃତକ ଶ୍ରମିକଙ୍କ ପରିବାର ବର୍ଗ ଇସି ଆକ୍ଟ–୧୯୨୩ରେ ଆବେଦନ କଲେ ସହାୟତା ପାଇ ପାରିବେ।

## ପୀଡିତାଙ୍କୁ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା ଅଫିସ, ୨୬।୫**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନସ୍ଥ ଏକ ଗ୍ରାମରେ ଭୋଜିକୁ ଡାକି ଯୁବତୀଙ୍କୁ ବଳାତ୍କାର ୨୦୨୧ ନଭେମ୍ବରରେ ଘଟିଥିଲା। ଏହି ଘଟଣା ୨୦୨୨ ଜାନୁୟାରୀରେ ଥାନାରେ ନଂ.୫/୨୨ରେ ମାମଲା ରୁଜୁ ହୋଇଥିଲେ ମଧ ପୀଡିତାଙ୍କୁ ଅଦ୍ୟାବଧି କ୍ଷତିପୂରଣ ଅର୍ଥ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ନେଇ କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଏଣ୍ଡର ଗ୍ରାମର ସମୀର ଜେନା ଜାତୀୟ ମାନବାଧିକାର କମିଶନରଙ୍କ ଦୃଷ୍ଟି ଆକର୍ଷଣ (କେସ୍ ନଂ.୧୬୪/୨୨) କରିଥିଲେ। କମିଶନର ମାମଲାକୁ ଶୁଣାଣି କରି ଆସନ୍ତା ୬ ସପ୍ତାହ ମଧରେ ପୀଡ଼ିତାଙ୍କ କ୍ଷତିପୂରଣ ଅର୍ଥ ପ୍ରଦାନ ସମ୍ପର୍କରେ ରିପୋର୍ଟ ଦେବାକୁ ଜିଲା ଏସ୍‌ପିଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପିଟିସନ୍‌କାରୀ ଜେନା କହିଛନ୍ତି, ଘଟଣା ଦିନ ୨ଜଣ ବ୍ୟକ୍ତି ପୀଡ଼ିତାଙ୍କ ଘର ନିକଟରେ ଭୋଜି କରି ଖାଦ୍ୟ ପଦାର୍ଥ ଦେଇଥିଲେ। ସେହି ଖାଦ୍ୟ ଖାଇବା ପରେ ପୀଡ଼ିତା ବେହୋସ ହୋଇ ଯାଇଥିଲେ। ଏହି ସମୟରେ ତନ୍ତଆପାଳ ଥାନା ଅନ୍ତର୍ଗତ ବଚନ ମଣ୍ଡଳ ବଳାତ୍କାର କରିବା ସହ ଏହାର ଫଟୋ ଉଠାଇ ଥିଲେ। ପରେ ଏହି ଫଟୋ ଓ ଭିଡିଓ ଦେଖାଇ ପୀଡିତାଙ୍କୁ ବ୍ଲାକ ମେଲିଂ କରିଥିଲେ। ଏ ବାବଦରେ ୩ ଲକ୍ଷ ଟଙ୍କା ଦାବି କରିଥିଲେ ମଧ ଇଜ୍ଜତ ବଞ୍ଚାଇବାକୁ ଦେଢ଼ ଲକ୍ଷ ଟଙ୍କା ପୀଡିତା ଦେଇଥିଲେ। ଏହାସତ୍ତ୍ୱେ ବ୍ଲାକ ମେଲିଂ କରିବାରୁ ଥାନାରେ ଅଭିଯୋଗ ହୋଇଥିଲା। ଇତିମଧରେ ବଚନ ଗିରଫ ହୋଇଥିଲେ ମଧ ଏହି ମାମଲାରେ କେତେଜଣ ବ୍ୟକ୍ତି ଆଇନ ପରିସରରୁ ବାହାରେ ଅଛନ୍ତି। ଏହାବ୍ୟତିତ ପୀଡ଼ିତାଙ୍କୁ କ୍ଷତିପୂରଣ ଅର୍ଥ ପାଇଁ କମିଶନରେ ମାମଲା ଦାଏର ହୋଇଥିବା ସେ ପ୍ରକାଶ କରିଛନ୍ତି।

## ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା



**ବରୀ,୨୬।୫(ଡି.ଏନ.ଏ.)**

### କାମ ନ କରି ଟଙ୍କା ଉଠାଣ ଅଭିଯୋଗ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବରୀ ବ୍ଲକ୍ ଅଧୀନ ସାହୁପଡ଼ା ପଞ୍ଚାୟତରେ ଚାଲିଥିବା କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଜିଲାପାଳ ଓ ବରୀ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଗ୍ରାମବାସୀ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି, ଏଠାରେ ସାହୁପଡ଼ା–ଧାରପୁର ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ପୋଖରୀର ପୁନରୁଦ୍ଧାର କରାଯାଉଛି। ଏହି ପ୍ରକଳ୍ପ ନିମନ୍ତେ ୨୦୨୧–୨୨ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ସମାନ ପ୍ରକଳ୍ପରେ ପୁନଶ୍ଚ ୨୦୨୩–୨୪ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ କରାଯାଉଛି। ହେଲେ ବାସ୍ତବରେ କାର୍ଯ୍ୟ କରା ନ ଯାଇ ବିଲ୍ କରାଯାଉଛି। ଦୈନିକ ୪୦ରୁ ଉର୍ଦ୍ଧ୍ୱ ଶ୍ରମିକ ଉକ୍ତ କାର୍ଯ୍ୟରେ ନିୟମିତ ଭାବେ କାର୍ଯ୍ୟରତ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସରପଞ୍ଚ ଦର୍ଶାଇ ଅର୍ଥ ହଡ଼ପ କରୁଥିବା ପଞ୍ଚାୟତର ସୁରେଶ ମଲିକ, ଅଜିତ କୁମାର ଜେନା, ଗିତିକ ଜେନା, ସୌଭାଗ୍ୟ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୀବ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ବିଡିଓଙ୍କ ନିକଟରେ ସାହୁପଡା ପଞ୍ଚାୟତର ଜନସାଧାରଣ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବ। ଯଦି ସତ୍ୟତା ଥାଏ ତେବେ ଆଇନ ଅନୁଯାୟୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ କାର୍ଯ୍ୟ କରିବାକୁ ସରକାରୀସ୍ତରରେ ନିର୍ଦ୍ଦେଶ ଥିଲେ ମଧ ଅନେକ ସ୍ଥାନରେ ମେଶିନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିରଜା ହାଇସ୍କୁଲ ଛକରେ ଜଳଦାନ କାର୍ଯ୍ୟକ୍ରମ

**ଯାଜପୁରଟାଉନ,୨୬।୫(ଡି.ଏନ.ଏ.)**

ବିରଜା ହାଇସ୍କୁଲ ନିକଟରେ ଯାଜପୁର ଜିଲା ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଜଳଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ଓ ସମ୍ମାନିତ ଅତିଥିଭାବେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଥିଲେ। ଜିଲା ଶିକ୍ଷାଧିକାରୀ ତଥା ଜିଲା ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ କମିଶନର ରଞ୍ଜନ କୁମାର ଗିରି ଜଳଦାନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସ୍କାଉଟ୍ସ କମିଶନର ବିଶ୍ୱମ୍ଭର ମିଶ୍ର, ଜିଲା ଗାଇଡ୍ସ କମିଶନର ସ୍ମୃତିରେଖା ସାମଲ, ହେଡ୍‌କ୍ୱାଟର କମିଶନର ରବିପ୍ରସାଦ ସାମଲ, ପରିଚାଳନା କମିଶନର ଜହିରୁଦ୍ଦିନ ଖାଁ, କୋଷାଧ୍ୟକ୍ଷ ମିହିର ରଞ୍ଜନ ନାୟକ, ଜିଲା ସଂଯୋଜକ ଅବିନାଶ ଖୁଣ୍ଟିଆ, ଶିକ୍ଷକ ଅଜୟ କୁମାର ଦାସ, ପ୍ରଶାନ୍ତ ସନ୍ଧିବିଗ୍ରହ, ସ୍କାଉଟ୍ସ ମାଷ୍ଟାର ଓ ଗାଇଡ୍ସ କ୍ୟାପ୍ଟେନ୍ ସମୀର ମିଶ୍ର, କାହ୍ନୁଚରଣ ବେହେରା, ପ୍ରଫୁଲ୍ଲ ଓଝା, ଲକ୍ଷ୍ମୀପ୍ରିୟା ମହାପାତ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ମନସ୍ମିତା ଭଦ୍ର, ଅମିୟ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ମହାରଣା, ବ୍ରହ୍ମାନନ୍ଦ ସାହୁ ଓ ବିରଜା ହାଇସ୍କୁଲ ସ୍କାଉଟ୍ ଏବଂ ଗାଇଡ୍ସର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଉଦ୍‌ଘାଟିତ


ବ୍ୟାଙ୍କ ଶାଖା ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

**ଯାଜପୁର ଟାଉନ,୨୬।୫(ଡି.ଏନ.ଏ.)**

ଯାଜପୁର ସହର ମାନସାପୋଲ ନିକଟରେ ଶୁକ୍ରବାର ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ବନ୍ଧୁ ନାୟକ ଯୋଗଦେଇ ଉକ୍ତ ଶାଖାକୁ ଉଦ୍‌ଘାଟନ କରିବା ସହ ଏହି ବ୍ୟାଙ୍କଟି ସାଧାରଣ ଲୋକଙ୍କ ସେବାରେ ଆସିଲେ ସମସ୍ତେ ବ୍ୟାଙ୍କ ସେବା ପାଇ ପାରିବେ ବୋଲି କହିଥିଲେ। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଆଞ୍ଚଳିକ ବ୍ରାଞ୍ଚ ଭୁବନେଶ୍ୱରର କୋଡିନେଟର ସୌମ୍ୟରଞ୍ଜନ ବିନ୍ଧାଣି ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିବା ସହ ବ୍ୟାଙ୍କର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଭୁବନେଶ୍ୱରର ଆଞ୍ଚଳିକ ପ୍ରମୁଖ ଆଲୋକ କୁମାର ମିଶ୍ର ଯୋଗଦେଇ ରାଜ୍ୟରେ ୨୦୨୧ରୁ ଆଜି ସୁଦ୍ଧା ୪୧ଟି ଶାଖା ଖୋଲାଯାଇପାରିଛି। ଆସନ୍ତା ଜୁଲାଇ ସୁଦ୍ଧା ୫୦ଟି ଶାଖା ଖୋଲିବା ପାଇଁ ଯୋଜନା ରଖିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଶାଖାରେ ବିଭିନ୍ନ ପ୍ରକାରର ଆକାଉଣ୍ଟ ଖୋଲିବାର ସୁବିଧା ରହିଛି। ଫଳରେ କୃଷି, ଶିକ୍ଷା, ବ୍ୟବସାୟିକ, ସରକାରୀ କାର୍ଯ୍ୟକ୍ରମ ଏବଂ ବୀମା ଯୋଜନା ସୁବିଧା ଏଠାରେ ଉପଲବ୍ଧ ହୋଇପାରିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ବ୍ୟାଙ୍କଟି ଅନ୍ୟ ବ୍ୟାଙ୍କ ତୁଳନାରେ ଗ୍ରାହକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେଇ ପାରିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲର ହେମାଙ୍ଗିନୀ ମହାନ୍ତି, ଲିଡ୍ ବ୍ୟାଙ୍କ କୋର୍ଡିନେଟର ସମର ରଞ୍ଜନ ପାଢ଼ୀ, ବ୍ୟାଙ୍କ ସାଧାରଣ ପ୍ରଶାସନ ବିଭାଗର ଅନିନ୍ଦୋ ମିତ୍ରା, ନୂତନ ଶାଖାର ଶାଖା ପରିଚାଳିକା ଅମିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

## ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ନିମ୍ନମାନର

**ସିଂହପୁର,୨୬।୫(ଡି.ଏନ.ଏ.)**

ସିଂହପୁର–ଯାଜପୁର ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମାତ୍ର ସିଂହପୁରଠାରୁ ଫତେପୁର ପୋଖରୀ ଛକ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ମାଟି ବାହାରୁ ଆଣି ପକାଇବା ବ୍ୟବସ୍ଥା ରହିଛି। ହେଲେ ଏଠାରେ ରାସ୍ତାକୁ ପୋକଲିନ ଯୋଗେ ଖୋଳି ପୁଣି ସେହି ସ୍ଥାନରେ ମାଟିକୁ ପକାଇ ଟଙ୍କା ହଡ଼ପ କରାଯାଉଛି। ସେହିପରି ଉନ୍ନତମାନର ଚିପ୍ସ ଓ ଡଷ୍ଟ ପକାଇ ବାରମ୍ବାର ରୋଲିଂ କରିବାର ନିୟମଥିବାବେଳେ ସେପରି କରାଯାଉନାହିଁ। ନିମ୍ନମାନର ଡଷ୍ଟ ଓ ବଜୁରି ପକାଇ ବିନାପାଣିରେ ତରବରିଆ ଭାବେ ରୋଲିଂକରି କାର୍ଯ୍ୟ କରାଯାଉଛି। ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି ମୁଖ୍ୟରାସ୍ତା ତଥା ଯାଜପୁରରୁ କେନ୍ଦ୍ରାପଡା ସଂଯୋଗୀକରଣ ରାସ୍ତା। ତେଣୁ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିମ୍ନମାନର କାର୍ଯ୍ୟ ପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ନ ଚେତ୍ ଏହାକୁ ଜନସାଧାରଣ ବିରୋଧ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ରାସ୍ତାରେ ନିମ୍ନମାନର ଡଷ୍ଟ ପକାଯାଉଛି।

## ଲୁଟ୍ ପରେ ବନ୍ଦ ହେଲା ବେଆଇନ ଖାଦାନ

**ଚଣ୍ଡିଖୋଲ,୨୬।୫(ଡି.ଏନ.ଏ.):**

**କାର୍ଯ୍ୟାନୁଷ୍ଠାନ ଶୂନ**


ମାଙ୍କଡ଼ାପଥର ଖାଦନ।

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲୁଥିବାନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଲୋକ ଦେଖାଣିଆ ଚଢ଼ାଉ କରି ଚୁପ ରହୁଥିଲା। କୋଟିକୋଟି ଟଙ୍କାର ମାଙ୍କଡ଼ା ପଥର ଲୁଟ୍ ସରିଲା ପରେ ଏବେ ବନ୍ଦ କରାଯାଉଛି। ଦର୍ପଣ ତହସିଲ ଅଧୀନ ବୈରୀ, ପାରିଆ, ସମିଆ ଓ ଶାଳପଡା ପଞ୍ଚାୟତରେ ବ୍ୟାପକ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲୁଥିଲାବେଳେ ଏବେ ରାତିରେ ଲୁଚା ଛପାରେ ଚାଲୁଛି।

୨ ମାସ ହେବ ବୈରୀ ପଞ୍ଚାୟତର ଭାଲୁଖାଇଠାରେ ମାଫିଆ ବ୍ୟାପକ ମାଙ୍କଡ଼ା ପଥର ଲୁଟ ପରେ ମଙ୍ଗଳବାର ଏହାକୁ ବନ୍ଦ କରାଯାଇଛି। ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅରବିନ୍ଦ ପାଢ଼ୀ ଦର୍ପଣ ତହସିଲ ଅଧୀନରେ ବେଆଇନ ମାଙ୍କଡ଼ା ପଥର ଖାଦାନର ତଦନ୍ତ କରି ରାଜସ୍ୱ ଓ ବନ ବିଭାଗର ୬ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ଏହାପରେ କିଛି ବର୍ଷ ବେଆଇନ ଖାଦାନ ବନ୍ଦ ରହିଥିଲା। ଏହାପରେ ପୁନର୍ବାର ଲୁଚା ଛପାରେ ଆରମ୍ଭ କରି ଧୀରେଧୀରେ ଜୋର୍‌ରେ ଚାଲିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଯଦି ସରକାରୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ତେବେ ଯାଇ ବେଆଇନ ଖାଦାନ ବନ୍ଦ ହେବ। ଏବେବି ରାତିରେ ଚୋରା ଖାଦାନ ଚାଲିଛି। ଏହା ଦ୍ୱାରା ବିପୁଳ ଟଙ୍କାର ରାଜସ୍ୱ ହାନି ଘଟୁଛି। ଯାଜପୁର ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ ତହସିଲ ଅଧୀନରେ କୌଣସି ସ୍ଥାନରେ ମାଙ୍କଡ଼ା ଖାଦାନ ଚାଲୁନାହିଁ। ପୂର୍ବରୁ ଏହା ଚୋରାରେ ଚାଲୁଥିଲା। ଆମେ ଚଢ଼ାଉ କରିବା ପରେ ସେ ସବୁ ବନ୍ଦ ହୋଇଯାଇଛି। ଢେଙ୍କାନାଳ ଓ କଟକ ଜିଲାରେ ଏହା ଚାଲୁଛି। ଅନ୍ୟପକ୍ଷରେ ନୟାଗଡ଼ ଜିଲାରେ ଏହି ବେଆଇନ ମାଙ୍କଡ଼ା ପଥର ଚୋରା ଖାଦାନ ଉପରେ ଜିଲାପାଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଚୋରା କାରବାରରେ ସହଯୋଗ କରିବା ଅଭିଯୋଗରେ ନୟାଗଡ଼ ଜିଲାପାଳ ୬ ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୬ ଜଣଙ୍କୁ ନିଲମ୍ବନ କରିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଦଳୀୟ କର୍ମୀଙ୍କୁ ସଙ୍ଗଠିତ ହେବାକୁ ଆହ୍ୱାନ

**ବିଜେଡିର ସାଙ୍ଗଠନିକ ସଭା**



**ଏରସମା,୨୬।୫(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳି କର୍ମୀମାନଙ୍କୁ ନେଇ ବିଧାୟକ ରଘୁନନ୍ଦନ ଦାସ ଶୋଭାଯାତ୍ରାରେ ବାଲିକୁଦାରୁ ବାହାରିଥିଲେ। ସେମାନେ ଏହି ବ୍ଲକ ଅନ୍ତର୍ଗତ ଗୋଡା, ସୋମପୁର, ନାରଦିଆ, ପୋଖରିଆପଡା ପଞ୍ଚାୟତ ଦେଇ ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ବିଜେଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରୁ ଶୋଭାଯାତ୍ରାରେ ଗଡ଼କୁଜଙ୍ଗ ପଞ୍ଚାୟତସ୍ଥିତ କୁଞ୍ଜବିହାରୀ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚିଥିଲେ। ପରେ ଗଡକୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ଦାସ ଉପସ୍ଥିତ ରହି ଦଳର କର୍ମୀମାନଙ୍କୁ ସଙ୍ଗଠିତ କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ଦଳର ଆଭିମୁଖ୍ୟ ବୋଲି ସେ କହିଥିଲେ। ଏଥିରେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର,ନାରଦିଆର ପୂର୍ବତନ ସରପଞ୍ଚ ତଥା ଆମ୍ବା ସଭାପତି ଶିଶିର କୁମାର ବିଶ୍ୱାଳ, ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗୋଛାୟତ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ,ଏରସମା ବ୍ଲକ ବିଜେଡି ଉପସଭାପତି ବିଜୟ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରମିକ ସଂଘ, ଠିକା କମ୍ପାନୀ ମଧ୍ୟରେ ବର୍ଦ୍ଧିତ ମଜୁରି ଚୁକ୍ତିନାମା ସ୍ୱାକ୍ଷରିତ



**ପାରାଦୀପ,୨୬।୫(ସ୍ୱ.ପ୍ର.):** ପାରାଦୀପ ବନ୍ଦର ଆଇଓଏଚ୍‌ପି (ଆଇରନ ଓର ହ୍ୟାଣ୍ଡଲିଂ ପ୍ଲାଣ୍ଟ)ରେ ଠିକାକମ୍ପାନୀ ଭାବେ କାମ କରୁଥିବା ଆକା ଲଜିଷ୍ଟିକ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ମଧ୍ୟରେ ଶ୍ରମିକମାନଙ୍କ ନୂତନ ମଜୁରି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱର ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ପରିସରରେ ଚର୍ତୁଃପାର୍ଶ୍ୱିକ ବୈଠକ ହୋଇଥିଲା। ସେଥିରେ ଡେପୁଟି ଲେବର କମିଶନର(ସେଣ୍ଟ୍ରାଲ)ସମ୍ପଦ କୁମାର, ଆସିଷ୍ଟାଣ୍ଟ କମିଶନର ହରଦୀପ ସିଂ, ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆର୍.ଏନ୍ ସାହୁ, ଆକା ଲଜେଷ୍ଟିକ ପକ୍ଷରୁ ଅନିରୁଦ୍ଧ ବକ୍ସି ଓ ସୌମିତ୍ର ବାନାର୍ଜୀ, ଶ୍ରମିକସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି),ସଂପାଦକ ସମୀର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଆଲୋଚନା ସୌହାର୍ଯ୍ୟପୂର୍ଣ୍ଣ ରହିବା ସହ ସଂଘ ପାଇଁ ସ୍ମରଣୀୟ ଦିନ ବୋଲି ସର୍ଖେଲ ସୂଚନା ଦେଇଛନ୍ତି।

### ବନ୍ଧୁକ ଦେଖାଇ ଫାଇନାନ୍ସ କମ୍ପାନୀ ଅଧିକାରୀଙ୍କଠାରୁ ଲୁଟ୍

**ବୈଶିଙ୍ଗା,୨୬।୫ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଓ ବାଲେଶ୍ୱର ଜିଲାର ରୂପ୍‌ସା ଥାନା ସୀମାବର୍ତ୍ତୀ ଅଞ୍ଚଳ ମଧୁପୁରା, ଟିକାୟତପୁର ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଲୁଟେରାମାନେ ବନ୍ଧୁକ ଦେଖାଇ ଫାଇନାନ୍ସ କମ୍ପାନୀ ଅଧିକାରୀଙ୍କଠାରୁ ଲୁଟ୍ କରିଛନ୍ତି। ବୈଶିଙ୍ଗା ବଜାରରେ ଥିବା ଭାରତ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଅଧିକାରୀ ଭକ୍ତହରି ବେହେରା ଓ ବସନ୍ତ ପଣ୍ଡା ବାଇକ୍‌ରେ ପୁରୁଣିଆ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଋଣ ଅର୍ଥ ଆଦାୟ କରି ଫେରୁଥିଲେ। ଟିକାୟତପୁରଠାରୁ ଅଳ୍ପ ଦୂରରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇଥିଲେ। ଜଣେ ଏକ ବନ୍ଧୁକ ବାହାର କରି ଆଦାୟ ହୋଇଥିବା ଟଙ୍କା ଦେବାକୁ ଧମକ ଦେଇଥିଲେ। ଏଥିସହ ଫାଇନାନ୍ସ ଅଧିକାରୀଙ୍କ ବାଇକ୍‌କୁ ଘୋଷାଡ଼ି ନେଇ ରାସ୍ତାପାର୍ଶ୍ୱ ନାଳ ଭିତରକୁ ଫିଙ୍ଗି ଫାଇନାନ୍ସ ଅଧିକାରୀଙ୍କ ପାଖରେ ଥିବା ୧,୯୩,୩୫୦ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେଇ ବାଲେଶ୍ୱର ରାସ୍ତାରେ ଦ୍ରୁତଗତିରେ ପଳାଇ ଯାଇଥିଲେ।

# ବିନା ସିଓଆର୍‌ରେ ଚାଲିଛି ବେସରକାରୀ ବିଦ୍ୟାଳୟ

- ବେଆଇନ ଭାବେ ଚାଲିଛି ନାମଲେଖା
- ଏକାଧିକ ଶିକ୍ଷାନୁଷ୍ଠାନକୁ ବେଆଇନ ଭାବେ ସିଓଆର୍ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୨୬।୫**

ବେସରକାରୀ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ଖୋଲି ପାରିବ ନାହିଁ ବୋଲି ସରକାରୀ କଟକଣା ଅଛି। କାରଣ ଏହିସବୁ ଶିକ୍ଷାନୁଷ୍ଠାନ (୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ) କାର୍ଯ୍ୟକ୍ଷମ ହେବାକୁ ହେଲେ ଅନୁମୋଦନ ପ୍ରମାଣପତ୍ର ତଥା ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍ନାଇଜେଶନ୍) ବାଧ୍ୟତାମୂଳକ। ଅନୁମୋଦନ ପ୍ରମାଣପତ୍ର ପାଇବାକୁ ହେଲେ ସରକାରଙ୍କ ପକ୍ଷରୁ ରଖାଯାଇଥିବା ସର୍ତ୍ତ ପୂରଣ କରିବାକୁ ପଡ଼ିବ। ଏହାକୁ ସତ୍ୟପାଠରେ ଦାଖଲ କରିବାକୁ ହେବ। କିନ୍ତୁ ଜଗତ୍‌ସିଂହପୁର ଜିଲାର ଅନେକ ବେସରକାରୀ ବିଦ୍ୟାଳୟ ବିନା ଅନୁମୋଦନ ପ୍ରମାଣପତ୍ରରେ ବର୍ଷାଧିକ କାଳ ଚାଲିଛି। ଅତୀତରେ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଏନ୍‌ଓସି (ନୋ ଅବଜେକ୍ସନ ସାର୍ଟିଫିକେଟ୍) ଦିଆଯାଉଥିଲା। ଏବେ ସରକାର ୫ ବର୍ଷିଆ ସିଓଆର୍ ଦେଉଛନ୍ତି। ଯେଉଁସବୁ ବିଦ୍ୟାଳୟ ସିଓଆର୍ ପାଇ ନ ଥିବେ ସେଗୁଡ଼ିକ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ଯେଉଁ ବେସରକାରୀ ବିଦ୍ୟାଳୟଗୁଡ଼ିକ ସିଓଆର୍ ପାଇବାକୁ ଆବେଦନ କରିବେ ସେଗୁଡ଼ିକ ଯୋଗ୍ୟ କି ନାହିଁ ଚେକ୍ ଲିଷ୍ଟ ମୁତାବକ ଅନୁଧ୍ୟାନ ହେବା ଜରୁରୀ। ପରେ ସିଓଆର୍ ଦିଆଯିବା ବ୍ୟବସ୍ଥା ହେବା ଉଚିତ। ସିଓଆର୍ ପାଇ ନ ଥିବା ବିଦ୍ୟାଳୟଗୁଡ଼ିକ ଉପରେ କଟକଣା ଲଗାଯିବ। ବେଆଇନ ଭାବେ କୌଣସି ବିଦ୍ୟାଳୟ (ବିନା ସିଓଆର୍‌ରେ) ଛାତ୍ରୀଛାତ୍ରଙ୍କ ନାମ ଲେଖାଇଲେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏହାର ଶୁଣାଣି କରି ବିଦ୍ୟାଳୟ ବନ୍ଦ କରିଦେବାକୁ ନିର୍ଦ୍ଦେଶ ଦିଆଯିବ। କାରଣ ଏହା ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ)ର ପରିପନ୍ଥୀ। କିନ୍ତୁ ଜିଲାରେ ଏହି ନିୟମ ଶତପ୍ରତିଶତ କାର୍ଯ୍ୟକାରୀ ହେଉନାହିଁ। ଅନ୍ୟପକ୍ଷରେ କେତେଗୋଟି ବେସରକାରୀ ବିଦ୍ୟାଳୟ କଳ, ବଳ (ରାଜନୈତିକ ଓ ଲାଞ୍ଚ) ଓ କୌଶଳରେ ସିଓଆର୍ ହାସଲ ପାଇଁ ଉଦ୍ୟମ କରିବା ସହ ସଫଳ ହେଉଛନ୍ତି। ସେମାନେ କୁଆଡ଼େ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ମୋଟା ଅଙ୍କର କାରବାର କରୁଛନ୍ତି। ଏଥିରେ ବିଇଓମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ମିଳିଥିବା ସୂଚନା ଅନୁଯାୟୀ, ଆବେଦନ ପରେ ବିଇଓମାନେ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଯାଇ ତଦନ୍ତ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସୁପାରିସ କରିବା କଥା। କିନ୍ତୁ ତାହା ଅନେକ ସମୟରେ ହେଉ ନ ଥିବା ଅଭିଯୋଗ ହେଉଛି। ଅତୀତରେ ବିଇଓମାନଙ୍କ ଅବହେଳାକୁ ନେଇ ତତ୍କାଳୀନ ଡିଇଓ ଗୋଟିଏ ପରେ ଗୋଟିଏ ଏହିପରି ୪ଟି ଚିଠି ସହ ତୁରନ୍ତ ତଦନ୍ତ ରିପୋର୍ଟ ସହ ସୁପାରିସ ପତ୍ର ପଠାଇବାକୁ ଲେଖିଥିଲେ। ଏହାସତ୍ତ୍ୱେ ବିଳମ୍ବ ଯୋଗୁ ଡିଇଓ ଚରମ ଚିଠି କରିବାରୁ ପରିସ୍ଥିତିରେ ସୁଧାର ଆସିଥିଲା। ସୂଚନାଯୋଗ୍ୟ, ଜିଲା ଶିକ୍ଷା ବିଭାଗ ଅଧୀନରେ ଥିବା ୨୦୦ରୁ ଅଧିକ ବେସରକାରୀ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟାୟକ୍ରମେ ସିଓଆର୍ ପାଇଁ ଆବେଦନ କରିଥିଲେ। ସେଗୁଡ଼ିକ ମଧ୍ୟରୁ ଜିଲାର ଅଧିକାଂଶ ପ୍ରମୁଖ ବେସରକାରୀ ଶିକ୍ଷାନୁଷ୍ଠାନକୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ କୋହଳ ମନୋଭାବ ପୋଷଣ ପୂର୍ବକ ସିଓଆର୍ ଦିଆଯାଇଛି। ପର୍ଯ୍ୟାୟକ୍ରମେ ମଧ୍ୟ ନବୀକରଣ ହେଉଛି। କିନ୍ତୁ ଏହିସବୁ ଶିକ୍ଷାନୁଷ୍ଠାନ ସିଓଆର୍‌ର ସର୍ତ୍ତାବଳୀ ପୂରଣ କରୁ ନ ଥିଲେ ସୁଦ୍ଧା ଧ୍ୟାନ ଦିଆଯାଉନାହିଁ। ନିୟମ ରହିଛି ବେଆଇନ ଭାବେ ଅର୍ଥାତ୍ ବିନା ଏନ୍‌ଓସିରେ କୌଣସି ଶିକ୍ଷାନୁଷ୍ଠାନ ଚାଲୁଥିବା ଜଣାପଡ଼ିଲେ ସମ୍ପୃକ୍ତ ସଂସ୍ଥା ତୁରନ୍ତ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବ। ଏହାପରେ ଯେବେ ପୁଣି ବେଆଇନ ଭାବେ ବିଦ୍ୟାଳୟ ଚାଲେ ତେବେ ପ୍ରତିଦିନ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ପଡ଼ିବ। ପ୍ରତି ବେସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୫% ଗରିବ ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବା ବାଧ୍ୟତାମୂଳକ ଥିଲେ ସୁଦ୍ଧା ତାହା ଅନେକାଂଶରେ କାର୍ଯ୍ୟକାରୀ ହେଉନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ପୋର୍ଟାଲ ଖୋଲି ନ ଥିବାରୁ ଚଳିତବର୍ଷ ଅନେକ ଶିକ୍ଷାନୁଷ୍ଠାନ ସିଓଆର୍ ପାଇଁ ଏ ପର୍ଯ୍ୟନ୍ତ ଆବେଦନ କରିନାହାନ୍ତି। ଯେଉଁଗୁଡ଼ିକୁ ସିଓଆର୍ ଦିଆଯାଇଛି ସେଗୁଡ଼ିକ ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିଲେ ନବୀକରଣରେ ବାଧା ନାହିଁ ବୋଲି ସେ କହିଛନ୍ତି।

# ଥରେ ବ୍ୟବହୃତ ପ୍ଲାଷ୍ଟିକ ପରିବେଶ, ପ୍ରକୃତି ପାଇଁ ବିପଜ୍ଜନକ



ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର, ଶିକ୍ଷକ, କମ୍ପାନୀ ପ୍ରତିନିଧି ଓ ଅନ୍ୟମାନେ।

**ପାରାଦୀପ,୨୬।୫(ସ୍ୱ.ପ୍ର.)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ପାରାଦୀପ ପକ୍ଷରୁ ଶୁକ୍ରବାର ସକାଳେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବର୍ଜନ ପାଇଁ ଏହି ଶୋଭାଯାତ୍ରାରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ମଧୁବନ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଠାରୁ ବଡ଼ପଡ଼ିଆ ଥାନା ଛକ ପର୍ଯ୍ୟନ୍ତ ଆୟୋଜିତ ଏହି ଶୋଭାଯାତ୍ରାରେ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ପାରାଦୀପ ପୌର ପରିଷଦ, ବିଭିନ୍ନ କମ୍ପାନୀ ପ୍ରତିନିଧି, ବ୍ୟବସାୟୀ ସଂଘ, ସ୍ୱେଚ୍ଛାସେବୀ ସଙ୍ଗଠନ ଆଦି ଭାଗ ନେଇଥିଲେ। ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ପରିବେଶ ଓ ପ୍ରକୃତି ପାଇଁ ବିପଜ୍ଜନକ। ବିଶେଷକରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ବ୍ରତଘର ଭୋଜିରେ ଏହି ପ୍ଲାଷ୍ଟିକ ବହୁଳ ଭାବେ ବ୍ୟବହାର ହେଉଛି। ପରବର୍ତ୍ତୀ ସମୟରେ ସେଗୁଡିକ ସମୁଦ୍ର, ନଦୀରେ ମିଶୁଛି। ଏହା ଜଳଜୀବ ଓ ପାଣିକୁ ଦୂଷିତ କରୁଛି। ବିଶ୍ୱସ୍ତରରେ ଏହାକୁ ନିଷିଦ୍ଧ କରାଗଲାଣି। ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ଆଞ୍ଚଳିକ ଅଧିକାରୀ ବେହେରା ପରାମର୍ଶ ଦେଇଥିଲେ।

# ଦୁର୍ନୀତି ଅଭିଯୋଗକୁ ୧୫ ଦିନ ପୂରିଲା, ତଦନ୍ତ ଶୂନ

**ଘୋଡାଂଶ ପଞ୍ଚାୟତ**

- ପୂର୍ବତନ ପିଇଓଙ୍କ ଅଭିଯୋଗକୁ ନେଇ ମୁହଁ ଖୋଲିଲେ ସରପଞ୍ଚ

**ନାଉଗାଁ,୨୬।୫(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ସରପଞ୍ଚ ନୀହାର ରଞ୍ଜନ ବସ୍ତିଆଙ୍କ ଅଜାଣତରେ ତାଙ୍କ ଡିଏସ୍‌ସି(ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍)କୁ ଅପବ୍ୟବହାର କରି ପଞ୍ଚାୟତର ଅର୍ଥ ହଡ଼ପ ସହ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ନ ହୋଇ ଲକ୍ଷାଧିକ ଟଙ୍କାର ବିଲ୍ ହୋଇଛି। ଗତ ୮ ତାରିଖରେ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଏନେଇ ଅଭିଯୋଗ ହୋଇଥିଲା। ଏପରିକି ପଞ୍ଚାୟତରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲେ ମଧ୍ୟ ବିଲ୍ ହେଉ ନ ଥିବା ନେଇ ସରପଞ୍ଚ ବସ୍ତିଆ ଅଭିଯୋଗରେ ଦର୍ଶାଇଥିଲେ। ଏହାର ତଦନ୍ତ ଦାୟିତ୍ୱ ଜିଲାପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗକୁ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ଘଟଣାର ତଦନ୍ତ କରାଯାଇ ନାହିଁ ବୋଲି ସରପଞ୍ଚ ବସ୍ତିଆ ଜଣାଇବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଗତ ୧୭ ତାରିଖରେ ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଅରୁଣ ପ୍ରଧାନ ତାଙ୍କ ନାମରେ ମିଥ୍ୟାରେ ଆକ୍ରମଣ ସମ୍ପର୍କିତ ମାମଲା ରୁଜୁ କରିଥିବା ବସ୍ତିଆ ପ୍ରେସ ବିବୃତିରେ ଜଣାଇଛନ୍ତି। ଉକ୍ତ ଦିନ ସେ ସେହି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିବୃତି ଦେଉଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କଲେ ତାହା ଜଣାପଡିବ। ଏହାର ତଦନ୍ତ କରିବା ପାଇଁ ସେ ଜିଲା ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ଏବିଷୟରେ ଅଭିଯୋଗ ଦେଇଥିବା ପୂର୍ବତନ ପିଇଓ ପ୍ରଧାନଙ୍କୁ ପଚାରିବାରେ, ଯଦି ସରପଞ୍ଚ ବସ୍ତିଆ ଆକ୍ରମଣ କରି ନ ଥିବେ ତେବେ ସେ ତଦନ୍ତ ସମୟରେ ପ୍ରମାଣ କରି ଦେଖାଇବେ ବୋଲି କହିଛନ୍ତି। ଦୁର୍ନୀତି ତଦନ୍ତ ସମ୍ପର୍କରେ ନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣଙ୍କୁ ମୋବାଇଲ୍ ଯୋଗାଯୋଗ କରିବାରେ ସେ ଜରୁରୀ ମିଟିଂରେ ବ୍ୟସ୍ତ ଅଛନ୍ତି ବୋଲି କହି କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ବାରମ୍ବାର ଦାସଙ୍କୁ ମୋବାଇଲ୍‌ରେ କଲ୍ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ଧଳତଙ୍ଗଗଡ଼ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ଦାବିରେ ଗଣସତ୍ୟାଗ୍ରହ

- ବନ୍ୟଜନ୍ତୁ ସଂରକ୍ଷଣ ଓ ଚାଷୀଙ୍କ ଫସଲ ସୁରକ୍ଷା ମୁଖ୍ୟ ସମସ୍ୟା
- ୩ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ପାଇଁ ପ୍ରତିଶ୍ରୁତି



ଗଣସତ୍ୟାଗ୍ରହରେ ସାମିଲ ହୋଇଥିବା ଚାଷୀ, ବିଭିନ୍ନ ସଙ୍ଗଠନ ସଦସ୍ୟ ଓ ଲୋକପ୍ରତିନିଧି।

**ରଘୁନାଥପୁର,୨୬।୫(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ୭ଟି ପଞ୍ଚାୟତ ପରିସୀମାକୁ ଲାଗି ରହିଥିବା ଧଳତଙ୍ଗଗଡ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଦାବିରେ ଶୁକ୍ରବାର ଗଣସତ୍ୟାଗ୍ରହ ପୂର୍ବାହ୍ନ ୯ ଟାରୁ ଆରମ୍ଭ ହୋଇଥିଲା। ବନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲୀ ହରିଣଙ୍କ ଦ୍ୱାରା ଉଜୁଡି ଯାଉଥିବା ଖରିଫ, ରବି ଓ ପନିପରିବା ଫସଲର ସୁରକ୍ଷା ଦାବିରେ ପୂର୍ବ ନିଷ୍ପତ୍ତି ମୁତାବକ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ସମ୍ପାଦକ ଇଂ.ବାବାଜୀ ଚରଣ ଜେନାଙ୍କ ନେତୃତ୍ୱରେ ରାମଚନ୍ଦ୍ରପୁରସ୍ଥିତ ମଈଁଷିଗୋଠରେ ଗଣସତ୍ୟାଗ୍ରହ କରାଯାଇଥିଲା। ଏଥିରେ ଆଖପାଖ ଗୋପାଳପୁର, ଶାଳିଜଙ୍ଗା, କାକୁଡିଆ ଓ ଅନ୍ୟାନ୍ୟ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ। ପ୍ରତିବାଦ ସଭାରେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ, କୃଷକ ସଙ୍ଗଠନ ସଭାପତି ଗୋବିନ୍ଦ ଜେନା, କର୍ମକର୍ତ୍ତା ଦିଲୀପ ରଥ, ସାରଦା ଦାସ, ବିନୋଦ ବିହାରୀ ମହାନ୍ତି, ପାର୍ଥଶାଖା ପାଲଟାସିଂହ, ଆଗାମୀ ଓଡ଼ିଶା ସଭାପତି ବିଜୟ ସ୍ୱାଇଁ, ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ନିଗମାନନ୍ଦ ଦାସ ଓ ବାସୁଦେବ ଦାସ ପ୍ରମୁଖ ସରକାର ଓ ଜଙ୍ଗଲ ବିଭାଗ ବିରୋଧରେ ବର୍ଷିଥିଲେ। ହରିଣଙ୍କ ଉତ୍ପାତ ଯୋଗୁ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେଉଥିବାବେଳେ ଜଙ୍ଗଲ ବିଭାଗ କେବଳ ଅଳ୍ପ କିଛି କ୍ଷତିପୂରଣ ଦେଇ ତାର କାମ ସାରିଦେଉଛି। ଏଥିରେ ମଧ୍ୟ ଅନେକ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘବର୍ଷ ତଳୁ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଲିଖିତ ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଚାଷୀମାନଙ୍କ ଜୀବନ ଜୀବିକା ପାଇଁ ପ୍ରଶାନ୍ତ କୁମାର ନାୟକ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ବୋଲି ସତ୍ୟାଗ୍ରହ ସ୍ଥଳରେ ପ୍ରକାଶ କରି ଅନଶନରେ ବସିଥିଲେ। ୭୨ ଘଣ୍ଟା ମଧ୍ୟରେ ଏହାର ସମାଧାନ କରା ନ ଗଲେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ଖବରପାଇ ଆସିଷ୍ଟାଣ୍ଟ କଞ୍ଜରଭେଟର ଫରେଷ୍ଟ(ଏସିଏଫ୍) ସୌଭାଗ୍ୟ କୁମାର ସାହୁ ଓ ରେଞ୍ଜର ରବିନାରାୟଣ ମହାନ୍ତି ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝେଇବାକୁ ଉଦ୍ୟମ କରିଥିଲେ। ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ସେ ସମ୍ପର୍କରେ ଚାଷୀମାନେ ଲିଖିତ ପ୍ରତିଶ୍ରୁତି ପାଇଁ ଅଡ଼ି ବସିଥିଲେ। ୧୫ ଦିନ ଭିତରେ ଅଫିସିଆଲ ପ୍ରୋସେସିଂ କରାଯାଇ ଆସନ୍ତା ୩ ମାସ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଏସିଏଫ ସାହୁ ପ୍ରତିଶ୍ରୁତି ଦେବାପରେ ସତ୍ୟାଗ୍ରହ ସ୍ଥଗିତ ରହିଥିଲା। ଅନଶନକାରୀ ନାୟକଙ୍କୁ ଫଳରସ ଦେଇ ଅନଶନରୁ ଉଠାଇଥିଲେ। ପ୍ରତିଶ୍ରୁତି ପାଳନରେ ବ୍ୟତିକ୍ରମ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବା ସହ ଭୋଟ ବର୍ଜନ କରିବେ ବୋଲି ଏସ୍‌ଏଚ୍‌ଜି କର୍ମକର୍ତ୍ତା କଳ୍ପନା ସେଣ, ଜୟଶ୍ରୀ ଜେନା, ସଂଯୁକ୍ତା ସ୍ୱାଇଁ, ସାରଳା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଗଣଧାରଣାରେ ଡ.ସୁରେନ୍ଦ୍ର ମହାପାତ୍ର, ସନ୍ତୋଷ ପ୍ରଧାନ, ଅଜୟ କୁମାର ନାୟକ,ଟୁକୁଲି ଜେନାଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବର୍ଷାଦିନ ପୂର୍ବରୁ ନଦୀବନ୍ଧ ସୁରକ୍ଷା ଉପରେ ଗୁରୁତ୍ୱ



ସମୀକ୍ଷା ବୈଠକରେ ମନ୍ତ୍ରୀ ଟୁକୁନି ସାହୁ, ଜିଲାପାଳ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

**ଜଗତ୍‌ସିଂହପୁର ଅଫିସ, ୨୬।୫**

ଜଳ ସମ୍ପଦ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରତ୍ୟେକ ସମୟରେ ବିଶେଷକରି ବର୍ଷାଦିନେ ବିଭାଗର କାର୍ଯ୍ୟ ବଢ଼ିଯାଇଥାଏ। ବନ୍ୟା ଆସିବାର ଭୟ ଥିବାରୁ ତା'ପୂର୍ବରୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଥାଏ। ତେଣୁ ବର୍ଷା ଦିନ ପୂର୍ବରୁ ଜଗତ୍‌ସିଂହପୁର ଜିଲାର ନଦୀ ବନ୍ଧଗୁଡ଼ିକୁ ସୁରକ୍ଷିତ ରଖିବାକୁ ପଡ଼ିବ। ଶୁକ୍ରବାର ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଜଳ ସମ୍ପଦ ବିଭାଜନ ଜଗତ୍‌ସିଂହପୁର ଓ ମହାନଦୀ ସାଉଥ ଡିଭିଜନ, ଡ୍ରେନେଜ୍ ଡିଭିଜନ, ଉଠା ଜଳସେଚନ ଓ ପରିବହନ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ, ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ବିଭାଗଗୁଡିକ ପକ୍ଷରୁ ଏକାଧିକ ପ୍ରସ୍ତାବ ରଖିଥିଲେ, ଯେଉଁଗୁଡିକ ଅନୁମୋଦନ ଲାଭ କରିପାରିଛି। ସମ୍ପ୍ରତି କେତୋଟି ପ୍ରକଳ୍ପ କାମ ଚାଲିଛି ଓ ଆଉ କେତେ ବାକି ରହିଛି। ସେଗୁଡିକ ଉପରେ ବୈଠକରେ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ସାହୁ ପରିବହନ ବିଭାଗ ପକ୍ଷରୁ ଭଲ ବସ୍ ଷ୍ଟାଣ୍ଡ ନିର୍ମାଣ ଅଭିଯାନ ଚାଲିଥିବା ସୂଚନା ଦେବା ସହ ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ନିକଟ ନଦୀବନ୍ଧ ଓ ଜଗତ୍‌ସିଂହପୁର ସହରରେ ନିର୍ମାଣାଧୀନ ବକ୍ସ କଲଭର୍ଟ ବୁଲି ଦେଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ, ଧାନ ଚାଷରେ ଜଗତ୍‌ସିଂହପୁର ଏକ ଅଗ୍ରଣୀ ଜିଲା। ବିଶେଷକରି ତାଳଦଣ୍ଡା ଓ ମାଛଗାଁ କେନାଲ ମାଧ୍ୟମରେ ଚାଷ ଜମି ଜଳସେଚିତ ହୋଇଥାଏ। ବର୍ଷାଦିନେ ଉଦ୍‌ବୃତ୍ତ ଜଳ ବିଶେଷକରି ବାଲିକୁଦା ଓ ଏରସମା ବ୍ଲକ ଦେଇ ପ୍ରବାହିତ ହୁଏ। ଜଟାଧାରୀ, ଦେବୀ ଓ ମହାନଦୀ ମୁହାଣ ଦେଇ ଡ୍ରେନେଜ୍ ସିଷ୍ଟମ କାମ କରେ। ଜଗତ୍‌ସିଂହପୁର ଏକ ପ୍ରାକୃତିକ ଦୁର୍ବିପାକ ପ୍ରବଣଜିଲା ହୋଇଥିବାରୁ ଜଳସେଚନ, ଡ୍ରେନେଜ୍, ଉଠା ଜଳସେଚନ ବିଭାଗ ପକ୍ଷରୁ ଯାହାସବୁ ପ୍ରକଳ୍ପ କାମ ଚାଲୁ ରହିଛି ସେଗୁଡିକ ଜୁଲାଇ ମାସ ସୁଦ୍ଧା ଶେଷ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଓ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ଚାଷୀମାନଙ୍କ ସମସ୍ୟା ଦୂର ପାଇଁ ଦାବି ରଖିଥିଲେ। ଜିଲାପାଳ ପାରୁଲ ପଟୱାରି ପୌରୋହିତ୍ୟ କରି ଉପରୋକ୍ତ ବିଭାଗଗୁଡିକ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ବୈଠକରେ କାଠଯୋଡି, ବିଲୁଆଖାଇ, ଦେବୀ, ଅଳକା, ହଂସୁଆ, ମହାନଦୀ, ପାଇକା ନଦୀବନ୍ଧ ସୁଦୃଢୀକରଣ, ବନ୍ୟା ନିୟନ୍ତ୍ରଣ, ଲୁଣା ନଦୀ ବନ୍ଧ ମରାମତି, କ୍ୟାପେକ୍ସ ପ୍ରକଳ୍ପ, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାର ପ୍ରକଳ୍ପ, ଡ୍ରେନେଜ୍ ବିଭାଗର କାର୍ଯ୍ୟ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ଡ୍ରେନ୍ ଉନ୍ନତୀକରଣ, ଜଟାଧାରୀ ମୁହାଣ ଖନନ, ହଂସୁଆ ଡ୍ରେନେଜ୍ କଟ ଖନନ, ଅଳକା ଉନ୍ନୟନ ଓ ଫୁଟ ବ୍ରିଜ୍ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହିପରି ୧୫ଟି ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟ ସରିଲାଣି। ୧୪୯ଟି ନୂଆ ପ୍ରକଳ୍ପ ପାଇଁ ଆବେଦନ ଆସିଛି। ପୁରୁଣା ପଏଣ୍ଟଗୁଡ଼ିକର ମରାମତି ଚାଲିଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଥିଲେ। ପରିବହନ ବିଭାଗର ଫିଟ୍‌ନେସ୍ ସାର୍ଟିଫିକେଟ୍ ସେଣ୍ଟର, ଟ୍ରକ୍ ଟର୍ମିନାଲ ନିର୍ମାଣ, ଆମ ବସ୍‌ଷ୍ଟାଣ୍ଡ, ନୋ ପାର୍କିଂ ଜୋନ, ବ୍ଲାକ୍ ସ୍ପଟ୍ ଚିହ୍ନଟ ଓ ଦୂରୀକରଣ ଓ ହମ୍ପସ୍ ଅପସାରଣ ଉପରେ ସମୀକ୍ଷା ହୋଇଥିଲା। ଡ୍ରେନେଜ୍ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ବେହେରା, ମହାନଦୀ ସାଉଥ ଡିଭିଜନ ସହକାରୀ ଯନ୍ତ୍ରୀ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ପବିତ୍ର ପରିଡ଼ା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ପ୍ରମୁଖ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ବିଭାଗୀୟ ପ୍ରକଳ୍ପ କାର୍ଯ୍ୟ ପ୍ରଦର୍ଶନ କରିଥିଲେ।

**ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଦିନିକିଆ ଜଗତ୍‌ସିଂହପୁର ଗସ୍ତ**

**୧୪୯ ନୂଆ ଉଠାଜଳସେଚନ ପ୍ରକଳ୍ପ ପାଇଁ ଆବେଦନ**

### ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କର

**ନାଉଗାଁ/ରଘୁନାଥପୁର, (ସ୍ୱ.ପ୍ର./ଡି.ଏନ୍.ଏ.)**

ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ନାଉଗାଁ ବ୍ଲକ ଗସ୍ତରେ ଆସି ଗଜରାଜପୁର ପଞ୍ଚାୟତ ତୁମ୍ବେଶ୍ୱରଠାରେ ଦେବୀ ନଦୀରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଥିଲେ। ଉକ୍ତ ପ୍ରକଳ୍ପ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଦେବୀ ନଦୀବନ୍ଧ ଦୁର୍ବଳ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାପରେ ମନ୍ତ୍ରୀ ସାହୁ ନଦୀବନ୍ଧର ଦୁର୍ବଳ ସ୍ଥାନ ବୁଲି ଦେଖିବା ସହ ଯଥାଶୀଘ୍ର ଉକ୍ତ ସ୍ଥାନ ମରାମତି କରିବା ପାଇଁ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ସାହୁ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ଦର୍ଶନ କରିଥିଲେ। ପୀଠର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ଉପଦେଷ୍ଟା ସୁଶାନ୍ତ ଦାଶ ଓ ପ୍ରଶାନ୍ତ ଭୂୟାଁ ତାଙ୍କୁ ପୀଠ ମଧ୍ୟକୁ ପାଛୋଟି ନେଇଥିଲେ। ସେଠାରେ ମନ୍ତ୍ରୀ ସାହୁ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସହ ଧୁନିକୁଣ୍ଡ ଦର୍ଶନ କରିଥିଲେ। ମନ୍ତ୍ରୀ ସାହୁଙ୍କ ଏହି ଗସ୍ତ ସମୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଏବଂ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୀଠରେ ଏକ ମିଶନ ମହିଳା ଯାତ୍ରୀନିବାସ ଓ ଏଠାରେ ଥିବା ପୋଖରୀରୁ ବାହାରକୁ ଡ୍ରେନେଜ୍ ସିଷ୍ଟମ କରିବା ପାଇଁ ମନ୍ତ୍ରୀ ସାହୁଙ୍କୁ ପୀଠ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏନେଇ ଉପସ୍ଥିତ ଥିବା ଡ୍ରେନେଜ ଅଧିକାରୀଙ୍କ ସହ ମନ୍ତ୍ରୀ ସାହୁ ଆଲୋଚନା କରିବା ପରେ ସେଠାରୁ ବିଦାୟ ନେଇଥିଲେ।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପ ଡକାୟତି ଘଟଣା: ୬ ଅଭିଯୁକ୍ତ ଗିରଫ

ଖଣ୍ଡପଡ଼ା,୨୬।୫(ସ୍ୱ.ପ୍ର): ଖଣ୍ଡପଡ଼ା ଥାନା ଅଧୀନ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକସ୍ଥିତ ଏକ ପେଟ୍ରୋଲ ପମ୍ପରୁ ଦୁର୍ବୃତ୍ତମାନେ ୨୦୨୨ ନଭେମ୍ବର ୧୭ ରାତିରେ ବମ୍ ଫୁଟାଇ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟି ନେବା ସହ କର୍ମଚାରୀମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଫତେଗଡ଼ ଥାନା ଅଧୀନ କୁଶା ପାଣ୍ଡେରୀ ଗ୍ରାମର ମାନସ ପ୍ରଧାନ, ଓଡ଼ଗାଁ ଥାନା ଅଧୀନ ନନ୍ଦିଘୋର ଗ୍ରାମର କାର୍ତ୍ତିକ ନାୟକ, ଲେଙ୍କୁଡ଼ିପଡ଼ା ଗ୍ରାମର ଜିତ ନାଏକ, କଟକ ଜିଲା ସାଲେପୁର ଥାନା ଅଧୀନ ବେଗୁନିଆପଡ଼ା ଗ୍ରାମର ରଘୁନାଥ ଦାସ, ରଣପୁର ଥାନା ଅଧୀନ ସାନଗଡ଼ ଗ୍ରାମର ସିଲୁ ନାୟକ ପ୍ରମୁଖଙ୍କୁ ପୋଲିସ ଗିରଫ କରିବା ସହ ଡକାୟତି ଘଟଣାରେ ବ୍ୟବହୃତ ଗାଡ଼ି ଓ ଆନୁଷଙ୍ଗିକ ସମସ୍ତ ସାମଗ୍ରୀ ଜବତ କରିଥିଲା। ଖଣ୍ଡପଡ଼ା ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଅନୁସନ୍ଧାନ ଚାଲିଥିଲା। ଦକ୍ଷତାର ସହ ଡ଼କାୟତି ଘଟଣାର ପର୍ଦ୍ଦାଫାସ କରିବାରେ ସଫଳ ହୋଇଥିବାରୁ କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ନରସିଂହ ଭୋଳ ଆଇଆଇସି ଦେବତାଙ୍କୁ ପ୍ରଶଂସା କରି ଏକ ପ୍ରଶଂସାପତ୍ର ପ୍ରଦାନ କରଛନ୍ତି।

### ନାଗପୁରରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର, ୨୬।୫(ଡିଏନଏ): ପାତ୍ରପୁର ବ୍ଲକରୁ ନାଗପୁର ସହରକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଖମ୍ବାରିଗାଁ ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର ନାରଦା ନିରଞ୍ଜନ। ସେ ୧୦ଦିନ ତଳେ ନାଗପୁର ଯାଇ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୨ଦିନ ତଳେ କମ୍ପାନୀରେ କାମ କରୁଥିବା ବେଳେ ଡାହାଣ ହାତରେ ଆଘାତ ପାଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ କମ୍ପାନୀ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦେବସଭା ପରେ ୧୬ ଶମ୍ଭୁ ଫେରିଲେ

ନୟାଗଡ଼ ଅଫିସ/ଶରଣକୁଳ, ୨୬।୫(ଡି.ଏନ.ଏ.)

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ଶୁକ୍ରବାର ଦେବସଭା ପରେ ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଶରଣକୁଳ ଲଡୁବାବାଙ୍କ ପୀଠରେ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର (ହର) ଗୌରୀଙ୍କ ବିବାହ ଉତ୍ସବ ପରେ ଗୁରୁବାର ଦେବଦମ୍ପତିଙ୍କୁ ଆଶୀର୍ବାଦ ଦେବା ଓ ଗ୍ରାମ୍ୟ ପରିକ୍ରମାକରି ଭୋଗ ଖାଇବା ଉଦ୍ଦେଶ୍ୟରେ ୧୬ ଶମ୍ଭୁଙ୍କ ମେଳଣ ଅନୁଷ୍ଠିତ ହୋଇଥିଲା। ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳର ଶମ୍ଭୁମାନେ ପୃଥକ୍ ପୃଥକ୍ ସମୟରେ ବିରାଟ ପରୁଆରରେ ଆସି ଶରଣକୁଳ ଲଡୁବାବାଙ୍କ ବେଢ଼ା ପରିସରରେ ମିଳିତ ହୋଇଥିଲେ। ବିଳମ୍ବିତ ରାତିରେ ବେଢ଼ାରେ ପୂଜାନୀତି ଓ ଭୋଗ ସରିବା ପରେ ଚନ୍ଦ୍ରଶେଖର, ମା'ପାର୍ବତୀଙ୍କ ସମେତ ୧୬ ଶମ୍ଭୁ ମନ୍ଦିର ମୁଖଶାଳା ଗରୁଡ଼ ସ୍ତମ୍ଭ ପାଖରେ ମିଳିତ ହୋଇଥିଲେ।

ମନ୍ଦିର ପ୍ରଶାସନ ପକ୍ଷରୁ ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଏଠାରେ ସମସ୍ତ ଦେବତାଙ୍କୁ ଷୋଡ଼ଶ

### ଲଡୁବାବାଙ୍କ ଶୀତଳଷଷ୍ଠୀ ଯାତ୍ରା

ଉପଚାରରେ ପୂଜାର୍ଚ୍ଚନା ସହ ସମୂହ ଆଳତି କରାଇବାର ବନ୍ଦୋବସ୍ତ କରାଇଥିଲେ। ଏଠାରେ ସମସ୍ତ ଠାକୁର ଦେବଦମ୍ପତି ହର, ଗୌରୀଙ୍କୁ ଆଶୀର୍ବାଦ ଦେଇଥିଲେ। ପରେ ହର-ଗୌରୀଙ୍କ ସମେତ ଶମ୍ଭୁମାନେ ଶୀତଳଷଷ୍ଠୀ ଯାତ୍ରା ପଡ଼ିଆରେ ପହଞ୍ଚି ଆସନ ଗ୍ରହଣ କରିଥିଲେ। ଯାତ୍ରା ପଡ଼ିଆରେ ଦେବୋତ୍ତର ବିଭାଗ ପକ୍ଷରୁ ଆତସବାଜି ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ସକାଳେ ଠାକୁରମାନଙ୍କ ପାଇଁ ଅବକାଶ ନୀତି କରାଯାଇଥିଲା। ମଧ୍ୟାହ୍ନରେ ନରେନ୍ଦ୍ରପୁରର ରାମଚଣ୍ଡୀ ବ୍ୟାଘ୍ର ବିମାନରେ, ମାଳିସାହିର ନାରାୟଣୀ ସିଂହ ବିମାନରେ, ହରିହରପୁରର ଦଧିବାମନଜୀଉ, ଭିକାରୀପଡ଼ାର ରାମେଶ୍ୱର, ଗୁଡ଼ିଆସାହିର ରଘୁନାଥ ଏବଂ ଶରଣକୁଳ ଦକ୍ଷିଣାର୍ଦ୍ଧ ସାହିର ବିରଜାଇ ସିଂହ ବିମାନରେ ଶୋଭାଯାତ୍ରାରେ ଯାଇଥିଲେ। ସେହିପରି ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବୃଷଭ ବିମାନରେ, ଅନ୍ୟ ପାର୍ଶ୍ୱଦେବତା ଜୟଦୁର୍ଗା ସିଂହ ବିମାନରେ, ଲକ୍ଷ୍ମୀନାରାୟଣ ଗରୁଡ଼ ବିମାନରେ,


ଶୋଭାଯାତ୍ରାରେ ୧୬ ଶମ୍ଭୁଙ୍କୁ ନିଆଯାଉଛି।

ରାମ ,ଲକ୍ଷ୍ମଣ ଓ ସୀତା ହନୁମାନ ବିମାନରେ, ଅର୍ଦ୍ଧନାରୀଶ୍ୱର ପାଲଙ୍କିରେ ଶୋଭାଯାତ୍ରାରେ ଅନୁରୂପ ଭାବେ ଯାତ୍ରା କରିଥିଲେ। ଠାକୁରମାନେ ଭିକାରୀପଡ଼ା ହରିହରପୁର ବ୍ରାହ୍ମଣ ଶାସନ ପରିକ୍ରମା କରି ଗାଁ ମୁଣ୍ଡ ଶିଶୁମନ୍ଦିର ପାଖ ଯାତ୍ରା ପଡ଼ିଆରେ ଅବସ୍ଥାନ କରିଥିଲେ। ସେଠାରେ କୋଠମଣ୍ଡପରେ ଭୋଗ ଖାଇଥିଲେ। ପରେ ପରେ ଭିକାରୀପଡ଼ା ହରିହରପୁର ବ୍ରାହ୍ମଣ ଶାସନରେ ଭୋଗ ଖାଇ ଶୋଭାଯାତ୍ରାରେ ଲଡୁବାବାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅପରାହ୍ନରେ ମନ୍ଦିର ମୋହନରେ ଏକ ଦେବସଭାରେ ମିଳିତ ହୋଇଥିଲେ। ହର-ଗୌରୀଙ୍କ ବିବାହ ଉତ୍ସବରେ ଘଟିଥିବା ବିଭିନ୍ନ ସୁବିଧା ଅସୁବିଧା ନେଇ ଏହି ଦେବସଭାରେ ୧୬ ଶମ୍ଭୁ ଆଲୋଚନା କରିଥିଲେ। ଏଠାରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ପକ୍ଷରୁ ମନ୍ଦିର ପରିଚାଳକ ୧୬ ଶମ୍ଭୁଙ୍କ ଅତିଥି ସତ୍କାର କରିଥିଲେ। ଏତଦ୍ ବ୍ୟତୀତ ଏଠାରେ ୧୬ ଶମ୍ଭୁଙ୍କୁ ଦେବନୀତି ଅନୁଯାୟୀ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ଆଳତି ମାଧ୍ୟମରେ ବନ୍ଦାପନା କରାଯାଇଥିଲା। ଶୁଖିଲି ଭୋଗରେ ୧୬ ଶମ୍ଭୁଙ୍କ ନିକଟରେ କରାଯାଇ ସେମାନଙ୍କୁ ବିଦାୟନେବାକୁ ଲଡୁବାବା ଅନୁମତି ଦେଇଥିଲେ। ଶମ୍ଭୁମାନେ ବିଦାୟ ନେବା ପରେ ମୋହନରୁ ଚନ୍ଦ୍ରଶେଖର ମା' ପାର୍ବତୀ ଓ ଅନ୍ୟ ପାର୍ଶ୍ୱଦେବତାଙ୍କ ସହ ଲଡୁବାବାଙ୍କ ଗର୍ଭଗୃହକୁ ପ୍ରବେଶ କରିଥିଲେ। ପୂଜକ ସୁନିଲ କୁମାର ବଡପଣ୍ଡା ପ୍ରଭୁମାନଙ୍କୁ ପଂକ୍ତି ଭୋଗ ଅର୍ପଣ କରିଥିଲେ। ଅନ୍ୟ ସେବାୟତମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିଭଳି ଏହି ପର୍ବ ସଦର ନୟାଗଡ଼ ବ୍ଲକର ଲାଠିପଡ଼ା ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠ, ନୟାଗଡ଼ ସହର ନିକଟସ୍ଥ ରାଜବାଟିରୋଡ଼ର ଶାସ୍ତ୍ରୀନଗରସ୍ଥିତ ସିଦ୍ଧେଶ୍ୱରଙ୍କ ପୀଠ ଓ ଜିଲାର ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ମୁକ୍ତାକାଶ ରଙ୍ଗମଞ୍ଚ ଦାବି

ଭଞ୍ଜନଗର,୨୬।୫(ଡି.ଏନ୍.ଏ)

ଭଞ୍ଜନଗର ସହରରେ ଏକ ବଡ ଅଡିଟୋରିୟମ କିମ୍ବା ମୁକ୍ତାକାଶ ରଙ୍ଗମଞ୍ଚ ସ୍ଥାପନ କରିବା ପାଇଁ ଶୁକ୍ରବାର ଘୁମୁସର କଳାକାର ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏନେଇ ସଂଘର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ଅନିଲ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ କଳାକାର ଶିବଶଙ୍କର ତ୍ରିପାଠୀ, ରତ୍ନ ନାରାୟଣ ମହାରଣା, ଜଗଦିଶ ପାଣିଗ୍ରାହୀ, ଗୋବିନ୍ଦ ବେହେରା, ଅଶୋକ ମହାପାତ୍ର, ଚିନ୍ମୟ କୁମାର ବେବର୍ତ୍ତା, ହରିକୃଷ୍ଣ ସାହୁ, ଅଜୟ କୁମାର ବିଷୋୟୀ, ପ୍ରଦୀପ ସ୍ୱାଇଁ, ଜୟକୃଷ୍ଣ ପଟ୍ଟନାୟକ, ଆଦିକନ୍ଦ ଗୌଡ଼, କେଶବ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ଘୁମୁସର ମାଟି ହେଉଛି କଳା, ସାହିତ୍ୟ, ସଂସ୍କୃତିର ଗନ୍ତାଘର। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ସ୍ଥାନ। ଆଜି ସାରା ବିଶ୍ୱରେ ତାଙ୍କର କାବ୍ୟ, କବିତା ପ୍ରସିଦ୍ଧ। ତେଣୁ ଏଠାରେ ଏକ ବଡ ଅଡିଟୋରିୟମ କିମ୍ବା ମୁକ୍ତାକାଶ ରଙ୍ଗମଞ୍ଚ ସ୍ଥାପନ କରାଯାଉ ବୋଲି ଦାବି କରାଯାଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗୁରୁ ପ୍ରଦୀପ କୁମାର ସ୍ୱାଇଁ ନିବେଦନ କରିଛନ୍ତି।

# ମିଲେଟ୍ ଅମଳ ଉତ୍ସବ ପାଳିତ


ଉତ୍ସବରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ। ମହିଳାଙ୍କ ଦ୍ୱାରା ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବିକ୍ରି କରାଯାଉଛି।

ଗଣିଆ,୨୬।୫ (ଡି.ଏନ.ଏ.)

ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ସହ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ପାଳନ କରିବାକୁ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ଛାମୁଣ୍ଡିଆ ବାରନାଳିଆ ମଠ ପରିସରରେ ଶୁକ୍ରବାର ମିଲେଟ୍ ଅମଳ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଡିପିଡି ସ୍ୱାଗତିକା ପତି ଓ ଗଣିଆ ସିଡିପିଓ ଉଷାରାଣୀ ସାହୁ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ପଟ୍ଟନାୟକ, ମିଶନ ଶକ୍ତି ବିପିସି ପ୍ରମୋଦ କୁମାର ବେହେରା, ଓଡ଼ିଶା ମିଲେଟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଅଭିଷେକ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପାରମ୍ପରିକ ଭାବେ ମାଣ୍ଡିଆ, ଜହ୍ନରା, ସୁଆଁ ଓ ବାଜରା ଚାଷକୁ ପ୍ରୋତ୍ସାହନ ଦିଆଯାଇ କିଭଳି ଅଧିକରୁ ଅଧିକ ଚାଷ କରାଯାଇପାରିବ ସେ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। ତେବେ ପ୍ରଥମ ବର୍ଷ ପାଇଁ ମାଣ୍ଡିଆ ଚାଷ କରାଯାଇ ଅମଳ ଏବଂ ବିକ୍ରି କରାଯିବା ପରେ ଏହାର ଲାଭ ଓ ଏଥିରୁ ପ୍ରସ୍ତୁତ ଖାଦ୍ୟର ଉପକାରିତା ସହ ଏହି ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ମିଲେଟ୍ ଅମଳ ଉତ୍ସବ ଆୟୋଜନର ମୂଳ ଲକ୍ଷ୍ୟ ଥିଲା ବୋଲି ଆୟୋଜକ ଗଣିଆ ଉନ୍ନୟନ କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ସୂଚନା ଦେଇଥିଲେ। ମାଣ୍ଡିଆ, ଜହ୍ନରା, ସୁଆଁ ଓ ବାଜରା ପରି ଲଘୁ ଖାଦ୍ୟ ଶସ୍ୟରେ ଅନେକ ପୋଷକ ତତ୍ତ୍ୱ ଭରପୂର ହୋଇ ରହିଛି। ଏହି ଶସ୍ୟ ଚାଷ କରିବା ଦ୍ୱାରା ପରିବେଶ ପ୍ରଦୂଷିତ ନ ହୋଇ ସନ୍ତୁଳନ ରକ୍ଷା କରିଥାଏ। ବିଶେଷକରି ଏହି ଶସ୍ୟରେ କୌଣସି ରାସାୟନିକ ସାର, କୀଟନାଶକ ପ୍ରୟୋଗ କରାଯାଇ ନ ଥାଏ। ସେହିପରି ଏହି ଖାଦ୍ୟ ଖାଇବା ଦ୍ୱାରା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଏହି ଲଘୁଜାତ ଶସ୍ୟ ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମିଲେଟ୍ ମିଶନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଇଁ ଏକ ସଚେତନତା ରଥ ବିଭିନ୍ନ ଗାଁ ପରିକ୍ରମା କରିଥିବା ବେଳେ କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଭ୍ୟା ଯୋଗଦେଇଥିଲେ।

## ସୋସାଇଟି ନିର୍ଦ୍ଦେଶକ ତଦନ୍ତ ଦାବି କଲେ


ବାହାଡ଼ାଖୋଲା ସୋସାଇଟି।

ନୂଆଗାଁ,୨୬।୫(ଡି.ଏନ.ଏ.)

### ଧାନ କିଣାରେ ଅନିୟମିତତା


ଅଭିଯୋଗ କରିଥିବା ସୋସାଇଟି ନିର୍ଦ୍ଦେଶକ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ସୋସାଇଟିରେ ଚାଷୀମାନଙ୍କଠାରୁ ଧାନ କିଣାରେ ଅନିୟମିତତା ହୋଇଥିବା ନେଇ ଜଣେ ନିର୍ଦ୍ଦେଶକ ଅଭିଯୋଗ କରିଛନ୍ତି। ଅନିୟମିତତାର ତଦନ୍ତ କରି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଭିଯୋଗକାରୀ ସୋସାଇଟି ଆଗରେ ଧାରଣ ଦେବେ ବୋଲି ଚେତାବନୀ ଦେଇଛନ୍ତି।

ନୂଆଗାଁ ବ୍ଲକ ବାହାଡ଼ାଖୋଲା ସୋସାଇଟିରେ ଧାନ କିଣାରେ ସମ୍ପାଦକ ଅନିୟମିତତା କରିଥିବା ନେଇ ନିର୍ଦ୍ଦେଶକ ନିରଞ୍ଜନ ସାହୁ ଅଭିଯୋଗ କରିଛନ୍ତି। ନିର୍ଦ୍ଦେଶକ ସାହୁ ନୟାଗଡ଼ ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ମୁତାବକ ବାହାଡ଼ାଖୋଲା ସୋସାଇଟିରେ ସ୍ଥାୟୀ ସମ୍ପାଦକ ନାହାନ୍ତି। ତେଣୁ ଅସ୍ଥାୟୀ ସମ୍ପାଦକ ଚଳିତବର୍ଷ ଧାନ କିଣାରେ ଅନେକ ଅନିୟମିତତା କରିଛନ୍ତି। ଏପରିକି ସରକାର କଟ୍‌ନି ଛଟ୍‌ନି ବନ୍ଦ କରିଥିବା ବେଳେ ବାହାଡ଼ାଖୋଲା ସୋସାଇଟିରେ କୁଇଣ୍ଟାଲ ପିଛା ୮ କେଜି ଧାନ କଟା ଯାଇଛି। ଯାହାକି ଅନ୍ୟ ସବୁ ସୋସାଇଟିରେ ୪ କେଜିରେ ସୀମିତ ଥିଲା। ସେଥିରୁ ସେ ୪ କେଜି ଧାନର ଦାମ ୮୦ ଟଙ୍କା ସମ୍ପାଦକ ଆତ୍ମସାତ କରିଥିବା ବେଳେ ଆଉ ୪ କେଜି ମିଲରକୁ ଦେଇଛନ୍ତି। ମିଲରକୁ ଧାନ ଦେଇ ଲୋକଙ୍କ ନାମରେ ମିଥ୍ୟା ପଞ୍ଜୀକୃତ କରି କୁଇଣ୍ଟାଲ ପିଛା ୩୫୦ ଟଙ୍କା କମିଶନ ଆଦାୟ କରିଛନ୍ତି। ୧୦ ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ନିର୍ଦ୍ଦେଶକ ସାହୁ ବାହାଡ଼ାଖୋଲା ସୋସାଇଟି ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସେ ସହକାରୀ ନିବନ୍ଧକଙ୍କ ସମେତ ମହିପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ସିଭିଲ୍ ସର୍ଭିସ୍, ଓଇଏସ୍, ମାଟ୍ରିକ ଟପ୍ପର ସମ୍ବର୍ଦ୍ଧିତ

ନୟାଗଡ଼ ଅଫିସ,୨୬।୫


କୃତୀ ଛାତ୍ରୀଛାତ୍ରଙ୍କୁ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼ ଜିଲା ପରିଷଦ ସଭାଗୃହରେ ଶୁକ୍ରବାର ନୟାଗଡ଼ ଜିଲାର ସିଭିଲ୍ ସର୍ଭିସ୍, ଓଇଏସ୍ ଓ ମାଟ୍ରିକ୍ ବ୍ଲକ ଟପ୍ପର ୨୦ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷା, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଓ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ ଉପସ୍ଥିତ ରହି ସମ୍ବର୍ଦ୍ଧନା ଦେଇଥିଲେ। ନୟାଗଡ଼ ଜିଲାରୁ ଓଇଏସ୍ ପାଇଥିବା ଓଡ଼ଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶର ସୁପର ଭାଇଜର ଲିପ୍ସା ନନ୍ଦ, ଖଣ୍ଡପଡ଼ା ବ୍ଲକ ଶିଖରପୁର ବରପଲ୍ଲୀ ଗାଁର ଅମ୍ରିତା ସାହୁ, ରଣପୁରର

### ଜିଲା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା

ଯାଜ୍ଞସେନୀ ସାହୁ, ଓଡ଼ଗାଁ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଭକ୍ତି ବିନୋଦ ସାଲା, ରଣପୁର ବ୍ଲକ ନରେନ୍ଦ୍ରପୁରର ମଧୁସ୍ମିତା ପୃଷ୍ଟି, ନୟାଗଡ଼ର ମୋନାଲିସା ରଥ, ନୟାଗଡ଼ କଲେଜ ରୋଡର ମୁନରାଣୀ ମହାନ୍ତି, ଭାପୁର ବାଇଗୁଣିଆର ପିଣ୍ଟୁ କୁମାର ପ୍ରଧାନ, ଖଣ୍ଡପଡ଼ା ମର୍ଦ୍ଦରାଜପୁରର ରୁଦ୍ର ନାରାୟଣ ସାହୁ ପ୍ରମୁଖ ୯ ଜଣଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ନୟାଗଡ଼ର ଡେପୁଟି କଲେକ୍ଟର ସ୍ନିଗ୍ଧା ସେଠୀଙ୍କୁ ମଧ୍ୟ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପକ୍ଷେ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ନୟାଗଡ଼ ଜିଲା ଟପ୍ପର ତଥା ଓଡ଼ଗାଁ ବ୍ଲକ ଟପ୍ପର ଦଧିବାମନ ଜୀଉ ହାଇସ୍କୁଲ ଶିଖରପୁରର ଛାତ୍ର କେଶବ ଚନ୍ଦ୍ର ପରିଡା, ଭାପୁର ବ୍ଲକ ଯୁଗ୍ମ ଟପ୍ପର ରାମଚନ୍ଦ୍ର ସାହୁ ହାଇସ୍କୁଲ ବିଜିପୁରର ସ୍ମୃତି ସରିତା ମହାପାତ୍ର ଓ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଭାପୁର ଆଶିଷ କୁମାର ସାହୁ, ଖଣ୍ଡପଡ଼ା ବ୍ଲକ ଟପ୍ପର ସରକାରୀ ଅପଗ୍ରେଡ଼େଡ଼ ହାଇସ୍କୁଲ ସିଘାଂପଡ଼ାର ଆଶୁତୋଷ ରାଉତ, ନୟାଗଡ଼ ବ୍ଲକ ଟପ୍ପର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୟାଗଡ଼ର ଛାତ୍ରୀ ଶର୍ମିଷ୍ଠା ସାହୁ, ଗଣିଆ ବ୍ଲକ ଟପ୍ପର କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଗଣିଆର ଛାତ୍ରୀ ସୁଜାତା ସାହୁ, ନୂଆଗାଁ ବ୍ଲକ ଟପ୍ପର ବାହାଡ଼ାଖୋଲା ଗାଲର୍ସ ହାଇସ୍କୁଲର ସୁଧାଂଶୁବାଳା ସାହୁ, ଦଶପଲ୍ଲା ଟପ୍ପର ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲର ସୁଚିସ୍ମିତା ବେହେରା, ରଣପୁର ବ୍ଲକ ଯୁଗ୍ମ ଟପ୍ପର ରଘୁନାଥ ନୋଡାଲ ହାଇସ୍କୁଲ ମଝିଆଖଣ୍ଡର ଅନିଲ କୁମାର ସାହୁ ଓ ପଞ୍ଚାୟତ ହାଇସ୍କୁଲ ବୃନ୍ଦାବନପୁରର ପ୍ରତୀକ୍ଷା ନାୟକ ପ୍ରମୁଖ ୧୦ ଜଣ ଅନୁରୂପ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଖଣ୍ଡପଡ଼ାରେ ଶୀତଳଷଷ୍ଠୀ ଯାତ୍ରା, ୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଖଣ୍ଡପଡ଼ା,୨୬।୫(ସ୍ୱ.ପ୍ର.)


ମେଳଣ ପଡ଼ିଆରେ ବିମାନରେ ଦେବଦମ୍ପତି।

ଗଡ଼ଜାତ ଖଣ୍ଡପଡ଼ା ଅଞ୍ଚଳରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରର ୫ଟି ପ୍ରମୁଖ ଶୈବପୀଠରେ ଗୁରୁବାର ଦେବ ଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ଖଣ୍ଡପଡ଼ା ସହର ଉତ୍ସବମୁଖର ହୋଇଉଠିଥିଲା। ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ସୁବର୍ଣ୍ଣେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ବନ୍ଧ ବିମଳେଶ୍ୱର ଦେବ ଓ ଲୋକନାଥ ଦେବ ପ୍ରମୁଖଙ୍କୁ ୪ଟି ସୁସଜ୍ଜିତ ବିମାନରେ ଖଣ୍ଡପଡ଼ା ସହର ପରିକ୍ରମା କରାଯାଇଥିଲା। ପରେ ବିମାନକୁ ଖଣ୍ଡପଡ଼ା ଥାନା ସମ୍ମୁଖସ୍ଥ ମେଳଣ ସ୍ଥଳକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ବାଜା, ବାଣ, ରୋଶଣି ଓ ରଙ୍ଗବେରଙ୍ଗର ଆଲୋକମାଳାରେ ଖଣ୍ଡପଡ଼ା ସହର ଝଲସି ଉଠିଥିଲା। ବହୁ ଆଡ଼ମ୍ବର ଓ ପାଟପଟୁଆରରେ ଦେବଦମ୍ପତିମାନେ ସହର ପରିକ୍ରମା କରିବା ବେଳେ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ଖଣ୍ଡପଡ଼ା ସହରର ବଡ଼ଦାଣ୍ଡ ଥାନା ସମ୍ମୁଖରେ ୪ ଶମ୍ଭୁଙ୍କ ମିଳଣ ପର୍ବକୁ ଉପଭୋଗ କରିବା ନିମନ୍ତେ ଆଖପାଖ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଥାନା ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଇଆଇସି ରମେଶ କୁମାର ଦେବତା ଓ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ରାତ୍ରିର ଶେଷ ପ୍ରହରରେ ବିଗ୍ରହମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଖଳିସାହି ଓ ବେଣାଗାଡ଼ିଆସ୍ଥିତ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର, ମର୍ଦ୍ଦରାଜପୁରସ୍ଥିତ ବାବା ଲୋକନାଥ ଦେବ, ବୋଦସାସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର, କାଦୁଆସ୍ଥିତ ଗଡିଶ୍ୱରଦେବଙ୍କ ପୀଠ ଓ ଖୁଣ୍ଟୁପଡ଼ାସ୍ଥିତ ପ୍ରଭୁ ଶ୍ରୀରାମେଶ୍ୱର ଦେବଙ୍କ ପୀଠରେ ଶୀତଳଷଷ୍ଠୀ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି।

# ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

ଖଣ୍ଡପଡ଼ା,୨୬।୫ (ସ୍ୱ.ପ୍ର)

## ବଙ୍ଗୀୟ ମହିଳା ପର୍ଯ୍ୟଟକଙ୍କୁ ଅସଦାଚରଣ ଘଟଣା

- ପୂଜକ ସମାଜର ପ୍ରତିକ୍ରିୟା
- ଠାକୁରଙ୍କ ପୂଜାନୀତିରେ ଅସହଯୋଗ ସହ ବନ୍ଦ ରହିବ

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ମନ୍ଦିରରେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଅସଦାଚରଣ କରାଯାଇଥିଲା। ଏହି ଘଟଣାକୁ ୧୮ ଦିନ ବିତିଥିବା ବେଳେ ଖଣ୍ଡପଡ଼ା ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହାକୁ ନେଇ ଜୀଉଙ୍କ ସମସ୍ତ ପୂଜାନୀତିରେ ପୂଜକ ସମାଜ ଚଳିତମାସ ୨୯ ତାରିଖଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅସହଯାଗ କରିବେ ବୋଲି ନୀଳମାଧବ ପୂଜକ ସମାଜ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର ଓ ସମ୍ପାଦକ ନୀଳମାଧବ ମିଶ୍ର ଲିଖିତ ଭାବେ ସ୍ଥାନୀୟ ଗଣମାଧ୍ୟମକୁ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗତ ୮ ତାରିଖରେ ଜନୈକା ବଙ୍ଗୀୟ ମହିଳା ପର୍ଯ୍ୟଟକ ତାଙ୍କ ପରିବାର ସହ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ଆସିଥିଲେ। ପରେ ପରେ ସମ୍ପୃକ୍ତ ମହିଳା ଜଣକ ଶୌଚ ଉଦ୍ଦେଶ୍ୟରେ ମନ୍ଦିର ଉତ୍ତର ପାର୍ଶ୍ୱ ମହାନଦୀ ନିକଟ ଏକ ଗଛମୂଳକୁ ଯାଇଥିଲେ। ଏହି ସମୟରେ ତାଙ୍କୁ କେହି ଜଣେ ଅସାମାଜିକ ବ୍ୟକ୍ତି ଅସଦାଚରଣ କରିଥିବା ପୋଲିସକୁ ଅଭିଯୋଗ କରିଥିଲେ। କଣ୍ଟିଲୋ ଫାଣ୍ଡି ଅଧିକାରୀ ଘଟଣାର ଅନୁସନ୍ଧାନ କରିଥିବା ବେଳେ ପ୍ରକୃତ ଅଭିଯୁକ୍ତଙ୍କୁ ଠାବ କରିବାରେ ବିଫଳ ହୋଇଛି। ଘଟଣାର ପରଦିନ ଅର୍ଥାତ୍ ୯ ତାରିଖରେ ପୂଜକ ସମାଜର କର୍ମକର୍ତ୍ତାମାନେ ଏ ସମ୍ପର୍କରେ ନୟାଗଡ଼ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ବ୍ଲକ ପରିସରରେ ୧୩ ତାରିଖରେ ଆୟୋଜିତ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ସାକ୍ଷାତ କରି କର୍ମକର୍ତ୍ତାମାନେ ବଙ୍ଗୀୟ ମହିଳାଙ୍କୁ ଅସଦାଚରଣ ଘଟଣା ସମ୍ପର୍କରେ ଅବଗତ କରାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଇତି ମଧ୍ୟରେ କେତେଗୋଟି ଗଣମାଧ୍ୟମରେ ନୀଳମାଧବ ସେବାୟତମାନଙ୍କୁ ଏଥି ନିମନ୍ତେ ବଦନାମ କରାଯାଇ ଖବର ପ୍ରକାଶ ହେବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା କର୍ମକର୍ତ୍ତାମାନେ ଅଭିଯୋଗ ଉଠାଇଛନ୍ତି। ତେବେ ଦୀର୍ଘ ୧୮ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ଘଟଣାର ପର୍ଦ୍ଦାଫାସ କରିବାରେ ପୋଲିସ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ପୂଜକ ସମାଜ ପକ୍ଷରୁ ଗତ ୧୯ ତାରିଖରେ ରେଜେଷ୍ଟ୍ରି ଚିଠି ମାଧ୍ୟମରେ ରାଜ୍ୟ ଦେବୋତ୍ତର କମିଶନର, ଜିଲାପାଳ, ଏସ୍‌ପି, ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଇଥିଲେ। ହେଲେ କୌଣସି ସୁଫଳ ମିଳି ପାରିଲାନାହିଁ। ଆସନ୍ତା ୨୯ ତାରିଖ ମଧ୍ୟରେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଠାକୁରଙ୍କ ସମସ୍ତ ପୂଜା, ନୀତି କାନ୍ତି ଓ ଯାତ୍ରୀ ଦର୍ଶନରେ ଅସହଯୋଗ ସହ ବନ୍ଦ କରାଯିବ ବୋଲି ପୂଜକ ସମାଜର ସମ୍ପାଦକ ନୀଳମାଧବ ମିଶ୍ର ଜଣାଇଛନ୍ତି। ଏହାଛଡ଼ା ଏହି କ୍ରମରେ ଯଦି ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରୁକ୍ମଣୀ ବିବାହ କାର୍ଯ୍ୟକ୍ରମ ବନ୍ଦ ରୁହେ ତେବେ ଆସନ୍ତା ୪ ତାରିଖରେ ହେବାକୁ ଥିବା ଦେବସ୍ନାନ ନୀତିକୁ ବନ୍ଦ କରାଯିବ ବୋଲି ପୂଜକ ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି।



ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀଙ୍କୁ କାଲ୍‌କାଟା ହାଇକୋର୍ଟ ୨୫ ଲକ୍ଷ ଟଙ୍କା ଜରିମାନା ଲଗାଇଥିବାବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ତେବେ ନିଯୁକ୍ତି ଦୁର୍ନୀତିର ତଦନ୍ତ ସମ୍ପର୍କିତ ପୂର୍ବ ରାୟର ପୁନର୍ବିଚାର ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ୨୫ ଲକ୍ଷ ଟଙ୍କା ଜରିମାନା ଠିକ୍ ନୁହେଁ ବୋଲି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି।



ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୨୮ରେ ଉଦ୍‌ଘାଟନ କରିବାକୁ ଥିବା ସଂସଦର ନୂଆ କୋଠା। (ଫଟୋ: ଚମନ ଗୌତମ)

## ଭାଇସରାୟ୍ ଲର୍ଡ ଇରୱିନ ଲୋକାର୍ପଣ କରିଥିଲେ



# ୧୯୨୭ରୁ ପାର୍ଲାମେଣ୍ଟ ବିଲ୍ଡିଂର ଯାତ୍ରା

ନୂଆଦିଲ୍ଲୀ,୨୬।୫

ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂ ସ୍ଥାପତ୍ୟ ଉତ୍କର୍ଷର ଐତିହାସିକ ପ୍ରତୀକ, ଯାହାକି ଭାରତର ଭାଗ୍ୟକୁ ପ୍ରାୟ ୧ ଶତାବ୍ଦୀ ଧରି ନିର୍ଦ୍ଧାରିତ କରିଆସିଛି। ଏହାର ଜାଜ୍ୱଲ୍ୟମାନ ଧରୋହର ଏବେ ଇତିହାସ ପୃଷ୍ଠାକୁ ଚାଲିଯିବାକୁ ବସିଛି। ୧୯୨୭ ଜାନୁୟାରୀ ୧୮ରେ ତତ୍କାଳୀନ ଭାଇସରାୟ ଲର୍ଡ ଇର୍‌ୱିନ୍ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାର ୯୬ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଲୋକାର୍ପଣ କରିବାକୁ ଯାଉଛନ୍ତି।

ଭାରତୀୟ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦର ପୁରୁଣା କୋଠା ଏହି ସାଢ଼େ ୯ ଦଶନ୍ଧି ମଧ୍ୟରେ ବ୍ରିଟିଶ୍‌ଙ୍କ ଉପନିବେଶ ଶାସନକୁ ଦେଖିଛି। ଏହାର କୋଠରିଗୁଡ଼ିକରେ ଏବେ ମଧ୍ୟ ବିପ୍ଳବୀ ଶହୀଦ ଭଗତ ସିଂ ଓ ବଟୁକେଶ୍ୱର ଦତ୍ତ ସ୍ୱାଧୀନତା ହାସଲ ପାଇଁ ଫିଙ୍ଗିଥିବା ବୋମାର ଶବ୍ଦ ପ୍ରତିଧ୍ୱନିତ ହେଉଛି। ସ୍ୱାଧୀନତାର ପ୍ରତ୍ୟୁଷର ମୂକସାକ୍ଷୀ ଏହି ବିଲ୍ଡିଂରେ ୧୯୪୭ ଅଗଷ୍ଟ ୧୫ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦେଇଥିବା ଐତିହାସିକ ଭାଷଣ 'ଟ୍ରାଏଷ୍ଟ ୱିଦ୍ ଡେଷ୍ଟିନି' ଏବେ ମଧ୍ୟ ଗୁଞ୍ଜରିତ ହେଉଛି। ବ୍ରିଟିଶ ରାଜ୍‌ର ନୂଆ ସାମ୍ରାଜ୍ୟ ରାଜଧାନୀ ନୂଆଦିଲ୍ଲୀର ରାଇସିନା ହିଲ୍‌ରେ ପ୍ରତିଷ୍ଠା କରାଯାଇଥିଲା। ୧୯୨୭ ଜାନୁୟାରୀରେ ଏହି ଭବ୍ୟ କୋଠା (କାଉନ୍‌ସିଲ ହାଉସ୍)ର ଉଦ୍‌ଘାଟନ ବେଳେ ଏକ ବଡ଼ ଉତ୍ସବର ଆୟୋଜନ କରାଯାଇଥିଲା। ୧୯୨୧ ଫେବୃୟାରୀ ୧୨ରେ ବ୍ରିଟେନର ଡ୍ୟୁକ୍ ଅଫ୍ କନଟ ପାର୍ଲାମେଣ୍ଟ ହାଉସ୍‌ର ଶିଳାନ୍ୟାସ କରିଥିଲେ। ସେତେବେଳେ ସେ କହିଥିଲେ। ଏହି ବିଲ୍ଡିଂ ଉଚ୍ଚତର ସୋପାନରେ ପହଞ୍ଚିବା ପାଇଁ ଭାରତର ପୁନର୍ଜନ୍ମର ପ୍ରତୀକ ପାଲଟିବ। ୫୬୦ ଫୁଟ୍ ପରିଧି ଏବଂ ଏକତୃତୀୟାଂଶ ମାଇଲ ଲମ୍ବର ବିଲ୍ଡିଂକୁ ସାର୍ ହର୍ବର୍ଟ ବେକର ଡିଜାଇନ୍ କରିଥିଲେ। ତାଙ୍କ ସହ ସାର୍ ଏଡ୍‌ୱିନ୍ ଲୁଟିଏନ୍ସ ଦିଲ୍ଲୀକୁ ନୂଆ ରାଜଧାନୀ ରୂପେ ସଜ୍ଜିତ କରିଥିଲେ। ୧୯୨୦ରେ ବ୍ରିଟିଶମାନେ କାଲ୍‌କାଟାରୁ ଦିଲ୍ଲୀକୁ ରାଜଧାନୀ ଉଠାଇନେଇଥିଲେ।

# ଉଡ଼ନ୍ତା ବିମାନର ଡୋର୍ ଖୋଲିଦେଲେ ଯାତ୍ରୀ

ସିଓଲ,୨୬।୫

ଦକ୍ଷିଣ କୋରିଆର ଡାଏଗୁ ସହର ଅଭିମୁଖେ ଯାଉଥିବା ଏକ ଆସିଆନା ଏୟାରଲାଇନ୍ସ ବିମାନରେ ଜଣେ ଯାତ୍ରୀ ଏମର୍ଜେନ୍ସି ଡୋର୍ ଖୋଲି ଗିରଫ ହୋଇଛନ୍ତି। ଓଜେଡ୍‌୮୧୨୪ ବିମାନ ଶୁକ୍ରବାର ସକାଳେ ଜେଜୁ ଆଇଲାଣ୍ଡରୁ ଯାତ୍ରା ଆରମ୍ଭ କରିଥିଲା। ଡାଏଗୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ପୂର୍ବରୁ ୨୫୦ ମିଟର ଉଚ୍ଚତାରେ ଥିବାବେଳେ ଜଣେ ପୁରୁଷ ଯାତ୍ରୀ ଏହାର ଏମର୍ଜେନ୍ସି ଗେଟ୍‌କୁ ଖୋଲି ଦେବାରୁ ଖୁବ୍ ଜୋର୍‌ରେ ପବନ ପଶି ବିମାନ ହଲିବାରେ ଲାଗିଥିଲା। ଫଳରେ ବିମାନରେ ଥିବା ୧୯୪ ଯାତ୍ରୀ ଆତଙ୍କିତ ହୋଇଯାଇଥିଲେ। ଡୋର୍ ଖୋଲା ଥିବା ସତ୍ତ୍ୱେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଛି। ଯାତ୍ରୀଙ୍କ ମଧ୍ୟରୁ କେତେଜଣ ପବନ ଚାପରେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ସେମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି କାଣ୍ଡ ଭିଆଇଥିବା ଯାତ୍ରୀଙ୍କ ପରିଚୟ ପ୍ରଘଟ କରାଯାଇ ନାହିଁ। ଯାତ୍ରୀଙ୍କ ମଧ୍ୟରୁ ଅନେକେ ସ୍କୁଲ ଛାତ୍ରୀଛାତ୍ର ଥିଲେ। ଆମ ପିଲାମାନେ ଥରୁଥିଲେ, କାନ୍ଦୁଥିଲେ ଓ ଆତଙ୍କିତ ହୋଇଯାଇଥିଲେ ବୋଲି ଜଣେ ଛାତ୍ରଙ୍କ ମା'ବାପା କହିଛନ୍ତି। ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ସେ କାହିଁକି ଡୋର୍ ଖୋଲିଲେ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ତଦନ୍ତ ଜାରି ରହିଛି। ତାଙ୍କୁ ଦଣ୍ଡିତ କରାଯିବ ବୋଲି ପୋଲିସ କହିଛି।



## ସତ୍ୟେନ୍ଦ୍ର ଜୈନଙ୍କୁ ସୁପ୍ରିମକୋର୍ଟରୁ ଜାମିନ



**ନୂଆଦିଲ୍ଲୀ, ୨୬।୫:** ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଏଏପି ନେତା ସତ୍ୟେନ୍ଦ୍ର ଜୈନଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ୬ ସପ୍ତାହ ନିମନ୍ତେ ଜାମିନ ମିଳିଛି। ଗତବର୍ଷ ମେ'ରେ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ସତ୍ୟେନ୍ଦ୍ର ଗୁରୁବାର ବାଥ୍‌ରୁମ୍‌ରେ ଖସିପଡ଼ି ଆହତ ହୋଇଥିଲେ। ତାଙ୍କୁ ଦିଲ୍ଲୀର ଲୋକନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିନା ଅନୁମତିରେ ସେ ଦିଲ୍ଲୀ ବାହାରକୁ ଯାଇପାରିବେ ନାହିଁ କିମ୍ବା ଗଣମାଧମକୁ ବିବୃତି ଦେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେ ତାଙ୍କ ଇଚ୍ଛାରେ ଦିଲ୍ଲୀର ଯେକୌଣସି ହସ୍ପଟାଲରେ ଚିକିତ୍ସିତ ହୋଇପାରିବେ। ଚିକିତ୍ସା ସମ୍ପର୍କିତ ରେକର୍ଡ କୋର୍ଟରେ ଦାଖଲ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମୋଦିଙ୍କ ୯ ବର୍ଷ, କଂଗ୍ରେସର ୯ ପ୍ରଶ୍ନ

ନୂଆଦିଲ୍ଲୀ,୨୬।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ୯ ବର୍ଷ ପୂରିଛି। ଏହି ଅବସରରେ କଂଗ୍ରେସ ପକ୍ଷରୁ ତାଙ୍କୁ ଦରଦାମ ବୃଦ୍ଧି, ବେରୋଜଗାରି, କୃଷକଙ୍କ ଆୟ ଆଦି ନେଇ ୯ଟି ପ୍ରଶ୍ନ କରାଯାଇଛି। ମୋଦି ନିଜ ଶାସନ କାଳରେ ଦେଶବାସୀଙ୍କ ସହ ବିଶ୍ୱାସଘାତ କରିଥିବାରୁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି।

୨୦୧୪ ମେ' ୫ରେ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶୁକ୍ରବାର ତାଙ୍କ ଶାସନ କାଳକୁ ୯ ବର୍ଷ ପୂରିଛି। ସରକାର ଏହାକୁ 'ମାଫି ଦିବସ' ଭାବେ ପାଳନ କରିବା ଉଚିତ ବୋଲି କଂଗ୍ରେସ କହିଛି। ଏଆଇସିସି ମୁଖ୍ୟାଳୟରେ ସାଧାରଣ ସମ୍ପାଦକ ଜୟରାମ ରମେଶ ଏବଂ ନେତା ପବନ ଖେରା ଏକ ଖବରଦାତା ସମ୍ମିଳନୀ କରି '୯ ସାଲ୍ ୯ ସୱାଲ' ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚନ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ବେଳେ ଉଠାଇଥିବା ୯ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ଭିତ୍ତିକରି ଏହି ବୁକ୍‌ଲେଟ୍ ପ୍ରସ୍ତୁତ କରାଯାଇଛି। ଜୟରାମ କହିଛନ୍ତି, ପ୍ରଧାନମନ୍ତ୍ରୀ ନୀରବତା ଭଙ୍ଗକରି ଏହି ୯ ପ୍ରଶ୍ନର ଉତ୍ତର ଦିଅନ୍ତୁ।



ନୂଆଦିଲ୍ଲୀରେ କଂଗ୍ରେସ ନେତା ଜୟରାମ ରମେଶ(ମଝି), ସୁପ୍ରିୟା ଶ୍ରିନାଟେ ଏବଂ ପବନ ଖେରା ବୁକ୍‌ଲେଟ୍ ଉନ୍ମୋଚନ କରୁଛନ୍ତି।

୧. ଭାରତରେ ମୁଦ୍ରାସ୍ଫୀତି ଓ ବେକାରି କାହିଁକି ଆକାଶଛୁଆଁ ହୋଇଛି? ଧନୀମାନେ ଅଧିକ ବିତ୍ତଶାଳୀ ହେବାରେ ଲାଗିଥିବାବେଳେ ଗରିବମାନେ କାହିଁକି ଆହୁରି ଦରିଦ୍ର ହେଉଛନ୍ତି?
୨. ଆର୍ଥିକ ଅସମାନତା ବୃଦ୍ଧି ପାଉଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବନ୍ଧୁମାନଙ୍କୁ କାହିଁକି ସର୍ବସାଧାରଣ ସମ୍ପତ୍ତି ବିକ୍ରି କରାଯାଉଛି?
୩. ୯ ବର୍ଷରେ କୃଷକଙ୍କ ଆୟ ଦୁଇଗୁଣା ହେଲା ନାହିଁ କାହିଁକି? ଗତବର୍ଷ ୩ କଳା କୃଷି ଆଇନକୁ ରଦ୍ଦ କରାଯାଇଥିବାବେଳେ କୃଷକଙ୍କ ସହ ହୋଇଥିବା ବୁଝାମଣାକୁ ଅଦ୍ୟାବଧି କାହିଁକି କାର୍ଯ୍ୟକାରୀ କରାଯାଇ ନାହିଁ? ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କାହିଁକି ଦିଆଯାଉ ନାହିଁ।
୪. ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ରେ ଜମା ଥିବା ଲୋକଙ୍କ କଷ୍ଟ ଉପାର୍ଜିତ ଧନକୁ ପ୍ରଧାନମନ୍ତ୍ରୀ କାହିଁକି ନିଜ ବନ୍ଧୁ ଗୌତମ ଆଦାନୀଙ୍କୁ ଟେକିଦେଇଛନ୍ତି? ଆଦାନୀଙ୍କ ଜାଲ୍ କମ୍ପାନୀଗୁଡ଼ିକରେ ଲାଗିଥିବା ୨୦,୦୦୦ କୋଟି ଟଙ୍କା କାହାର?
୫. ୨୦୨୦ରେ ମୋଦି ସରକାର ଚାଇନାକୁ କ୍ଲିନ୍‌ଚିଟ୍ ଦେଇଥିବାବେଳେ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟମାନେ ଭାରତୀୟ ଭୂଖଣ୍ଡକୁ ଦଖଲ କରି ରଖିଛନ୍ତି କାହିଁକି?
୬. ସମାଜରେ ଆତଙ୍କର ବାତାବରଣ ଲାଗି ରହିଥିବାବେଳେ ନିର୍ବାଚନୀ ଫାଇଦା ପାଇଁ ଜାଣିଶୁଣି ଘୃଣାର ରାଜନୀତିକୁ କାହିଁକି ବ୍ୟବହାର କରାଯାଉଛି?
୭. ମହିଳା, ଦଳିତ, ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ପ୍ରଧାନମନ୍ତ୍ରୀ ନୀରବ କାହିଁକି? ମୋଦି ଜାତିଗତ ଜନଗଣନା ଦାବିକୁ ଅଣଦେଖା କରୁଛନ୍ତି କି?
୮. ବିରୋଧୀ ଦଳ ଓ ନେତାମାନଙ୍କ ଉପରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉଛି? ଆମ ସାମ୍ବିଧାନିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ଗତ ୯ ବର୍ଷରେ କାହିଁକି ଦୁର୍ବଳ କରିଦିଆଯାଇଛି?
୯. କରୋନା ମହାମାରୀରେ ୪୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ପରିବାରକୁ କ୍ଷତିପୂରଣ କାହିଁକି ଦିଆଯାଉ ନାହିଁ। ସେହି ସମୟରେ ହଠାତ୍ ଲକ୍‌ଡାଉନ୍ ଜାରି କରି ଶ୍ରମିକମାନଙ୍କୁ ନିଜ ଘରକୁ ଫେରିବାକୁ କାହିଁକି ବାଧ୍ୟ କରାଗଲା?

ଅନ୍ୟପକ୍ଷେ କଂଗ୍ରେସ ପକ୍ଷରୁ କରାଯାଇଥିବା ଉପରୋକ୍ତ ୯ ପ୍ରଶ୍ନକୁ ଭାଜପା ପ୍ରତ୍ୟାଖ୍ୟାନ କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ମିଥ୍ୟା ଓ ପ୍ରତାରଣାର ପାହାଡ଼ ଭାବେ ଅଭିହିତ କରିଛନ୍ତି। ମୋଦିଙ୍କ ପ୍ରତି ଥିବା ଘୃଣାଭାବରୁ କଂଗ୍ରେସ ନିଜକୁ ମୁକ୍ତ କରିବା ଉଚିତ। ନଚେତ୍ ପୂର୍ବରୁ ଦୁଇଥର ଶୋଚନୀୟ ପରାଜୟବରଣ କରିଥିବା ବିରୋଧୀ ଦଳ ୨୦୨୪ରେ ମଧ୍ୟ ସମଦଶା ଭୋଗିବ ବୋଲି ରବିଶଙ୍କର ଚେତାଇ ଦେଇଛନ୍ତି।

## ବର୍ଷା ବିପ୍ରାତ: ୧୨ ମୃତ

ଜୟପୁର, ୨୬।୫(ପି.ଟି.)

ରାଜସ୍ଥାନର ଟୋଙ୍କ ଜିଲାରେ ବର୍ଷା ବିପ୍ରାତରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଟୋଙ୍କ ଜିଲାପାଳ ଚିନ୍ମୟୀ ଗୋପାଳ କହିଛନ୍ତି। ଗୁରୁବାର ରାତିର ଜିଲାର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିଥିଲା। ଏଥିରେ କେତେକ ଘର ମଧ୍ୟ ଭାଙ୍ଗିଯାଇଛି। ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବାବେଳେ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଫିଲ୍ଡ କର୍ମଚାରୀମାନେ ବର୍ଷାବିପ୍ରାତ ଜନିତ କ୍ଷୟକ୍ଷତିର ଆକଳନ କରୁଛନ୍ତି।

## ହାଇକୋର୍ଟକୁ ଗଲା କୃଷ୍ଣ ଜନ୍ମଭୂମି ମାମଲା

ଆଲ୍ଲାହାବାଦ, ୨୬।୫

ଶ୍ରୀକୃଷ୍ଣ ଜନ୍ମଭୂମି ବିବାଦ ସମ୍ପର୍କିତ ସମସ୍ତ ମାମଲାକୁ ଆଲ୍ଲାହାବାଦ ହାଇକୋର୍ଟକୁ ସ୍ଥାନାନ୍ତର କରାଯାଇଛି। ମଥୁରା ଜିଲା କୋର୍ଟରେ ଶୁଣାଣି ହେଉଥିବା ଉକ୍ତ ମାମଲାଗୁଡ଼ିକୁ ଏଣିକି ହାଇକୋର୍ଟ ଶୁଣାଣି କରିବେ। ଶାହି ମସ୍‌ଜିଦ ଇଦ୍‌ଗା ନିର୍ମାଣ ହୋଇଥିବା ଜମି ଉପରେ ହିନ୍ଦୁ ଭକ୍ତମାନେ ଅଧିକାର ଦାବି କରିଆସୁଛନ୍ତି। ଉକ୍ତ ମାମଲାଗୁଡ଼ିକୁ ହାଇକୋର୍ଟକୁ ସ୍ଥାନାନ୍ତର କରାଯିବା ପାଇଁ ହିନ୍ଦୁ ପକ୍ଷ କରିଥିବା ଆବେଦନ ଉପରେ ହାଇକୋର୍ଟ ଗତ ୩ ତାରିଖରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ମଥୁରାର କୃଷ୍ଣ ଜନ୍ମଭୂମି ମାମଲାର ଜାତୀୟ ଗୁରୁତ୍ୱ ଥିବାରୁ ତାହା ହାଇକୋର୍ଟରେ ଶୁଣାଣି ହେବା ଆବଶ୍ୟକ ବୋଲି ପିଟିଶନରେ ଦର୍ଶାଯାଇଥିଲା। କଟ୍ରା କେଶବ ଦେବ ଖେୱାଟ୍ ମଥୁରାର ଭଗବାନ ଶ୍ରୀକୃଷ୍ଣ ବିରାଜମାନଙ୍କ ତରଫରୁ ରଞ୍ଜନ ଅଗ୍ନିହୋତ୍ରୀ ଓ ଅନ୍ୟ ୭ ଜଣ ଏହି ପିଟିଶନ ଦାଏର କରିଥିଲେ।

## ଉତ୍ତରାଖଣ୍ଡରେ ପ୍ରତିରକ୍ଷା ଗ୍ରାମ ନିର୍ମାଣ କରୁଛି ଚାଇନା

ନୂଆଦିଲ୍ଲୀ, ୨୬।୫

ସୀମା ବିବାଦକୁ ନେଇ ଭାରତ ସହ ଦୀର୍ଘଦିନ ମୁହାଁମୁହିଁ ସ୍ଥିତି ଲାଗିରହିବା ପରେ ଚାଇନା ଏବେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ଠାରୁ ୧୧ କିଲୋମିଟର ଭିତରକୁ ଅର୍ଥାତ୍ ଉତ୍ତରାଖଣ୍ଡ ନିକଟରେ ସୀମା ପ୍ରତିରକ୍ଷା ଗ୍ରାମ ନିର୍ମାଣ କରୁଛି। ଏହି ଗ୍ରାମରେ ୨୫୦ ଘର ରହିଛି। ସେହିପରି ଏଲ୍‌ଏସିଠାରୁ ୩୫ କିଲୋମିଟର ଦୂର ଉତ୍ତରାଖଣ୍ଡରେ ବେଜିଂ ଆଉ ୫୫-୫୬ ଘର ନିର୍ମାଣ କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ତତ୍ତ୍ୱାବଧାନରେ ଏହିସବୁ ନିର୍ମାଣ କାର୍ଯ୍ୟ ଚାଲିଛି। ସୀମାନ୍ତ ପୂର୍ବାଞ୍ଚଳ ସେକ୍ଟରରେ ମୋଟ ୪୦୦ ଗ୍ରାମ ନିର୍ମାଣ କରିବା ପାଇଁ ଚାଇନା ଯୋଜନା କରିଛି। ଚାଇନାକୁ ଲାଗି ଉତ୍ତରାଖଣ୍ଡର ୩୫୦ କିଲୋମିଟର ସୀମା ରହିଛି। ଅଧିକାଂଶ ସୀମାନ୍ତ ଗ୍ରାମର ଲୋକେ ଜୀବିକା ଅନ୍ୱେଷଣରେ ବାହାରକୁ ଯାଇଥାନ୍ତି। ଚାଇନା ନିର୍ମାଣ କରୁଥିବା ଗ୍ରାମଗୁଡ଼ିକ ବଡ଼ ବଡ଼ କମ୍ପ୍ଲେକ୍ସ, ଯେଉଁଥିରେ ବିଭିନ୍ନ ସୁବିଧା ରହିଛି।

ଅନ୍ୟପକ୍ଷରେ ଉତ୍ତରାଖଣ୍ଡର ଘାଟ୍ରଆବଗାର-ଲିପୁଲେଖ ରାସ୍ତାର ବୁନ୍ଦି ଏବଂ ଗାର୍‌ବିୟାଙ୍ଗ ମଝିରେ ୬ କିଲୋମିଟର ଟନେଲ ନିର୍ମାଣ କରାଯିବ ବୋଲି ଜଣେ ବରିଷ୍ଠ ବିଆର୍‌ଓ ଅଧିକାରୀ କହିଛନ୍ତି। ଏହା ଦ୍ୱାରା ଭାରତ-ଚାଇନା ସୀମାର ଲିପୁଲେଖ୍ ଗିରିପଥର ଶେଷ ସୀମାନ୍ତ ଘାଟିରେ ପହଞ୍ଚିବା ସହଜ ହୋଇପାରିବ। ଟନେଲ ନିର୍ମାଣ ପାଇଁ ଆଟିନକ୍ ଇଣ୍ଡିଆ କନ୍‌ସଲ୍ଟାଣ୍ଟସ୍ ସର୍ଭେ କାର୍ଯ୍ୟ ଚଳାଇଛି। ଭୁଟାନ୍‌ର ଆମୋ ଚୁ ନଦୀ ଉପତ୍ୟକାରେ ଚାଇନା ବ୍ୟାପକ ନିର୍ମାଣ କାର୍ଯ୍ୟ ଚଳାଇଥିବାରୁ ଗତମାସରେ ଭାରତୀୟ ସେନା ଗମ୍ଭୀର ଚିନ୍ତା ପ୍ରକଟ କରିଥିଲା। ଆମୋ ଚୁରେ ପିଏଲ୍‌ଏ ଏହାର ସୈନ୍ୟମାନଙ୍କ ପାଇଁ ସ୍ଥାୟୀ ବାସସ୍ଥଳୀ ଏବଂ ଯୋଗାଯୋଗ ଟାୱାର ନିର୍ମାଣ କରୁଥିବାର ଚିତ୍ର ଭାରତୀୟ ଗଣମାଧ୍ୟମର ହସ୍ତଗତ ହୋଇଥିଲା। ଏହି ଅଞ୍ଚଳ ଡୋକଲାମ୍ ନିକଟବର୍ତ୍ତୀ। ସେଠାରେ ଚାଇନା ସୈନ୍ୟଙ୍କ ପାଇଁ ପାଖାପାଖି ୧,୦୦୦ ସ୍ଥାୟୀ ଘର ସାଙ୍ଗକୁ ଅନେକ ଅସ୍ଥାୟୀ ସେଡ୍ ମଧ୍ୟ ନିର୍ମାଣ କରାଯାଇଛି।

ଭିଏଟ୍‌ଜେଟ୍ ବିମାନ ବିଳମ୍ବ

## ମୁମ୍ବାଇ ଏୟାରପୋର୍ଟରେ ୧୦ ଘଣ୍ଟା ଅଟକିଲେ ୩୦୦ ଯାତ୍ରୀ

ମୁମ୍ବାଇ, ୨୬।୫

ପରିଚାଳନାଗତ ତ୍ରୁଟି କାରଣରୁ ଭିଏଟ୍‌ଜେଟ୍ ବିମାନ ବିଳମ୍ବ ଯୋଗୁ ପାଖାପାଖି ୩୦୦ ଯାତ୍ରୀଙ୍କୁ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିବାକୁ ପଡ଼ିଛି। ଭିଏଟ୍‌ନାମର ହୋ ଚି ମିନ୍ ସିଟି ଯିବାକୁ ଥିବା ଭିଏଟ୍‌ଜେଟ୍ ବିମାନର ପ୍ରସ୍ଥାନ ସମୟ ଗୁରୁବାର ରାତି ୧ଟାରେ ସ୍ଥିର ହୋଇଥିବାବେଳେ ଏହା ୧୦ ଘଣ୍ଟା ବିଳମ୍ବରେ ଉଡ଼ାଣ ଭରିଥିଲା। ଏତେ ସମୟ ଯାତ୍ରୀମାନେ ଏୟାରପୋର୍ଟରେ ଅସ୍ତବ୍ୟସ୍ତ ହୋଇଥିଲେ। ଏୟାରଲାଇନ୍ସ କର୍ତ୍ତୃପକ୍ଷ ସେମାନଙ୍କ ରହଣି ପାଇଁ ହୋଟେଲ ବ୍ୟବସ୍ଥା କିମ୍ବା ଖାଦ୍ୟପଦାର୍ଥ ବ୍ୟବସ୍ଥା କରି ନ ଥିଲେ ବୋଲି ଜଣେ ଯାତ୍ରୀ କହିଛନ୍ତି। ଡିଜିସିଏ ନିୟମ ଅନୁଯାୟୀ ବିମାନ ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ଛାଡ଼ିବାକୁ ଥିଲେ ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥାଏ। ଅନ୍ୟପକ୍ଷରେ ଖାଦ୍ୟ, ପାନୀୟ ଓ ରହିବା ବ୍ୟବସ୍ଥା ଏୟାରଲାଇନ୍ସ ନୀତି ଅନୁଯାୟୀ କରାଯାଇଥିବା ଭିଏଟ୍‌ଜେଟ୍ ଏୟାର ପକ୍ଷରୁ କୁହାଯାଇଛି।

# ଏଲିଜାବେଥ୍‌ଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ହୋଇଥିଲା: ଏଫ୍‌ବିଆଇ

ୱାଶିଂଟନ୍,୨୬।୫

ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା। ୧୯୮୩ରେ ଏଲିଜାବେଥ୍ ଦ୍ୱିତୀୟ ଆମେରିକା ଗସ୍ତରେ ଥିବାବେଳେ ତାଙ୍କ ହତ୍ୟା ଷଡ଼ଯନ୍ତ୍ର ରଚାଯାଇଥିବା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ନିଜ ନୂଆ ଦସ୍ତାବିଜରେ ପ୍ରଘଟ କରିଛି।

୪୦ ବର୍ଷ ତଳେ ସମ୍ରାଜ୍ଞୀ ଏଲିଜାବେଥ କାଲିଫର୍ଣ୍ଣିଆ ଯାଇଥିଲେ। ସେହି ସମୟରେ ସାନ୍ ଫ୍ରାନ୍‌ସିସ୍କୋରେ ଥିବା ଏକ ଇରିଶ୍ ପବକୁ ବାରମ୍ବାର ଯାଉଥିବା ଜଣେ ପୋଲିସ ଅଧିକାରୀ ଭେଟିଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଏଫ୍‌ବିଆଇ ତଦନ୍ତକାରୀମାନଙ୍କୁ ଜଣାଇଥିଲେ। ନର୍ଦ୍ଦର୍ନ ଆୟରର୍ଲାଣ୍ଡରେ ରବର ବୁଲେଟ୍ ମାଡ଼ରେ ସେହି ବ୍ୟକ୍ତିଙ୍କ ଝିଅ ପ୍ରାଣ ହରାଇଥିବାରୁ ସେ ଏହାର ପ୍ରତିଶୋଧ ନେବାକୁ ଯାଇ କୁଇନ୍ ଏଲିଜାବେଥ୍‌ଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ। ଗୋଲ୍ଡେନ୍ ଗେଟ୍ ବ୍ରିଜ୍ ଦେଇ ରୟାଲ ୟାଟ୍ ବ୍ରିଟାନିଆ ଯିବାବେଳେ ବ୍ୟକ୍ତି ଜଣକ ଉପରୁ କିଛି ଫିଙ୍ଗିବା କିମ୍ବା ଏଲିଜାବେଥ ୟୋସେମାଇଟ୍ ନ୍ୟାଶନାଲ ପାର୍କକୁ ଯିବାବେଳେ ତାଙ୍କୁ ହତ୍ୟା କରିବାକୁ ସେ ଯୋଜନା କରିଥିବା ପୋଲିସ ଅଧିକାରୀଙ୍କୁ କହିଥିଲେ। ଏଲିଜାବେଥ୍ ଓ ଡ୍ୟୁକ୍ ଅଫ୍ ଏଡିନ୍‌ବର୍ଗଙ୍କ ଗସ୍ତର ପ୍ରାୟ ମାସେ ପୂର୍ବରୁ ଅର୍ଥାତ୍ ୧୯୮୩ ଫେବୃୟାରୀ ୪ରେ ଏହି ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ସୁରାକ ମିଳିଥିଲା। ଏଥିଲାଗି ସିକ୍ରେଟ୍ ସର୍ଭିସ ଗୋଲ୍ଡେନ ଗେଟ୍ ବ୍ରିଜ୍ ଉପରେ ପଥଚାରୀଙ୍କ ବାଟ ବନ୍ଦ କରିବାକୁ ପ୍ରସ୍ତୁତି ଚଳାଇଥିଲେ। ତେବେ ଏହାକୁ ଏଡ଼ାଇବା ପାଇଁ ୟୋସେମାଇଟ୍‌ରେ କ'ଣ ପଦକ୍ଷେପ ନିଆଯାଇଥିଲା ତାହା ଜଣାପଡ଼ିନାହିଁ। ଗିରଫଦାରି ସମ୍ପର୍କରେ ମଧ୍ୟ ଏଫ୍‌ବିଆଇ କୌଣସି ତଥ୍ୟ ପ୍ରଦାନ କରିନାହିଁ। ଅନ୍ୟ ଏକ ଦସ୍ତାବିଜ ଅନୁସାରେ ୧୯୯୧ରେ ଏଲିଜାବେଥଙ୍କ ଆମେରିକା ଗସ୍ତ ବେଳେ ଇରିଶ୍ ଗୋଷ୍ଠୀଗୁଡ଼ିକ ତାଙ୍କ ହ୍ୱାଇଟ୍ ହାଉସ୍ କାର୍ଯ୍ୟକ୍ରମକୁ ବିରୋଧ ପାଇଁ ପ୍ରସ୍ତୁତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, କୁଇନ୍‌ଙ୍କ ସମ୍ପର୍କୀୟ ଭାଇ ତଥା ଭାରତର ପୂର୍ବତନ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ୧୯୭୯ ଅଗଷ୍ଟ ୨୭ରେ ଆୟର୍ଲାଣ୍ଡର ସ୍ଲିଗୋ କାଉଣ୍ଟିକୁ ଯାଇଥିବାବେଳେ ବିସ୍ଫୋରଣ ଘଟାଇ ତାଙ୍କୁ ହତ୍ୟା କରାଯାଇଥିଲା।



ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଧ୍ୟପ୍ରଦେଶ ଭାଜପାରେ ବଢୁଛି ଅସନ୍ତୋଷ

**ଭୋପାଳ, ୨୬ା୫**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ନିକଟତର ହେଉଥିବାବେଳେ ଶାସକ ଭାଜପାରେ ଅସନ୍ତୁଷ୍ଟମାନଙ୍କ ସ୍ୱର ତୀବ୍ର ହେବାରେ ଲାଗିଛି। ଦଳର ଅନ୍ୟତମ ବରିଷ୍ଠ ନେତା ତଥା କାଟ୍ନି ଜିଲା ବିଜୟରାଘବଗଡ଼ ଆସନର ପୂର୍ବତନ ବିଧାୟକ ଧ୍ରୁବ ପ୍ରତାପ ସିଂ ନିଜ ଅସନ୍ତୋଷକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଗତ ୮ ବର୍ଷ ହେଲା ଦଳରେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ଛାଡ଼ି ୨୦୧୪ରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ସଞ୍ଜୟ ପାଠକଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଜିଲା ଭାଜପା। ପୁରୁଖା ନେତାମାନଙ୍କୁ ଅଣଦେଖା କରାଯାଉଥିବା ଧ୍ରୁବ ଅଭିଯୋଗ କରିଛନ୍ତି। ବର୍ତ୍ତମାନର ଭାଜପା ରାଜ୍ୟ ସଭାପତି ଭି.ଡି. ଶର୍ମା, ଯିଏ କି କାଟ୍ନି ଜିଲାରୁ ଏମ୍‌ପି ଅଛନ୍ତି, ସେ ସମ୍ଭବତଃ ତାଙ୍କୁ ଚିହ୍ନନ୍ତି ନାହିଁ ବୋଲି ଧ୍ରୁବ କହିଛନ୍ତି। ଦଳରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଅନୁଗତମାନଙ୍କ ପତିଆରା ବଢୁଥିବା ଅସନ୍ତୁଷ୍ଟ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଦୀପକ ଜୋଷୀ କହିଥିଲେ। ସେ ନିକଟରେ କଂଗ୍ରେସରେ ଯୋଗ ଦେଇଛନ୍ତି। କେବଳ ଧ୍ରୁବ ନୁହନ୍ତି, ଅନ୍ୟ କେତେଜଣ ନେତା ମଧ୍ୟ ରାଜ୍ୟ ନେତୃତ୍ୱକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


ନୂଆଦିଲ୍ଲୀଠାରେ ଶୁକ୍ରବାର କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରୁଛନ୍ତି କର୍ନାଟକର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର।

# ରାହୁଲଙ୍କୁ ପାସ୍‌ପୋର୍ଟ ପାଇଁ ଅନୁମତି ମିଳିଲା

**ମୁମ୍ବାଇ, ୨୬ା୫**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୩ ବର୍ଷ ପାଇଁ ନିୟମିତ ପାସ୍‌ପୋର୍ଟ ନିମନ୍ତେ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ଲୋକ ସଭା ସଭ୍ୟପଦ ରଦ୍ଦ ହେବା ପରେ ରାହୁଲ ତାଙ୍କ କୂଟନୈତିକ ପାସ୍‌ପୋର୍ଟକୁ ସମର୍ପଣ କରିଥିଲେ। ନିୟମିତ ପାସ୍‌ପୋର୍ଟ ପାଇଁ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ନିମନ୍ତେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ୧୦ ବର୍ଷ ପରିବର୍ତ୍ତେ ୩ ବର୍ଷିଆ ପାସ୍‌ପୋର୍ଟ ପାଇଁ ଅନୁମତି ଦେଇଥିବା କହିଛନ୍ତି। ରାହୁଲଙ୍କ ଏମ୍‌ପି ପଦ ଯିବା ସହ ସେ ନ୍ୟାଶନାଲ ହେରାଲ୍ଡ ମାମଲାରେ ଅଭିଯୁକ୍ତ ଅଛନ୍ତି। ଏହା ବ୍ୟତୀତ ମନିଲଣ୍ଡରିଂ ମାମଲା ଏବଂ ଆୟ ବହିର୍ଭୂତ ସମ୍ପତ୍ତି ନେଇ ତାଙ୍କ ବିରୋଧରେ ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ମାମଲା ଦାଏର କରିଛନ୍ତି। ସେଥିପାଇଁ ରାହୁଲଙ୍କୁ ପାସ୍‌ପୋର୍ଟ ନିମନ୍ତେ ଅଦାଲତଙ୍କ ଅନୁମତି ଆବଶ୍ୟକ ଥିଲା।


CLASSIFIED DISPLAY ALL EDITION - B/W (Everyday)
TARIFF MORE SPACE * SAME PRICE GST 5%
For Booking Contact 0674-2580385 8637200816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୩ ବର୍ଷ ପରେ ବି ରାଜ୍ୟବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ: କଂଗ୍ରେସ

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)**

୨୩ ବର୍ଷର ବିଜେଡି ଶାସନରେ ଓଡ଼ିଶାବାସୀ ନିମ୍ନତମ ସ୍ୱାସ୍ଥ୍ୟସେବା ପାଇପାରିଲେ ନାହିଁ। ମାତ୍ର ମେ’ ୨୨ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଯେଉଁଭଳି ଭାବରେ ପ୍ରଶଂସା କରିଛନ୍ତି ଏହା ଆଶ୍ଚର୍ଯ୍ୟର ବିଷୟ। ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ପିଠି ନିଜେ ଥାପୁଡାଇବା ପରି ମନେହେଉଛି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେରଳରେ ପ୍ରତି ୪୦୦ ଜଣ ପାଇଁ ଜଣେ ଡାକ୍ତର ରହିଥିବା ବେଳେ ଓଡ଼ିଶାରେ ପ୍ରତି ୨୧୮୭ ଲୋକରେ ଜଣେ ଡାକ୍ତର ରହିଛନ୍ତି। ସେହିପରି ଗୁଜରାଟରେ ୧୨୪୮ ଜଣରେ ଜଣେ ଡାକ୍ତର ରହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ହିସାବ ଅନୁଯାୟୀ ପ୍ରତି ୧୦୦୦ ଲୋକରେ ଜଣେ ଡାକ୍ତର ରହିବା କଥା। ସେହି ଅନୁସାରେ ଓଡ଼ିଶାରେ ୪ କୋଟି ୬୦ ଲକ୍ଷ ଲୋକ ଥିବାବେଳେ ୪୬ହଜାର ଡାକ୍ତରଙ୍କର ଆବଶ୍ୟକତା ରହିଛି। ମାତ୍ର ତାହା ଏଠାରେ ହୋଇପାରି ନାହିଁ। ଯେଉଁ ଡାକ୍ତରମାନେ କାର୍ଯ୍ୟରତ ଅଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକଙ୍କ ଯୋଗ୍ୟତା ଠିକ୍ ଅଛିକି ନାହିଁ ପରଖିବାକୁ ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଏଠାରେ ଔଷଧ ନକଲି ଏବଂ ଡାକ୍ତର ନକଲି, ତେଣୁ ରୋଗୀ ଭୟଭୀତ ଅବସ୍ଥାରେ ରହିବା ସ୍ୱାଭାବିକ। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ (ସ୍ୱାସ୍ଥ୍ୟସେବା) ତାଙ୍କ ସତ୍ୟପାଠରେ ହାଇକୋର୍ଟଙ୍କୁ ଜଣାଇଛନ୍ତି, ଓଡ଼ିଶା ମେଡିକାଲ ସ୍ୱାସ୍ଥ୍ୟ ସେବାରେ ସାଧାରଣ ଡାକ୍ତର ଏବଂ ସ୍ପେଶାଲିଷ୍ଟଙ୍କ ପାଇଁ ୮୫୪୬ ପଦବୀ ରହିଛି। ସେଥିରୁ ୫୮୩୮ ସାଧାରଣ ମେଡିକାଲ ଅଫିସର ପଦବୀ ରହିଛି, ଯେଉଁଥିରୁ ୩୫୨୩ଟି ଖାଲିପଡ଼ିଛି। ଏହାଛଡା ସ୍ପେଶାଲିଷ୍ଟଙ୍କ ପାଇଁ ୨୭୦୮ ପଦବୀ ରହିଛି, ସେଥିରୁ ୧୨୧୧ଟି ଖାଲି ପଡ଼ିଛି। ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଓଡ଼ିଶାର ଡାକ୍ତରଖାନାଗୁଡ଼ିକରେ ସମୁଦାୟ ୩୬ ହଜାର ପଦବୀ ଖାଲି ପଡ଼ିଥିବା ଉତ୍ତର ଦେଇଛନ୍ତି। ୨୦୦୭ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ଯ୍ୟୋଧନ ମାଝି ସାରା ଓଡ଼ିଶାରେ ନକଲି ଔଷଧ ବ୍ୟାପିଗଲାଣି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବାର ୬ ମାସ ଭିତରେ ତାଙ୍କର ମନ୍ତ୍ରୀପଦ ଚାଲିଯାଇଥିଲା। ସେ ପ୍ରଶ୍ନର ଉତ୍ତର ଏବେବି ସମାଧାନ ହୋଇପାରିନାହିଁ। ଆଜି ବି କଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସହରର ଔଷଧ ଦୋକାନରେ ନକଲି ଔଷଧର କାରବାର ଜାରି ରହିଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ପଦକ୍ଷେପ ନାମକୁମାତ୍ର। ତେବେ ୨୩ ବର୍ଷରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପଦବୀ ପୂରଣ କରିପାରି ନ ଥିବା ରାଜ୍ୟ ସରକାର ଡିସେମ୍ବର ସୁଦ୍ଧା କିଭଳି ସମସ୍ତ ଡାକ୍ତର ପଦବୀ ପୂରଣ କରିବେ ବୋଲି ପଞ୍ଚାନନ ପ୍ରଶ୍ନ ଉଠାଇଛନ୍ତି।

# ଡିଜିଟାଲ ପ୍ରଚାରକୁ ଅଧିକ କ୍ରିୟାଶୀଳ କରାଯିବ: ଯୁବ ବିଜେଡି

**ଭୁବନେଶ୍ୱର,୨୬ା୫(ବ୍ୟୁରୋ):** ବିଜୁ ଯୁବ ଜନତା ଦଳ ପକ୍ଷରୁ ଡିଜିଟାଲ ପ୍ରଚାରକୁ ଆହୁରି କ୍ରିୟାଶୀଳ କରିବା ପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଶୁକ୍ରବାର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମାର୍ଗଦର୍ଶନରେ ସଙ୍ଗଠନକୁ ଆହୁରି କ୍ରିୟାଶୀଳ କରିବା ପାଇଁ ବିଜେଡି ପକ୍ଷରୁ ଭର୍ଚୁଆଲ ପ୍ଲାଟଫର୍ମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଛାତ୍ର ବ୍ୟାପାର) ତଥା ବିଧାୟକ ପ୍ରଣବ ବଳବନ୍ତରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଡିଜିଟାଲ ପ୍ଲାଟଫର୍ମରେ କ୍ରିୟାଶୀଳ ହେବା ପାଇଁ ସମସ୍ତ ଯୁବ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ସଭାପତିତ୍ୱ କରି ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସର୍ବାଙ୍ଗୀନ ବିକାଶର ବ୍ୟାପକ ପ୍ରଚାର ପ୍ରସାର କରାଯିବା ସହ ଆଗାମୀ ଦିନରେ ବିରୋଧୀଙ୍କ ମିଥ୍ୟା ଅପପ୍ରଚାରକୁ ଦୃଢ଼ ପ୍ରତିହତ କରାଯିବ। ଏହି ବୈଠକରେ ବିଜେଡି ରାଜ୍ୟ ଡିଜିଟାଲ ମୁଖ୍ୟ ସ୍ୱୟଂପ୍ରକାଶ ମହାପାତ୍ର, ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲା ସଭାପତି, ଜିଲା ଓ ବ୍ଲକ ଡିଜିଟାଲ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର କ୍ରାଇମ୍, ଚୋରି, ଡକାୟତିରେ ଓଡ଼ିଶା ଅଗ୍ରଣୀ: ଭାଜପା

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)**

ସାଇବର କ୍ରାଇମ୍, ଚୋରି, ଡକାୟତି, ନିଶାଦ୍ରବ୍ୟ କାରବାର, ଶିଶୁ ଅପହରଣ ଆଦି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟରେ ପ୍ରତି ଅଢ଼େଇ ଘଣ୍ଟାରେ ଗୋଟିଏ ହତ୍ୟା ଓ ବଳାତ୍କାର ହେଉଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କାରଣରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଦିବାଲୋକରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟାକଲେ। ଏନେଇ ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ନ ନେଇ ମୌନ ହୋଇ ବସିଛନ୍ତି। ୨୩ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଅପାରଗତାରେ ନମ୍ବର ୱାନ୍। ସ୍ୱର୍ଗତ ଦାସଙ୍କ ହତ୍ୟାକାଣ୍ଡରେ କ୍ରାଇମବ୍ରାଞ୍ଚର ଚାର୍ଜଶିଟ୍ ଦାଖଲ ସମେତ ପରିଚାଳନାରେ ଅପାରଗତାକୁ ଦାୟୀ କରି ତୁରନ୍ତ ନିଜ ଅଧୀନରେ ଥିବା ଗୃହ ବିଭାଗକୁ ମୁଖ୍ୟମନ୍ତ୍ରୀ ଛାଡନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ୧୧୮ ଦିନ ପୂରିଛି। କିନ୍ତୁ କ୍ରାଇମବ୍ରାଞ୍ଚ କେବଳ ଧର୍ମକୁ ଆଖିଠାର ସଦୃଶ ତଦନ୍ତ କରୁଛି। ହତ୍ୟାକାଣ୍ଡର କାରଣ କ’ଣ ତାହା ତଦନ୍ତ ହୋଇନି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏଫ୍‌ବିଆଇ ତଦନ୍ତର ମିଥ୍ୟା ପ୍ରତିଶ୍ରୁତି ଦେଇଥିବାରୁ ରାଜ୍ୟବାସୀଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ। ରାଜ୍ୟର ଅନ୍ୟ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ରିପୋର୍ଟ ସମୀକ୍ଷା କରାଯାଉଛି। କିନ୍ତୁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ କିଏ ସମୀକ୍ଷା କରୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଅନ୍ୟ କୌଣସି ଦକ୍ଷ ମନ୍ତ୍ରୀଙ୍କୁ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଲିଗାଲ ସେଲ୍ ଅଧ୍ୟକ୍ଷ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949

# ମନେ ପଡ଼ନ୍ତି


REAL ESTATE

**SALE**

For sale 5BHK semi furnished flat with 5 baths, big balcony & 2 covered parking space at prime location near Esplanade Mall, Rasulgarh. Contact 9337441300 / 9707928723. D-0394

Gharabari plots with boundary wall at Balianta ready to construction for sale. Contact: 9438620034. D-0414

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399. D-0410

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

ଭୁବନେଶ୍ୱର ଫୁଲନଖରା ଛକରେ simplex/duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834. D-74866

Duplex sale at Bhubaneswar @ 55 lakhs only. Contact: 9777433701. D-74864

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

Gharabari land for sale near Barunei, Khurda. Only genuine buyer contact on 6371543787. D-0374

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛଡାବର- 1200sqft. 3,00,000/-, ନଖରା-300/- 6371569855. D-74863

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**PURCHASE**

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309


CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862




Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400




Newly open SPA positively health benefits with expert therapist. 8114322659. D-75111

Full Body Massage by Experience Therapist @999 Only- 9078484455. (Bhubaneswar). D-0339

Full body massage in homely atmosphere in all therapy. Mob: 8114881641. D-73432

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Full body massage relax body mind by trend lady therapist. 7008773793. D-75110

Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

**AFFIDAVIT**

I, DILLIP DIGAL, S/O NABIN KUMAR DIGAL, AT-W.NO-11,PO/PS-Baripada(M), Mayurbhanj, Odisha, Pin-757001 declare by this Affidavit No. 62AA701308 that now onwards I shall be known as DILLIP KUMAR DIGAL for all future purposes. D-0441

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ଶ୍ରୀଯୁକ୍ତ ପରିବାର ଅଦାଲତ, ପୁରୀ
ସିପି. ନଂ.-୩୪୬/୨୦୨୨
ହିନ୍ଦୁ ବିବାହ ଆଇନ ୧୯୫୫ ଅନୁଯାୟୀ ଧାରା ୧୩ ଅନୁଯାୟୀ ବିବାହ ବିଚ୍ଛେଦ ନିମନ୍ତେ ଆବେଦନ
ନୋଟିସ୍
ଦୀପକ ପୂଜାହାରୀ, ପିତା- ଗୋବିନ୍ଦ ପୂଜାହାରୀ, ସାକିନ୍: ବଡ଼କାଞ୍ଜିଆ, ପୋଷ୍ଟ- ସାକ୍ଷୀଗୋପାଳ, ଥାନା- ସତ୍ୟବାଦୀ, ଜିଲ୍ଲା- ପୁରୀ।
....ଦରଖାସ୍ତକାରିଣୀ
ବନାମ
ଶିବାନୀ ମହାପାତ୍ର, ବ୨୮ର୍ଷ, ପିତା- ଦୀପକ ପୂଜାହାରୀ, ସାକିନ୍- ବଡ଼କାଞ୍ଜିଆ, ପୋଷ୍ଟ- ସାକ୍ଷୀଗୋପାଳ, ଥାନା- ସତ୍ୟବାଦୀ, ଜିଲ୍ଲା- ପୁରୀ। ହା.ସା.- ମାର୍ଫତ: ମଙ୍ଗୁଳି ମହାପାତ୍ର, ସାକିନ୍- ଜରିପଡ଼ା, କେଦାରେଶ୍ୱର, ପୋଷ୍ଟ- କାଳୁପଡ଼ା, ଥାନା- ଟାଙ୍ଗୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୫
ଏହି କି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍‌ମାନ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେମାନେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀମାନଙ୍କୁ ଜଣାଇ ଦେଉଅଛୁ। ପ୍ରତିବାଦୀ ଆଜଦିନ ତା।୦୫।୦୭।୨୦୨୩ରିଖେ ଅତ୍ର ଅଦାଲତରେ ଉପସ୍ଥିତ ହୋଇ ସେମାନଙ୍କ ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା।୧୬।୦୫।୨୦୨୩ରିଖେ ସ୍ୱାକ୍ଷରିତ ଅଦାଲତରେ ମୋହର କ୍ରମେ ଦିଆଗଲା।
ସ୍ୱାକ୍ଷର
ଧ-୦୪୪୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


**୰ଗୌରୀ ସାମନ୍ତରାୟ**
ରସୁଲଗଡ଼, ଭୁବନେଶ୍ୱର
ତିରୋଧାନ- ୦୭।୦୬।୨୨
ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା। ପ୍ରତିକ୍ଷଣରେ ତୁମର ଅନୁପସ୍ଥିତିକୁ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଚିରଦିନ ମନେ ରହିବ। ମହାପ୍ରଭୁ ତୁମର ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ଏତିକି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୨୨୧

**ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**


**ସ୍ୱର୍ଗତା କୁନ୍ତଳା ସାହୁ**
ସ୍ୱାମୀ: ଶ୍ରୀ ଗଦାଧର ସାହୁ
ମୋହନପୁର, ଡେଲାଙ୍ଗ, ପୁରୀ
ତୁମ ସ୍ନେହ, ଶ୍ରଦ୍ଧା, ଆଶିଷ ଆଉ କରୁଣା ବାରି, ବରଷୁ ଥାଉ ଏମିତି ତୁମ ସ୍ମୃତିରୁ ଝରି। ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ପୁତ୍ର: ଲିଙ୍ଗରାଜ ସାହୁ, ପୁତ୍ରବଧୂ, ନାତି, ନାତୁଣୀ, ପୁତୁରା, ଝିଆରୀ, ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୦୪୩୮

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**


**୰ରମାମଣୀ ମହାପାତ୍ର**
ଦାଣଗୋବା, ଚନ୍ଦନପୁର, ପୁରୀ
ଆବିର୍ଭାବ: ୧୭।୦୯।୧୯୪୮
ତିରୋଧାନ: ୦୧।୦୭।୨୦୨୧
ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୦୪୩୯

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ୨୦ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍: ଇଂଲଣ୍ଡ ନକ୍‌ଆଉଟ୍‌କୁ ଉନ୍ନୀତ

**ବୁଏନ୍ସଏୟାର୍ସ, ୨୬।୫ (ପି.ଟି.):** ଉରୁଗୁଏ ବିପକ୍ଷରେ ୩-୨ ଗୋଲ୍‌ରେ ବିଜୟ ହାସଲ କରି ଇଂଲଣ୍ଡ ୨୦ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍ ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏଥିସହିତ ଦଳ ଅନ୍ୟତମ ଟାଇଟଲ ଫେଭରାଇଟ୍ ହୋଇ ଉଭା ହୋଇଛି। ଦକ୍ଷିଣ ଆଫ୍ରିକା ଓ ହଣ୍ଡୁରାସ୍ ମ୍ୟାଚ ୨-୨ରେ ଡ୍ର' ରହିବା ଏବଂ ଗାମ୍ବିଆଠାରୁ ୨-୧ ଗୋଲ୍‌ରେ ପରାଜୟ ପରେ ଫ୍ରାନ୍ସ ଅଡୁଆରେ ପଡ଼ିଛି। ଏହି ଫଳାଫଳ ଗ୍ରୁପ୍ 'ଏଫ୍'ରେ ପ୍ରଥମ ଦୁଇ ଦଳ ମଧ୍ୟରେ ରହିବା ଫ୍ରାନ୍ସ ପାଇଁ ଅସମ୍ଭବ ହୋଇପଡ଼ିଛି। ଅପରାଜେୟ ଗାମ୍ବିଆ ୬ ପଏଣ୍ଟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛି। ପଛକୁ ପଛ ପରାଜୟ ବରଣ କରିଥିବା ଫ୍ରାନ୍ସ ହଣ୍ଡୁରାସ ବିପକ୍ଷ ଶେଷ ମ୍ୟାଚ ଜିତିବା ନିହାତି ଆବଶ୍ୟକ ହୋଇପଡ଼ିଛି। ଏହାଦ୍ୱାରା ଗ୍ରୁପ୍ ପର୍ଯ୍ୟାୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୪ ମଧ୍ୟରେ ରହି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇପାରିବ। ଗ୍ରୁପ୍ 'ଇ'ରେ ଟ୍ୟୁନିସିଆ ୩-୦ ଗୋଲ୍‌ରେ ଇରାକକୁ ପରାସ୍ତ କରି ନକଆଉଟ ପର୍ଯ୍ୟାୟ ପାଇଁ ଦୌଡ଼ରେ ରହିଛି। ଇଂଲଣ୍ଡ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ଇରାକ ବିପକ୍ଷରେ ଖେଳିବ। ଗ୍ରୁପ୍‌ର ଶୀର୍ଷ ସ୍ଥାନ ପାଇଁ ଉରୁଗୁଏ ଓ ଟ୍ୟୁନିସିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଉଭୟ ଦଳ ୩ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ହେଲେ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଉରୁଗୁଏ ଗୋଟିଏ ଗୋଲ୍‌ରେ ଆଗୁଆ ରହିଛି। ଗ୍ରୁପ୍ 'ଏଫ୍'ରେ ହଣ୍ଡୁରାସ ସହ ଡ୍ର ରଖି ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରବିବାର ଦଳ ଗାମ୍ବିଆ ସହ ମୁକାବିଲା କରିବ।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

## ବିଜେତାକୁ ୧.୬ ନିୟୁତ ଡଲାର ପୁରସ୍କାର

**ଦୁବାଇ, ୨୬।୫ (ପି.ଟି.):** ଓଭାଲଠାରେ ଆସନ୍ତା ମାସରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲର ବିଜେତା ଦଳ ପୁରସ୍କାର ବାବଦରେ ୧.୬ ନିୟୁତ ଆମେରିକୀୟ ଡଲାର ପାଇବ। ରନରଅପ୍ ଦଳ ପାଇଁ ୮,୦୦,୦୦୦ ଡଲାର ଆର୍ଥିକ ପୁରସ୍କାର ବ୍ୟବସ୍ଥା କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଚାମ୍ପିୟନଶିପ୍‌ର ନିର୍ଣ୍ଣାୟକ ମ୍ୟାଚ ଲଣ୍ଡନସ୍ଥିତ ଦି ଓଭାଲଠାରେ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଖେଳାଯିବ। ଜୁନ୍ ୧୨କୁ ରିଜର୍ଭ ଦିବସ ରଖାଯାଇଛି। ୨୦୧୯-୨୧ରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପୁରସ୍କାର ରାଶି ସମାନ ରହିଥିଲା। ଅର୍ଥାତ୍ ଡବ୍ଲ୍ୟୁଟିସି ଗଦା ବ୍ୟତୀତ ମୋଟ ପୁରସ୍କାର ରାଶିର ୩.୮ ନିୟୁତ ଡଲାର ରହିଥିଲା। ଦୁଇ ବର୍ଷ ପୂର୍ବେ ସାଉଥାମ୍ପଟନଠାରେ ଭାରତ ବିପକ୍ଷ ୬ ଦିନିଆ ଫାଇନାଲରେ ବିଜୟ ହାସଲ କରିଥିବା କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଏକ ଆକର୍ଷଣୀୟ ଗଦା ବ୍ୟତୀତ ୧.୬ ନିୟୁତ ଡଲାର ଆର୍ଥିକ ପୁରସ୍କାର ଲାଭ କରିଥିଲା। ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ସମସ୍ତ ୯ଟି ଦଳ ୩.୮ ନିୟୁତ ଡଲାରକୁ ବାଣ୍ଟି କରି ନେବେ। ଡବ୍ଲ୍ୟୁଟିସି ୨୦୨୧-୨୩ ଷ୍ଟାଣ୍ଡିଂରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦକ୍ଷିଣ ଆଫ୍ରିକା ୪,୫୦,୦୦୦ ଡଲାର ପାଇବ। ଚତୁର୍ଥ ସ୍ଥାନରେ ରହିଥିବା ଇଂଲଣ୍ଡକୁ ୩,୫୦,୦୦୦ ଡଲାର ମିଳିବ। ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ଦୌଡ଼ରେ ରହିଥିବା ଅନ୍ୟତମ ଦଳ ଶ୍ରୀଲଙ୍କା ୫ମ ସ୍ଥାନରେ ରହିବାରୁ ୨,୦୦,୦୦ ଡଲାର ପାଇବ। ସେହିପରି ଅବଶିଷ୍ଟ ଦଳ ନ୍ୟୁଜିଲାଣ୍ଡ (୬ଷ୍ଠ), ପାକିସ୍ତାନ (୭ମ), ୱେଷ୍ଟଇଣ୍ଡିଜ (୮ମ) ଓ ବାଂଲାଦେଶ (୯ମ)କୁ ୧,୦୦,୦୦ ଡଲାର ଲେଖାଏ ମିଳିବ।







ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ପ୍ରତ୍ୟାଶା ରାୟ। ରଗ୍‌ବୀର ମହିଳା ବର୍ଗରେ ସ୍ୱର୍ଣ୍ଣ ଏବଂ ପୁରୁଷରେ ରୌପ୍ୟ ପଦକ ବିଜୟୀ କିଟ୍ ବିଶ୍ୱବିଦ୍ୟାଳୟ ଦଳ।

## ପ୍ରତ୍ୟାଶା, କିଟ୍ ମହିଳାଙ୍କୁ ସ୍ୱର୍ଣ୍ଣ

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

**ଭୁବନେଶ୍ୱର, ୨୬।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତରପ୍ରଦେଶ ରାଜ୍ୟର ବିଭିନ୍ନ ସହରରେ ୩ୟ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେଉଛି। ଶୁକ୍ରବାର ରଗବୀ ଇଭେଣ୍ଟର ଅନ୍ତିମ ଦିବସରେ କିଟ୍ ମହିଳା ଦଳ ୫୬:୦ରେ ମୁମ୍ବାଇ ୟୁନିଭର୍ସିଟିକୁ ପରାସ୍ତ କରି ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ଲାଭ କରିଛି। ପୁରୁଷ ଦଳ ଫାଇନାଲରେ ପୁଣେର ଭାରତୀ ବିଦ୍ୟାପୀଠଠାରୁ ପରାଜିତ ହୋଇ ରୌପ୍ୟ ହାସଲ କରିଛି। ଟେନିସ ଇଭେଣ୍ଟରେ ଇନ୍ଦୋରର ରିନେସାନ୍ସ ୟୁନିଭର୍ସିଟି ବିପକ୍ଷରେ କିଟ୍ ପୁରୁଷ ଦଳ ୩:୦ରେ ବିଜୟୀ ହୋଇଛି। ଦଳର ଏହାଥିଲା ଦ୍ୱିତୀୟ ମ୍ୟାଚ।

ମହିଳା ସନ୍ତରଣରେ ଉତ୍କଳ ୟୁନିଭର୍ସିଟିର ପ୍ରତ୍ୟାଶା ରାୟ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୪୦୦ ମିଟର ଫ୍ରି-ଷ୍ଟାଇଲ ଇଭେଣ୍ଟରେ ଏକ ରୌପ୍ୟ ମଧ୍ୟ ଜିତିଛନ୍ତି। ହକିରେ ସମ୍ବଲପୁର ୟୁନିଭର୍ସିଟି ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଦଳ ୧-୦ ଗୋଲ୍‌ରେ ବାରଣାସୀସ୍ଥିତ କାଶି ବିଦ୍ୟାପୀଠକୁ ପରାସ୍ତ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମପି ଅଚ୍ୟୁତ ସାମନ୍ତ କିଟ୍ ରଗ୍‌ବୀ ଦଳ ଓ ଉତ୍କଳ ୟୁନିଭର୍ସିଟିର ପ୍ରତ୍ୟାଶାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଫିଲିପୋ ଜିତିଲେ ୧୮ଶ ଷ୍ଟେଜ୍

**ଗିରୋ ଡି' ଇଟାଲିଆ**

**ରୋମ୍, ୨୬।୫**

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୮ଶ ରେସ୍ ଜିତିଛନ୍ତି ଇଟାଲିର ଜୟକୋ-ଏଆଇୟୁଆଇଏ ଟିମ୍ ରାଇଡର ଫିଲିପୋ ଜାନା। ଓଡେର୍ଜୋଠାରୁ ଜୋଲ୍ଡୋ ଅଲ୍ଟୋ ପର୍ଯ୍ୟନ୍ତ ୧୬୧ କିଲୋମିଟର ବିଶିଷ୍ଟ ମାଉଣ୍ଟେନ ଷ୍ଟେଜ୍‌କୁ ଫିଲିପୋ ୪ ଘଣ୍ଟା ୫୨.୧୨ ସେକେଣ୍ଡ ସମୟରେ ଶେଷ କରିଥିଲେ। ଫ୍ରାନ୍ସର ଗ୍ରୌପାମା-ଏଫ୍‌ଡିଜେ ଟିମ୍ ରାଇଡର ଥିବଟ ପିନଟ ଦ୍ୱିତୀୟ ଓ ସେହି ଦେଶର ଆର୍କିଆ-ସାମସିକ୍ ରାଇଡର ୱାରେନ ବାର୍ଗୁଇଲ ତୃତୀୟ ସ୍ଥାନରେ ରହିଛନ୍ତି। ୧୮ ଷ୍ଟେଜ୍ ଶେଷସୁଦ୍ଧା ଗ୍ରେଟ୍ ବ୍ରିଟେନର ଇନିଅସ ଗ୍ରେନାଡିଅର୍ସ ରାଇଡର ଗେରାଣ୍ଟ ଥୋମାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ଲୋଭାକିଆର ଟିମ୍ ଜୁମ୍ବୋ-ଭିସ୍ମା ରାଇଡର ପ୍ରିମୋଜ ରୋଗଲିକ୍ ଦ୍ୱିତୀୟ ଓ ପର୍ତ୍ତୁଗାଲର ୟୁଏଇ ଟିମ୍ ଏମିରେଟ୍ସ ରାଇଡର ଜୋଆଓ ଆଲ୍‌ମେଡା ତୃତୀୟ ସ୍ଥାନରେ ରହିଛନ୍ତି।




ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୮ଶ ରେସ୍ ଜିତିବାପରେ ଇଟାଲିର ଫିଲିପୋ ଜାନା।

## ସେମିଫାଇନାଲରେ ପାରାମାଉଣ୍ଟ

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର(୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏହି ଦଳ ୧୯ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୨୦ ଓଭରରେ ୩ ଉଇକେଟ ହରାଇ ୯୪ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ପି. ନାୟକ ସର୍ବାଧିକ ୪୪ ରନ କରିଥିଲେ। ୯୫ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୭୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶୁଭ୍ରଜିତ ମିଶ୍ର ସର୍ବାଧିକ ୧୯ ରନ କରିଥିବାବେଳେ ବିଜୟୀ ଦଳର ଦୁର୍ଗା ପ୍ରସାଦ ମଲିକ ଓ ସତଭିକ୍ ସୁବୁଦ୍ଧି ୩ଟି ଲେଖାଏ ଏବଂ ସେକ୍ ନକିବ ସର୍ବର ମାତ୍ର ୩ ରନ ଦେଇ ୨ଟି ଉଇକେଟ ପାଇଥିଲେ। ଦୁର୍ଗା ପ୍ରସାଦ ମଲିକ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୧୯ ବର୍ଷରୁ କମ୍ ଏସିଆ କପ୍ ଏବଂ ରଣଜୀ ଟ୍ରଫି ଖେଳାଳି ରାଜେଶ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ଗ୍ରହଣ ଅବସରରେ ଦୁର୍ଗା ପ୍ରସାଦ ମଲିକ।

## ଜନ୍ ୱାରବର୍ଟନ ସବ୍‌ଜୁନିୟର ବକ୍ସିଂ କୋଚ୍

**ନୂଆଦିଲ୍ଲୀ, ୨୬।୫ (ପି.ଟି.):** ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଶୁକ୍ରବାର ଜନ୍ ୱାରବର୍ଟନଙ୍କୁ ସବ୍‌ଜୁନିୟର କୋଚ୍ ଭାବେ ନିଯୁକ୍ତି ଦେଇଛି। ତୃଣମୂଳ ସ୍ତରରେ ଖେଳର ବିକାଶ ଲକ୍ଷ୍ୟ ନେଇ ଏହି ନିଯୁକ୍ତି ଦିଆଯାଇଛି। ୱାରବର୍ଟନଙ୍କ କୋଚିଂ କ୍ୟାରିୟର ପାଖାପାଖି ୪ ଦଶନ୍ଧି ଧରି ପରିବ୍ୟାପ୍ତ। ସେ ଇଂଲଣ୍ଡରେ ୧୯୮୪ରୁ ଏହି ଖେଳ ସହ ସମ୍ପୃକ୍ତ ଅଛନ୍ତି। ବର୍ତ୍ତମାନ ସେ କର୍ଣ୍ଣାଟକର ବେଲାରିଠାରେ ରହିଥିବା ଜେଏସ୍‌ଡବ୍ଲ୍ୟୁ ଇନ୍ସପାୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସରେ କୋଚିଂ ଦେଉଛନ୍ତି। ତାଙ୍କଠାରୁ କୋଚିଂ ନେଇ ମଞ୍ଜୁ ବାମ୍ବୋରିୟା, ମନୀଷା ମୋଉନ୍ ଓ ନିଶାନ୍ତ ଦେବଙ୍କ ଭଳି ବକ୍ସର ସୃଷ୍ଟି ହୋଇଛନ୍ତି। ବିଏଫ୍‌ଡବ୍ଲ୍ୟୁ ଓ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍‌ର ଏକ ଅଂଶବିଶେଷ ସ୍ୱରୂପ ୱାରବର୍ଟନଙ୍କୁ ନିଯୁକ୍ତି ଦିଆଯାଇଛି।

## ଭାରତ ଆଜି ପାକିସ୍ତାନକୁ ଭେଟିବ

**ଜୁନିୟର ଏସିଆ କପ୍ ହକି**

**ସାଲାଲା (ଓମାନ), ୨୬।୫ (ପି.ଟି.)**

ଏଠାରେ ଚାଲିଥିବା ଜୁନିୟର ଏସିଆ କପ୍ ପୁରୁଷ ହକିରେ ଭାରତ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଭାରତ ଏହା ପୂର୍ବରୁ ଖେଳିଥିବା ୨ଟି ମ୍ୟାଚରେ ଚାଇନିଜ୍ ତାଇପେକୁ ୧୮-୦ ଏବଂ ଜାପାନକୁ ୩-୧ ଗୋଲରେ ହରାଇ ସାରିଛି। ତେଣୁ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ଟୁର୍ନାମେଣ୍ଟରେ ଏ ପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଅପରାଜେୟ ରହିଛି। ଖେଳିଥିବା ୨ଟି ମ୍ୟାଚରେ ଚାଇନିଜ୍ ତାଇପେକୁ ୧୫-୧ ଓ ଥାଇଲାଣ୍ଡକୁ ୯-୦ ଗୋଲରେ ହରାଇଛି। ତେଣୁ ପୁଲ୍ 'ଏ'ର ଆଗାମୀ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଭାରତୀୟ ଦଳର ଅଧିନାୟକ ଉତ୍ତମ ସିଂ କହିଛନ୍ତି, ୨ଟି ବିଜୟ ଖେଳାଳିଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ତେବେ ପାକିସ୍ତାନ ବିପକ୍ଷ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି ସେ ସ୍ୱୀକାର କରିଛନ୍ତି। "ଆମେ ବୃହତ୍ ବିଜୟ ସହ ଟୁର୍ନାମେଣ୍ଟ ଆରମ୍ଭ କରିଛୁ। ତେଣୁ ପାକିସ୍ତାନ ବିପକ୍ଷରେ ମଧ୍ୟ ସେପରି ପ୍ରଦର୍ଶନ କରିବାନେଇ ଆଶା ରହିଛି। ପ୍ରଥମ ୨ଟି ବିଜୟ ଆମର ଆତ୍ମବିଶ୍ୱାସ ବଢ଼ାଇଛି। ଏହାକୁ ପାଥେୟ କରି ଆମେ ଆଗକୁ ବଢ଼ିବା ଆବଶ୍ୟକ ହେଉଛି। ପାକିସ୍ତାନ ଏକ ଶକ୍ତିଶାଳୀ ଦଳ। ତେଣୁ ଆଗାମୀ ମ୍ୟାଚରେ କଡା ଟକ୍କର ହେବ" ବୋଲି ଉତ୍ତମ ପ୍ରକାଶ କରିଛନ୍ତି। ପାକିସ୍ତାନ ଦଳରେ ଆକ୍ରମଣାତ୍ମକ ପ୍ରଦର୍ଶନ କରୁଥିବା ଅନେକ ଖେଳାଳି ଅଛନ୍ତି। ତେବେ ଭାରତୀୟ ଦଳର ଦୃଢ଼ ରକ୍ଷଣଭାଗ ଏହାକୁ ପ୍ରତିହତ କରିପାରିବ ବୋଲି ସେ ଆଶାବାଦୀ ଅଛନ୍ତି।

ଶେଷ ଥର ପାଇଁ ଦୁଇ ଦଳ ମଧ୍ୟରେ ୨୦୧୫ରେ ମୁକାବିଲା ହୋଇଥିଲା। ଏହା ଜୁନିୟର ଏସିଆ କପ୍ ଫାଇନାଲ ଥିଲା ଏବଂ ଏଥିରେ ଭାରତ ୬-୨ ଗୋଲରେ ବିଜୟୀ ହୋଇଥିଲା। ୨୦୧୧ରୁ ଏ ପର୍ଯ୍ୟନ୍ତ ଦୁଇ ଦଳ ପରସ୍ପରକୁ ୭ ଥର ଜୁନିୟର ଏସିଆ କପ୍‌ରେ ଭେଟିଛନ୍ତି। ଏଥିରୁ ଭାରତ ୫ଥର ଜିତିଥିବାବେଳେ ପାକିସ୍ତାନ ଥରେ ବିଜୟୀ ହୋଇଛି। ଅନ୍ୟ ଗୋଟିଏ ମ୍ୟାଚ ଡ୍ର ରହିଥିଲା। ଆଗାମୀ ମ୍ୟାଚରେ ଭାରତୀୟ ଦଳ ଧୈର୍ଯ୍ୟର ସହ ନିଜର ଶକ୍ତି ଅନୁସାରେ ଖେଳିବ ବୋଲି ମୁଖ୍ୟ କୋଚ୍ ସି.ଆର. କୁମାର ପ୍ରକାଶ କରିଛନ୍ତି। ଲିଗ୍ ପର୍ଯ୍ୟାୟରେ ଭାରତ ଏହାର ଅନ୍ତିମ ମ୍ୟାଚ ରବିବାର ଥାଇଲାଣ୍ଡ ବିପକ୍ଷରେ ଖେଳିବ।

## ଅମୃତଜୟ, ମୈତ୍ରେୟ-ଶିବମ୍ ଚାମ୍ପିୟନ

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ଓ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ)ର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଗତ ୧୯ ତାରିଖରେ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ଭାରତର ବିଭିନ୍ନ ସ୍ଥାନରୁ ୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲରେ ଓଡ଼ିଶାର ଅମୃତଜୟ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ମଧ୍ୟପ୍ରଦେଶର ୟଶ୍ ଯାଦବଙ୍କୁ ୧-୬, ୬-୩, ୭-୬ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ହାରିଥିଲେ ମଧ୍ୟ ଅମୃତଜୟ ସଫଳ ପ୍ରତ୍ୟାବର୍ତ୍ତନ କରି କ୍ୟାରିୟରର ପ୍ରଥମ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ଡବଲ୍ସରେ ମହାରାଷ୍ଟ୍ରର ମୈତ୍ରେୟ ଭଗତ ଓ ଶିବମ୍ କଦମ ଚାମ୍ପିୟନ ହୋଇଛନ୍ତି। ଏହି ଯୋଡ଼ି ଫାଇନାଲରେ ପଶ୍ଚିମବଙ୍ଗର ମହମ୍ମଦ ଫରଦିନ ଓ ନାଗାଲାଣ୍ଡର ଖାତେ ଭିଲାସିରଙ୍କୁ ସିଧାସଳଖ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଜ୍ୟୋତି ଶଙ୍କର ନନ୍ଦ ଟୁର୍ନାମେଣ୍ଟରେ ମ୍ୟାଚ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।






ପୁରସ୍କାର ସହ ଅମୃତଜୟ ମହାନ୍ତି ଏବଂ ମୈତ୍ରେୟ ଭଗତ-ଶିବମ୍ କଦମ।

## ସିନ୍ଧୁ, ପ୍ରଣୟ ସେମିରେ

**କୁଆଲାଲମ୍ପୁର, ୨୬।୫ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ସେମାନଙ୍କ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରି ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟରେ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟରେ ୬ଷ୍ଠ ସିଡ୍ ଦୁଇ ଅଲିମ୍ପିକ ପଦକ ବିଜେତା ସିନ୍ଧୁ କ୍ୱାର୍ଟରଫାଇନାଲରେ ତାଙ୍କଠାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଚାଇନାର ୟି ମାନ୍ ଝାଙ୍ଗଙ୍କୁ ୨୧-୧୬, ୧୩-୨୧, ୨୨-୨୦ରେ ହରାଇ ଦେଇଛନ୍ତି। ପ୍ରଣୟ ଜାପାନର କେଣ୍ଟା ନିଶିମୋଟୋଙ୍କ ବିପକ୍ଷରେ ୨୫-୨୩, ୧୮-୨୧, ୨୧-୧୩ରେ ବିଜୟ ହାସଲ କରିଛନ୍ତି। ଶନିବାର ସେମିଫାଇନାଲରେ ସିନ୍ଧୁ ସପ୍ତମ ସିଡ୍ ଓ ବିଶ୍ୱର ୯ ନମ୍ବର ଇଣ୍ଡୋନେସିଆର ଗ୍ରେଗୋରିଆ ମାରିସ୍କା ତୁନ୍‌ଜୁଙ୍ଗଙ୍କୁ ଭେଟିବେ।

## ଇକୋର୍ସା, ଭୁବନେଶ୍ୱର 'ଏ' ବିଜୟୀ

**ଭୁବନେଶ୍ୱର, ୨୬।୫ (କ୍ରୀଡ଼ା ପ୍ରତିନିଧି)**

କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୨ ଦିନିଆ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଆରମ୍ଭ ହୋଇଥିବା ୪ ମ୍ୟାଚରୁ ୨ଟିରୁ ଫଳାଫଳ ମିଳିଛି। ଏଥିରେ ଇକୋର୍ସା ଓ ଭୁବନେଶ୍ୱର 'ଏ' ଦଳ ବିଜୟୀ ହୋଇଛି। ମଳୟ ଜେନା ଓ ଅଙ୍କିତ ଯାଦବ ୫ ଉଇକେଟ ସଫଳତା ପାଇଥିବାବେଳେ ବିନାୟକ ସାହୁ (୧୬୨) ଶତକ ହାସଲ କରିଥିଲେ।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୧୦ ଉଇକେଟରେ ସମ୍ବଲପୁରକୁ ପରାସ୍ତ କରିଛି। ସମ୍ବଲପୁର ଦଳ ୯୮ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ମଳୟ ଜେନା ଓ ଅଙ୍କିତ ଯାଦବ ୫ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ। ବିଜୟ ଲକ୍ଷ୍ୟକୁ ଇକୋର୍ସା କୌଣସି ଉଇକେଟ ନ ହରାଇ ମାତ୍ର ୧୩.୩ ଓଭରରେ ହାସଲ କରି ନେଇଥିଲା। ସୁଜିତ ଲେଙ୍କା ୬୯ ଓ ଗିରିଜା ରାଉତ ୨୬ ରନରେ ଅପରାଜିତ ରହିଥିଲେ। ଏମ୍‌ଜିଏମ୍ ଏସ୍‌ଓଏସ୍ ପଡ଼ିଆରେ ଭୁବନେଶ୍ୱର 'ଏ' ୧ ଉଇକେଟରେ ଢେଙ୍କାନାଳକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୪୪.୧ ଓଭରରେ ୧୫୩ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ କାହ୍ନା ଭୂତିଆ ୫୩ ଓ ମହମ୍ମଦ ସୁଲେମାନ ୫୦ ରନ କରିଥିଲେ। ପ୍ରତିପକ୍ଷ ଦଳର ମିନାଲ ପରିଡ଼ା ଓ ଅଂଶୁମାନ ବେଜ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଭୁବନେଶ୍ୱର 'ଏ' ୪୦.୧ ଓଭରରେ ୯ ଉଇକେଟ ହରାଇ ୧୫୪ ରନ କରିଥିଲା। ଦଳ ପକ୍ଷରୁ ମାନସ ନାୟକ ସର୍ବାଧିକ ୪୨ ରନ କରିଥିଲେ। ଢେଙ୍କାନାଳର ବିକାଶ ରାଉତ ୩ଟି ଉଇକେଟ ନେଇଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ ୭୩.୩ ଓଭରରେ ୨୩୨ ରନକରି ଅଲ୍‌ଆଉଟ ହୋଇଥିଲା। ରାମଚନ୍ଦ୍ର ବେହେରା ୬୦ ଓ ସାଇଦୀପ ୫୨ ରନ କରିଥିଲେ। ବିପକ୍ଷ ଦଳର ପପୁ ରାୟ ଓ ନିରଞ୍ଜନ ଗୌଡ଼ା ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ରେଷ୍ଟ ଅଫ୍ ଓଡ଼ିଶା-ସି ଦଳ ୧୪ ଓଭରରେ ୨ ଉଇକେଟ ହରାଇ ୬୭ ରନ କରିଛି। ଫଳରେ ଏହି ଦଳ ୮ ଉଇକେଟ ହାତରେ ଥାଇ ୧୬୫ ରନ ପଛରେ ରହିଛି। ଡ୍ରିମ୍ସ ପଡ଼ିଆରେ ଝାରସୁଗୁଡ଼ା ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରେଷ୍ଟ ଅଫ୍ ଓଡ଼ିଶା-ଡି ୯୦ ଓଭରରେ ୬ ଉଇକେଟ ହରାଇ ୩୭୯ ରନ କରିଛି। ଦଳ ପକ୍ଷରୁ ବିନାୟକ ସାହୁ ୧୬୨, କିଷାନ ରାଠ ୯୧ ଓ ଅମିତ ସାହୁ ୫୦ ରନ କରିଥିଲେ। ଝାରସୁଗୁଡ଼ା ପକ୍ଷରୁ ରାଜ କେ. ପଟେଲ ୩ଟି ଉଇକେଟ ନେଇଥିଲେ।

**କଳାହାଣ୍ଡି କପ୍ ସୁପରଲିଗ୍**



ବିନାୟକ ସାହୁ



ଅଙ୍କିତ ଯାଦବ



ମଳୟ କୁମାର ଜେନା

# ଟିନ୍‌ଏଜ୍ ପ୍ରେମ



ଗଳ୍ପ

**ଡ. ନରେନ୍ଦ୍ର ସେଠୀ**

ସେଇ ବର୍ଷ ସେ ବୋଧେ ଟିନ୍‌ଏଜ୍ ଦୁନିଆର ରହସ୍ୟମୟ ଦ୍ୱାର ଖୋଲି ପ୍ରବେଶ କରିବାକୁ ଆରମ୍ଭ କରିଥିଲା। ବୟସ କେତେ ହେବ ! ବାର କି ତେର। ସପ୍ତମ ଶ୍ରେଣୀରେ ବୋଧେ ! ସେଇ ସ୍ମରଣୀୟ ଘଟଣା ବ୍ୟତୀତ ସେଇବର୍ଷ ସେ ଫ୍ରେଣ୍ଡଶିପ୍ କଲା ଭାଗୀରଥି ଦାସ, ପ୍ରମୋଦ କିଶୋର ପଣ୍ଡା, ବିଜୟ ରଣା, ଗୋପୀନାଥ ମହାନ୍ତି ଓ ବିଭୂତି ପଟ୍ଟନାୟକଙ୍କ ସହିତ...। ସେଇବର୍ଷ ତାକୁ ନିଜର ଲାଗିଥିଲା ମୈନେ ପ୍ୟାର୍ କିୟାର କାହାଣୀ। ସେଇବର୍ଷ ହିଁ ସେ ତା' ଜୀବନରେ କାହାକୁ ଏତେ ନିଜର ମନେକରିଥିଲା। ଦୂର ଗାଁରୁ ବହିକୁ ଛାତିରେ ଜାକି ଚାଲିଚାଲି ସ୍କୁଲ ଆସୁଥିବା ସେଇ ଫୁଲପକା ଫ୍ରକ୍‌ପିନ୍ଧା ଝିଅଟିର ବେପରୁଆ ହସରେ ଆବିର୍ଭାବ ଶୃଙ୍ଖଳିତ ଦାନ୍ତସମୂହ, ଯାହା ତାକୁ ଆହୁରି ସୁନ୍ଦରୀ କରୁଥିଲା। କେତେ ବର୍ଷ ବା ହେଇଥିଲା ତାକୁ... ହଁ, ସେଇ ଏକା ବାର କିମ୍ବା ତେର। ଏ ବା କୋଉ ପ୍ରେମ କରିବାର ବୟସ ! ତେବେ ଟିନ୍‌ଏଜ୍ ଦୁନିଆର ପ୍ରବେଶ ପଥ ଅତିକ୍ରମ କଲାବେଳେ ଏମିତି ଅନୁଭବ ହେଉଥିଲା ରାକେଶର ମନ ଭିତରେ।

କେତେ କଥା, କେତେ କାହାଣୀ ଆସି ଉପସ୍ଥିତ ହେଇ ନ ଥା'ନ୍ତା, ଯଦି ସେଦିନ ଫେସ୍‌ବୁକରେ କେହି ଜଣେ ସହପାଠୀ ସେଇ ବ୍ଲାକ ଆଣ୍ଡ ହ୍ୱାଇଟ୍ ଗ୍ରୁପ ଫଟୋଟିକୁ ପୋଷ୍ଟ କରି ନ ଥାଆନ୍ତେ। ରାକେଶକୁ ଲାଗିଲା ଯେମିତି ନନ୍ଦିନୀ ନିଜେ ତା' ପୁରୁଣା ଆଲ୍‌ବମରୁ ଫଟୋଟିକୁ ସତର୍କତାର ସହିତ କାଢ଼ି ତା' ଆଗରେ ରଖିଦେଇଚି। ଗଣିତ ଓ ବିଜ୍ଞାନରେ ଭଲ ପଢୁଥିବା ରାକେଶକୁ ନନ୍ଦିନୀ ସହିତ ସ୍ୱପ୍ନ ରାଇଜରେ ବୁଲିବାକୁ ଭଲ ଲାଗେ ଏକଥା ଅନେକ ଦୁଷ୍ଟ ସାଙ୍ଗ ଜାଣିପାରିଥିଲେ। ରାକେଶ ଭଳି ଜଣେ ଲାଜକୁରା, ତଳ ମୁହଁପୋତା ଯେ ପ୍ରେମ କରିବାର ଦୁଃସାହସ କରିବ ଏକଥା ସବୁ ପୁଅ ସାଙ୍ଗ ଜାଣିବା ପରେ ସମସ୍ତେ ମିଶି ସଂସ୍କୃତ ପଣ୍ଡିତଙ୍କ ନେତୃତ୍ୱରେ ଡ୍ରାମା କରିବାର ନିଷ୍ପତ୍ତି ହେଲା। ଏହା ପଛରେ ସବୁଠୁ ବଡ଼ ଯୋଜନା ଥିଲା ଯେ ଏଇ ବାହାନାରେ ରାକେଶ ତା' ମନକଥା ନନ୍ଦିନୀକୁ କହିବ। ରାକେଶ ସ୍କୁଲ ଡ୍ରାମାର ସୁଯୋଗକୁ ଉପଯୋଗ କରି ପାରିଲାନି। ବାନାମ୍ବର ସାର୍‌ଙ୍କ ପୁଅ କୃଷ୍ଣ ଓ ନିଜେ ରାକେଶ ଅର୍ଜୁନ ଚରିତ୍ରକୁ ଏଇଥିପାଇଁ ଆପଣେଇଥିଲେ ଯେ ଏହି ବାହାନାରେ ନନ୍ଦିନୀ ପ୍ରଭାବିତ ହେବ, କିନ୍ତୁ ସେମିତି କିଛି ହେଲାନି।

କେତେ ରୋମାଞ୍ଚକର ଥିଲା ସେ ସମୟ। ଝିଅମାନଙ୍କ ପାଖ ମାଡ଼ିବା ସହିତ ଛାତି ଭିତର ସ୍ପନ୍ଦନର ଏକ ଅଦ୍ଭୁତ ସମନ୍ୱୟ ଥିଲା। ଯା' ଭିତରେ ନିଜ ନିଜ ଜୀବିକାରେ ସବୁ ସାଙ୍ଗ ଦୂରେଇ ଯାଇଥିଲେ ଗୋଟିଏ ଯୁଗ ପର୍ଯ୍ୟନ୍ତ, ଯେହେତୁ ଯୋଗସୂତ୍ର ରଖିବାର କିଛି ଉପାୟ ନଥିଲା କାହା ପାଖରେ। ଚିଠି, ଟେଲିଗ୍ରାମ୍, ଇଣ୍ଟରନେଟ୍, ଇ-ମେଲ୍, ସ୍ମାର୍ଟ ଫୋନ୍ ଓ ଫେସ୍‌ବୁକ୍‌ଯାଏଁ ଯାତ୍ରା କରିଥିବା ଗୋଟିଏ ପିଢ଼ି କେବେ ଭାବି ନଥିଲା ସ୍କୁଲର ପୁରୁଣା ସାଙ୍ଗ ପୁଣି ଆସି ନୂଆ କରି ପରିଚୟ ଦେବେ ବୟସ୍କ ସମୟରେ। ତେବେ ଫେସ୍‌ବୁକର ମାର୍କ ଜୁକରବର୍ଗଙ୍କ ପାଣ୍ଡିତ୍ୟ ଓ ବିଚକ୍ଷଣ କଳ୍ପନା ଯୋଗୁଁ ହଠାତ୍ ଜୀବନରୁ ଦୂରେଇ ଯାଇଥିବା ସବୁ ସ୍କୁଲ ସାଙ୍ଗ ପୁଣି ପରସ୍ପରକୁ ଭେଟିବାରେ ଲାଗିଛନ୍ତି। ଏହି କ୍ରମରେ ହଠାତ୍ ସେଦିନ ମେସେଞ୍ଜରରେ ଏକ ମେସେଜ୍ ପାଇଥିଲା ରାକେଶ 'ମୋତେ ଚିହ୍ନିପାରୁଛୁ...!' କିଛି ସମୟ ପ୍ରୋଫାଇଲ୍ ଫଟୋକୁ ନିରେଖି ଦେଖିଲା ପରେ ସେଇ ସୁନ୍ଦରୀ ଭଦ୍ର ମହିଳା ଯେ ନନ୍ଦିନୀ ଏକଥା ଜାଣିବା ପାଇଁ ତାକୁ ବେଶି ସମୟ ଲାଗିଲାନି। ସେଇ ପିଲାଦିନର ଚପଳାମି ତା' ମୁହଁରେ ଏବେ ମଧ୍ୟ ବଳବତ୍ତର ଥିଲା। ଏକ ଫ୍ୟାନ୍ସି ଶାଢ଼ିର ଆବରଣରେ ସେ ନିଜକୁ ଆବୃତ କରି ଲାଗୁଥିଲା ଖୁବ୍ ମାର୍ଜିତ। ନୀଳ ରଙ୍ଗମିଶା ଚୂନଲିପାରେ ହଠାତ୍ ଆକର୍ଷିତ ହେଇପଡ଼ିଥିବା ଭଗ୍ନ ପାନ୍ଥଶାଳାର ପୁରୁଣା କାନ୍ଥ ପରି ସେ ଲାଗୁଥିଲା ଏକ ବୟସ୍କା ସୁନ୍ଦରୀ। ଏତେ ଦିନ ପରେ ରାକେଶ ନିରେଖି ଦେଖୁଥିଲା ନନ୍ଦିନୀକୁ, ଅବଶ୍ୟ ଫଟୋରେ। ଏକ ଶିହରଣ ତା' ମନ ଭିତରେ ଉଙ୍କି ମାରିଲା। ଯଦିଓ ବର୍ତ୍ତମାନର ଅନୁଭବ ଟିନ୍‌ଏଜ୍ ବେଳର ରୋମାଞ୍ଚ ପରି ଏତେ ଖାସ୍ ନଥିଲା। ସେଦିନ ଅନେକ ମେସେଜ୍ ଆଦାନପ୍ରଦାନ ହେଲା, ତା' ସ୍ୱାମୀ, ପୁଅ ଝିଅ ବିଷୟରେ ଜାଣିଲା। ସେଦିନୁଁ ଏବେ ରାକେଶ ଓ ନନ୍ଦିନୀ ପୁଣି ପାଲଟି ଯାଇଚନ୍ତି ଭଲ ସାଙ୍ଗ। ଖୁବ୍ ମେସେଜ କରୁଛନ୍ତି। ଏକଥା ସ୍କୁଲର କେହି ପୁଅ ସାଙ୍ଗ ଜାଣିଲେ ଜମାରୁ ବିଶ୍ୱାସ କରିବେନି।

କୋଡ଼ିଏ ବର୍ଷ ପରେ କଥା ହେବା ବେଳେ ସେମିତି ଅଳ୍ପ କହୁଥିବା ଓ ମାପିଚୁପି ଉତ୍ତର ଦେଉଥିଲା ନନ୍ଦିନୀ। ଯେତେବେଳେ ରାକେଶ କହିଲା ଯେ ତା' ଛ' ବର୍ଷୀୟା ଝିଅର ନାଁ ମଧ୍ୟ ନନ୍ଦିନୀ, ଫୋନ ଆରପଟୁ ଆଶ୍ଚର୍ଯ୍ୟ ଓ ଖୁସିର ଏକ ମିଳାମିଶା ପ୍ରତିକ୍ରିୟାକୁ ସ୍ପଷ୍ଟ ବାରି ହେଉଥିଲା। ସବୁଠୁ ଆଶ୍ଚର୍ଯ୍ୟ ହେଲା ଯେ ନନ୍ଦିନୀ ସେତେବେଳେ ସବୁ ବୁଝିପାରୁଥିଲା। ରାକେଶ ତାକୁ ଲୁଚିଲୁଚି ଦେଖେ ଓ ମନେମନେ ଭଲପାଏ ସେକଥା ଏତେଦିନ ପରେ ନନ୍ଦିନୀ ଖୋଲି କହିଲା। ସେ ଜାଣିଥିଲା ସ୍କୁଲ ଡ୍ରାମାର ପଛରେ ଥିବା ଷଡ଼ଯନ୍ତ୍ର ଓ ବାରମ୍ବାର ସ୍କୁଲ ଯିବାଆସିବା ବାଟରେ ରାକେଶର ଆବିର୍ଭାବର କାରଣ। କେତେ ଯେ ଚିଡ଼େଇଥିଲେ ନନ୍ଦିନୀକୁ ତା'ର ଝିଅ ସାଙ୍ଗମାନେ ରାକେଶକୁ ନେଇ। କେତେ କଷ୍ଟ ହେଇଥିଲା ସେମାନଙ୍କୁ ବୁଝେଇବାକୁ ଯେ, ନା ସେମିତି କିଛି ତାଙ୍କ ଭିତରେ ନାହିଁ ବୋଲି। ରାକେଶ ଏକ ଦୀର୍ଘ ଶ୍ୱାସ ନେଇ ମନେମନେ ଭାବେ '...କେତେ ଭଲ ହେଇଥା'ନ୍ତା ଯଦି ସେତେବେଳେ ସେ ଜାଣିପାରିଥାନ୍ତା ନନ୍ଦିନୀ ମନକୁ...!' ପୁଣି ନିଜକୁ ବୁଝାଏ ରାକେଶ। କେତେ ଭଲ ଲିପିକା ଓ ଝିଅ ନନ୍ଦିନୀ... ଯାହା ହେଇଚି ଭଲ ହେଇଚି। ରାକେଶ ଓ ଲିପିକା ଭିତରେ ସିଗାରେଟ୍‌କୁ ନେଇ ଅନେକ ଅଧ୍ୟାୟ ପାଟିତୁଣ୍ଡ ମଧ୍ୟ ଛଡ଼େଇ ପାରି ନଥିଲା ସିଗାରେଟ୍ ନିଶାକୁ ଯାହା ଏଇ କିଛି ଦିନର ମିତ୍ରତାରେ ନନ୍ଦିନୀର ଗୋଟିଏ ଫୁତ୍କାରରେ ସବୁଦିନ ପାଇଁ ବନ୍ଦ ହେଇଗଲା। ରାକେଶ ସୁଦୂର ମୁମ୍ବାଇରେ ଓ ନନ୍ଦିନୀ ସେଇ ପିଲାଦିନର ଛୋଟିଆ ସହରରେ। ଏବେ ମେସେଞ୍ଜର ମାଧ୍ୟମରେ ପୁଣି ପରସ୍ପରକୁ ନିକଟରେ ପାଇ ଲାଗିଲା ଯେମିତି ଅଧୁରା ସ୍ୱପ୍ନ ସାକାର ହେଇଗଲା। କେତେ କାହାଣୀ, କଥା ଓ ଗପକୁ ସେମାନେ ପରସ୍ପର ସହିତ ବାଣ୍ଟି ସାରିଲେଣି ଏଇ କିଛିଦିନ ଭିତରେ।

କିନ୍ତୁ ଆଜି...! ଆଜି ସକାଳୁ ମେସେଞ୍ଜରରେ ଆସିଥିବା ନନ୍ଦିନୀର ମେସେଜ୍ ରାକେଶଙ୍କୁ ବିଚଳିତ କରିବାରେ ଲାଗିଛି। ନନ୍ଦିନୀ ସିଧାସିଧା ଲେଖିଥିଲା ଯେ, ଏ ବନ୍ଧୁତା ତା' ପାଇଁ ଠିକ୍ ନୁହେଁ। ସେ କୁଆଡ଼େ ଏବେ ନିଜକୁ ଦୁଇଆଡ଼େ ବାଣ୍ଟିବା ଭଳି ଅନୁଭବ କରୁଛି। ତାକୁ ଆଉ ଏସବୁ ଭଲ ଲାଗୁନି। ନନ୍ଦିନୀ ନିଜକୁ ଏବେ ଏକ ଟିନ୍‌ଏଜ୍‌ର ଭଳି ବ୍ୟବହାର କରୁଛି ଓ ରାକେଶର ପ୍ରତିଟି ମେସେଜ୍ ଆସିବାମାତ୍ରେ ଚିହିଁକି ପଡୁଛି। ତା'ର ଆଉ କୋଉଆଡ଼େ ମନ ଲାଗୁନି। ଇଏ ବୋଧେ ଆଉ ବନ୍ଧୁତା ହେଇ ନାହିଁ, ଆଗକୁ ବଢ଼ିବାରେ ଲାଗିଛି। ମନ ପୁଣି ସେମିତି ରହସ୍ୟମୟ ଟିନ୍‌ଏଜ୍ ବୟସର ଦ୍ୱାରକୁ ପାର କରିବାକୁ ବ୍ୟଗ୍ର ହେଉଛି। ଏଣୁ ଆଉ ଆଗକୁ ସେ ବଢ଼ିପାରିବନି। ଆଜିଠୁ ସବୁ ବନ୍ଦ। ନା ମେସେଜ୍ ନା କଲ।

ଏଇ ରାଣ ଦେଇ ସବୁ ସମାପ୍ତ ହୋଇଗଲା ଯେ, ଯଦି ସେ ସତରେ କେବେ ନନ୍ଦିନୀକୁ ଭଲ ପାଇଥିଲା ତା'ହେଲେ ଆଜିଠୁ ତା' ସହିତ କିଛି ସମ୍ପର୍କ ରଖିବନି। ଟିନ୍‌ଏଜ୍ ପ୍ରେମର ରାଣ ପଡ଼ିଥିବାବେଳେ ରାକେଶ କେମିତି ବା ନନ୍ଦିନୀର ଏହି ଆଦେଶକୁ ଅବମାନନା କରିବ ! କିନ୍ତୁ ରାକେଶ ନନ୍ଦିନୀର ଗୋଟିଏ ରାଣକୁ ଭାଙ୍ଗିଲା, ନିଜର ପୁରୁଣା ଅଭ୍ୟାସ ସିଗାରେଟ୍‌କୁ ଏକ ଚୁମ୍ବନ ଦେଲା।

ମୋ: ୭୦୦୪୦୬୮୧୧୦

କ ବି ତା

## ଋତୁର ରଙ୍ଗ

**ତେଜସ୍ୱିନୀ ପଣ୍ଡା**

ତୁ ଏକ ବିବର୍ଣ୍ଣ ପ୍ରେମର ସମାହାର,
ନାହିଁ ମଳୟ, ନାହିଁ ମେଘ,
ନାହିଁ ପତ୍ର, ନାହିଁ ମହକ...
ଚତୁର୍ଦ୍ଦିଗେ ଖାଲି ଅନ୍ଧାର ହିଁ ଅନ୍ଧାର।

ତୁ ଏକ ସୂକ୍ଷ୍ମ ସ୍ୱରର ଆକାର,
ସା ରେ ଗା ମା...ର
ତରଙ୍ଗାୟିତ ଧ୍ୱନି,
ରାଗିଣୀର ସପ୍ତମ ସ୍ୱର
ଓ ପ୍ରିୟାର ଉଦାସ ଅଭିମାନ।

ଋତୁ ଏକ ମାଆର ଉଷୁମ୍ ପଣତ କାନି,
ଯାହାର ବାସ୍ନା, ଗନ୍ଧ,
ଝାଳ ଓ ଚୁଲିର କଳା
ବୋଳିହୁଏ ଶିଶୁର କଅଁଳ ହସରେ,
ସ୍ନେହ ଓ ମମତାର
ସ୍ପର୍ଶ ଦିଏ ଶିଶୁର ଅଜଣା କାନ୍ଦରେ।

ଋତୁ ଏକ ମଥାର ସିନ୍ଦୂର,
ଢାଳିଦିଏ ହୋଲିର
ପହିଲି ରଙ୍ଗ, ଭରିଦିଏ ଆଶାର
ପହିଲି କିରଣ !
ସିନ୍ଦୂର ଲାଲ୍ ଦିଶେ
ସକାଳର ସୂର୍ଯ୍ୟ ଉଠିବା ପୂର୍ବରୁ।

ଋତୁ ଏକ ପ୍ରେମିକର ଚୁମ୍ବନ,
ସେ ଓଠର ଛୁଆଁ
ପ୍ରେମିକର ଆୟୁଷ
ସହ ଭାଗ କରେ,
ପ୍ରତିକ୍ରିୟା ଓ ପରିଣତିକୁ
ପ୍ରଶ୍ନ କରେ !
ତୁମେ ମୋର ନା ପ୍ରେମର ?

ଋତୁ ଏକ ସଂଗ୍ରାମର ଆରମ୍ଭ,
ନାହିଁ ରକ୍ତ, ନାହିଁ ଶତ୍ରୁ
ନାହିଁ ଖଣ୍ଡା, ନାହିଁ ବନ୍ଧୁ
ଚତୁର୍ଦ୍ଦିଗେ ଖାଲି
ଚିତ୍କାର ହିଁ ଚିତ୍କାର...!

ମୋ: ୯୬୯୨୩୬୧୪୦୪

## ମୋ ଦେଶ

**ନିରାକାର ଦାସ**

ଅନ୍ଧକାରର ପୋଷାକ ପିନ୍ଧି
ଅଜ୍ଞାନତାର ବୋଝ ବୋହି ବୋହି
ଥକିଗଲାଣି ମୋ' ଦେଶ,
ତୁମେ ଛାତି ଫୁଲେଇ ଫୁଙ୍କିଚାଲିଛ
ଉତ୍କର୍ଷର ମନ୍ତ୍ର।

କୁଶିକ୍ଷାର କାଦୁଅରେ ଘାଣ୍ଟି ହୋଇ
ଅନ୍ଧବିଶ୍ୱାସର ଅଳିଆଗଦା ଉପରେ
ଆଣ୍ଠୁମାଡ଼ି ବସି
ମୋ' ଦେଶ
ଦେଖିଚାଲିଛି
ବିଶ୍ୱଗୁରୁ ବନିବାର ସ୍ୱପ୍ନ।

ଅସହିଷ୍ଣୁତାର ଅଳନ୍ଧୁ ଛଡ଼େଇ
ବିଭେଦର ବାଲୁଙ୍ଗା ଉପାଡ଼ି
ଥକି ଯାଉଥିବା ମୋ' ଦେଶ
କେମିତି ଚଢ଼ିପାରିବ
ତୁମ ସମୃଦ୍ଧିର ବାଇଶି ପାହାଚ।

ସଙ୍କଟରେ ଶୁଖିପରି
ଶୁଖି ଯାଉଥିବା ତା' ଦେହ,
ଅଭାବରେ ଅଣ୍ଟା ଭାଙ୍ଗି ପଡ଼ିଥିବା
ତା' ବିଶ୍ୱାସ
କେମିତି ଟାଣିପାରିବ
ତୁମ ପ୍ରଗତିର ରଥ ?
ଧର୍ମର ଅଫିମ ଖାଇ
ସମ୍ପ୍ରଦାୟର ଶରାରୀ ନିଶାରେ
ଟଳୁଥିବା ମୋ' ଦେଶ
କେମିତି ଚାଲିପାରିବ
ପ୍ରତିପତ୍ତିର ସିମେଣ୍ଟରେ ନିର୍ମିତ
ତୁମ ଅସରନ୍ତି ପଥ ?

ମୋ: ୯୪୩୭୦୧୩୧୩୯

ଗୀତି-କବିତା

## ଉଞ୍ଚା ପର୍ବତରେ ନାଚୁଛି ଶବରୀ

**ହରିଶ୍ଚନ୍ଦ୍ର ବେହେରା**

ଉଞ୍ଚା ପର୍ବତରେ ନାଚୁଛି ଶବରୀ
ଗଳାରେ ଗୁଞ୍ଜରା ମାଳି
ଖୋଷାରେ ଖୋସିଛି ମୟୂର ଚୂଳଲୋ
ଛମ୍‌ଛମ୍ ଜାମୁଡାଳି।୦।

କେଉଁ ପ୍ରିୟତମ ଆସିବ କେଜାଣି
ସୁଷୁମ୍ନା ନଈ ପହଁରି
ବଣଫୁଲ ତୋଳି ସଜେଇ ଦେଇଛି
ପତ୍ର କୁଡ଼ିଆ ତାହାରି
କେତେ ରାତି ଉଜାଗରେ ବିତେଇଛି
ହୃଦୟ ଦୁଆର ଖୋଲି।୧।

ଝରଣାର ମିଠା କୁଳୁ ତା' କଣ୍ଠରେ
ଦେଇଛି ରାଗିଣୀ ଭରି
ସକାଳ ସଞ୍ଜରେ ପକ୍ଷୀଙ୍କ କାକଳି
ମନରେ ତୋଳନ୍ତି ଲୋରି
କୋଇଲିର କୁହୁ ଶୁଣିଦେଲେ ଥରେ
ଯାଏ ସେ ପୂରା ବଉଳି।୨।

ବାଛି ବାଛି ମିଠା କୋଳି ସାଇତିଛି
ଆସିବେ ପ୍ରିୟ ନାଗର
ଲତା ଆଡୁଆଳେ ଅଚିହ୍ନା ପକ୍ଷୀଟି
ଡାକୁଅଛି ବାରବାର
ଅସରନ୍ତି କେତେ ଚାହିଁ ରହିବା ତ
ଯାଏନି କେବେ ଝାଉଁଳି।୩।

ମୋ: ୯୪୩୭୮୧୩୭୦୮

ପୁସ୍ତକ ପରିଚୟ

## ଅନୁଗୋଳର ଧର୍ମଧାରା





**ଲେଖକ:** ଡ. ଧରଣୀଧର ନାଥ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧,୧୦୦/-

୧୦୩୨ ପୃଷ୍ଠାର ଆଲୋଚ୍ୟ ଡିମାଇ ସାଇଜ୍‌ର ଏ ବୃହତ୍ ଗ୍ରନ୍ଥଟି ଅନୁଗୋଳର ଲୋକଦେବତା, ଯାନିଯାତ୍ରା, ପର୍ବପର୍ବାଣି ଓ ଓଷାବ୍ରତକୁ ପଞ୍ଜୀକରଣ କରିବାର ଏକ ପ୍ରାଥମିକ ଉଦ୍ୟମ, ୨୦୨୦ ମସିହାର କରୋନା-କାଳରେ ଲେଖକ ଡ. ଧରଣୀଧର ନାଥଙ୍କ ଦ୍ୱାରା ଯାହା ଅତି ଯତ୍ନର ସହ ସମ୍ପାଦିତ ହୋଇଛି। ବହିରେ ମୋଟ ଦଶଟି ପରିଚ୍ଛେଦ ରହିଛି ଏବଂ ଗ୍ରନ୍ଥ ଶେଷରେ ୧୪୪ ପୃଷ୍ଠାର ପ୍ରସଙ୍ଗଭିତ୍ତିକ ରଙ୍ଗିନ୍ ଫଟୋଚିତ୍ରର ସଂଯୋଜନ କରାଯାଇଛି। ପ୍ରଥମ ପରିଚ୍ଛେଦରେ ଲୋକଦେବତା, ଦ୍ୱିତୀୟରେ ବୈଷ୍ଣବ ଓ ଶୈବ ଉପାସନା, ତୃତୀୟରେ ଶୈଳଶ୍ରୀକ୍ଷେତ୍ରରେ ପାଳିତ ବିଭିନ୍ନ ଯାତ୍ରା, ଚତୁର୍ଥରେ ଦୋଳଯାତ୍ରା-ଚନ୍ଦନଯାତ୍ରା ଓ ଅନ୍ୟାନ୍ୟ ଯାତ୍ରା, ପଞ୍ଚମରେ ଲୋକଦେବତାଙ୍କ ଯାତ୍ରା, ଷଷ୍ଠରେ ଅନୁଗୋଳର ପର୍ବପର୍ବାଣି, ସପ୍ତମରେ ପୂଜାପଦ୍ଧତି, ଅଷ୍ଟମରେ ମେଳା ବିବରଣ, ନବମରେ ଭାଗବତ ସପ୍ତାହ ଓ ଦଶମରେ ଓଷା-ବ୍ରତ ଆଦିର ଅଙ୍ଗୀକରଣ ବହିଟିକୁ ତଥ୍ୟନିଷ୍ଠ କରିଛି। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖ 'ଆଭାଷ'ରେ ଲେଖକ କହିଛନ୍ତି: "ଅନୁଗୋଳରେ ପାଳିତ ଅନେକ ଓଷାବ୍ରତ ମୂଳତଃ ଅଷ୍ଟ୍ରିକ୍‌ମାନଙ୍କର। ଅନୁଗୋଳର ଗ୍ରାମମାନଙ୍କରେ ପୂଜା ପାଉଥିବା ଲୋକଦେବତା ଅଷ୍ଟ୍ରିକ୍‌ମାନଙ୍କ ଦ୍ୱାରା ପୂଜିତ ଦେବଦେବୀ। ରଥଯାତ୍ରା, ସ୍ନାନଯାତ୍ରା, ଦୋଳଯାତ୍ରା ପ୍ରଭୃତିପ୍ରଧାନତଃ ଆଦିବାସୀମାନଙ୍କର। ହୋଲି ଉତ୍ସବକୁ ଶୂଦ୍ରୋତ୍ସବ କୁହାଯାଏ।" (ପୃ:୧୦) 'ଆଭାଷ'ରେ ଅନ୍ୟତ୍ର କହନ୍ତି: "ପ୍ରତ୍ୟେକ ଗ୍ରାମପିଢ଼ଗୁଡ଼ିକର ଅବଦାନ ହେଉଛି ପର୍ଯ୍ୟାବରଣକୁ ସୁରକ୍ଷା ଦେବା। ନିମ୍ବ ସହ ଅନ୍ୟ ଗଛଗୁଡ଼ିକୁ ଲୋକେ କେବେ କାଟନ୍ତି ନାହିଁ।" ବହିଟି ଏକ ସୂଚନାଗ୍ରନ୍ଥ ନୁହେଁ, ପ୍ରଶସ୍ତତର ଗବେଷଣା। ବ୍ୟକ୍ତିଗତ ଓ ସାମୂହିକ ପାଠାଗାର ପାଇଁ ଅବଶ୍ୟ ସଂଗ୍ରହଣୀୟ।

## ଓହଳ





**କବି:** ରମେଶ ପତି
**ପ୍ରକାଶକ:** ପ୍ରବାହ, ଯାଜପୁର-୭
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ମୋଟ ୪୬ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ ଓ ପ୍ରତ୍ୟେକଟି କବିତା ଜୀବନ ଓ ସମାଜର ଛୋଟଛୋଟ ସୁଖଦୁଃଖର ଗୋଟେ ଗୋଟେ ଅନ୍ତରଙ୍ଗ ଗପ। ଓହଳ, ନପୁଂସକ, ଛାଇପରି କେହି, ଅନାହାର ମୃତ୍ୟୁ, କଙ୍କାଳ ମଣିଷ, ଏକ କୁକୁରକୁ ଅଶ୍ଳୀଳ ଶ୍ରଦ୍ଧାଞ୍ଜଳି, ପୋକୀ ବିଦ୍ୟା, ଭଗିଆର ଫୁଲଗଛ, ସହଜରେ ଧୋଇଯାଉଥିବା ଦାଗ, ମହାବାତ୍ୟା, ପାଖଣ୍ଡି, ସାଲୁ ଦାଶ ଚାଲିଗଲେ, ଅନ୍ଧାରୀ ବାବା ଓ ଅଧାଚିରା ଚିଠା ଆଦି କବିତାଗୁଡ଼ିକୁ ପଢ଼ିବସିଲେ ପାଠକ ଆନମନା ହେବାକୁ ବାଧ୍ୟ। 'ଅନ୍ଧାରୀ ବାବା' କବିତାଟି ଏକ ଅଚରିତାର୍ଥ ପ୍ରେମର କରୁଣ କାହାଣୀ। 'ଅନ୍ଧାରୀ ବାବା' ମଶାଣିରେ ଅନ୍ୟର ଦରପୋଡ଼ା ଜୁଇକୁ ଖେଳାଇ ସକାଳ ହେବାଯାଏଁ ନିଜର ପୋଡ଼ି ମରିଥିବା ପ୍ରେମିକାକୁ ଖୋଜେ। ତା' ପାଇଁ ରାତି ସତ, ଦିନ ମିଛ। ରମେଶ କହନ୍ତି: "ତା' ପାଇଁ ରାତି ଅଛି/ ଦିନ ନାହିଁ।/ ଜହ୍ନ ଅଛି, ଖରା ନାହିଁ...!/ ସହରତଳି ଝୁମ୍ପୁଡ଼ି ବସ୍ତିର ଲୋକେ/ କୁହନ୍ତି 'ଅନ୍ଧାରୀ ବାବା'।" ('ଅନ୍ଧାରୀ ବାବା'-ପୃ:୧୦୯)। ବହିର ଶୀର୍ଷକ କବିତା 'ଓହଳ' ଦେଶର ରାଜନୈତିକ ବିଫଳତା ପ୍ରତି ଏକ ଶାଣିତ ବ୍ୟଙ୍ଗ। ମୂଳକୁ ଭୁଲି ଓହଳକୁ ଆଶ୍ରୟ କରୁଥିବା ଶାସନବ୍ୟବସ୍ଥାର ପରିଣତି ହେଉଛି ନିଜର ସାର୍ବଭୌମତ୍ୱ ହରାଇବା। କବିତାର ଏକ ପଙ୍କ୍ତି ଏହିପରି: "ଓହଳକୁ ଆଶ୍ରାକରି/ ଉପରକୁ ଚଢୁଛନ୍ତି/ ଶହଶହ ଲୋକ/ x x ଯେଉଁଦିନ ଶେଷ ଓହଳଟି/ ଛିଣ୍ଡିଯିବ x x ସେଦିନ ଆମ ଦେଶ/ ଆଉ ଆମର ହେଇ ନ ଥିବ।" (ପୃ: ୯-୧୦) 'ଓହଳ' କାବ୍ୟଗ୍ରନ୍ଥଟି ସାମ୍ପ୍ରତିକ ଓଡ଼ିଆ କବିତାର ଦୀର୍ଘ ପଟୁଆରରେ ଯେ ଏକ ଛାମୁଆ ପଦାତିକ- ଏଥିରେ ସନ୍ଦେହ ନାହିଁ।

## ଅଛିଣ୍ଡା ଭାଗଶେଷ

**ଅମୃତା ମିଶ୍ର**

ମିନିଗଳ୍ପ

ଅବାକ୍ ମା'ବାପା ଦୁହେଁ ଜଳକା ଆଖିରେ ଚାହିଁ ରହିଥିଲେ। ତାଙ୍କର ଦୁଇ ପୁଅଙ୍କ ଭିତରେ ସମ୍ପତ୍ତି ଭାଗବଣ୍ଟା ହେଉଥିଲା। ସାମାନ୍ୟ କିରାଣି ଚାକିରିଟିଏ କରିଥିବା ବାପାଙ୍କର ଚାକିରି କାଳର ଅର୍ଜିତ ସମ୍ପତ୍ତି କହିଲେ ଦି' ବଖୁରିଆ ଘରଖଣ୍ଡିଏ। ସେ ଘରେ ଥିବା କଂସା ବାସନକୁସନ, କୁଲା ଡାଟ ବାଉଁଶିଆ ଆଉ ଯେତେ ସେମିତି ଜିନିଷ ଥିଲା ସେ ସବୁକୁ ମାପ ଓଜନକରି ବାଣ୍ଟିଦେଲା ପରେ ଆସିଥିବା ଭଦ୍ରଲୋକମାନେ ସେ ଘର ମଝିରେ ଗାରଟିଏ ଟାଣିଦେଇ ଘରଟିକୁ ଦି' ଭାଗ କରିଦେଲେ। ବାକି ରହିଲେ ବାପା ଆଉ ମାଆ। ବଡ଼ବୋହୂ କହିଲା- ମୁଁ ବଡ଼, ତେଣୁ ବାପା ମୋ' ପାଖରେ ରହିବେ। ଚାକିରି କରୁଥିବା ସାନବୋହୂ କହିଲା- ଠିକ୍ ଅଛି, ମା'ଙ୍କୁ ମୁଁ ରଖିବି। ସେତିକିରେ କଥା ତୁଟି ଯାଇଥା'ନ୍ତା, କିନ୍ତୁ ସାନପୁଅ ହଠାତ୍ କହିଲା- ବାପା ଆମ ପାଖରେ ରହିବେ। ଏ କଥା ସିଏ କହିଲାବେଳେ ତାକୁ ଦିଶୁଥିଲା ବାପା ପ୍ରତି ମାସରେ ପାଉଥିବା ପେନସନ୍ ଟଙ୍କା ଗଣ୍ଡାକ। ଘର କାମ କଲାବେଳେ ଅଣ୍ଟାକୁ ଚିପିଧରି, ମୁହଁକୁ ଆମ୍ବିଳିଆ କରି ରାଗରେ ଗରଗର ହେଉଥିବା ସ୍ତ୍ରୀଙ୍କ ମୁହଁକୁ ଚାହିଁ ଦେଇ ଏତେବେଳଯାଏଁ ଚୁପ୍ ଥିବା ବଡ଼ପୁଅ କହିଲା- ମାଆ ମୋ' ପାଖରେ ରହିବେ।

ଏଇ କଥାକୁ ନେଇ ପୁଅ-ବୋହୂଙ୍କ ଭିତରେ କଥା କଟାକଟି, ଟଣାଓଟରା ଚାଲିବା ଦେଖି ଭଦ୍ରଲୋକମାନେ କହିଲେ- ମୂଳ ସମ୍ପତ୍ତି ଭାଗବଣ୍ଟା କାମ ସରିଯାଇଛି। ଆଉ ଯାହା ସବୁ ବଳକା ସମସ୍ୟା ରହିଲା ତା'ର ସମାଧାନ ଆଉ ଦିନେ କରିବା। ଭଦ୍ରଲୋକମାନେ ଚାଲିଯିବା ପରେ ବାପା କହିଲେ- ଭଦ୍ରଲୋକମାନେ କ'ଣ କହିଲେ ଶୁଣିଲ ତ ! ତମେମାନେ ମୂଳ ସମ୍ପତ୍ତି ଭାଗକରି ନେଇଗଲଣି। ଏବେ ସୁଖରେ ରହ। ବଳକା ରହି ଯାଇଥିବା ବାପା ଆଉ ମା'ଙ୍କ କଥା ଭୁଲିଯାଅ। ନ ହେଲେ ଏ ସମସ୍ୟାର ସମାଧାନ ହୋଇପାରିବ ନାହିଁ। କାରଣ ତମେମାନେ ସମସ୍ତେ ପାଠ ପଢ଼ିଛ ଏକଥା ନିଶ୍ଚୟ ଜାଣିଥିବ, ଭାଗ କଲାବେଳେ ଯାହା ବଳକା ରହେ, ତାହା ହେଉଛି, 'ଅଛିଣ୍ଡା ଭାଗଶେଷ'।

ମୋ:୯୪୩୭୨୬୦୨୭୧



କାଳକାଳକୁ



**"ନିୟନ୍ତ୍ରଣହୀନ ମସ୍ତିଷ୍କର ପ୍ରମାଣ ହେଉଛି ବ୍ୟସ୍ତ ବିବ୍ରତ ହେବା। ଏହା କେବଳ ଅଶାନ୍ତିରେ ସମୟର ଅପଚୟ।"**
**- ଆର୍ନୋଲ୍‌ଡ ବେନେଟ୍**

**ଆର୍ନୋଲ୍‌ଡ ବେନେଟ୍‌ଙ୍କ** ଜନ୍ମ ୨୭ ମେ ୧୮୬୭ରେ ଇଂଲଣ୍ଡର ହାନ୍‌ଲେରେ ଓ ପରଲୋକ ୨୭ ମାର୍ଚ୍ଚ ୧୯୩୧ରେ, ଇଂଲଣ୍ଡର ଲଣ୍ଡନରେ। ସେ ଏକାଧାରରେ ଥିଲେ ଔପନ୍ୟାସିକ, ନାଟ୍ୟକାର ଓ ସାମ୍ବାଦିକ। ୟୁରୋପୀୟ ବାସ୍ତବବାଦ ସହ ଇଂଲିଶ୍ ଉପନ୍ୟାସର ଧାରାକୁ ଯୋଡ଼ିଦେବାରେ ସେ ଥିଲେ ସବୁଠୁଁ ଉଲ୍ଲେଖନୀୟ ଲେଖକ। କୁମ୍ଭକାରଙ୍କ ଜୀବନର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ତାଙ୍କ ଉପନ୍ୟାସଗୁଡ଼ିକରେ ଜୀବନ୍ତ। "ଆନ୍ନା ଅଫ୍ ଦ ଫାଇଭ୍ ଟାଉନ୍‌ସ"(୧୯୦୨), "ଦ ଓଲ୍ଡ ୱାଇଭ୍‌ସ ଟେଲ (୧୯୦୮)" ଓ "କ୍ଲେ ହେଙ୍ଗର୍ (୧୯୧୦)" ପ୍ରଭୃତି ତାଙ୍କର କେତେକ ବହୁପଠିତ ଗ୍ରନ୍ଥ। ୧୮୯୦ରୁ ୧୯୩୦ ମଧ୍ୟରେ ସେ ୩୪ଖଣ୍ଡ ଉପନ୍ୟାସ, ୭ଟି ଗଳ୍ପପୁସ୍ତକ ଓ ୧୩ଟି ନାଟକ ରଚନା କରିବାକୁ ସମର୍ଥ ହୋଇଥିଲେ। ଶହେରୁ ଅଧିକ ଖବରକାଗଜ ଓ ସାମୟିକ ପତ୍ରପତ୍ରିକାରେ ତାଙ୍କର ଗଳ୍ପ ଓ ଅନ୍ୟ ଲେଖାମାନ ପ୍ରକାଶ ପାଇଥିଲା। ବେନେଟ୍ ଥିଲେ ତାଙ୍କ ସମୟର ସବୁଠୁଁ ଅଗ୍ରଣୀ ବହୁବିକ୍ରିତ ବହିର ଲେଖକ।

## ଚୋରି

**ସୁଷମା ପରିଜା**

ଲଘୁଗଳ୍ପ

ଆହେ ଶୁଣୁଛ ! ଶୁଣ ମ' ! ବାଥ୍‌ରୁମ୍ ଯାଇଥିଲି ଯେ ଦେଖିଲି ଆମ ଗ୍ୟାରେଜ୍ ଭିତରେ ଲାଇଟ୍ ଜଳୁଛି। ମୁଁ ତ' ଶୋଇବା ପୂର୍ବରୁ ସବୁ ଘରର ଲାଇଟ୍ ବନ୍ଦକରି ଆସିଥିଲି, କ'ଣ ଚୋର ପଶିଛନ୍ତି କି ? ତମେ ଟିକିଏ ଉଠିଯାଇ ଦେଖିଲ।

ସତାଅଶୀ ବର୍ଷର କଲୋନେଲ୍ ବୃଷଭାନୁ ମିଶ୍ରଙ୍କୁ ଫିସ୍‌ଫିସ୍ କରି କହୁଥିଲେ ତାଙ୍କର ତେୟାଅଶୀ ବର୍ଷୀୟା ପତ୍ନୀ ପୂର୍ଣ୍ଣିମା ମିଶ୍ର। କଲୋନେଲ୍ ମିଶ୍ରଙ୍କର ନୀରବତା ଦେଖି ନିଜର ଜୀର୍ଣ୍ଣଶୀର୍ଣ୍ଣ ଦେହକୁ ବହୁ କଷ୍ଟରେ ଖଟରେ ଅପର ପାର୍ଶ୍ୱକୁ ଘୋଷାରି ନେଇ ସ୍ୱାମୀଙ୍କୁ ଦି' ଭେରା ହଲାଇ ପକାଇଲେ ଶ୍ରୀମତୀ ମିଶ୍ର। ଉଠ ମ' ! ଘୋଡ଼ା ବିକି ଶୋଇଛ ନା' କ'ଣ ?

ଧଡ଼ପଡ଼ ହୋଇ ଉଠି ବସିଲେ କଲୋନେଲ୍।

ଆରେ ! କ'ଣ ହେଲା ? କ'ଣ ହେଲା ? ବୋଲି କମାଣ୍ଡିଂ ଅଫିସର ଢଙ୍ଗରେ ଚିଲେଇ ଉଠିଲାବେଳକୁ ତାଙ୍କ ପାଟିକୁ ଚାପି ଧରି ତାଙ୍କ କାନ ପାଖରେ ଧୀର ସ୍ୱରରେ ଘଟଣାଟି ଜଣାଇଦେଲେ ଶ୍ରୀମତୀ। ତରବର ହୋଇ ପାଦ ଚିପିଚିପି ପାହାଚ ଓହ୍ଲାଇ ତଳକୁ ଯାଇ ପଛ ଝରକା ଖୋଲି ଦେଖିଲାବେଳକୁ ଚାରି ପାଞ୍ଚ ଜଣ ଚୋର ଲାଗିପଡ଼ି ତାଙ୍କର ଗ୍ୟାରେଜ୍ କାନ୍ଥରେ କଣା କରି ଘର ଭିତରକୁ ପଶିବା ପାଇଁ ଚେଷ୍ଟା କରୁଛନ୍ତି।

କଲୋନେଲ୍ ତତ୍‌କ୍ଷଣାତ୍ ପୋଲିସ ଷ୍ଟେସନ୍‌କୁ ଫୋନ୍ ଲଗାଇ କହିଲେ ଦେଖନ୍ତୁ, ମୁଁ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ, ଏବେ ଘରେ କେବଳ ଆମ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ମୋର ଠିକଣାଟି ନୋଟ୍ କରନ୍ତୁ, କିଛି ଲୋକ ମୋ'ର ଗ୍ୟାରେଜ୍ ଘରର ତାଲା ଭାଙ୍ଗି ପଶିଛନ୍ତି। ସେମାନେ ମୋ' ଗ୍ୟାରେଜ୍‌ର କାନ୍ଥ ତାଡ଼ି ଘର ଭିତରକୁ ପଶିବାକୁ ଚେଷ୍ଟା କରୁଛନ୍ତି, ଯଥାଶୀଘ୍ର ଏଠାକୁ ପୋଲିସ ଦଳ ପଠାଇବାର ବ୍ୟବସ୍ଥା କରନ୍ତୁ।

ଆରପଟୁ ଉତ୍ତର ଆସିଲା...

ଆମେ ଆପଣଙ୍କ ଫୋନ୍ ନମ୍ବର ଏବଂ ଠିକଣା ନୋଟ୍ କରି ରଖିଲୁ। ବର୍ତ୍ତମାନ ଆମ ରାତ୍ରି ପୋଲିସ ଦଳ ଏଠାରେ ନାହାନ୍ତି। ସେମାନେ ଆଉ ଗୋଟିଏ ଜାଗାକୁ ଯାଇଛନ୍ତି, ସେଠାରୁ ଫେରିଲେ ଆମେ ତାଙ୍କୁ ଆପଣଙ୍କ ଘରକୁ ପଠାଇଦେବୁ।

ସେମାନଙ୍କ କଥା ଶୁଣି କଲୋନେଲ୍ ଜଣକ ଅସନ୍ତୁଷ୍ଟ ହେଲେ ମଧ୍ୟ ତାଙ୍କୁ କିଛି କହିଲେ ନାହିଁ। ଏପଟେ ଚୋରମାନଙ୍କ କାନ୍ଥ ତାଡ଼ିବା ଜାରି ରହିଥାଏ। ଦୁଇ ମିନିଟ୍ ପରେ ଆଉଥରେ କଲୋନେଲ୍ ମିଶ୍ର ପୋଲିସ ଷ୍ଟେସନ୍‌କୁ ଫୋନ୍ ଲଗାଇଲେ। ସେପଟେ ଫୋନ୍ ଉଠାଇବା ମାତ୍ରେ କଲୋନେଲ୍ କହିଉଠିଲେ- ଆଉ ଏଠାକୁ ପୋଲିସ ଫୋର୍ସ୍ ପଠାଇବାର ଆବଶ୍ୟକତା ନାହିଁ। ସେ ଚୋରମାନଙ୍କୁ ମୁଁ ମୋ' ସର୍ଭିସ୍ ରିଭଲଭର୍‌ରେ ଗୁଳି କରିଦେଇଛି।

ତତକ୍ଷଣାତ୍ ସେପଟରୁ ଧଡ୍‌କରି ଫୋନ୍ କାଟିଦେବାର ଶବ୍ଦ ଶୁଭିଲା। କହିବା ବାହୁଲ୍ୟ, ମାତ୍ର କେଇଟା ମୁହୂର୍ତ୍ତ ମଧ୍ୟରେ କଲୋନେଲ୍‌ଙ୍କ ଘର ସାମ୍ନାରେ ପୋଲିସ ଭ୍ୟାନ୍‌ର ସାଇରନ୍ ଶୁଭିଲା। ସେମାନଙ୍କ ସହିତ ଧଡ଼ଧାଡ଼ ହୋଇ ଲାଗିଗଲା ଦୁଇ ଡାକ୍ତରଙ୍କ ସହ ଆମ୍ବୁଲାନ୍ସ, ପାରାମେଡିକାଲ୍, ଫରେନସିକ୍ ଏକ୍ସପର୍ଟମାନଙ୍କ ଗାଡ଼ି। ଖପ୍‌ଖାପ୍ ଗାଡ଼ିରୁ ଡେଇଁ ପୋଲିସ ଦଳ ଖେଦିଯାଇ ସଶରୀରେ ଜୀବିତ ଅବସ୍ଥାରେ ବାନ୍ଧି ଆଣିଲେ ଚୋରମାନଙ୍କୁ। କାହାରି ମୁହଁରୁ ପଦୁଟିଏ ହେଲେ କଥା ବାହାରୁ ନ ଥିଲା, ହେଲେ କଲୋନେଲ୍ ମିଶ୍ରଙ୍କ ମୁହଁରେ ହସ ଉକୁଟି ଉଠୁଥିଲା ଆଉ ପୋଲିସ ଇନିସ୍‌ପେକ୍ଟର୍‌ଙ୍କ ମୁହଁ କଳା ପଡ଼ିଯାଇଥିଲା। କଲୋନେଲ୍ ମିଶ୍ର ନିଜର ମୋଟା ଧଳା ନିଶକୁ ଦୁଇ ପଟରୁ ଉପରକୁ ମୋଡ଼ି ଘର ଭିତରକୁ ଯାଉଯାଉ ସତେ ଯେମିତି ଜଣେଇ ଦେଇ ଯାଉଥିଲେ... ବେଟା... ବୟସ୍କଙ୍କୁ ହୀନ ମଣିବ ନାହିଁ କେବେ।

ମୋ: ୯୩୩୭୨୭୨୬୪୭



# ଗୁଜରାଟ-ଚେନ୍ନାଇ ଫାଇନାଲ

## ଆଇପିଏଲ୍‌ରୁ ମୁମ୍ବାଇ ଇଣ୍ଡିଆନ୍ସ ଅଭିଯାନ ଶେଷ

ଅହମଦାବାଦ, ୨୬ା୫

ଶୁବମନ ଗିଲ୍‌ଙ୍କ ଦ୍ରୁତ ଶତକ ସହାୟତାରେ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଏଥର ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର-୨ରେ ଏହି ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ୬୨ ରନରେ ପରାସ୍ତ କରିଛି। ଅନ୍ୟପକ୍ଷରେ ୫ ଥର ଚାମ୍ପିୟନ ମୁମ୍ବାଇର ଅଭିଯାନ ଏଠାରୁ ଶେଷ ହୋଇଛି। ଗୁଜରାଟ ୨୦ ଓଭରରେ ୩ ଉଇକେଟ ହରାଇ ୨୩୩ ରନ କରିଥିଲା। ଜବାବରେ ମୁମ୍ବାଇ ୧୮.୨ ଓଭରରେ ୧୭୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଆସନ୍ତା ରବିବାର ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।


ଶତକ ହାସଲ ପରେ ଶୁବମନ ଗିଲ୍‌ଙ୍କୁ ବଧେଇ ଜଣାଉଛନ୍ତି ରୋହିତ ଶର୍ମା।

### ୪୯ ବଲ୍‌ରେ ଗିଲ୍‌ଙ୍କ ଶତକ

ବର୍ଷା ଯୋଗୁ ମ୍ୟାଚ ଅଧଘଣ୍ଟା ବିଳମ୍ବ ହୋଇଥିଲା। ଟସ୍ ୭ଟା ୪୫ରେ ପଡ଼ିଥିଲା ଏବଂ ମ୍ୟାଚ ୮ଟାରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଅଧିନାୟକ ରୋହିତ ଶର୍ମା। ଗୁଜରାଟର ଆରମ୍ଭ ସେତେ ଭଲ ହୋଇ ନ ଥିଲା। ଓପନର ଋଦ୍ଧିମାନ ଶାହା ୧୬ ବଲ୍‌ରୁ ମାତ୍ର ୧୮ ରନକରି ଆଉଟ ହୋଇଥିଲେ। ମାତ୍ର ଆକ୍ରମଣର ନେତୃତ୍ୱ ନେଇ ଶୁବମନ ଗିଲ୍ ଦଳକୁ ଏକ ବଡ଼ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ନେଇଥିଲେ। ସେ ମୁମ୍ବାଇ ବୋଲରଙ୍କୁ ଧୁଲେଇ କରି ଖେଳିବା ସହ ଚଳିତ ସିଜନରେ ପ୍ରଥମ ଖେଳାଳିଭାବେ ତୃତୀୟ ଶତକ ହାସଲ କରିଥିଲେ। ମାତ୍ର ୪୯ ବଲ୍‌ରୁ ଶତକ ପୂରଣ କରିଥିଲେ ଗିଲ୍। ଫଳରେ ଆଇପିଏଲ୍ ପ୍ଲେ-ଅଫ୍‌ରେ ଯୁଗ୍ମ ତୃତୀୟ ଖେଳାଳିଭାବେ ସେ ଦ୍ରୁତ ଶତକ ହାସଲ କରିଥିଲେ। ପୂର୍ବରୁ ଋଦ୍ଧିମାନ ଶାହା ୨୦୧୪ ଫାଇନାଲ ଏବଂ ରଜତ ପଟିଦାର ୨୦୨୨ ଏଲିମିନେଟରରେ ୪୯ ବଲ୍‌ରୁ ଶତକ ପୂରଣ କରିଥିଲେ। ଗୋଟିଏ ସିଜନରେ ସର୍ବାଧିକ ଶତକ ହାସଲ କରିବାରେ ବିରାଟ କୋହଲି ଓ ଜୋସ୍ ବଟଲରଙ୍କଠାରୁ ଗୋଟିଏ ପାଦ ପଛରେ ରହିଛନ୍ତି ଗିଲ୍। ୨୦୧୬ରେ କୋହଲି ଏବଂ ୨୦୨୨ରେ ବଟଲର ୪ଟି ଲେଖାଏ ଶତକ ହାସଲ କରିଥିଲେ।

### ଶତକୀୟ ଭାଗୀଦାରି

ଶୁବମନ ଗିଲ୍ କେବଳ ଶତକ ହାସଲ କରି ନ ଥିଲେ ଦ୍ୱିତୀୟ ଉଇକେଟରେ ସାଇ ସୁଦର୍ଶନଙ୍କ ସହ ୬୪ ବଲ୍‌ରୁ ୧୩୮ ରନର ଭାଗୀଦାରି ଗଢ଼ି ଦଳର ଇନିଂସ ମଧ୍ୟ ସମ୍ଭାଳି ନେଇଥିଲେ। ୬୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୭ ଚୌକା ଓ ୧୦ ଛକା ସହାୟତାରେ ୧୨୯ ରନ ସ୍କୋର କରି ଆଉଟ ହୋଇଥିଲେ। ସାଇ ସୁଦର୍ଶନ ୩୧ ବଲ୍‌ରୁ ୪୩ (୫ ଚୌକା, ୧ ଛକା) ରନ କରିଥିବାବେଳେ ଗୁଜରାଟ ଟାଇଟନ୍ସ ୧୯ ତମ ଓଭର ଶେଷରେ ତାଙ୍କୁ ରିଟାୟର୍ଡ ଆଉଟ ଘୋଷଣା କରିଥିଲା। ତାଙ୍କ ସ୍ଥାନରେ ଶେଷ ଓଭରରେ ରଶିଦ ଖାଁ କ୍ରିଜକୁ ଆସିଥିଲେ। କ୍ରିସ୍ ଜୋର୍ଡାନଙ୍କ ଓଭରରେ ଚୌକା ସହ ରଶିଦ ନିଜ ଇନିଂସ ଆରମ୍ଭ କରିଥିଲେ। ତେବେ ଚମତ୍କାର ଫିନିଶ୍ କରିଥିଲେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ସେ ୫ମ ବଲ୍‌କୁ ଚୌକା ଓ ୬ଷ୍ଠ ତଥା ଅନ୍ତିମ ବଲ୍‌କୁ ଛକା ମାରିବାରୁ ଗୁଜରାଟ ସ୍କୋର ୨୩୩ରେ ପହଞ୍ଚି ଯାଇଥିଲା। ମୁମ୍ବାଇର ସମସ୍ତ ବୋଲର ମହଙ୍ଗା ରହିଥିବାବେଳେ ଆକାଶ ମାଧୱାଲ ଓ ପୀୟୂଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

### ବିନୋଦ କନ୍‌କସନ ସବ୍‌ଷ୍ଟିଚ୍ୟୁଟ

ଗୁଜରାଟ ବ୍ୟାଟିଂ ସମୟରେ କ୍ରିସ୍ ଜୋର୍ଡାନ ସହିତ ଧକ୍କା ଖାଇଥିବାରୁ ଆହତ ହୋଇଥିଲେ ଇଶାନ କିଶନ। ତାଙ୍କ ସ୍ଥାନରେ ବିଷ୍ଣୁ ବିନୋଦ କନ୍‌କସନ ସବ୍‌ଷ୍ଟିଚ୍ୟୁଟଭାବେ ମୁମ୍ବାଇ ଦଳରେ ସାମିଲ ହୋଇଥିଲେ। ରୋହିତ ଶର୍ମାଙ୍କ ସ୍ଥାନରେ ଇନିଂସ ଓପନ କରିଥିଲେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ନେହାଲ ୱାଧେରା। ତେବେ ୱାଧେରା ୪ ଓ ରୋହିତ ୮ ରନରେ ଆଉଟ ହେବାରୁ ୨୧ ରନରେ ୨ ଉଇକେଟ ହରାଇ ମୁମ୍ବାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର କାମେରନ ଗ୍ରୀନ୍, ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା ଧୂଆଁଧାର ବ୍ୟାଟିଂ କରି ଦଳକୁ ଲକ୍ଷ୍ୟ ପଥରେ ଅଗ୍ରସର କରାଇଥିଲେ। ରିଟାୟର୍ଡ ହର୍ଟ ପରେ ପୁଣି ବ୍ୟାଟିଂ କରିବାକୁ ଆସିଥିବା ଗ୍ରୀନ୍ ୨୦ ବଲ୍‌ରୁ ୩୦ (୨ ଚୌକା, ୨ ଛକା), ବର୍ମା ୧୪ ବଲ୍‌ରୁ ୪୩ (୫ ଚୌକା, ୩ ଛକା) ରନ କରି ଆଉଟ ହୋଇଥିଲେ। ଶେଷ ଆଶାଥିଲେ ସୂର୍ଯ୍ୟକୁମାର। ମାତ୍ର ସେ ୩୮ ବଲ୍‌ରୁ ୬୧ ରନ କରିଥିବାବେଳେ ମୋହିତ ଶର୍ମାଙ୍କ ବଲ୍‌ରେ ପ୍ୟାଡେଲ ଶଟ୍ ଖେଳିବାକୁ ଯାଇ ବୋଲ୍ଡ ହୋଇ ଯାଇଥିଲେ। ଏହିଠାରୁ ହିଁ ମୁମ୍ବାଇ ଆଶା ଶେଷ ହୋଇ ଯାଇଥିଲା। ଶେଷ ଭାଗରେ ବୋଲିଂ ସୁଯୋଗ ପାଇଥିବା ମୋହିତ ଶର୍ମା ନିଜର ୨.୨ ଓଭର ସ୍ପେଲ୍‌ରେ ମାତ୍ର ୧୦ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ମହମ୍ମଦ ଶାମି ଓ ରଶିଦ ଖାଁ ୨ଟି ଲେଖାଏ ଏବଂ ଜୋଶୁଆ ଲିଟଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୩୩/୩ (ଶୁବମନ ଗିଲ୍-୧୨୯, ସାଇ ସୁଦର୍ଶନ-୪୩, ହାର୍ଦ୍ଦିକ ପାଣ୍ଡ୍ୟା-୨୮*, ଆକାଶ ମାଧୱାଲ-୧/୫୨, ପୀୟୂଷ ଚାୱଲା-୧/୪୫)। ମୁମ୍ବାଇ ଇଣ୍ଡିଆନ୍ସ ୧୮.୨ ଓଭରରେ ୧୭୧/ଅଲଆଉଟ (ସୂର୍ଯ୍ୟକୁମାର ଯାଦବ-୬୧, ତିଳକ ବର୍ମା-୪୩, କାମେରନ ଗ୍ରୀନ୍-୩୦, ମୋହିତ ଶର୍ମା-୫/୧୦, ମହମ୍ମଦ ଶାମି-୨/୪୧, ରଶିଦ ଖାଁ-୨/୩୩, ଜୋଶୁଆ ଲିଟଲ-୧/୨୬)।

**ଗୋଟିଏ ସିଜନରେ ସର୍ବାଧିକ ଶତକ**

୪: ବିରାଟ କୋହଲି (ବାଙ୍ଗାଲୋର, ୨୦୧୬)
୪: ଜୋସ ବଟଲର (ରାଜସ୍ଥାନ), ୨୦୨୨)
୩: ଶୁବମନ ଗିଲ୍ (ଗୁଜରାଟ, ୨୦୨୩)
(ଆଇପିଏଲ୍ ପ୍ଲେ-ଅଫ୍‌ରେ ଶତକ ହାସଲ କରିବାରେ ଶୁବମନ ଗିଲ୍ ୭ମ ଖେଳାଳି। ତେବେ ସର୍ବକନିଷ୍ଠ (୨୩ ବର୍ଷ, ୨୬୦ ଦିନ) ଖେଳାଳିଭାବେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି)।




ଅହମଦାବାଦରେ ଶୁକ୍ରବାର ଆଇପିଏଲ୍ କ୍ୱାଲିଫାୟାର-୨ ଅବସରରେ ଗୁଜରାଟ ଟାଇଟନ୍ସ ସମର୍ଥକ।

## କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍

# ଫାଇନାଲରେ ଭାରତ

ଭୁବନେଶ୍ୱର, ୨୬ା୫
(କ୍ରୀଡ଼ା ପ୍ରତିନିଧି)

ନେପାଳର କାଠମାଣ୍ଡୁରେ ଚାଲିଥିବା ଏନ୍‌ଏସ୍‌ସି କାଭା (ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ) ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍‌ର ଫାଇନାଲରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଭାରତ ୩-୦ (୨୫-୧୭, ୨୫-୨୦, ୨୫-୧୫) ସେଟ୍‌ରେ ଉଜବେକିସ୍ତାନକୁ ହରାଇ ଦେଇଛି। ଭାରତ ପକ୍ଷରୁ ବ୍ଲକର ଅଶ୍ୱିନ ଓ ସୋର୍ଯ୍ୟା, ଆଟାକର ଅନୁଶ୍ରୀ ଏବଂ ସେଟର ଜିନି ଚମତ୍କାର ପ୍ରଦର୍ଶନ କରିଥିଲେ। ନେପାଳ ଓ କାଜାଖସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ। ଏହାର ବିଜେତାକୁ ଭାରତ ୨୮ ତାରିଖରେ ଫାଇନାଲରେ ଭେଟିବ। ଗତ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ପ୍ରିଲିମିନାରି ଲିଗ୍ ମ୍ୟାଚରେ ଆୟୋଜକ ନେପାଳକୁ ୩-୧ (୨୫-୧୨, ୨୬-୨୪, ୨୧-୨୫, ୨୫-୨୧) ସେଟ୍‌ରେ ହରାଇ ଭାରତ ପୁଲ୍-ଏ'ରେ ଶୀର୍ଷସ୍ଥାନ ଅଧିକାର କରିବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା।


କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିବା ଭାରତୀୟ ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ